NITIDIN
# ନିତିଦିନ

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 8 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

THURSDAY
29 MAY 2025
ଗୁରୁବାର
୨୯ ମେ ୨୦୨୫

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 14 BHUBANESWAR | BERHAMPUR | SAMBALPUR | BALASORE | JAJPUR ବର୍ଷ ୧୧ • ସଂଖ୍ୟା ୧୪ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର

ପାଟଣାଗଡ଼ ପାର୍ସଲ୍ ବୋମା ବିସ୍ଫୋରଣ ମାମଲା

## ପୁଞ୍ଜିଲାଲ୍‌ଙ୍କୁ ଆଜୀବନ

**ବଲାଙ୍ଗୀର,ପାଟଣାଗଡ଼,୨୮।୫/ଏନ୍‌ଏନ୍‌ଏସ୍:**



ସାରା ଦେଶରେ ହଇଚଇ ସୃଷ୍ଟି କରିଥିବା ପାଟଣାଗଡ଼ ପାର୍ସଲ୍ ବୋମା ବିସ୍ଫୋରଣ ମାମଲାର ରାୟ ବୁଧବାର ପ୍ରକାଶ ପାଇଛି । ପାଟଣାଗଡ଼ ଏଡିଜେ କୋର୍ଟରେ ପୁଞ୍ଜିଲାଲ ମେହେର ଦୋଷୀ ସାବ୍ୟସ୍ତ ହୋଇଛନ୍ତି । ୬୨ଜଣ ସାକ୍ଷୀଙ୍କ ସାକ୍ଷ୍ୟ ଗ୍ରହଣ ପରେ ଏଡିଜେ କୋର୍ଟ ପୁଞ୍ଜିଲାଲଙ୍କୁ ଦୋଷୀ ସାବ୍ୟସ୍ତ କରି ଭାରତୀୟ ଦଣ୍ଡବିଧାନ ଆଇନ ଇପିସି ସେକ୍ସନ୍ ୩୦୨, ୩୦୭, ୨୦୧ ଏକ୍ସପ୍ଲୋସିଭ ଆକ୍ଟ ୩, ଦଫା ୪ ଅନୁସାରେ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୫୦ହଜାର ଟଙ୍କା ଅର୍ଥ ଦଣ୍ଡରେ ଦଣ୍ଡିତ କରିଛନ୍ତି । ତେବେ ରାୟ ପ୍ରକାଶ ପରେ ▶▶ ୫

ମାଲ୍‌ବାହୀ ଟ୍ରେନ୍ ଲାଇନ୍‌ଚ୍ୟୁତ

## ଟ୍ରାକ୍‌ରୁ ଖସିଲା ୨୫ ବଗି

**ଭୁବନେଶ୍ୱର,୨୮।୫/ଏନ୍‌ଏନ୍‌ଏସ୍:**

ବୁଧବାର ଅପରାହ୍ଣରେ ଆନ୍ଧ୍ରର ଚିମିଡ଼ିପାଲି ରେଳଷ୍ଟେସନ ନିକଟରେ ଏକ ଟନେଲ୍ ଭିତରେ ମାଲ୍‌ବାହୀ ଟ୍ରେନ୍ ଲାଇନ୍‌ଚ୍ୟୁତ ହୋଇଛି । ଏଥିରେ ଟ୍ରେନ୍‌ର ୨୫ରୁ ଊର୍ଦ୍ଧ୍ୱ ବଗି ଲାଇନଚ୍ୟୁତ ହୋଇଛି । ମାଲ୍‌ବାହୀ ଟ୍ରେନ୍‌ଟିରେ ପ୍ରାୟ ୫୯ଟିରୁ ଊର୍ଦ୍ଧ୍ୱ ବଗି ଲାଗିଥିଲା । ଆରୁକୁ କୋତଓ୍ୱାଲସା ମଧ୍ୟ ଚିମିଡ଼ିପାଲି ଷ୍ଟେସନ୍ ନିକଟରେ ଘଟିଛି ଏହି ଦୁର୍ଘଟଣା । କିରୁଣ୍ଡୁଲରୁ ଲୁହାପଥର ବୋଝେଇ କରି ବିଜୟଓ୍ୱାଡ଼ା ଅଭିମୁଖେ ଯାଉଥିଲା ▶▶ ୫

ଭିତରେ ପୃଷ୍ଠାରେ...
▶ ଆଜି ୪ ସୀମାନ୍ତ ରାଜ୍ୟରେ ମକ୍‌ଡ୍ରିଲ୍
▶ ଆଜି ଆଇପିଏଲ୍ କ୍ୱାଲିଫାୟାର୍-୧

ବର୍ଦ୍ଧିତ ଏମ୍‌ଏସ୍‌ପି ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରି

# ୬୯ ଟଙ୍କା ବଢ଼ିଲା ସର୍ବନିମ୍ନ ଧାନ ମୂଲ୍ୟ

**ନୂଆଦିଲ୍ଲୀ,୨୮।୫/ଏଜେନ୍ସି:**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି ୨୦୨୫-୨୬ ବିପଣନ ଋତୁ ପାଇଁ ୧୪ଟି ଖରିଫ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ

**୧୪ ଖରିଫ୍ ଫସଲ କ୍ୱିଣ୍ଟାଲ୍ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି**
**୫୯୬ ଟଙ୍କା ବଢ଼ିଲା ମାଣ୍ଡିଆ ଏମ୍‌ଏସ୍‌ପି ମୂଲ୍ୟ**

(ଏମ୍‌ଏସ୍‌ପି) ବୃଦ୍ଧିକୁ ମଞ୍ଜୁରି ଦେଇଛନ୍ତି । ବୁଧବାର ଅପରାହ୍ଣରେ ନୂଆଦିଲ୍ଲୀଠାରେ ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ସୂଚନା ଦେଇଛନ୍ତି । ଶ୍ରୀ ବୈଷ୍ଣବ କହିଛନ୍ତି, ଦେଶର କୋଟି କୋଟି କୃଷକଙ୍କୁ ସେମାନଙ୍କ ଉତ୍ପାଦ ପାଇଁ ପାରିଶ୍ରମିକ ମୂଲ୍ୟ ସୁନିଶ୍ଚିତ କରିବା ପାଇଁ ସରକାର ୨୦୨୫-୨୬ ପାଇଁ ଖରିଫ ଫସଲର



ଏମ୍‌ଏସ୍‌ପି ବୃଦ୍ଧି କରିଛନ୍ତି । ତେବେ ବର୍ଦ୍ଧିତ ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ଯୋଗୁ କେନ୍ଦ୍ର ସରକାର ପ୍ରାୟ ୨ଲକ୍ଷ ୭ ହଜାର କୋଟି ଟଙ୍କା ଅତିରିକ୍ତ ଭାବେ ଖର୍ଚ୍ଚ କରିବେ ।

ଶ୍ରୀ ବୈଷ୍ଣବ କହିଛନ୍ତି, ୨୦୨୫-୨୬ ଖରିଫ ଋତୁ ପାଇଁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି)କୁ ପୂର୍ବ ଧାର୍ଯ୍ୟ ମୂଲ୍ୟ ତୁଳନାରେ ୬୯ ଟଙ୍କା ବୃଦ୍ଧି କରି ୨,୩୬୯ ଟଙ୍କା କରିବାକୁ ମଞ୍ଜୁରୀ ଦେଇଛନ୍ତି । ଏହାର ଅର୍ଥ ପୂର୍ବରୁ କେନ୍ଦ୍ର ସରକାର ଧାନ (କ୍ୱିଣ୍ଟାଲ୍ ପ୍ରତି) ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ୨୩୦୦ ଟଙ୍କା ଦେଉଥିବା ବେଳେ ଏବେ ଏହା ୨୩୬୯ ଟଙ୍କାକୁ ବୃଦ୍ଧି ପାଇଛି । ସେହିପରି ଏ' ଗ୍ରେଡ୍ ଧାନ ମୂଲ୍ୟ ଏବେ କ୍ୱିଣ୍ଟାଲ୍ ପିଛା ୨୩୮୯ ଟଙ୍କାକୁ ବୃଦ୍ଧି ପାଇଛି । ଧାନ ସହିତ ତୈଳବୀଜ ଫସଲ, ବାଣିଜ୍ୟିକ ଫସଲ କପା ଏବଂ ଡାଲି ଜାତୀୟ ଫସଲଗୁଡ଼ିକର ସର୍ବନିମ୍ନ ସହାୟକ ମୂଲ୍ୟ ମଧ୍ୟ ବିଗତବର୍ଷ ତୁଳନାରେ ଯଥେଷ୍ଟ ବୃଦ୍ଧି ପାଇଛି । ତୈଳବୀଜ ବର୍ଗରେ ଚିନାବାଦାମ୍‌ର ସର୍ବନିମ୍ନ ସହାୟକ ମୂଲ୍ୟ ୪୮୦ ଟଙ୍କା ବୃଦ୍ଧି କରାଯାଇଛି । ପୂର୍ବରୁ ଏହା କ୍ୱିଣ୍ଟାଲ୍ ପିଛା ୬୭୮୩ ଟଙ୍କା ଥିବା ବେଳେ ଏବେ ଏହା ୭୨୬୩ ଟଙ୍କାକୁ ବୃଦ୍ଧିପାଇଛି । ନାଇଜର୍ ସିଡ୍ ବା କଳା ରାଶି ମୂଲ୍ୟ କ୍ୱିଣ୍ଟାଲ୍ ପିଛା ୮୨୦ଟଙ୍କା ବୃଦ୍ଧି କରାଯାଇଛି । ଫଳରେ ଏହାର ସର୍ବନିମ୍ନ ସହାୟକ ମୂଲ୍ୟ ଏବେ ୯୫୩୭ ଟଙ୍କାକୁ ବୃଦ୍ଧିପାଇଛି । ସେହିପରି ପୂର୍ବବର୍ଷ ଏମ୍‌ଏସ୍‌ପି ତୁଳନାରେ ଏଣିକି ସୂର୍ଯ୍ୟମୁଖୀ ମଞ୍ଜି କ୍ୱିଣ୍ଟାଲ୍ ପିଛା ୪୪୧ ଟଙ୍କା, ସୋୟାବିନ୍ (ହଳଦିଆ) କ୍ୱିଣ୍ଟାଲ୍ ପିଛା ୪୩୬ ଟଙ୍କା, ରାଶି କ୍ୱିଣ୍ଟାଲ୍ ପିଛା ୫୭୯ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ବାଣିଜ୍ୟିକ ଫସଲ ▶▶ ୫

## ରାଜ୍ୟରେ ୫ ନୂଆ ଆକ୍ରାନ୍ତ ଚିହ୍ନଟ

**ଭୁବନେଶ୍ୱର,୨୮।୫/ଏନ୍‌ଏନ୍‌ଏସ୍:**




ଦିନକୁ ଦିନ କୋଭିଡ୍ ସଂକ୍ରମଣ ବିସ୍ତାର କରୁଛି । ଡରାଉଛି ମହାମାରୀ । ଏବେ ରାଜ୍ୟରେ ଚିହ୍ନଟ ହୋଇଛନ୍ତି ୫ ନୂଆ କୋଭିଡ୍ ଆକ୍ରାନ୍ତ । ଜଣେ ବ୍ୟକ୍ତିଙ୍କ ଆଣ୍ଟିଜେନ୍ ପରୀକ୍ଷାରୁ ସ୍ପଷ୍ଟ ହୋଇଥିବା ସୂଚନା ମିଳିଛି । ତେବେ ଆଣ୍ଟିଜେନ୍ କିଟ୍ କେତେ କାମ କରୁଛି, ତାହା ପରୀକ୍ଷା କରିବାକୁ ଆଣ୍ଟିଜେନ୍ କୀଟ୍‌କୁ ଭୁବନେଶ୍ୱରସ୍ଥିତ ଆର୍‌ଏମ୍‌ଆର୍‌ସିକୁ ପଠାଯାଇଛି । ବୁଧବାର ଓଡ଼ିଶାରେ ପାଞ୍ଚଟି ନୂତନ କୋଭିଡ୍ -୧୯ ମାମଲା ରିପୋର୍ଟ ହୋଇଛି, ଯାହା ଚିନ୍ତାର ବିଷୟରେ ପାଲଟିଛି । ସ୍ୱାସ୍ଥ୍ୟ ବିଭାଗ ସୂତ୍ର ଅନୁଯାୟୀ, ଭୁବନେଶ୍ୱରରେ ୪ ଏବଂ ଖୋର୍ଦ୍ଧା ଜିଲ୍ଲାରେ ଜଣେ ମାମଲା ଚିହ୍ନଟ ହୋଇଛି । ସଂକ୍ରମିତଙ୍କ ମଧ୍ୟରେ ଚାରିଜଣ ପୁରୁଷ ଏବଂ ଜଣେ ମହିଳା ଅଛନ୍ତି । କର୍ତ୍ତୃପକ୍ଷ ସଂକ୍ରମିତ ବ୍ୟକ୍ତିମାନଙ୍କୁ କ୍ୱାରେନ୍‌ଟାଇନ୍‌ରେ ରହିବାକୁ ପରାମର୍ଶ ଦେଇଛନ୍ତି । ଏହାସହ ଡାକ୍ତରଙ୍କ ଅବ୍‌ଜରଭେସନ୍‌ରେ ରଖାଯାଇଛି । ସ୍ୱାସ୍ଥ୍ୟ ଅଧିକାରୀମାନେ ଜନସାଧାରଣଙ୍କୁ ସତର୍କ ରହିବାକୁ କହିଛନ୍ତି । କୋଭିଡ୍-୧୯ ପ୍ରୋଟୋକଲ୍ ଅନୁସରଣ କରିବାକୁ ଏବଂ ତୁରନ୍ତ ଲକ୍ଷଣ ରିପୋର୍ଟ କରିବାକୁ ଅନୁରୋଧ କରିଛନ୍ତି । ତେବେ ଭୟଭୀତ ▶▶ ୫


## ଓଡ଼ିଶା ଛୁଇଁଲା ମୌସୁମୀ

**ଭୁବନେଶ୍ୱର,୨୮।୫/ଏନ୍‌ଏନ୍‌ଏସ୍:**

ଓଡ଼ିଶା ଛୁଇଁଲା ମୌସୁମୀ । ପାଗ ଅନୁକୂଳ ଥିବାରୁ ନିର୍ଦ୍ଧାରିତ ସମୟ ପୂର୍ବରୁ ବୁଧବାର ଦକ୍ଷିଣ ଓଡ଼ିଶାର କିଛି ଅଞ୍ଚଳକୁ ମୌସୁମୀ ଅଗ୍ରସର ହୋଇଛି । ମାଲକାନଗିରି ଏବଂ କୋରାପୁଟ ଜିଲ୍ଲାର କିଛି ଅଞ୍ଚଳ ସହିତ ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା ଏବଂ ଗଜପତି ଜିଲ୍ଲାର କିଛି ଅଞ୍ଚଳରେ ମୌସୁମୀ ବାୟୁ ପ୍ରବେଶ କରିଛି । ଚଳିତବର୍ଷ ଆଗୁଆ ଅଗ୍ରସର ହୋଇଛି ମୌସୁମୀ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ସୂଚନା ପ୍ରଦାନ କରିଛି । ସମ୍ପ୍ରତି

**ଦକ୍ଷିଣ ଓଡ଼ିଶାର ୬ ଜିଲ୍ଲାକୁ ଅଗ୍ରସର**

ମୌସୁମୀ ଓଡ଼ିଶାର ଦୁଇ ଜିଲ୍ଲା ଅତିକ୍ରାନ୍ତ କରିସାରିଥିବା ବେଳେ ଅନ୍ୟ ଜିଲ୍ଲା ଆଡ଼କୁ ଧିରେ ଧିରେ ଅଗ୍ରସର ହେଉଛି । ତେବେ ନିର୍ଦ୍ଧାରିତ ସମୟଠାରୁ ୧୪ଦିନ ଆଗୁଆ ଓଡ଼ିଶା ଛୁଇଁଛି ମୌସୁମୀ । ତଥ୍ୟ ଅନୁଯାୟୀ ୧୯୬୦ ▶▶ ୫




## ଘନୀଭୂତ ହେଉଛି ଲଘୁଚାପ

ବଙ୍ଗୋପସାଗରରେ ଘନୀଭୂତ ହେଉଛି ଲଘୁଚାପ । ଉତ୍ତର ପଶ୍ଚିମ ବଙ୍ଗୋପସାଗର ଓଡ଼ିଶା ଉପକୂଳ ନିକଟରେ ସୃଷ୍ଟି ହୋଇଛି ଲଘୁଚାପ । ଲଘୁଚାପ ଘନୀଭୂତ ହେବା ନେଇ ଚିତ୍ର ସ୍ପଷ୍ଟ ହୋଇଛି । ଏହା କ୍ରମଶଃ ଉତ୍ତର ଦିଗରେ ଗତିକରି ଆସନ୍ତା ୪୮ଘଣ୍ଟାରେ ଅଧିକ ଘନୀଭୂତ ହେବ । ୨୪ ଘଣ୍ଟାରେ ଏହା ଉତ୍ତର ଦିଗକୁ ଗତିକରି ଅବପାତର ରୂପ ନେବ ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି । ତେବେ ଆଜିଠାରୁ ରାଜ୍ୟରେ ପ୍ରବଳ ବର୍ଷା ହେବ । ଆଗାମୀ ୨୪ ଘଣ୍ଟା ୪ ଉପକୂଳ ଜିଲ୍ଲାରେ ଅତି ପ୍ରବଳ ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ ଆକଳନ କରିଛି । ଭାରତୀୟ ପାଣିପାଗ ବିଭାଗ ସୂଚନା ଅନୁଯାୟୀ ଲଘୁଚାପ ଯୋଗୁ ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ରାୟଗଡ଼ା, ▶▶ ୫

- ୨୪ ଘଣ୍ଟାରେ ଅବପାତର ରୂପ ନେବ
- ଉପକୂଳ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା
- ୩୧ ଯାଏ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା



NITIDIN ନିତିଦିନ

# ମଣିପୁରରେ ପୁଣି ବୀରେନ୍ ସରକାର !



**ଇମ୍ଫାଲ,୨୮।୫/ଏଜେନ୍ସି:** ମଣିପୁରରେ ପୁଣିଥରେ ଏନ୍ ବୀରେନ୍ ସିଂହଙ୍କ ସରକାର ଆସିପାରେ। ଏଭଳି ଚର୍ଚ୍ଚା ରାଜ୍ୟବ୍ୟାପୀ ଆରମ୍ଭ ହୋଇଥିବା ବେଳେ ରାଜ୍ୟ ରାଜନୀତିରେ ଏକପ୍ରକାର ହଟଚମଟ ସୃଷ୍ଟି ହୋଇଛି। ରିପୋର୍ଟ ଅନୁସାରେ ମଣିପୁରରେ ଏବେ ପୁଣି ଥରେ ସରକାର ଗଠନ ପାଇଁ ଉଦ୍ୟମ ଆରମ୍ଭ ହୋଇଯାଇଛି। ବିଜେପି ବିଧାୟକମାନଙ୍କ ଏକ ୧୦ଜଣିଆ ପ୍ରତିନିଧି ଦଳ ବୁଧବାର ସକାଳେ ରାଜ୍ୟପାଳ ଅଜୟ କୁମାର ଭଲ୍ଲାଙ୍କୁ ରାଜଭବନରେ ଭେଟି ସରକାର ଗଠନ ପାଇଁ ଦାବି କରିଛନ୍ତି। ରାଜ୍ୟପାଳଙ୍କ ଭେଟିବା ପୂର୍ବରୁ ବୀରେନ୍‌ଙ୍କ ଦଳର ବିଧାୟକମାନେ ଏକ ବୈଠକ କରିଥିଲେ। ଏହି ବୈଠକ ପରେ ବୀରେନଙ୍କ ଏକାନ୍ତ ଅନୁଗତ ବିଧାୟକ ରାଧେଶ୍ୟାମ ଘୋଷଣା କରିଛନ୍ତି ଯେ, ତାଙ୍କ ପାଖରେ ୪୪ ଜଣ ବିଧାୟକଙ୍କ ସ୍ଥିର ସମର୍ଥନ ରହିଛି।

କିଛି ମାସ ପୂର୍ବରୁ, ବିଧାୟକଙ୍କ ଆଭ୍ୟନ୍ତରୀଣ ବିରୋଧ ପରେ ରାଜ୍ୟରେ ବିଜେପି ସରକାରର ପତନ ଘଟିଥିଲା ଓ ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି ହୋଇଥିଲା। ଏବେ ବି ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି ରହିଛି। ତେବେ ଏସବୁ ମଧ୍ୟରେ ପ୍ରଦେଶ ବିଜେପି ପୁଣିଥରେ ସରକାର ଗଠନ କରିବାକୁ ଅଣ୍ଟା ଭିଡିଛି। ଅବଶ୍ୟ ଏଥିପାଇଁ କେନ୍ଦ୍ରୀୟ ହାଇକମାଣ୍ଡଙ୍କ ପକ୍ଷରୁ ସେମାନଙ୍କୁ ଗ୍ରୀନ୍ ସିଗ୍‌ନାଲ ମିଳିଥିବା ବିଧାୟକ ରାଧେଶ୍ୟାମ ଗଣମାଧ୍ୟମକୁ କହିଛନ୍ତି। ରାଧେଶ୍ୟାମ କହିଛନ୍ତି, ସମସ୍ତ ବିଜେପି ବିଧାୟକ ଏକଜୁଟ୍ ଅଛନ୍ତି ଏବଂ ଲୋକଙ୍କ ଇଚ୍ଛା ଅନୁଯାୟୀ ସରକାର ଗଠନ କରିବାକୁ ପ୍ରତିବଦ୍ଧ। ସେମାନେ ରାଜ୍ୟପାଳଙ୍କୁ ଆମର ସଂଖ୍ୟା ଗରିଷ୍ଠତାକୁ ସ୍ୱୀକାର କରିବାକୁ ଏବଂ ତୁରନ୍ତ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି। ଆଶା କରାଯାଉଛି ରାଜ୍ୟପାଳ ଏଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବେ ଏବଂ ଏକ ସ୍ଥିର ସରକାର ପାଇଁ ଅନୁମତି ପ୍ରଦାନ କରିବେ। ପ୍ରତିନିଧି ଦଳ ରାଜ୍ୟପାଳଙ୍କୁ ବିଧାୟକମାନଙ୍କ ସମର୍ଥନର ଏକ ଆନୁଷ୍ଠାନିକ ପତ୍ର ପ୍ରଦାନ କରିଥିଲେ, ଯେଉଁଥିରେ ସେମାନେ ସେମାନଙ୍କର ସ୍ଥିତି ସ୍ପଷ୍ଟ କରିଥିଲେ।

# ଆଜି ୪ ସୀମାନ୍ତ ରାଜ୍ୟରେ ମକ୍‌ଡ୍ରିଲ୍

## 'ଅପରେସନ୍ ସିଲ୍ଡ' ନାଁରେ ଅଭ୍ୟାସ କରିବ ହରିଆଣା



**ନୂଆଦିଲ୍ଲୀ,୨୮।୫/ଏଜେନ୍ସି:** ଦେଶର ଚାରି ସୀମାନ୍ତ ରାଜ୍ୟ ଯେପରିକି ରାଜସ୍ଥାନ, ଗୁଜରାଟ, ପଞ୍ଜାବ ଏବଂ ଜମ୍ମୁ କାଶ୍ମୀରରେ ସିଭିଲ୍ ଡିଫେନ୍ସ ମକ୍ ଡ୍ରିଲ୍ କରାଯିବ। ଏହି ସମୟ ମଧ୍ୟରେ ସ୍ଥାନୀୟ ଲୋକମାନଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ୪ ରାଜ୍ୟରେ ପାକିସ୍ତାନ ସହ ସୀମାରେଖା ପ୍ରାୟ ୩୩୦ କିମି ପରିବ୍ୟାପ୍ତ ରହିଛି। ଏସବୁ ଅଞ୍ଚଳଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରିଛି ଭାରତୀୟ ସେନା। ଅନ୍ୟପକ୍ଷେ ବୁଧବାର କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ଆସିଥିବା ନିର୍ଦ୍ଦେଶନାମାରେ ଏହି ୪ ରାଜ୍ୟରେ ମକ୍‌ଡ୍ରିଲ୍ କରାଯିବ। ଏହି ସମୟରେ କିଛି ସମୟ ପାଇଁ ଏସବୁ ଅଞ୍ଚଳକୁ ବ୍ଲାକ୍‌ଆଉଟ୍ ମଧ୍ୟ କରାଯିବ। ପୂର୍ବଥର ଅର୍ଥାତ୍ ମେ ୭ ତାରିଖରେ ଦେଶବ୍ୟାପୀ ମକ୍‌ଡ୍ରିଲ୍ ଘୋଷଣା ତଥା କାର୍ଯ୍ୟକାରୀ କରାଯାଇଥିଲା। ଦେଶର ପ୍ରାୟ ୨୪୪ ଜିଲ୍ଲାରେ ସେତେବେଳେ ମକ୍‌ଡ୍ରିଲ୍ କରାଯାଇଥିଲା। ଏହାର ଦୁଇ ଦିନ ମଧ୍ୟରେ ଅର୍ଥାତ୍ ମେ ୯ତାରିଖରେ ଭାରତୀୟ ସେନା ପାକିସ୍ତାନ ଏବଂ ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ)ରେ ଅପରେସନ୍ ସିନ୍ଦୂର'କୁ କାର୍ଯ୍ୟକାରୀ କରିଥିଲା। ଏବେ ଯେତେବେଳେ ଏହି ୪ ସୀମାନ୍ତବର୍ତ୍ତୀ ରାଜ୍ୟରେ ମକ୍‌ଡ୍ରିଲ୍ କରାଯାଉଛି ଏହାକୁ ନେଇ ପାକିସ୍ତାନୀ ନାଗରିକ, ସେଠାକାର ସେନାବାହିନୀ ଓ ପାକିସ୍ତାନ ସରକାର ଭୟଭୀତ ହୋଇପଡିଛନ୍ତି।

ଅନ୍ୟ ଏକ ରିପୋର୍ଟ ଅନୁସାରେ ହରିଆଣା ସରକାର ମଧ୍ୟ ନିଜଆଡୁ ଏକ ସିଭିଲ୍ ଡିଫେନ୍ସ ମକ୍‌ଡ୍ରିଲ୍ କରିବାକୁ ଯୋଜନା କରିଛନ୍ତି। ଅର୍ଥାତ୍ ହରିଆଣାରେ ମଧ୍ୟ ଆସନ୍ତା କାଲି ରାଜ୍ୟର ୨୨ଟି ଜିଲ୍ଲାରେ ମକ୍‌ଡ୍ରିଲ୍ ଅନୁଷ୍ଠିତ ହେବ। ସନ୍ଧ୍ୟା ୫ଟାରେ ମକ୍‌ଡ୍ରିଲ୍ କରାଯିବା ନେଇ ଧାର୍ଯ୍ୟ ଜିଲ୍ଲାଗୁଡିକର ଜିଲ୍ଲାପାଳମାନଙ୍କୁ ସୂଚୀତ କରିଛନ୍ତି ରାଜ୍ୟ ସରକାର। ହରିଆଣା ସରକାର ଏହି ମକ୍‌ଡ୍ରିଲ୍‌କୁ 'ଅପରେସନ୍ ସିଲ୍ଡ' ନାମ ଦେଇଛନ୍ତି। ଏହି ମକ୍‌ଡ୍ରିଲ୍‌ରେ ରାଜ୍ୟବାସୀଙ୍କୁ ଆକ୍ରମଣ ତଥା ଯୁଦ୍ଧ ସମୟରେ ସୁରକ୍ଷିତ ରହିବା ପାଇଁ କୌଶଳ ସମ୍ପର୍କରେ ପ୍ରଦର୍ଶନ କରାଯିବ। ଏଥିରେ ଏନ୍‌ସିସି, ଏନ୍‌ଏସ୍‌ଏସ୍, ସ୍କାଉଟ୍ କ୍ୟାଡେଟ୍‌ଙ୍କ ସହ ପଞ୍ଜିକୃତ ସ୍ୱେଚ୍ଛାସେବୀ ଏବଂ ଯୁବ ସଂଗଠନଗୁଡ଼ିକ ସ୍ୱତଃପ୍ରବୃତ୍ତ ଭାବେ ଯୋଗଦେବେ। ପ୍ରକାଶ, ଅପରେସନ୍ ସିନ୍ଦୂର'କୁ ନେଇ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଓ ଭାରତୀୟ ସେନାର ବଡ଼ବଡ଼ ଅଧିକାରୀମାନେ ନିୟମିତ ଭାବେ କହିଆସୁଛନ୍ତି ଯେ, ଅପରେସନ୍ ସିନ୍ଦୂର' ଶେଷ ହୋଇନାହିଁ, କେବଳ ଅସ୍ତବିରତି ପରିପ୍ରେକ୍ଷୀରେ ସ୍ଥଗିତ ରହିଛି।

# ଇରାନ୍‌ରେ ୩ ଭାରତୀୟ ନିଖୋଜ

**ତେହରାନ୍, ୨୮।୫/ଏଜେନ୍ସି:** ଇରାନରେ ୩ ଭାରତୀୟ ନିଖୋଜ ହୋଇଯାଇଥିବା ସମ୍ପର୍କରେ ସୂଚନା ମିଳିଛି। ଏହି ନିଖୋଜ ତିନିଜଣ ହେଲେ ହୁଶେନପ୍ରୀତ୍ ସିଂହ (ସଙ୍ଗରୁର), ଜଶପାଲ ସିଂହ (ଏସ୍‌ବିଏସ୍ ନଗର) ଏବଂ ଅମୃତପାଲ ସିଂହ (ହୋସିଆରପୁର)। ଏମାନେ ଗତ ୧ ତାରିଖରେ ସେଠାରେ ପହଞ୍ଚିଥିଲେ। ନିଖୋଜ ବ୍ୟକ୍ତିଙ୍କ ପରିବାର ଲୋକେ ଭାରତୀୟ ଦୂତାବାସ ଅଧିକାରୀଙ୍କ ନିକଟରେ ଫେରାଦ ହେବା ପରେ ଏହି ଘଟଣା ସାମ୍ନାକୁ ଆସିଛି। ଅନ୍ୟପକ୍ଷେ କେନ୍ଦ୍ର ବିଦେଶ ମନ୍ତ୍ରଣାଳୟ ତେହେରାନ ସ୍ଥିତ ଦୂତାବାସ ଅଧିକାରୀଙ୍କୁ ସେମାନଙ୍କୁ 'ତୁରନ୍ତ ସନ୍ଧାନ' କରିବା ଦିଗରେ କାର୍ଯ୍ୟକ୍ରମ ଗ୍ରହଣ ପାଇଁ ନିର୍ଦ୍ଦେଶ ଜାରି କରିଛି। ପଞ୍ଜାବର ହୋସିଆରପୁରର ଜଣେ ଏଜେଣ୍ଟ ମାଧ୍ୟମରେ ଏମାନେ ଇରାନ୍ ଯାଇଥିଲେ। ତେବେ ତେହରାନ୍ ସ୍ଥିତ ଭାରତୀୟ ଦୂତାବାସ ଇରାନ କର୍ତ୍ତୃପକ୍ଷଙ୍କ ସହିତ ଏହି ମାମଲାକୁ ଦୃଢ଼ ଭାବରେ ଉଠାଇଛି ଏବଂ ନିଖୋଜ ଭାରତୀୟମାନଙ୍କୁ ତୁରନ୍ତ ଖୋଜିବା ଏବଂ ସେମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ଅନୁରୋଧ କରିଛି। ନିଖୋଜ ବ୍ୟକ୍ତିଙ୍କ ପରିବାର ସଦସ୍ୟ କହିଛନ୍ତି ଯେ ଅପହରଣକାରୀମାନେ ୧ କୋଟି ଟଙ୍କା ସେମାନଙ୍କ ମୁକ୍ତି ପାଇଁ ଦାବି କରିଥିଲେ। ଅପହରଣକାରୀମାନେ ଟଙ୍କା ନ ପଠାଇଲେ ଲୋକଙ୍କୁ ହତ୍ୟା କରିବାକୁ ଧମକ ଦେଇଥିଲେ।

## ବିଶ୍ୱମଞ୍ଚରେ ମୋଦୀଙ୍କ ପ୍ରଶଂସାରେ ଶତମୁଖ ଥରୁର

# ଶଶି ବିଜେପିର ଜଣେ ଭଲ ପ୍ରବକ୍ତା: କଂଗ୍ରେସ



**ନୂଆଦିଲ୍ଲୀ/ପାନାମା,୨୮।୫/ଏଜେନ୍ସି:** ପାକିସ୍ତାନ ଏବଂ ଆତଙ୍କବାଦ ମଧ୍ୟରେ ସମ୍ପର୍କର ପର୍ଦ୍ଦାଫାସ କରିବା ପାଇଁ ଭାରତୀୟ ସାଂସଦଙ୍କୁ ନେଇ ଗଠିତ ସର୍ବଦଳୀୟ ପ୍ରତିନିଧିମଣ୍ଡଳୀ ଏବେ ବିଶ୍ୱର ବିଭିନ୍ନ ଦେଶ ଗସ୍ତରେ ଅଛନ୍ତି। ଏମାନେ ବିଶ୍ୱସ୍ତରରେ ଭାରତୀୟ ସେନାର ପରାକ୍ରମ ତଥା ଅପରେସନ୍ ସିନ୍ଦୂର'ର ପ୍ରମୋସନ୍ କରିବାରେ ଲାଗିଛନ୍ତି। ତେବେ ଭାରତୀୟ ସାଂସଦଙ୍କ ଏହି ପ୍ରତିନିଧିମଣ୍ଡଳରେ କଂଗ୍ରେସର ଅନ୍ୟତମ ବରିଷ୍ଠ ସାଂସଦ ଶଶି ଥରୁର ମଧ୍ୟ ରହିଛନ୍ତି। ଥରୁରଙ୍କ ନେତୃତ୍ୱରେ ଗଠିତ ଏକ ସର୍ବଦଳୀୟ ପ୍ରତିନିଧିମଣ୍ଡଳୀ ଏବେ ପାନାମାରେ ପହଞ୍ଚିଛି। ଏଠାରେ ପହଞ୍ଚିବା ପରେ ଥରୁର ପାକିସ୍ତାନ ଏବଂ ଆତଙ୍କବାଦକୁ ସମାଲୋଚନା କରିବା ପରିପ୍ରେକ୍ଷୀରେ ଅଧିକାଂଶ ସମୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପ୍ରଶଂସା କରିବା ଦେଖିବାକୁ ମିଳୁଛି। ଅନ୍ୟ ରାଷ୍ଟ୍ରଗୁଡ଼ିକୁ ଯାଇଥିବା ବେଳେ ମଧ୍ୟ ଥରୁର ସମାନ ଭାବେ ମୋଦୀଙ୍କ ନେତୃତ୍ୱକୁ, ମୋଦୀଙ୍କ ବଳିଷ୍ଠ ନିଷ୍ପତ୍ତିକୁ ସମର୍ଥନ ତଥା ପ୍ରଶଂସା କରିବା ହିଁ ଦେଖିବାକୁ ମିଳିଛି।


ପାନାମା ସରକାରଙ୍କ ସହ ଆଲୋଚନା କରିବା ବେଳେ ଥରୁର କହିଛନ୍ତି ଯେ, ସାମ୍ପ୍ରତିକ ବର୍ଷଗୁଡ଼ିକରେ ଯାହା ଘଟିଛି, ସେଥିରୁ ଆତଙ୍କବାଦୀମାନେ ଜାଣିଛନ୍ତି ଯେ ସେମାନଙ୍କୁ ଏହାର ମୂଲ୍ୟ ଦେବାକୁ ପଡିବ। ଏଥିରେ କୌଣସି ସନ୍ଦେହ ରହିବା ଉଚିତ୍ ନୁହେଁ। ଭାରତ ପ୍ରଥମ ଥର ପାଇଁ ୨୦୧୫ ସେପ୍ଟେମ୍ବରରେ ଉରିରେ ସର୍ଜିକାଲ ଷ୍ଟ୍ରାଇକ କରି ପାକିସ୍ତାନକୁ ପାଣି ପିଆଇଥିଲା। ପରେ ବାଲାକୋଟରେ ସର୍ଜିକାଲ ଷ୍ଟ୍ରାଇକ୍ କରିବା ପୂର୍ବକ ସେମାନଙ୍କ ଅସ୍ତିତ୍ୱ ଦୋହଲାଇଦେଇଥିଲା। ପୁଣି ଏବେ ଅପରେଶନ ସିନ୍ଦୂର ଜରିଆରେ ପାକିସ୍ତାନକୁ ତା'ର ବାସ୍ତବିକ ଔକାତ୍ ଦେଖାଇଛି। ପାକିସ୍ତାନକୁ କେବଳ ସାମରିକ ସ୍ତରରେ ନୁହେଁ ବରଂ କୂଟନୈତିକ ସ୍ତରରେ ମଧ୍ୟ ଭାରତ ପ୍ରତାଡିତ କରିଛି ଯେଉଁକାରଣରୁ ପାକିସ୍ତାନ ଏବେ ବିଚଳିତ ହୋଇପଡିଛି। ତେବେ ଏସବୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସାହସିକ ନିଷ୍ପତ୍ତି, ଦୂର ଦୃଷ୍ଟିକୋଣ ଯୋଗୁ ସମ୍ଭବ ହୋଇପାରିଛି ବୋଲି ଶଶି କହିଛନ୍ତି।

ଅନ୍ୟପକ୍ଷେ ଶଶିଙ୍କ ଏପ୍ରକାର ମନ୍ତବ୍ୟକୁ ନେଇ ଭାରତରେ କଂଗ୍ରେସ ତୀବ୍ର ପ୍ରତିକ୍ରିୟାଶୀଳ ହୋଇପଡିଛି। କଂଗ୍ରେସର ଅଧିକାଂଶ ନେତାମାନେ କହିଛନ୍ତି ଯେ, ଶଶି ଥରୁର ଏବେ ବିଜେପିର ଜଣେ ଭଲ ପ୍ରବକ୍ତା କିମ୍ବା ଭଲ ଚାଟୁକାର ଭାବେ କାମ କରୁଛନ୍ତି। ବିଜେପି ନେତାମାନେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ତାଙ୍କ ସରକାରଙ୍କ ସପକ୍ଷରେ ଯାହା କହୁନାହାନ୍ତି, ତାହାଠାରୁ ଅଧିକ ଶଶି ଥରୁର କହୁଛନ୍ତି। ସେ ବିଜେପିର ଜଣେ ଭଲ ମୁଖପାତ୍ର ହୋଇପାରିବେ ବୋଲି କଂଗ୍ରେସ ନେତା ଉଦିତ ରାଜ୍ କହିଛନ୍ତି। ଭାରତୀୟ ସେନାର ପରାକ୍ରମର ଶ୍ରେୟ ମୋଦୀ ନେବାକୁ ଚାହୁଁଛନ୍ତି। ଯୋଜନା ପୂର୍ବକ ବିଜେପି ଏବେ ଏହି କାମ କଂଗ୍ରେସ ନେତାଙ୍କ ଦ୍ୱାରା କରାଉଛି।

## ଆମେରିକାକୁ ରୁଷ୍‌ର ଧମକ

# ଦୁଇ ଦେଶ ମଧ୍ୟରେ ଆରମ୍ଭ ହେଲା ଶୀତଳ ଯୁଦ୍ଧ !

**ୱାଶିଂଟନ୍,୨୮।୫/ଏଜେନ୍ସି:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍‌ଙ୍କ ମଧ୍ୟରେ ଆରମ୍ଭ ହୋଇଥିବା ରାଜନୈତିକ ବିବାଦ ଏବେ ସାର୍ବଜନୀନ ଧମକ ସ୍ତରରେ ପହଞ୍ଚିଛି। ରିପୋର୍ଟ ଅନୁସାରେ ପୁଟିନ୍, ସିଧାସଳଖ ଆମେରିକାକୁ ନିଜ ବୟାନ୍‌ବାଜିରୁ କ୍ଷାନ୍ତ ରହିବାକୁ ଚେତାବନୀପୂର୍ଣ୍ଣ ଧମକ ଦେଇଛନ୍ତି। ୟୁକ୍ରେନ୍ ଉପରେ ନିକଟରେ ରୁଷ୍ ପକ୍ଷରୁ କରାଯାଇଥିବା ଆକ୍ରମଣକୁ ନେଇ ଟ୍ରମ୍ପ ଯେଉଁଭଳି ଭାବେ ରୁଷ୍ ପ୍ରତି ମନ୍ତବ୍ୟ ବ୍ୟବହାର କରିଛନ୍ତି, ଏହାକୁ ନେଇ ପୁଟିନ୍ ଭୀଷଣ ପ୍ରତିକ୍ରିୟାଶୀଳ ହୋଇପଡିଛନ୍ତି। ସ୍ଥିତି ଏବେ ଏପରି ହୋଇଛି ଟ୍ରମ୍ପ ଏବଂ ପୁଟିନ୍‌ଙ୍କ ମଧ୍ୟରେ ବନ୍ଧୁତା ମଧ୍ୟ ଏବେ ବାଜିରେ ଲାଗିଛି।




ଟ୍ରମ୍ପ ବିବୃତ୍ତି ଜାରି କରି କହିଥିଲେ ଯେ, ପୁଟିନ୍ ନିଆଁ ସହିତ ଖେଳୁଛନ୍ତି, ଏବଂ ଫଳାଫଳ ବହୁତ ଖରାପ ହୋଇପାରେ। ଏହି ବିବୃତ୍ତି ଏପରି ସମୟରେ ଆସିଛି ଯେତେବେଳେ ଟ୍ରମ୍ପ ପ୍ରଶାସନ ମଧ୍ୟ ରୁଷ୍ ଉପରେ ଅଧିକ କଠୋର କଟକଣା ଲଗାଇବାକୁ ଘୋଷଣା କରିଛି। ଏଥିରେ ପ୍ରତିରକ୍ଷା ଏବଂ ଶକ୍ତି କ୍ଷେତ୍ରକୁ ଟାର୍ଗେଟ୍ କରାଯାଇଛି। ତେବେ ଟ୍ରମ୍ପ‌ଙ୍କ ଏପ୍ରକାର ଧମକ ପରେ ରୁଷ୍ ସୁରକ୍ଷା ପରିଷଦର ଉପ-ସଭାପତି ଏବଂ ପୂର୍ବତନ ରାଷ୍ଟ୍ରପତି ଦିମିତ୍ରୀ ମେଦଭେଦେବ କହିଛନ୍ତି ଯେ, ଯଦି ଆମେରିକା ଅନୁଭବ କରେ ଯେ ଏହାଠାରୁ ଖରାପ କିଛି ହୋଇପାରେ, ତେବେ ସେମାନେ ତୃତୀୟ ବିଶ୍ୱଯୁଦ୍ଧକୁ ଆହ୍ୱାନ ଦେବା ଭଳି ଆଚରଣ କରୁଛନ୍ତି ବୋଲି ଧରାଯିବ। ଏହାର ସ୍ପଷ୍ଟ ଅର୍ଥ ହେଉଛି ଯେ ରୁଷ ଆମେରିକାର କୌଣସି ଧମକକୁ ନେଇ ଆଦୌ ଚିନ୍ତିତ ନୁହେଁ କିମ୍ବା ୟୁକ୍ରେନ୍ ସହ ଯୁଦ୍ଧରେ ପଛକୁ ହଟିବା ମନୋଭାବରେ ମଧ୍ୟ ନାହିଁ। ରୁଷ୍‌ର ଉଦାସୀନ ମନୋଭାବ ୟୁକ୍ରେନର ଆଭ୍ୟନ୍ତରୀଣ ବାଧବାଧକତା ଏବଂ ୟୁରୋପୀୟ ସଂଘର ଚାପ ଆମେରିକାର ଶାନ୍ତି ଆଲୋଚନାର ସମ୍ଭାବନାକୁ ପ୍ରାୟ ସମାପ୍ତ କରିଦେଇଛି।

## ଆଇସିଏମ୍ଆର୍ ଓ ଆଇଆଇଟି ବିଶେଷଜ୍ଞଙ୍କ ମିଳିତ ଗବେଷଣା ରିପୋର୍ଟ

# 'ସାଇଲେଣ୍ଟ୍ ହାର୍ଟ ଆଟାକ୍' ଆଣିପାରେ ଡେଲ୍‌ଟା ଭାରିଆଣ୍ଟ୍

**ନୂଆଦିଲ୍ଲୀ,୨୮।୫/ଏଜେନ୍ସି:** ଦେଶରେ ପୁଣି ଥରେ କରୋନା ଭୂତାଣୁ ନିଜ କାୟା ବିସ୍ତାର କରୁଥିବା ବେଳେ ସାମ୍ନାକୁ ଆସିଥିବା ଏକ ଗବେଷଣାଭିତ୍ତିକ ତଥ୍ୟ ସମସ୍ତଙ୍କ ଚିନ୍ତା ବଢ଼ାଇଦେଇଛି। ରିପୋର୍ଟ ଅନୁସାରେ କରୋନା ପରବର୍ତ୍ତୀ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ କରାଯାଇଥିବା ଏକ ଗବେଷଣାରୁ ଜଣାପଡିଛି ଯେ, କୋଭିଡ୍-୧୯ର ଡେଲ୍‌ଟା ଭାରିଆଣ୍ଟ ନୀରବ ହୃଦଘାତ ବା ସାଇଲଣ୍ଟ ହାର୍ଟ ଆଟାକ୍‌ର ବିପଦ ସୃଷ୍ଟି କରିପାରେ। କରୋନାର ପୂର୍ବ ଲହରରେ ଚିହ୍ନଟ ହୋଇଥିବା ଭାରିଆଣ୍ଟ ଡେଲ୍‌ଟା ଦ୍ୱାରା ସଂକ୍ରମିତ ରୋଗୀ ସେସମୟରେ ଆରୋଗ୍ୟ ଲାଭ କରିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ସେମାନଙ୍କ ମଧ୍ୟରୁ ଅଧିକାଂଶ ରୋଗୀ ନୀରବ ହୃଦ୍‌ଘାତର ଶିକାର ହୋଇଥିଲେ। ଏହି ଭାରିଆଣ୍ଟ ଯୋଗୁ ରୋଗୀଙ୍କ ଶରୀରରେ ଅନେକ ପ୍ରକାରର ସମସ୍ୟା ପରିଲକ୍ଷିତ ହୋଇଥାଏ। ତେବେ ସମ୍ପ୍ରତି ଦେଶରେ ବୃଦ୍ଧି ପାଉଥିବା କରୋନା ରୋଗୀଙ୍କ ଠାରେ ଭିନ୍ନ ଭିନ୍ନ ଭାରିଆଣ୍ଟ ଚିହ୍ନଟ ହେଉଥିବା ଦେଖିବାକୁ ମିଳିଛି।



ଭାରତରେ ଏବେ କରୋନାର ଦ୍ୱିତୀୟ ଲହର ଆରମ୍ଭ ହୋଇଥିବା ବେଳେ ଗତ ସପ୍ତାହକ ମଧ୍ୟରେ କୋଭିଡ ୧୯ର ସକ୍ରିୟ ମାମଲା ୧୦୪୭କୁ ବୃଦ୍ଧି ପାଇଛି। ଏହି ସମୟରେ, କରୋନା ବିଷୟରେ ଏପ୍ରକାର ଏକ ଆଶ୍ଚର୍ଯ୍ୟଜନକ ସୂଚନା ସାମ୍ନାକୁ ଆସିଛି। ଆଇଆଇଟି, ଇନ୍ଦୋର ଏବଂ ଇଣ୍ଡିଆନ କାଉନ୍‌ସିଲ ଅଫ୍ ମେଡିକାଲ୍ ରିସର୍ଚ୍ଚ (ଆଇସିଏମ୍ଆର୍) ପକ୍ଷରୁ ମିଳିତ ଭାବେ କରାଯାଇଥିବା ଏହି ଗବେଷଣାରୁ କରୋନା ବିଷୟରେ ଅନେକ ପ୍ରକାରର ସୂଚନା ପ୍ରଦାନ କରିଛି। ଅଧ୍ୟୟନରୁ ଜଣାପଡିଛି ଯେ କରୋନାର ଡେଲ୍‌ଟା ଭାରିଆଣ୍ଟ ନୀରବ ହୃଦଘାତର ବିପଦ ସୃଷ୍ଟି କରିପାରେ। କରୋନାର ବିଭିନ୍ନ ଭାରିଆଣ୍ଟ ଶରୀରକୁ ଅନେକ ଉପାୟରେ ପ୍ରଭାବିତ କରିପାରେ ବୋଲି ରିସର୍ଚ୍ଚ ରିପୋର୍ଟରେ ଦର୍ଶାଯାଇଛି। ଡେଲ୍‌ଟା ସହିତ, ଆଲଫା, ବିଟା ଏବଂ ଗାମା ଭାରିଆଣ୍ଟକୁ ନେଇ ବି ଗବେଷଣା କରାଯାଇଛି। କୋଭିଡ୍‌ର ଡେଲ୍‌ଟା ଭାରିଆଣ୍ଟ ଫୁସଫୁସ ସହିତ ଅନ୍ୟାନ୍ୟ ଅଙ୍ଗକୁ ମଧ୍ୟ ପ୍ରଭାବିତ କରେ। ଏହା ସହିତ ଥାଇରଏଡ ହରମୋନ ଉତ୍ପାଦନ ମଧ୍ୟ ପ୍ରଭାବିତ ହୁଏ।

## ବିଶ୍ୱ କ୍ଷୁଧା ଦିବସରେ ନିଜ ପ୍ରତିବଦ୍ଧତାକୁ ଦୋହରାଇଲା ମାଲାବାର୍ ଗ୍ରୁପ୍

# ଦୈନିକ ୭୦ହଜାର ଲୋକଙ୍କୁ ଖାଦ୍ୟ ବଣ୍ଟନ ଜାରିରହିବ

## 'କ୍ଷୁଧାମୁକ୍ତ ବିଶ୍ୱ' ପଦକ୍ଷେପ ଅଧୀନରେ ପ୍ରତିଦିନ ଭାରତରେ ୬୦ହଜାର ଓ ଜାମ୍ବିଆରେ ୧୦ହଜାର ଖାଦ୍ୟ ପ୍ୟାକେଟ୍ ବଣ୍ଟନ ହେଉଛି




**୨୦୨୫-୨୬ରେ ନିଜ ସିଏସ୍ଆର୍ କାର୍ଯ୍ୟକ୍ରମକୁ ବ୍ୟାପକ କରିବା ଉଦ୍ଦେଶ୍ୟ ୧୫୦ କୋଟି ଟଙ୍କା ଆବଣ୍ଟନ କରିଛି ମାଲାବାର ଗ୍ରୁପ୍**

**ନୂଆଦିଲ୍ଲୀ, ୨୮।୫/ଏଜେନ୍ସି:** ଭାରତର ଅଗ୍ରଣୀ ବ୍ୟବସାୟିକ ସଂଗଠନ ଏବଂ ମାଲାବାର ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡସ୍‌ର ମୂଳ କମ୍ପାନୀ ମାଲାବାର ଗ୍ରୁପ୍ ୨୦୨୫-୨୬ରେ ସ୍ୱାସ୍ଥ୍ୟସେବା, ଶିକ୍ଷା, କ୍ଷୁଧା ଏବଂ ଦାରିଦ୍ର୍ୟ ଦୂରୀକରଣ, ମହିଳା ସଶକ୍ତିକରଣ, ପରିବେଶ ସୁରକ୍ଷା ଏବଂ ଅବହେଳିତ ଲୋକଙ୍କ ପାଇଁ ବାସସ୍ଥାନ ଉପରେ କେନ୍ଦ୍ରିତ ଏହାର ସିଏସ୍ଆର କାର୍ଯ୍ୟକ୍ରମଗୁଡ଼ିକୁ ବ୍ୟାପକ କରିବା ଉଦ୍ଦେଶ୍ୟରେ ୧୫୦ କୋଟି ଟଙ୍କା ଆବଣ୍ଟନ କରିଛି। ମାଲାବାର ଗ୍ରୁପ୍ ନିଜ ପ୍ରମୁଖ ସିଏସ୍ଆର ଅଭିଯାନ 'ଦି ହଙ୍ଗର ଫ୍ରି ୱାର୍ଲ୍ଡ' ଅଧୀନରେ, ଭାରତ ଏବଂ ଜାମ୍ବିଆରେ ଅବହେଳିତ ଲୋକଙ୍କୁ ପ୍ରତିଦିନ ୭୦,୦୦୦ ଲୋକଙ୍କୁ ଖାଦ୍ୟ ବଣ୍ଟନ କରିବାକୁ ପ୍ରତିବଦ୍ଧ ହୋଇଛି। ଅର୍ଥାତ୍ ଏହା ୨୦୨୫-୨୬ ବର୍ଷରେ ମୋଟ୍ ୨.୫୦ କୋଟି ଲୋକଙ୍କୁ ଖାଦ୍ୟ ଯୋଗାଇବ। ଏହା ଗତ ୩ ବର୍ଷରେ ୨.୫୦ କୋଟି ଲୋକଙ୍କୁ ଖାଦ୍ୟ ପରିବେଷଣ କରାଯିବା ଭଳି କ୍ରମାଗତ ସଫଳତା ଏବଂ ସମାଜର ଅବହେଳିତ ସମ୍ପ୍ରଦାୟଙ୍କ ପାଇଁ ଖାଦ୍ୟ ସୁରକ୍ଷା ପ୍ରତି ଏକ ଗଭୀର ପ୍ରତିବଦ୍ଧତାକୁ ସୂଚିତ କରେ। ମାଲାବାର ଗ୍ରୁପ୍‌ର ଏହି ମହତ୍ ପଦକ୍ଷେପ ମିଳିତ ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ (ସଷ୍ଟେନେବଲ୍ ଡେଭଲପମେଣ୍ଟ ଗୋଲ୍) ୨ - ଶୂନ୍ୟ କ୍ଷୁଧାର୍ତ୍ତ ସହ ସମନ୍ୱିତ ଅଟେ।

୨୮ ମେ ୨୦୨୫ ଅର୍ଥାତ୍ ବୁଧବାର ବିଶ୍ୱବ୍ୟାପୀ 'ଅନ୍ତର୍ଜାତୀୟ କ୍ଷୁଧା ଦିବସ' ପାଳନ କରାଯାଉଥିବା ବେଳେ ନୂଆଦିଲ୍ଲୀର ଜନପଥ ଠାରେ ଥିବା ଡକ୍ଟର ଆମ୍ବେଦକର ଅନ୍ତର୍ଜାତୀୟ କେନ୍ଦ୍ରରେ ମଧ୍ୟ ଏସମ୍ପର୍କୀତ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ ପୂର୍ବତନ ନୀତି ଆୟୋଗ ସିଇଓ ଏବଂ ଜି-୨୦ ଶେରପା ଡକ୍ଟର ଅମିତାଭ କାନ୍ତ, ମାଲାବାର୍ ଗ୍ରୁପ୍‌ର ଏହି ପରବର୍ତ୍ତୀ ପର୍ଯ୍ୟାୟ ସିଏସ୍ଆର କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଛନ୍ତି। ଉପସ୍ଥିତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ମଧ୍ୟରେ ମାଲାବାର ଗ୍ରୁପର ଅଧ୍ୟକ୍ଷ ଏମପି ଅହମ୍ମଦ, ଉପାଧ୍ୟକ୍ଷ କେପି ଅବଦୁଲ ସଲାମ, ମାଲାବାର ଗ୍ରୁପ୍‌ର ଇଣ୍ଡିଆ ଅପରେସନ୍ସର ପରିଚାଳନା ନିର୍ଦ୍ଦେଶକ ଓ ଆଶେର, ଗୋଷ୍ଠୀ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ନିଷାଦ ଏକେ ଏବଂ କେପି ବୀରାନ୍‌କୁଟ୍ଟି, ଗୋଷ୍ଠୀ ନିର୍ଦ୍ଦେଶକ ପିଏ ଅବଦୁଲ୍ଲା ଇବ୍ରାହିମ୍, ଥାନାଲ ଦୟା ପୁନର୍ବାସ ଟ୍ରଷ୍ଟର ଅଧ୍ୟକ୍ଷ ଡକ୍ଟର ଇଡ୍ରିସ୍ ଭି., ଉତ୍ତର ଆଞ୍ଚଳିକ ମୁଖ୍ୟ ଜିଶାଦ ଏନ୍‌କେ ଏବଂ ଅନ୍ୟ ପରିଚାଳନା ଅଧିକାରୀମାନେ ଉପସ୍ଥିତ ଥିଲେ।

ମାଲାବାର ଗ୍ରୁପ୍‌ର ଏହି ପଦକ୍ଷେପ ସମ୍ପର୍କରେ ସୂଚନା ଦେବାକୁ ଯାଇ ଅଧ୍ୟକ୍ଷ ଏମ୍‌ପି ଅହମ୍ମଦ କହିଛନ୍ତି, "ମାଲାବାର ଗ୍ରୁପରେ, ସିଏସ୍ଆର୍ ଆମ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଂଶ ଏବଂ ଆମେ ସମାଜକୁ ଫେରାଇ ଦେବାରେ ବିଶ୍ୱାସ କରୁ। ଆମେ ମେ ୨୮ କୁ ଆମର ବାର୍ଷିକ ସିଏସ୍ଆର୍ ଦିବସ ଭାବରେ ଉତ୍ସର୍ଗ କରୁଛୁ। ଆମେ ସ୍ଥାୟୀ ଏବଂ ପ୍ରଭାବଶାଳୀ କାର୍ଯ୍ୟ ମାଧ୍ୟମରେ ଅବହେଳିତଙ୍କ ସହିତ ଛିଡା ହେବାର ଆମର ପ୍ରତିଜ୍ଞାକୁ ପୁନଃସ୍ଥାପନ କରୁଛୁ। ଆମ ସିଏସ୍ଆର୍ ପଦକ୍ଷେପ ସେହି ସ୍ଥାୟୀ ପ୍ରତିବଦ୍ଧତାର ପ୍ରତିଫଳନ। ଆମେ ଆମର ସର୍ବୋତ୍ତମ ପ୍ରୟାସ କରୁଥିବା ବେଳେ, ଯଦି ଅଧିକ ସଂଗଠନ ଏହି ମିଶନରେ ଯୋଗଦିଅନ୍ତି ତେବେ ଏକ ବୃହତ ପ୍ରଭାବ ହାସଲ କରାଯାଇପାରିବ। ବିଶ୍ୱବ୍ୟାପୀ ୨୯୫ ନିୟୁତ ଲୋକ ତୀବ୍ର କ୍ଷୁଧା ସମ୍ମୁଖୀନ ହେଉଛନ୍ତି (ସଂଯୁକ୍ତ ରାଷ୍ଟ୍ର ତଥ୍ୟ ଅନୁଯାୟୀ) ଯାହା ଉପରେ ନିସର୍ତ୍ତ ଜରୁରୀ ପଦକ୍ଷେପ ଅତ୍ୟନ୍ତ ଜରୁରୀ। ଏହି ଜରୁରୀ 'ହଙ୍ଗର ଫ୍ରି ୱାର୍ଲ୍ଡ' ପଦକ୍ଷେପ ଅଧୀନରେ ଆମର ଖାଦ୍ୟ ବଣ୍ଟନ ପ୍ରୟାସକୁ ସଂଚାଳିତ କରେ। ଖାଦ୍ୟ ବଣ୍ଟନ ସହିତ, ପରିସ୍ଥିତିରେ ସ୍ଥାୟୀ ପରିବର୍ତ୍ତନ ଆଣିବା ପାଇଁ ଉତ୍ପାଦନ ବୃଦ୍ଧି, ନିଯୁକ୍ତି ସୃଷ୍ଟି ଏବଂ ଆର୍ଥିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ମଧ୍ୟ ଅତ୍ୟନ୍ତ ଜରୁରି। ତେବେ ଏସବୁ ପାଇଁ ସମନ୍ୱିତ ପ୍ରୟାସ କରିବା ହିଁ ବର୍ତ୍ତମାନ ସମୟର ଆବଶ୍ୟକତା ପାଲଟିଛି।"

ଶ୍ରୀ ଅହମ୍ମଦ ସୂଚନା ଦେଇ କହିଛନ୍ତି, 'ହଙ୍ଗର ଫ୍ରି ୱାର୍ଲ୍ଡ' ବା କ୍ଷୁଧା ମୁକ୍ତ ବିଶ୍ୱ ପ୍ରକଳ୍ପ ଅନ୍ତର୍ଗତ ବର୍ତ୍ତମାନ ସମୟରେ ମାଲାବାର ଗ୍ରୁପ୍ ଭାରତ ଏବଂ ଜାମ୍ବିଆରେ ପ୍ରତିଦିନ ୭୦,୦୦୦ ଖାଦ୍ୟ ପ୍ୟାକେଟ୍ ବଣ୍ଟନ କରୁଛି। ଭାରତରେ, ୨୦ଟି ରାଜ୍ୟରେ ବିସ୍ତାରିତ ୧୬୭ଟି କେନ୍ଦ୍ର ମାଧ୍ୟମରେ ପ୍ରତିଦିନ ୬୦,୦୦୦ରୁ ଅଧିକ ପୁଷ୍ଟିକର ଖାଦ୍ୟ ଯୋଗାଇଦିଆଯାଉଛି। ସେହିପରି ଜାମ୍ବିଆରେ, ମାଲାବାର ଗ୍ରୁପ୍ ଜାମ୍ବିଆ ସରକାରଙ୍କ ସହିତ ମିଶି ତିନୋଟି ସ୍କୁଲରେ ୧୦,୦୦୦ ଛାତ୍ରଛାତ୍ରୀଙ୍କୁ ପ୍ରତିଦିନ ଖାଦ୍ୟ ପରିବେଷଣ କରୁଛି। ହଙ୍ଗର ଫ୍ରି ୱାର୍ଲ୍ଡ ପ୍ରୋଜେକ୍ଟ ଆଧୁନିକ ସୁବିଧା ସହିତ ସଜ୍ଜିତ ଅତ୍ୟାଧୁନିକ ରୋଷେଇ ଘର ଏବଂ ପ୍ରଶିକ୍ଷିତ ରୋଷେଇ ବିଶେଷଜ୍ଞ ଏବଂ ସ୍ୱଚ୍ଛତା ପ୍ରତି ସଚେତନ କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ହେଉଛି। ଏହାର ଶିକ୍ଷାଗତ ଏବଂ ସାମାଜିକ କଲ୍ୟାଣ ପଦକ୍ଷେପ ଅଧୀନରେ, ମାଲାବାର ଗ୍ରୁପ୍ ସାରା ଭାରତରେ ୭୧୬ଟି ମାଇକ୍ରୋ-ଲର୍ଣ୍ଣି ସେଣ୍ଟର ସ୍ଥାପନ କରିଛି, ଯାହା ରାସ୍ତାର ପିଲାମାନଙ୍କୁ ପ୍ରାଥମିକ ଶିକ୍ଷା ଏବଂ ପୁଷ୍ଟିକର ଖାଦ୍ୟ ପ୍ରଦାନ କରେ। ୩୨,୦୦୦ରୁ ଅଧିକ ପିଲା ନାମ ଲେଖାଇଛନ୍ତି, ଯେଉଁଥିରୁ ୯,୦୦୦ ପୂର୍ବରୁ ଆନୁଷ୍ଠାନିକ ବିଦ୍ୟାଳୟରେ ଯୋଗ ଦେଇଛନ୍ତି। ଏହି ପ୍ରକଳ୍ପ ଥାନାଲଙ୍କ ସହଯୋଗରେ ପରିଚାଳିତ ହେଉଛି। ଏହା ସହିତ, ୧,୧୪,୦୦୦ ଝିଅଙ୍କୁ ସେମାନଙ୍କର ଶିକ୍ଷାକୁ ସମର୍ଥନ କରିବା ପାଇଁ ବୃତ୍ତି ପ୍ରଦାନ କରାଯାଇଛି। ଏତଦ୍‌ବ୍ୟତୀତ ମାଲାବାର ଗ୍ରୁପ୍ 'ଗ୍ରାଣ୍ଡ୍ ମା ହୋମ୍ସ' ନାମକ ଏକ ପ୍ରୟାସ ମଧ୍ୟ ଆରମ୍ଭ କରିଛି ଯାହା ଅଧୀନରେ ଅସହାୟ ମହିଳାମାନଙ୍କୁ ମାଗଣା ବାସସ୍ଥାନ ଏବଂ ଯତ୍ନ ପ୍ରଦାନ କରିବା ପାଇଁ ଆଶ୍ରୟସ୍ଥଳ ସ୍ଥାପନ କରାଯାଇଛି। ବର୍ତ୍ତମାନ ବେଙ୍ଗାଲୁରୁ, କେରଳ ଏବଂ ହାଇଦ୍ରାବାଦରେ ଏହି କାର୍ଯ୍ୟକ୍ରମ କାର୍ଯ୍ୟକ୍ଷମ ରହିଛି। ଆଗାମୀ ଦିନରେ ଏହି ପଦକ୍ଷେପକୁ ଚେନ୍ନାଇ, କୋଲକାତା, ଦିଲ୍ଲୀ ଏବଂ ମୁମ୍ବାଇକୁ ବିସ୍ତାର କରିବା ପାଇଁ ଯୋଜନା ଚାଲିଛି। ସେହିପରି ସ୍ୱାସ୍ଥ୍ୟସେବା ଏବଂ ବିପର୍ଯ୍ୟୟ ସହାୟତା କ୍ଷେତ୍ରରେ, ମାଲାବାର୍ ଗ୍ରୁପ୍ କେରଳର ସମସ୍ତ ୧୪୦ଟି ସ୍ଥାନରେ ଅଣ-ଲାଭକାରୀ ମେଡିକାଲ୍ ଷ୍ଟୋର ଖୋଲିବାକୁ ମଧ୍ୟ ଯୋଜନା କରୁଛି, ଯେଉଁଠାରେ ଔଷଧ ସବ୍‌ସିଡି ମୂଲ୍ୟରେ ଉପଲବ୍ଧ କରାଯିବ। ରାଜ୍ୟର ୨୭ଟି ସ୍ଥାନରେ ଏପରି ଷ୍ଟୋର୍ ପୂର୍ବରୁ କାର୍ଯ୍ୟକ୍ଷମ ଅଛି। ମାଲାବାର ଗ୍ରୁପ୍ ମଧ୍ୟ 'ଉଇର୍‌ପ୍ପୁ' ପ୍ରୋଜେକ୍ଟ ଆରମ୍ଭ କରିଛି, ଯାହାକି ଗତବର୍ଷ ୱାୟନାଡରେ ହୋଇଥିବା ଭୂସ୍ଖଳନ ଦ୍ୱାରା ପ୍ରଭାବିତ ପିଲାମାନଙ୍କ ଉଚ୍ଚଶିକ୍ଷାକୁ ସମର୍ଥନ କରିଥାଏ। ଏହି ପ୍ରୋଜେକ୍ଟ ଅଧୀନରେ ୧୩୪ ଛାତ୍ରଛାତ୍ରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଆସୁଛି। ସ୍ଥାପନା ହେବା ପରଠାରୁ, ମାଲାବାର ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡସ୍ ଏହାର ୫% ଲାଭାଂଶକୁ ସାମାଜିକ କଲ୍ୟାଣ ପାଇଁ ଆବଣ୍ଟନ କରିଆସୁଛି।

**ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ସମ୍ପର୍କରେ:**

ମାଲାବାର ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡସ୍ ୧୯୯୩ ମସିହାରେ ପ୍ରତିଷ୍ଠିତ ହୋଇଥିଲା ଏବଂ ଏହା ମାଲାବାର ଗ୍ରୁପ୍‌ର ଏକ ପ୍ରମୁଖ ବିବିଧ ଭାରତୀୟ ବ୍ୟବସାୟିକ ସଂଗଠନର ପ୍ରମୁଖ କମ୍ପାନୀ। ୬.୨ ବିଲିଅନ ଡଲାରର ବାର୍ଷିକ କାରବାର ସହିତ, କମ୍ପାନୀ ବର୍ତ୍ତମାନ ବିଶ୍ୱସ୍ତରରେ ୬ଷ୍ଠ ସର୍ବବୃହତ୍ ଅଳଙ୍କାର ଖୁଚୁରା ବ୍ୟବସାୟୀ ଏବଂ ଡେଲୋଇଟ୍‌ର ଲକ୍‌ଜୁରୀ ଗୁଡ୍ସ ୱାର୍ଲ୍ଡ ରାଙ୍କିଂରେ ୧୯ ତମ ସ୍ଥାନରେ ରହିଛି। ୧୩ଟି ଦେଶରେ ୩୯୦ରୁ ଅଧିକ ଶୋ'ରୁମର ଏକ ଦୃଢ଼ ଖୁଚୁରା ନେଟ୍‌ୱାର୍କ ରହିଛି। ଏହାସହ ଭାରତ, ମଧ୍ୟପ୍ରାଚ୍ୟ, ଦୂରପ୍ରାଚ୍ୟ, ଆମେରିକା, ୟୁକେ, କାନାଡା ଏବଂ ଅଷ୍ଟ୍ରେଲିଆରେ ବିସ୍ତାରିତ ଏକାଧିକ କାର୍ଯ୍ୟାଳୟ, ଡିଜାଇନ୍ କେନ୍ଦ୍ର, ପାଇକାରୀ ୟୁନିଟ୍ ଏବଂ କାରଖାନା ମଧ୍ୟ ରହିଛି। ମାଲାବାର ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡସ୍ ର ଏକ ଅନଲାଇନ୍ ଶୋ'ରୁମ୍ www.malabargoldanddiamonds.com ମଧ୍ୟ ଅଛି, ଯାହା ଗ୍ରାହକମାନଙ୍କୁ ସେମାନଙ୍କ ଘରୁ ଯେକୌଣସି ସମୟରେ ଏବଂ ଯେକୌଣସି ଦିନ ସେମାନଙ୍କର ପ୍ରିୟ ଅଳଙ୍କାର କିଣିବାର ସୁଯୋଗ ପ୍ରଦାନ କରେ। ଇଏସ୍‌ଜି (ପରିବେଶ, ସାମାଜିକ ଏବଂ ଶାସନ) ଏବଂ ସିଏସ୍ଆର୍ ସ୍ଥାପନା ଦିନ ଠାରୁ ଏହା ମାଲାବାର୍ ଗ୍ରୁପ୍‌ର ପ୍ରାଥମିକ ପ୍ରତିବଦ୍ଧତା ହୋଇଛି। ମାଲାବାର ଗ୍ରୁପ୍‌ର ମୁଖ୍ୟ କେନ୍ଦ୍ରିତ କ୍ଷେତ୍ରଗୁଡ଼ିକ ହେଉଛି ସ୍ୱାସ୍ଥ୍ୟ, ଗୃହ, କ୍ଷୁଧାମୁକ୍ତ ବିଶ୍ୱ, ଶିକ୍ଷା, ପରିବେଶ ଏବଂ ମହିଳା ସଶକ୍ତିକରଣ। ମାଲାବାର ଗ୍ରୁପ୍ ଏହାର ମୂଳ ବ୍ୟବସାୟରେ ଦାୟିତ୍ୱ ଏବଂ ସ୍ଥିରତାର ନୀତିଗୁଡ଼ିକୁ ଏକୀକୃତ କରେ।

# ଆଜି ଲକ୍ଷପତି ଦିଦି ସମ୍ମିଳନୀ-୨୦୨୫

**ଭୁବନେଶ୍ୱର,୨୮।୫/ଏନ୍ଏନ୍ଏସ୍:** ଦେଶର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କର ସଫଳତାକୁ ସମର୍ଥନ ଦେବା ସହ ଗ୍ରାମୀଣ ମହିଳା ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ମିଶନ ଶକ୍ତି ବିଭାଗ ପକ୍ଷରୁ 'ଲକ୍ଷପତି ଦିଦି ସମ୍ମିଳନୀ ୨୦୨୫' ଆୟୋଜିତ ହେବ। ଗୁରୁବାର ଲୋକସେବା ଭବନର ସମ୍ମିଳନୀ କକ୍ଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱୟଂ ସହାୟକ ଗୋଷ୍ଠୀ ଆଧାରିତ ଆର୍ଥିକ କାର୍ଯ୍ୟକଳାପ ଜରିଆରେ ବାର୍ଷିକ ଏକ ଲକ୍ଷ ଟଙ୍କା ବା ତଦୁର୍ଦ୍ଧ୍ୱ ଆୟ କରିଥିବା ଲକ୍ଷପତି ଦିଦିମାନଙ୍କୁ ପ୍ରୋତ୍ସାହନ ଦେବା ସହ ସମ୍ମାନିତ କରିବେ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ନେତୃତ୍ୱରେ ୩ କୋଟି ଲକ୍ଷପତି ଦିଦିଙ୍କୁ ସଶକ୍ତ କରିବା ଏବଂ ମହିଳା ନେତୃତ୍ୱାଧୀନ ବିକାଶକୁ ପ୍ରୋତ୍ସହନ ଦେବାରେ ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଏହି ସମ୍ମିଳନୀ ସଶକ୍ତ କରିବ। ଅନ୍ୟ ମହିଳାଙ୍କୁ ପ୍ରେରଣା ଦେବା ପାଇଁ ଏହି କାର୍ଯ୍ୟକ୍ରମରେ ସାରା ଭାରତରୁ ଲକ୍ଷପତି ଦିଦିମାନେ ଗୋଟିଏ ଛାତ ତଳେ ଏକାଠି ହୋଇ ସେମାନଙ୍କର ସଫଳତା ଏବଂ ନିରନ୍ତର ଯାତ୍ରାର କାହାଣୀ ବର୍ଣ୍ଣନା କରିବେ। ଜାତୀୟ ସଂହତି ଏବଂ ଜ୍ଞାନ ଆଦାନପ୍ରଦାନର ଏହି ଗୁରୁତ୍ୱପୂର୍ଣ୍ଣ ଅବସରରେ ୨୫ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ଲକ୍ଷପତି ଦିଦିଙ୍କ ସମେତ ସରକାରୀ ଅଧିକାରୀ, ଜାତିସଂଘ ପ୍ରତିଷ୍ଠାନ, ଜାତୀୟ ଗ୍ରାମୀଣ ଜୀବିକା ମିଶନ ଏବଂ ବିଭିନ୍ନ ରାଜ୍ୟ ଜୀବିକା ମିଶନର ଅଧିକାରୀମାନେ ମଧ୍ୟ ଅଂଶଗ୍ରହଣ କରିବେ।

# ବିଜେଡିକୁ ଝଟ୍କା, ଦଳ ଛାଡ଼ିଲେ ପ୍ରୟାସକାନ୍ତି

**ଭଦ୍ରକ,୨୮।୫/ଏନ୍ଏନ୍ଏସ୍:** ଭଦ୍ରକରେ ବିଜେଡିକୁ ଏକ ବଡ଼ ରାଜନୈତିକ ଝଟକା ଲାଗିଛି। ବରିଷ୍ଠ ରାଜନେତା ପ୍ରଫୁଲ୍ଲ ସାମଲଙ୍କ ପୁଅ ପ୍ରୟାସକାନ୍ତି ସାମଲ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କର ଇସ୍ତଫାପତ୍ର ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ପାଖକୁ ପଠାଇଛନ୍ତି। ବ୍ୟକ୍ତିଗତ କାରଣରୁ ସେ ଦଳରୁ ଇସ୍ତଫା ଦେଇଥିବା କହିଛନ୍ତି। ଏହାଛଡ଼ା ସେ କହିଛନ୍ତି ଯେ ଏବେ ସେ ସାଧାରଣ ଲୋକମାନଙ୍କ ପାଇଁ କାମ କରିବେ। କାହାର ଚାପରେ ସେ ଦଳରୁ ଇସ୍ତଫା ଦେଇନାହାନ୍ତି। ଏବେ କୌଣସି ଦଳକୁ ଯିବେ ନାହିଁ। ତେବେ ଭବିଷ୍ୟତରେ କ'ଣ ହେବ ଜାଣିନାହିଁ ବୋଲି ସେ କହିଛନ୍ତି। ଦଳରୁ ଅବସର ନେବା ପରେ ଲୋକଙ୍କ ପାଇଁ କାମ କରିବା ଜାରି ରଖିବେ ବୋଲି ପ୍ରୟାସକାନ୍ତି କହିଛନ୍ତି।



ଅନ୍ୟପକ୍ଷରେ ବରପଦା କଲେଜକୁ ନେଇ ସେ କହିଛନ୍ତି ଯେ ସରକାର ଏହି କଲେଜ ହାତକୁ ନେଇ ଚଳାନ୍ତୁ। ପ୍ରକାଶ ଯେ ପ୍ରୟାସକାନ୍ତି ୨୦୦୨ ମସିହାରେ ବିଜେଡିରେ ସାମିଲ ହୋଇଥିଲେ। ୨୦୦୩ରୁ ୨୦୦୮ ମସିହା ପର୍ଯ୍ୟନ୍ତ ଭଦ୍ରକ ପୌରପାଳିକାର ପୌରାଧ୍ୟକ୍ଷ ରହିଥିଲେ। ରାଜ୍ୟ ଯୁବ ସମ୍ପାଦକ ପଦବୀରେ ମଧ୍ୟ ରହିଥିଲେ। ଏବେ ବି ତାଙ୍କ ବାପା ଓ ସାନ ଭାଇ ବିଜେଡିରେ ରହିଛନ୍ତି।

# ଅନାସ୍ଥାରେ ହାରିଲେ ମହାକାଳପଡ଼ା ବ୍ଲକ୍ ଅଧ୍ୟକ୍ଷା

**କେନ୍ଦ୍ରାପଡ଼ା,୨୮।୫/ଏନ୍ଏନ୍ଏସ୍:** ଅନାସ୍ଥାରେ ହାରିଲେ ମହାକାଳପଡ଼ା ବ୍ଲକ୍ ଅଧ୍ୟକ୍ଷା କଳ୍ପନା ରାଉତ। ତାଙ୍କୁ ନିଜ ପଦ ହରାଇବାକୁ ପଡ଼ିଛି। ବୁଧବାର ମହାକାଳପଡ଼ା ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଅଧିବେଶନରେ ଅନାସ୍ଥା ପ୍ରସ୍ତାବ ଉପରେ ମତଗ୍ରହଣ କରାଯାଇଥିଲା। ବ୍ଲକ୍ ଅଧ୍ୟକ୍ଷାଙ୍କ ବିରୋଧରେ ୪୯ଟି ଭୋଟ୍ ପଡ଼ିଥିବା ମହାକାଳପଡ଼ା ତହସିଲଦାର ଶିବପ୍ରସାଦ ମଲ୍ଲିକ ସୂଚନା ଦେଇଥିଲେ। ପଞ୍ଚାୟତ ସମିତିର ମୋଟ୍ ୬୨ ଜଣ ସମିତିସଭ୍ୟ ଓ ସରପଞ୍ଚଙ୍କ ମଧ୍ୟରୁ ଆଜି ମତଦାନ ପ୍ରକ୍ରିୟାରେ ୪୯ ଜଣ ଅଂଶଗ୍ରହଣ କରିଥିଲେ। ନିର୍ବାଚନ ପ୍ରକ୍ରିୟାରେ ୫ ଜଣ ସରପଞ୍ଚ ଓ ୮ ଜଣ ସମିତିସଭ୍ୟ ଅନୁପସ୍ଥିତ ରହିଥିଲେ। ଗତ ମାର୍ଚ୍ଚ ମାସରେ ୪୨ ଜଣ ସଭ୍ୟ ଆଣିଥିବା ଅନାସ୍ଥା ଉପରେ ବିବାଦ ଦେଖାଦେବା ସହିତ ମାମଲା ହାଇକୋର୍ଟକୁ ଯାଇଥିଲା। ପରେ ଦୁଇଦୁଇ ଥର ଭୋଟ ତାରିଖ ଧାର୍ଯ୍ୟ ହୋଇ ପରେ ବାତିଲ ହୋଇଥିଲା। ମହାକାଳପଡ଼ା ଏକ ସ୍ୱତନ୍ତ୍ର ନିର୍ବାଚନମଣ୍ଡଳୀ ହେବା ପରେ ମହାକାଳପଡ଼ା ବ୍ଲକ ଅଧ୍ୟକ୍ଷା ଙ୍କ ବିରୁଦ୍ଧରେ ଏହା ପ୍ରଥମ ଅନାସ୍ଥା। ଆଜିର ଏହି ଅନାସ୍ଥା ଭୋଟ ବେଳେ ଉପଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ସହିତ ଜିଲ୍ଲା ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ ପ୍ରମୁଖଙ୍କ ସହିତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।



## ଅଧିକାରୀମାନଙ୍କୁ ରାଜ୍ୟପାଳଙ୍କ ଆହ୍ୱାନ

# ଗରୀବଙ୍କୁ ସହାୟତା ପାଇଁ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଜାଣନ୍ତୁ

**ଭୁବନେଶ୍ୱର,୨୮।୫/ଏନ୍ଏନ୍ଏସ୍:** ସମାଜର ଗରିବ ଓ ଦୁର୍ବଳ ବର୍ଗର ଲୋକମାନଙ୍କୁ ସହାୟତା କରିବା ପାଇଁ ଅଧିକାରୀମାନେ ସମସ୍ତ ଉନ୍ନୟନ ଓ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଭଲଭାବରେ ଜାଣନ୍ତୁ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ଆହ୍ୱାନ ଜଣାଇଛନ୍ତି। ବୁଧବାର ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ଗୋପବନ୍ଧୁ ଏକାଡେମୀ ଅଫ୍ ଆଡ୍‌ମିନିଷ୍ଟ୍ରେସନରେ ତାଲିମ ନେଉଥିବା ଅତିରିକ୍ତ ଜିଲ୍ଲା କଲ୍ୟାଣ ଅଧିକାରୀ ଓ ସହକାରୀ ଶ୍ରମ ଅଧିକାରୀମାନଙ୍କୁ ଉଦ୍‌ବୋଧନ ଦେଇ ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି। ରାଜ୍ୟପାଳ କହିଥିଲେ ଯେ ଅଧିକାରୀମାନେ କେବଳ ସେମାନଙ୍କ ବିଭାଗ ସହ ଜଡ଼ିତ ଯୋଜନା ମଧ୍ୟରେ ନିଜକୁ ସୀମିତ ରଖିବା ଉଚିତ୍ ନୁହେଁ। ସମସ୍ତ ଯୋଜନା ସମ୍ପର୍କରେ ବିଶଦଭାବେ ଜାଣିଥିଲେ ଜନ ସାଧାରଣଙ୍କୁ ଅବଗତ କରାଯାଇପାରିବ ଏବଂ ସେମାନେ ଏହା ଦ୍ୱାରା ବିଶେଷଭାବେ ଉପକୃତ ହୋଇପାରିବେ।

ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା, ପ୍ରଧାନମନ୍ତ୍ରୀ ଜନଧନ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସୁଭଦ୍ରା ଯୋଜନା ଭଳି ଗୁରୁତ୍ୱପୂର୍ଣ୍ଣ ସରାକରୀ ଯୋଜନା ରହିଛି, ଯାହା ଶ୍ରମିକ, ମହିଳା, ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଆଦି ସମସ୍ତ ବର୍ଗ ପାଇଁ ଉଦ୍ଦିଷ୍ଟ। ଏ ସବୁ ଯୋଜନା କିପରି ହିତାଧିକାରୀଙ୍କ ପାଖରେ ପହଞ୍ଚିବ ଏବଂ ସେମାନେ କିପରି ଏହାର ସୁଫଳ ପାଇପାରିବେ ତାହାର ଉପଯୁକ୍ତ ତଦାରଖ କରିବାକୁ ରାଜ୍ୟପାଳ ଅଧିକାରୀମାନଙ୍କୁ କହିଥିଲେ। ଗୋପବନ୍ଧୁ ଏକାଡେମୀ ଅଫ୍ ଆଡମିନିଷ୍ଟ୍ରେସନ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ସମସ୍ତ ଉନ୍ନୟନ ଓ କଲ୍ୟାଣମୂଳକ ଯୋଜନାଗୁଡ଼ିକୁ ସଂକଳନ ପୂର୍ବକ ବୁକ୍‌ଲେଟ୍ ପ୍ରସ୍ତୁତ କରି ଶିକ୍ଷାନବୀଶମାନଙ୍କୁ ବିତରଣ କରିବାକୁ ରାଜ୍ୟପାଳ କହିଥିଲେ।

ଅତିରିକ୍ତ ଜିଲ୍ଲା କଲ୍ୟାଣ ଅଧିକାରୀମାନଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳ କହିଥିଲେ ଯେ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି, ପଛୁଆବର୍ଗ ଏବଂ ସଂଖ୍ୟାଲଘୁଙ୍କ କଲ୍ୟାଣ ପାଇଁ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଛାତ୍ରବୃତ୍ତି,



ଆଇନଗତ ସହାୟତା ପ୍ରଦାନ, କ୍ଷତିପୂରଣ, ଆନ୍ତଃଜାତି ବିବାହ ସହାୟତା ପ୍ରଦାନ, ଅସୁରକ୍ଷିତ ଜନଜାତି ଗୋଷ୍ଠୀ ପାଇଁ ବୀମା ବ୍ୟବସ୍ଥା ଭଳି ସୁବିଧା ପାଇବା ନିଶ୍ଚିତ କରାଇବା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ। ସହକାରୀ ଶ୍ରମ ଅଧିକାରୀଙ୍କୁ ସମ୍ବୋଧିତ କରି ରାଜ୍ୟପାଳ ସେମାନଙ୍କୁ ଶ୍ରମିକଙ୍କ ଅଧିକାରର ରକ୍ଷକଭାବେ ଅଭିହିତ କରିଥିଲେ। ଶ୍ରମ ଆଇନ୍‌ର ପାଳନ, ଶ୍ରମିକମାନଙ୍କୁ ନ୍ୟାୟୋଚିତ ମଜୁରୀ ପ୍ରଦାନ କାର୍ଯ୍ୟକ୍ଷେତ୍ରରେ ସୁରକ୍ଷାକୁ ନିଶ୍ଚିତ କରାଇବା, ଅସଂଗଠିତ କ୍ଷେତ୍ରରେ ଶ୍ରମିକଙ୍କ ସ୍ୱାର୍ଥରକ୍ଷା ତଥା ଶ୍ରମିକଙ୍କ ସ୍ୱାର୍ଥ ରକ୍ଷା ସଂପର୍କିତ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ସେମାନେ କ୍ରିୟାଶୀଳ ଭୂମିକା ନିଭାଇବାକୁ କହିଥିଲେ। ଏହି କାର୍ଯ୍ୟକ୍ରମରେ ୬୩ ଜଣ ସହକାରୀ ଶ୍ରମ ଅଧିକାରୀ ଏବଂ ୨୭ ଜଣ ଅତିରିକ୍ତ ଜିଲ୍ଲା କଲ୍ୟାଣ ଅଧିକାରୀ ଯୋଗଦେଇଥିଲେ। ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଗୋପବନ୍ଧୁ ଏକାଡ଼େମୀ ଅଫ୍ ଆଡମିନିଷ୍ଟ୍ରେସନର ଅତିରିକ୍ତ ନିର୍ଦ୍ଦେଶକ ଶିବ ନାରାୟଣ ସାହୁ ପ୍ରାରମ୍ଭିକ ଭାଷଣ ପ୍ରଦାନ କରିଥିଲେ।

## ମହିଳା ଓ ଶିଶୁ ବିକାଶ ବିଭାଗ କାର୍ଯ୍ୟକ୍ରମ ସମୀକ୍ଷା

# ସ୍ମାର୍ଟ ତାଲିମ୍ ମାଧ୍ୟମରେ ସ୍ମାର୍ଟ ହେବେ ଅଙ୍ଗନବାଡ଼ି କର୍ମୀ

**ଭୁବନେଶ୍ୱର,୨୮।୫/ଏନ୍ଏନ୍ଏସ୍:** ଆଜି ଲୋକସେବା ଭବନସ୍ଥିତ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କର କାର୍ଯ୍ୟାଳୟରେ ମହିଳା ଓ ଶିଶୁ ବିକାଶ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି।ବୈଠକରେ ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧୀନରେ ଅଙ୍ଗନବାଡ଼ି କର୍ମୀ ଓ ସହାୟିକା ମାନଙ୍କୁ ସ୍ମାର୍ଟ ତାଲିମ ପ୍ରଦାନ କରିବା ଉପରେ ଆଲୋଚନା କରାଯାଇଥିଲା। ଡିଜିଟାଲ ଟେକ୍ନୋଲୋଜି ମାଧ୍ୟମରେ କାର୍ଯ୍ୟ କରିବା ନିମନ୍ତେ ତାଲିମ ଦେଇ ସ୍ମାର୍ଟ ଅଙ୍ଗନବାଡ଼ି କର୍ମୀ ସୃଷ୍ଟି କରାଯିବା ଉପରେ ପ୍ରାଧାନ୍ୟ ଦିଆଯାଇଛି। ସମାଜ କଲ୍ୟାଣ ବୋର୍ଡରେ ଏନଜିଓମାନଙ୍କୁ ତାଲିକାଭୁକ୍ତ କରିବା ପାଇଁ ଆପ୍ଲିକେସନ ଢାଞ୍ଚା ପ୍ରସ୍ତୁତି ଉପରେ ମଧ୍ୟ ଆଲୋଚନା କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ ଶ୍ରୀମତୀ ପରିଡ଼ା ରାଜ୍ୟ ମହିଳା ଆୟୋଗର ନୂତନ ୱେବ୍‌ସାଇଟର ଢାଞ୍ଚା ପ୍ରସ୍ତୁତିର ସମୀକ୍ଷା କରିବା ସହ ମହିଳା ଆୟୋଗର ନ୍ୟୁଜ୍ ଲେଟରର ଉନ୍ମୋଚନ କରିଛନ୍ତି। ଯେପରି ଗ୍ରାମାଞ୍ଚଳର ଲୋକମାନେ ୱେବସାଇଟକୁ ସହଜରେ ବ୍ୟବହାର କରିପାରିବେ ସେହିପରି ଭାବେ ୱେବସାଇଟକୁ ସରଳ କରିବା ପାଇଁ ଉପମୁଖ୍ୟମନ୍ତ୍ରୀଗୁରୁତ୍ୱ ଦେଇଛନ୍ତି। ଏହାସହ ସୁଭଦ୍ରା ସମବେଦନା ଯୋଜନାର ରୂପରେଖ ପ୍ରସ୍ତୁତି ସମ୍ପର୍କରେ ମଧ୍ୟ ଶ୍ରୀମତୀ ପରିଡ଼ା ସମୀକ୍ଷା କରିଛନ୍ତି। ଏହି ଯୋଜନା ମାଧ୍ୟମରେ ଆତ୍ମରକ୍ଷା କୌଶଳ, ମାନସିକ ସ୍ୱାସ୍ଥ୍ୟ, ସ୍ୱଚ୍ଛତା ଓ ବ୍ୟାପକ ଜନସଚେତନତା ଉପରେ ଶ୍ରୀମତୀ ପରିଡ଼ା ଗୁରୁତ୍ୱାରୋପ କରିଥିଲେ। ବିଶେଷକରି ନିର୍ଭୟା ପାଣ୍ଠିକୁ ବ୍ୟବହାର କରି ମହିଳା ହିଂସା ରୋକିବା ଉପରେ ସେ ଆଲୋକପାତ କରିଥିଲେ। ଏହି ବୈଠକରେ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ଓ ବିଭାଗୀୟ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ।



ମହିଳା ଆୟୋଗର ନ୍ୟୁଜ୍ ଲେଟର ଉନ୍ମୋଚିତ

# ୫୮.୫୦ ଲକ୍ଷ ହେକ୍ଟର୍ ଜମିରେ ହେବ ଖରିଫ୍ ଫସଲ

**ଭୁବନେଶ୍ୱର,୨୮।୫/ଏନ୍ଏନ୍ଏସ୍:** କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଖରିଫ୍ ୨୦୨୫ ପାଇଁ ରଣନୀତି ପ୍ରସ୍ତୁତ କରାଯାଇଛି। ଖରିଫ-୨୦୨୫ରେ ବିଭିନ୍ନ ଫସଲ ଅଧୀନରେ ପ୍ରାୟ ୫୮.୫୦ ଲକ୍ଷ ହେକ୍ଟର ଜମି ଅନ୍ତର୍ଭୁକ୍ତ ହେବ। ତନ୍ମଧ୍ୟରେ ୩୫.୯୫ ଲକ୍ଷ ହେକ୍ଟର ଧାନ, ୬.୧୦ ଲକ୍ଷ ହେକ୍ଟର ଡାଲିଜାତୀୟ ଫସଲ, ୨.୨୫ ଲକ୍ଷ ହେକ୍ଟର ତୈଳବୀଜ, ୨.୬୦ ଲକ୍ଷ ମାଣ୍ଡିଆ ଜାତୀୟ ଶସ୍ୟ, ୨.୭୦ ଲକ୍ଷ ହେକ୍ଟର ମକା, ୨.୫୪ ଲକ୍ଷ ହେକ୍ଟର କପା ଓ ଅନ୍ୟାନ୍ୟ ତନ୍ତୁ ଜାତୀୟ ଫସଲ, ୧.୧୫ ଲକ୍ଷ ହେକ୍ଟର ମସଲା, ୫ ଲକ୍ଷ ହେକ୍ଟର ପନିପରିବା ଏବଂ ଅନ୍ୟାନ୍ୟ ଫସଲ ସାମିଲ ରହିଛି।

ଖରିଫ-୨୦୨୫ ରେ ପ୍ରମୁଖ-ମଧ୍ୟମ, କ୍ଷୁଦ୍ର, କ୍ଷୁଦ୍ର ଉଠା, ବୃହତ ଉଠ ଜଳସେଚନ ଇତ୍ୟାଦି ସହିତ ୩୭.୬୬ ଲକ୍ଷ ହେକ୍ଟରକୁ ସାମିଲ୍ କରି ଜଳସେଚନ ପ୍ରକ୍ରିୟାକୁ ସୁନିଶ୍ଚିତ କରାଯାଉଛି। ସେହିପରି ଓଡ଼ିଶା ରାଜ୍ୟ ବିହନ ନିଗମ ଜରିଆରେ ଓ ଘରୋଇ ମାଧ୍ୟମରେ ପ୍ରାୟ ୪ ଲକ୍ଷ କ୍ୱିଣ୍ଟାଲ ଉଚ୍ଚଗୁଣବତ୍ତା ସମ୍ପନ୍ନ ପ୍ରମାଣିତ ବିହନ ଯୋଗାଣ ବ୍ୟବସ୍ଥା କରାଯାଉଛି। ଏଥିପାଇଁ ରାଜ୍ୟ ସରକାର ୧୦୦ କୋଟି ଟଙ୍କାର କର୍ପସ ପାଣ୍ଠିର ବ୍ୟବସ୍ଥା ମଧ୍ୟ କରିଛନ୍ତି। ଆବଶ୍ୟକ ଅନୁସାରେ ପ୍ରାୟ ୯.୫୫ ଲକ୍ଷ ମେଟ୍ରିକ୍ ଟନ୍ ସାର ଯଥା ୟୁରିଆ, ଡିଏପି, ଏମଓପି, ଏନପିଏକେଏସ ଯୋଗାଇ ଦିଆଯିବ। ବିସ୍ତୃତ ଖାଦ୍ୟଶସ୍ୟ ଓ ଅବହେଳିତ ଫସଲର ପୁନରୁଦ୍ଧାର, ଦସ୍ତାବିଜକରଣ, ସଂରକ୍ଷଣ, ଧାନ ପରବର୍ତ୍ତୀ ପଡ଼ିଆ ଜମି ପରିଚାଳନା, କୃଷି ଯାନ୍ତ୍ରିକୀକରଣ, ଖରିଫ ଫସଲ ପାଇଁ କ୍ଷେତ୍ର ପ୍ରଦର୍ଶନ, ଫସଲ ସୁରକ୍ଷା ଏବଂ କୀଟନାଶକ ଇତ୍ୟାଦିର ଆୟୋଜନ କରାଯାଉଛି। ଓଡ଼ିଶା ବଳଭଦ୍ର ଜୈବିକ ଚାଷ ଅଧୀନରେ ଶ୍ରୀ ଜଗନ୍ନାଥ ମନ୍ଦିରକୁ 'କୋଠ ଭୋଗ' ଓ 'ମହାପ୍ରସାଦ' ପାଇଁ ଆଗାମୀ ୫ ବର୍ଷ ମଧ୍ୟରେ ଅମୃତ ଅନ୍ନ ପ୍ରକଳ୍ପରେ ୩୪୫୦ ହେକ୍ଟରରେ ଜୈବିକ ଉତ୍ପାଦନ ଯୋଜନା କରାଯାଇଛି। ଫସଲ ଉତ୍ପାଦନ ପରେ ଏହାକୁ ସଂରକ୍ଷିତ ରଖିବା ପାଇଁ ୫୮ଟି ଶୀତଳ ଭଣ୍ଡାର ସ୍ଥାପନ ଓ ଏହାର ଆର୍ଥିକ ସହାୟତା ବ୍ୟବସ୍ଥା ରାଜ୍ୟ ସରକାର କରିଛନ୍ତି ଏବଂ ଏହା ଉପରେ ଉଦ୍ୟୋଗୀମାନଙ୍କୁ ସବସିଡ଼ି ମଧ୍ୟ ପ୍ରଦାନ କରାଯାଉଛି। ଏଥିସହିତ ଅଚଳ ଶୀତଳଭଣ୍ଡାରଗୁଡିକର ପୁନରୁଦ୍ଧାର କରାଯାଉଛି। ଆର୍ଥିକ ବର୍ଷ ୨୦୨୪-୨୫ ରେ ପାଖାପାଖି ୧୧୫୨ଟି କୃଷି ଉଦ୍ୟୋଗକୁ ୧୬୦ କୋଟି ଟଙ୍କାର ସବସିଡ଼ି ପ୍ରଦାନ କରାଯାଇଛି, ଯାହା ବର୍ତ୍ତମାନସୁଦ୍ଧା ସର୍ବାଧିକ ଏବଂ ଗତବର୍ଷ ତୁଳନାରେ ପ୍ରାୟ ଦେଢ ଗୁଣ ଅଧିକ।ଏହାବ୍ୟତୀତ, ସରକାର ଆଳୁ ଚାଷ, ତାଳ ତେଲ ଚାଷ, ପଣସ ମିଶନ୍, ମସଲା ମିଶନ୍, ପରିବା ଚାଷକୁ ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି। କୃଷକ ବନ୍ଧୁମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟର ପରିଚାଳନା, ସମୃଦ୍ଧ କୃଷକ ଯୋଜନାରେ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ଇନପୁଟ୍ ସହାୟତା ରାଶି, ଏଗ୍ରୀ ଷ୍ଟାକ, କୃଷକ ରେଜିଷ୍ଟ୍ରି ଭଳି ଡିଜିଟାଲ ସେବା, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ଲାଭ ଉଠାଇବାକୁ ବିଭାଗ ତରଫରୁ ପରାମର୍ଶ ଦିଆଯାଇଛି।

# ଟ୍ରକ୍ ଧକ୍କାରେ ଦୁଇ ଫାଳ ହେଲା ଟ୍ରାକ୍ଟର୍, ୨ ମୃତ

**ବୈଶିଙ୍ଗା,୨୮।୫/ଏନ୍ଏନ୍ଏସ୍:** ୧୮ ନଂ ଜାତୀୟ ରାଜପଥର ବୈଶିଙ୍ଗା ଥାନା ଅଧୀନ ଆଗ୍ରିଆ ସ୍ଥିତ ବଡ଼ପୋଲ ଠାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଉଛନ୍ତି ଉତ୍ତରପ୍ରଦେଶ ମିରଟ ଅଞ୍ଚଳର ବିଜେନ୍ଦ୍ର ଭାରତୀଙ୍କ ପୁଅ ଅତୁଲ ଭାରତୀ ଏବଂ ହରିୟାଣାର କର୍ଣ୍ଣାଲ ଜିଲ୍ଲା ଅଧୀନ ପଡ଼ାଗାଁର ଜଗଦେବ ଦୋଡ଼ଙ୍କ ପୁଅ ସୁନ୍ଦର ଦୋଡ଼।



ସୂଚନା ମୁତାବକ ହରିୟାଣାର କର୍ଣ୍ଣାଲ ଜିଲ୍ଲା ଅଧୀନ ରାମଜୋର କଟାବାଗ ସେକ୍ଟର ୩୨ ଥାନା ଅଞ୍ଚଳର ଚନ୍ଦ୍ରହାସଙ୍କ ପୁଅ ପ୍ରଦୀପ ରଞ୍ଜନ, ହେରିଟେଜ ଅଞ୍ଚଳର ବଲୱାନ କଲ୍ୟାଣଙ୍କ ପୁଅ ବିକାଶ କଲ୍ୟାଣ, ଇନ୍ଦିରା କଲୋନୀ ଜୁନ୍ଦାଲା ଗେଟ ସଦରଥାନା ଅଞ୍ଚଳର ସୁରେନ୍ଦ୍ର ଭଟନାଗରଙ୍କ ପୁଅ କରନ ଭଟନାଗରଙ୍କ ସମେତ ସୁନ୍ଦର ଦୋଡ଼ ଏବଂ ଅତୁଲ ଭାରତୀ ବାରିପଦାରୁ ଟ୍ରାକ୍ଟର ନେଇ ବାଲେଶ୍ୱର ଫେରୁଥିଲେ। ଆଜି ଭୋର ସମୟରେ ଆଗ୍ରିଆ ନିକଟସ୍ଥ ବଡପୋଲ ଠାରେ ଏକ ଟ୍ରକ୍ ଦ୍ରୁତ ଗତିରେ ଆସି ଉକ୍ତ ଟ୍ରାକ୍ଟରକୁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ଟ୍ରାକ୍ଟରଟି ଖଣ୍ଡ ବିଖଣ୍ଡିତ ହୋଇଯାଇଥିବା ବେଳେ ଘଟଣାସ୍ଥଳରେ ହିଁ ୨ଜଣଙ୍କର ମୃତ୍ୟୁ ହୋଇଥିଲା। ଏଥିରେ ଆଉ ୩ ଜଣ ଗୁରୁତର ହୋଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତରଙ୍କୁ ସଙ୍ଗେ ସଙ୍ଗେ ବେତନଟୀ ଗୋଷ୍ଠୀ ଡାକ୍ତରଖାନାକୁ ନେଇଯାଇଥିଲେ। ଦୁର୍ଘଟଣା ଘଟାଇ ସାରିବା ପରେ ଟ୍ରକଟି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା। ପୁଲିସ ଖଣ୍ଡ ବିଖଣ୍ଡିତ ଟ୍ରାକ୍ଟରକୁ ଜବତ କରିବା ସହିତ ଦୁର୍ଘଟଣା ଘଟାଇ ଚମ୍ପଟ ମାରିଥିବା ଟ୍ରକ୍‌କୁ ଧରିବାକୁ ତଦନ୍ତ ଜାରି ରଖିଛି।

## ସ୍ଥିର ଏବଂ ନାଗରିକ-କୈନ୍ଦ୍ରିକ ସହର ନିର୍ମାଣ

# ଓଡ଼ିଶା ଆରମ୍ଭ କଲା 'ଅଙ୍କୁର'

**ଭୁବନେଶ୍ୱର,୨୮।୫/ଏନ୍ଏନ୍ଏସ୍:** ଓଡ଼ିଶାରେ ସହର ବିକାଶର ଭବିଷ୍ୟତକୁ ପୁନଃପରିଭାଷିତ କରିବା ଦିଗରେ ଏକ ଐତିହାସିକ ପଦକ୍ଷେପ ସ୍ୱରୂପ, ଗୃହ ଏବଂ ନଗର ଉନ୍ନୟନ ବିଭାଗ ଆଜି ଅଙ୍କୁର - ଅଟଳ ନେଟୱାର୍କ ଫର ନଲେଜ୍, ସହରୀକରଣ ଏବଂ ସଂସ୍କାର ଆରମ୍ଭ କରିଛି। ଏହା ରାଜ୍ୟ ସାରା ଅନ୍ତର୍ଭୁକ୍ତ, ସ୍ଥାୟୀ ଏବଂ ଅଭିନବ ସହର ବିକାଶକୁ ଗଢି ତୋଳିବା ପାଇଁ ଏକ ରଣନୈତିକ ପଦକ୍ଷେପ। ଏହି ଅବସରରେ ଗୃହ ଓ ନଗର ଉନ୍ନୟନ ବିଭାଗ ବିଭାଗ ଏବଂ ସହର ବିକାଶ ଇକୋସିଷ୍ଟମରେ କାର୍ଯ୍ୟ କରୁଥିବା ୬ଟି ପ୍ରମୁଖ ଅନୁଷ୍ଠାନ ଏବଂ ସଂଗଠନ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଗୃହ ଏବଂ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କହିଥିଲେ ଯେ 'ଅଙ୍କୁର' ଏକ ସାମୂହିକ ପ୍ରତିଶ୍ରୁତିକୁ ପ୍ରତିନିଧିତ୍ୱ କରେ - ଦକ୍ଷ, ସ୍ମାର୍ଟ ଏବଂ ସର୍ବୋପରି ନାଗରିକ-କୈନ୍ଦ୍ରିକ ସହର ନିର୍ମାଣ କରିବା। ଏହା ବିକଶିତ ଓଡ଼ିଶା ଆଡ଼କୁ ଏକ ଆନ୍ଦୋଳନ, ଯାହା ସମ୍ପ୍ରଦାୟ, ଅନୁଷ୍ଠାନ ଏବଂ ସରକାରଙ୍କ ଦ୍ୱାରା ସହଭାଗୀ। ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଉଷା ପାଢୀ କହିଥିଲେ ଯେ





'ଅଙ୍କୁର'ର ଉତ୍ପତ୍ତି ଗୋଟିଏ ମୁହୂର୍ତ୍ତ ନୁହେଁ, ବରଂ ପ୍ରତିଫଳନ, ଆଲୋଚନା ଏବଂ ସହଯୋଗର ଏକ ଶୃଙ୍ଖଳା ଥିଲା। ଏହା ଆମ ବିଭାଗ ମଧ୍ୟରେ ଏକ ବର୍ଦ୍ଧିତ ଅନୁଭବରୁ ଜନ୍ମ ନେଇଛି - ଯେ ଓଡ଼ିଶାରେ ସହରୀକରଣର ଗତି ଏବଂ ଜଟିଳତା ପାଇଁ ନୂତନ ଚିନ୍ତାଧାରା, ନୂତନ ସହଭାଗୀତା ଏବଂ ନୂତନ ପ୍ଲାଟଫର୍ମ ଆବଶ୍ୟକ। ଗତ ବର୍ଷ ଧରି, ଦେଶ ଏବଂ ବାହାରର ବିଶେଷଜ୍ଞ, ଅଭ୍ୟାସକାରୀ ଏବଂ ସଂସ୍ଥା ସହିତ ଆଭ୍ୟନ୍ତରୀଣ ପରାମର୍ଶ ଏବଂ ସମ୍ପର୍କ ମାଧ୍ୟମରେ, ଏକ ଦୃଷ୍ଟିକୋଣ ରୂପ ନେବା ଆରମ୍ଭ କରିଛି। ଅଙ୍କୁର ସେହି ପ୍ରଶ୍ନଗୁଡ଼ିକର ଉତ୍ତର ଭାବରେ ଉଭା ହୋଇଛି - ସମାଧାନ ସହ-ସୃଷ୍ଟି କରିବା, ନବସୃଜନକୁ ପ୍ରତିଷ୍ଠା କରିବା ଏବଂ ଆଗାମୀ ଦଶନ୍ଧିର ସହରାଞ୍ଚଳ ବିକାଶରେ ଆମକୁ ନେଇପାରିବା ସହଭାଗୀତାକୁ ବଜାୟ ରଖିବା ପାଇଁ ଏକ ପ୍ଲାଟଫର୍ମ। ଯେହେତୁ ୨୦୩୬ ସୁଦ୍ଧା ଓଡ଼ିଶାର ସହରାଞ୍ଚଳ ଜନସଂଖ୍ୟା ତିନିଗୁଣ ବୃଦ୍ଧି ପାଇବାର ଆକଳନ କରାଯାଇଛି, 'ଅଙ୍କୁର' କୁ ସ୍ଥିର, ବାସଯୋଗ୍ୟ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ସହରଗୁଡ଼ିକୁ ସହ-ସୃଷ୍ଟି କରିବା ପାଇଁ ଏକ ପରିବର୍ତ୍ତନକାରୀ ପ୍ଲାଟଫର୍ମ ଭାବରେ କଳ୍ପନା କରାଯାଇଛି। ସହଯୋଗୀ ଶାସନର ମୂଲ୍ୟବୋଧରେ ଆବଦ୍ଧ, ଅଙ୍କୁର ବିକଶିତ ଭାରତର ଜାତୀୟ ଆକାଂକ୍ଷା ସହିତ ସମନ୍ୱିତ। ଓଡ଼ିଶାର ଅନନ୍ୟ ସାମାଜିକ-ଆର୍ଥିକ ଏବଂ ସହରାଞ୍ଚଳ ପରିପ୍ରେକ୍ଷୀରେ ପ୍ରତିକ୍ରିୟା ଦେଇ.,ଏହା ସହରାଞ୍ଚଳ ବିକାଶର ଚାରୋଟି ରଣନୈତିକ ସ୍ତମ୍ଭକୁ ମଜବୁତ କରିବ - କ୍ଷମତା ନିର୍ମାଣ, ଜ୍ଞାନ ଏବଂ ଗବେଷଣା, କାର୍ଯ୍ୟାନ୍ୱୟନ ସମର୍ଥନ ଏବଂ ନବସୃଜନ। ଅଙ୍କୁର ରାଜ୍ୟରେ ସଂସ୍କାର, ନବସୃଜନ ଏବଂ ପ୍ରମାଣ-ଆଧାରିତ ସହରାଞ୍ଚଳ ନିଷ୍ପତ୍ତି ଗ୍ରହଣକୁ ପ୍ରୋତ୍ସାହିତ କରିବା ପାଇଁ ସାଂସ୍ଥାଗତ ମେରୁଦଣ୍ଡ ଭାବରେ କାର୍ଯ୍ୟ କରିବ।ଏହା ସହିତ ସରକାର ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଅର୍ବାନ୍ ଆଫେୟାର୍ସ, ଟାଟା ଷ୍ଟିଲ୍ ଫାଉଣ୍ଡେସନ୍, ୱାର୍ଲ୍ଡ ରିସୋର୍ସସ୍ ଇନଷ୍ଟିଚ୍ୟୁଟ୍ ଏବଂ ଓଡ଼ିଶାର ସହରାଞ୍ଚଳ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଥିବା ଅନ୍ୟାନ୍ୟ ସଂଗଠନଗୁଡ଼ିକର ଦୀର୍ଘକାଳୀନ ସମର୍ଥନକୁ ସ୍ୱୀକାର କରିଛନ୍ତି।ବିଭାଗର ବରିଷ୍ଠ ଅଧିକାରୀ ଏବଂ ପ୍ରମୁଖ ଜାତୀୟ ଏବଂ ଅନ୍ତର୍ଜାତୀୟ ଅଂଶୀଦାରମାନେ ଖାରବେଳଭବନ ୮ମ ମହଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏମଓୟୁ ସ୍ୱାକ୍ଷର ସମାରୋହରେ ଉପସ୍ଥିତ ଥିଲେ।



### ପ୍ରତାପୁର ଗାଁରେ ଗ୍ରାମବାସୀଙ୍କୁ ନିର୍ଯାତନା, ବାସନ୍ଦ ଅଭିଯୋଗ

# ପୀଡ଼ିତଙ୍କୁ ନ୍ୟାୟ ପାଇଁ ଆଇଜିଙ୍କୁ ଭେଟିଲେ ଦଳିତ ମହାସଭାର କର୍ମକର୍ତ୍ତା




**ବ୍ରହ୍ମପୁର,୨୮।୫/ଏନ୍ଏନ୍ଏସ୍:** ଧରାକୋଟ ବ୍ଲକ ବରାଡାବିଲି ପଞ୍ଚାୟତର ପ୍ରତାପୁର ଗାଁରେ କିଛି ଅସାମାଜିକ ଲୋକଙ୍କ ନେତୃତ୍ୱରେ ବେଆଇନ ଭାବେ ଗାଁର ଦୁର୍ବଳ ଓ ଗରିବ ଲୋକଙ୍କୁ ପ୍ରତାଡିତ କରାଯାଇଥିବା ନେଇ ଅଭିଯୋଗ ହୋଇଛି । ଏନେଇ ଆଜି ଗଞ୍ଜାମ ଜିଲ୍ଲା ଦଳିତ ମହାସଭାର ନେତୃତ୍ୱରେ ଗାଁର ପୀଡ଼ିତ ଲୋକମାନେ ଦକ୍ଷିଣାଞ୍ଚଳ ଆଇଜିଙ୍କୁ ଭେଟି ନ୍ୟାୟ ଦେବା ଲାଗି ସ୍ମାରକପତ୍ର ପ୍ରଦାନ କରିଛନ୍ତି ।

ଅଭିଯୋଗ ପ୍ରକାରେ ପ୍ରତାପୁର ଗାଁରେ କିଛି ଧନୀ ଶ୍ରେଣୀର ଅସାମାଜିକ ଲୋକ ବର୍ଷ ବର୍ଷ ଧରି ଗାଁର ସାଧାରଣ ଲୋକଙ୍କ ଉପରେ ଅତ୍ୟାଚାର କରି ଆସୁଛନ୍ତି । ସେମାନଙ୍କ କଥାକୁ କେହି ଅମାନ୍ୟ କଲେ ଅଥବା ଇଚ୍ଛା ବିରୁଦ୍ଧରେ ଗଲେ ସେମାନେ ଗାଁରେ ତୁରନ୍ତ ମିଟିଂ ଡକେଇ ମନଇଚ୍ଛା ଜୋରିମାନା ପକାଇ ତାହା ଦେବାକୁ ବାଧ କରିଥାନ୍ତି । ଯଦି କେହି ଜୋରିମାନା ନଦିଏ ଅଥବା ଥାନାକୁ ଯାଏ ତାହା ହେଲେ ତାଙ୍କୁ ଗାଁରେ ନିଆଁ, ପାଣି ଓ ଦୋକାନ ମନା କରିବା ସହ ସାମାଜିକ ବାସନ୍ଦ କରିଥାନ୍ତି । ଏପରିକି ଯଦି ଗାଁର କେହି ସମ୍ପୃକ୍ତ ବ୍ୟକ୍ତି ସହ ସମ୍ପର୍କ ରଖେ, ତେବେ ତା' ଉପରେ ବି ଜୋରିମାନା ପକାଯାଏ । ସେମାନଙ୍କ ନିର୍ଦ୍ଦେଶ ନମାନିଲେ କଥା କଥାକେ ଯେ କୌଣସି ଲୋକଙ୍କୁ ମନଇଚ୍ଛା ମାଡ଼ ମାରିବା ସହ ଆର୍ଥିକ ଜୋରିମାନା ପକାଉଛନ୍ତି । ନିଆଁପାଣି ମନାକରି ସାମାଜିକ ବାସନ୍ଦ କରାଯାଉଛି । ଆବଶ୍ୟକସ୍ଥଳେ ଗାଁରୁ ମଧ ତଡ଼ି ଦିଆଯାଉଛି । ତାଙ୍କର ଅତ୍ୟାଚାର ସହି ନ ପାରି ଗତ ଦଶ ବର୍ଷ ମଧରେ ଅନେକ ଲୋକ ଗାଁ ଛାଡ଼ି ବାହାରକୁ ଚାଲିଯିବାକୁ ବାଧ ହୋଇଛନ୍ତି । ନିକଟରେ ଗାଁର ଦଳିତ ସମ୍ପ୍ରଦାୟର ଜନୈକ ଗରିବ ଲୋକ ନିରଞ୍ଜନ ନାୟକ ବର୍ତ୍ତମାନର ସରପଞ୍ଚଙ୍କ ସହଯୋଗରେ ୧,୬୦,୦୦୦ ଟଙ୍କା ବ୍ୟୟରେ ନିଜ ସାହିରେ କୋଠଘର ନିର୍ମାଣ କରିଥିଲେ । ଗ୍ରାମର ପ୍ରଦୀପ ବିଷୋୟୀ ତାଙ୍କୁ ଡାକି ମୋତେ ନ ଜଣାଇ କିପରି କୋଠଘର କରୁଛୁ ବୋଲି ପଚାରିବା ସହ ଗାଁରେ କଙ୍ଗାରୁ କୋର୍ଟ ଡକାଇ ସେ ଓ ତାଙ୍କ ସମର୍ଥକମାନେ ତାଙ୍କୁ ୫୦୦୧ ଟଙ୍କା ଜୋରିମାନା ପକାଇଥିଲେ । ନିରଞ୍ଜନ ଏହି ଜୋରମାନା ରାଶିକୁ ଦେବାକୁ ମନା କରିବାରୁ ଗାଁରେ ତାଙ୍କ ପରିବାରକୁ ନିଆଁ ପାଣି ବାସନ୍ଦ କରିଛନ୍ତି । ସେହିପରି ଗାଁର ପୂର୍ବତନ ସରପଞ୍ଚ ଭିକାରୀ ବିଷୋୟୀଙ୍କ ପ୍ରତି ରାଜନୈତିକ ଆକ୍ରୋଶ ରଖି ପ୍ରଦୀପ ବିଷୋୟୀ ଓ ତାଙ୍କ ସହଯୋଗୀମାନେ ସାମାଜିକ ବାସନ୍ଦ କରି ଗାଁରୁ ତଡ଼ି ଦେବା ଫଳରେ ସେ ଏବେ ଅତ୍ୟନ୍ତ ଦୟନୀୟ ସ୍ଥିତିରେ ଅନ୍ୟ ଗାଁରେ ରହୁଛନ୍ତି । ଉପରୋକ୍ତ ଦୁଇ ଜଣଙ୍କ ଭଳି ଆହୁରି ଅନେକ ପରିବାର ସେମାନଙ୍କ ଅତ୍ୟାଚାର ଓ ନିର୍ଯାତନାର ଶିକାର ହୋଇ ଗାଁରେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି । ତେଣୁ ଏଭଳି କାର୍ଯ୍ୟରେ ଲିପ୍ତ ଅଭିଯୁକ୍ତମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ପୀଡ଼ିତ ପରିବାରଗୁଡ଼ିକୁ ନ୍ୟାୟ ଦେବାକୁ ଗଞ୍ଜାମ ଜିଲ୍ଲା ଦଳିତ ମହାସଭା ଦାବି କରିଛି । ମହାସଭାର ନେତୃତ୍ୱରେ ସେହି ଗାଁର ପୀଡ଼ିତ ଲୋକମାନେ ଆଜି ବ୍ରହ୍ମପୁରରେ ଦକ୍ଷିଣାଞ୍ଚଳ ଆଇଜିଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଥିଲେ । ସ୍ମାରକପତ୍ର ପାଇବା ପରେ ଆଇଜି ଅଭିଯୁକ୍ତମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଏବଂ ପୀଡ଼ିତମାନଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ସ୍ମାରକପତ୍ର ପ୍ରଦାନ ବେଳେ ଗଞ୍ଜାମ ଜିଲ୍ଲା ଦଳିତ ମହାସଭାର ସମ୍ପାଦକ ସଂଗ୍ରାମ ନାୟକ, ଜିଲ୍ଲା କମିଟି ସଦସ୍ୟ ସଞ୍ଜୟ ନାୟକ, ସନ୍ତୋଷ ନାୟକ, ପ୍ରତାପୁର ଗାଁର ପୀଡ଼ିତ ପୂର୍ବତନ ସରପଞ୍ଚ ଭିକାରୀ ବିଷୋୟୀ, ମଧୁସୂଦନ ନାୟକ ଓ ସୁଦାମ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ବ୍ରହ୍ମପୁର ଏମ୍‌କେସିଜି, ସିଟି ହସ୍‌ପିଟାଲ୍‌ରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଦାବି

**ବ୍ରହ୍ମପୁର,୨୮।୫/ଏନ୍ଏନ୍ଏସ୍:** ଗଞ୍ଜାମ ଜିଲ୍ଲାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବାର ସୁଧାର ଆଣିବାକୁ ମାନବ ଅଧିକାର ସୁରକ୍ଷା ମଞ୍ଚ ଦାବି କରିଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଞ୍ଚର କର୍ମକର୍ତ୍ତା ବିକ୍ଷୋଭ ପ୍ରଦାନ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ।

ମଞ୍ଚ ପକ୍ଷରୁ କୁହାଯାଇଛି ଯେ ଓଡ଼ିଶାର ଯେ କୌଣସି ଅଞ୍ଚଳରେ ଦୁର୍ଘଟଣାର ୪୮ଘଣ୍ଟା ପର୍ଯ୍ୟନ୍ତ ଆହତ ବ୍ୟକ୍ତିଙ୍କ ଚିକିତ୍ସା ପାଇଁ କଟକ ଓ ଭୁବନେଶ୍ୱରର କିଛି ଘରୋଇ ହସ୍ପିଟାଲରେ ଚିକିତ୍ସା ଖର୍ଚ୍ଚ ମାଗଣାରେ ହେବା ନେଇ ରାଜ୍ୟ ସରକାର ବିଜ୍ଞପ୍ତି ପ୍ରକାଶ କରିଛନ୍ତି । କିନ୍ତୁ କଟକ, ଭୁବନେଶ୍ୱର ଗଞ୍ଜାମ ଜିଲ୍ଲାଠାରୁ ୨୦୦ କି.ମିରୁ ଅଧିକ ଦୂର । ସେଠାକୁ ପହଞ୍ଚିବାକୁ ହେଲେ ୪ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଲାଗୁଛି । ରାସ୍ତାରେ ଲୋକଟିର ଜୀବନ ମଧ ଚାଲିଯାଇପାରେ । ଏଣୁ ଦକ୍ଷିଣ ଓଡ଼ିଶାବାସୀଙ୍କ ନିର୍ଭରଯୋଗ୍ୟ ବ୍ରହ୍ମପୁରର ଏମ୍‌କେସିଜି ମେଡିକାଲ ଓ ଜିଲ୍ଲା ମୁଖ୍ୟ ହସ୍‌ପିଟାଲ ସିଟି ହସ୍ପିଟାଲରେ ଅତି ଉନ୍ନତମାନର ଚିକିତ୍ସା ବ୍ୟବସ୍ଥା କରିବା, ଏମକେସିଜି ମେଡିକାଲରେ ଥିବା ଟ୍ରମା କେୟାର ବିଭାଗକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା, ସିଟି ହସ୍ପିଟାଲରେ ନୂତନ ଭାବେ ଟ୍ରମା କେୟାର ବିଭାଗ ଖୋଲିବା, ବର୍ତ୍ତମାନ ପ୍ରାଥମିକ ପର୍ଯ୍ୟାୟରେ ବ୍ରହ୍ମପୁରରେ କୌଣସି ଘରୋଇ ହସ୍ପିଟାଲରେ ଦୁର୍ଘଟଣାରେ ଆହତଙ୍କୁ ସମ୍ପୂର୍ଣ୍ଣ ସୁସ୍ଥ ହେବା ପର୍ଯ୍ୟନ୍ତ ମାଗଣାରେ ଚିକିତ୍ସା ବ୍ୟବସ୍ଥା କରିବା, ବଜାରରେ ଉପଲବ୍ଧ ବିଭିନ୍ନ ଜେନେରିକ ଔଷଧ ଯଥା ଗ୍ୟାଷ୍ଟ୍ରିକ, ଥଣ୍ଡା ଔଷଧ ଭଳି ଅନେକ ଔଷଧ ନିର୍ଦ୍ଧାରିତ ଦରରୁ ଚଢ଼ା ଦରରେ ବିକ୍ରି ବନ୍ଦ କରିବା, ଔଷଧର କଳା ବଜାରୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବା, ସରକାରୀ ମେଡିକାଲରେ କାର୍ଯ୍ୟରତ ଡାକ୍ତର ନିର୍ଦ୍ଦିଷ୍ଟ ଘରୋଇ ରୋଗ ନିଦାନ କେନ୍ଦ୍ରକୁ ପରୀକ୍ଷା ପାଇଁ ପଠାଉଥିବା ଡାକ୍ତରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା, ଛଅ ମାସ ଧରି ବ୍ରହ୍ମପୁର ସିଟି ହସ୍ପିଟାଲରେ ରୋଗୀଙ୍କୁ ଭିନ୍ନକ୍ଷମ ପ୍ରମାଣ ପତ୍ର ମିଳୁନଥିବା ଘଟଣାକୁ ଗୁରୁତର ସହ ନେଇ ଆବଶ୍ୟକୀୟ ପଦକ୍ଷେପ ନେବା, ସିଟି ହସ୍ପିଟାଲର ଫିଜିଓଥେରାପି ବିଭାଗ ନିୟମିତ ଖୋଲି ଲୋକଙ୍କୁ ସେବା ଦେବା, ଅଲଟ୍ରାସାଉଣ୍ଡ ଓ ଅନ୍ୟ କିଛି ଜରୁରୀ ପରୀକ୍ଷା ସୀମିତ ସଂଖ୍ୟାର ହେଉଥିବାରୁ କିଛି ସିକ୍ୟୁରିଟି ଗାର୍ଡ ଓ କର୍ମଚାରୀ ଟଙ୍କା କାରବାର କରି ନିଜ ଲୋକଙ୍କୁ ସୁଯୋଗ ଦେଉଥିବା ଅଭିଯୋଗର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା, ଅଲଟ୍ରାସାଉଣ୍ଡ ସଂଖ୍ୟା ବୃଦ୍ଧି, ସମସ୍ତ ରୋଗୀଙ୍କୁ ସୁବିଧା ପ୍ରଦାନ କରିବା, ଦୀର୍ଘ ମାସରୁ ଫିଲ୍ମ ନାହିଁ କହି ବନ୍ଦ ପଡ଼ିଥିବା ଦାନ୍ତର ଏକ୍ସ-ରେ ତୁରନ୍ତ ନିୟମିତ ଭାବେ କରିବା ଆଦି ପ୍ରମୁଖ ଦାବି କାର୍ଯ୍ୟକାରୀ ପାଇଁ ମଞ୍ଚ ପକ୍ଷରୁ ଦାବି କରାଯାଇଥିଲା । ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା. ଭବାନୀ ଶଙ୍କର ମିଶ୍ରଙ୍କୁ ଆଜି ମଞ୍ଚର କର୍ମକର୍ତ୍ତାମାନେ ଭେଟି ଆଲୋଚନା କରିଥିଲେ । ମଞ୍ଚର ଆବାହକ ଆଇନଜୀବୀ ଅବନୀ ଗୟା, ସଭାପତି ଗଗନ ଚନ୍ଦ୍ର ମଲ୍ଲିକ, ସମାଜସେବୀ ମନୋଜ କୁମାର ତରାଇ, ଦୁର୍ଯ୍ୟୋଧନ ସାହୁ, ପ୍ରଶାନ୍ତ କୁମାର ପଣ୍ଡା, ଆର. ସତ୍ୟ ନାରାୟଣ ରାଓ, ସୁରେନ୍ଦ୍ର ନାଥ ପଣ୍ଡା, ଏସ୍. ଶାମ୍ବଶିବା ରାଓ, ହୃଷିକେଶ ପାତ୍ର, ଏମ୍ଏସ୍ ମଲ୍ଲିକ, ସାଧୁଚରଣ ବେହେରା, ଜୟକୃଷ୍ଣ ନାୟକ, ମହମ୍ମଦ ଆସଲାମ, ମହେଶ୍ୱର ବାଡ଼ତ୍ୟା, ଅଶୋକ ଦଳାଇ, ଆଦିତ୍ୟ ନାରାୟଣ ରଥ, ବିରେନ କୁମାର ବେହେରା, ପି. ନାଗେଶ୍ୱର ରାଓ, ବିଜୟ କୁମାର ପାଢ଼ୀ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ମୋଡ଼ାବାଇ ଗ୍ରାମରେ ସାଂସଦ, ବିଧାୟକଙ୍କ ଜନସମ୍ପର୍କ ପଦଯାତ୍ରା



**ପୁରୁଷୋତ୍ତମପୁର,୨୮।୫/ଏନ୍ଏନ୍ଏସ୍:** ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ମୋଡବାଇ ଗ୍ରାମରେ ଆଜି ଆସିକା ସାଂସଦ ଅନୀତା ଶୁଭଦର୍ଶିନୀ ଓ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ଦଳୀୟ ନେତା ଓ କର୍ମୀଙ୍କୁ ନେଇ  ଜନ ସମ୍ପର୍କ ପଦଯାତ୍ରା କରିଛନ୍ତି । ପଦଯାତ୍ରାରେ ଘୁମୁସର ଜିଲ୍ଲା ସଭାପତି ବିଜୟ କୁମାର ସ୍ୱାଇଁ, ଭଞ୍ଜନଗର ସଭାପତି ନୀଳମଣି ପାତ୍ର, ପୂର୍ବତନ ଘୁମୁସର ସଭାପତି ପୃଥ୍ୱୀରାଜ ମହାପାତ୍ର, ଯଜ୍ଞ ନାରାୟଣ ଦାଶ, ଯୁବ ନେତା ସୀତାରାମ ପାଣିଗ୍ରାହୀଙ୍କ ସମେତ ବହୁ ଦଳୀୟ ନେତା, କର୍ମୀ ଓ ଗ୍ରାମବାସୀ ସାମିଲ ହୋଇଥିଲେ । ପ୍ରଥମେ ମୋଡ଼ାବାଇ ହରିଜନ ସାହିରୁ ପଦଯାତ୍ରା ଆରମ୍ଭ ହୋଇଥିଲା । ନିର୍ବାଚନ ସମୟରେ ଜନସାଧାରଣ ତାଙ୍କ ଉପରେ ଆସ୍ଥା ପ୍ରକଟ କରି ବିପୁଳ ଭୋଟରେ ବିଜୟୀ କରିଥିବାରୁ ସେମାନଙ୍କ ସମସ୍ୟା ପାଇଁ ଅହରହ କାର୍ଯ୍ୟ କରିବେ ବୋଲି ସାଂସଦ ଓ ବିଧାୟକ କହିଥିଲେ । ବିଭିନ୍ନ ଗ୍ରାମ ପରିକ୍ରମା ବେଳେ ଗ୍ରାମବାସୀଙ୍କ ପକ୍ଷରୁ ଉଭୟ ନେତାଙ୍କୁ ଭବ୍ୟ ସ୍ୱାଗତ କରାଯିବା ସହ ଗ୍ରାମ ପରିକ୍ରମା କରାଯାଇଥିଲା । ବରିଷ୍ଠ ନେତା ମୁରଲୀ ପାଣି ସ୍ୱାଇଁଙ୍କ ସଂଯୋଜନାରେ ଅନୁଷ୍ଠିତ ପଦଯାତ୍ରାରେ ଗ୍ରାମବାସୀ ସହଯୋଗ କରିଥିଲେ । ଇନ୍ଦ୍ରମଣୀ ସ୍ୱାଇଁ ଓ ସନ୍ତୋଷ ସେଠୀ ଅତିଥିମାନଙ୍କୁ ଉତ୍ତରୀୟ ଓ ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରିଥିଲେ । ସାଂସଦ ଓ ବିଧାୟକ ଜନପ୍ରିୟ ନେତା ତଥା ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାର ଲୋକଙ୍କ ସରକାର । ଲୋକଙ୍କ ଅଭାବ ଅସୁବିଧା ଦୂର କରିବା ପାଇଁ ବିଭିନ୍ନ ଜନମଙ୍ଗଳକାରୀ ଯୋଜନା କାର୍ଯ୍ୟକାରୀ କରୁଥିବା କହିଥିଲେ । ଲୋକଙ୍କ ସୁଖଦୁଃଖରେ ସବୁବେଳେ ରହିଛନ୍ତି ଓ ଆଗକୁ ମଧ ରହିଥିବେ ବୋଲି ଉଭୟ ସାଂସଦ ଓ ବିଧାୟକ କହିଥିଲେ । ପରେ ଦୁଇ ନେତା ଗୁପ୍ତେଶ୍ୱର ଶୈବପୀଠକୁ ଯାଇ ପୂଜାର୍ଚ୍ଚନା କରିବା ସହ ଆଶୀର୍ବାଦ ଭିକ୍ଷା କରିଥିଲେ । ଜନସମ୍ପର୍କ ପଦଯାତ୍ରା ରାଉଳପଲ୍ଲୀ, ଏ. ଗୋବିନ୍ଦପୁର ଓ କୋଳିଦାସ ପୁର ପଞ୍ଚାୟତରେ ଅନୁଷ୍ଠିତ ହୋଇଥିଲା । ପଦଯାତ୍ରାରେ ଶ୍ରୀକାନ୍ତ ପଣ୍ଡା, ସମିତି ସଭ୍ୟା ଆଭା ପରିଡ଼ା, କିଶୋର ପରିଡ଼ା, ମନୋଜ ଦାସ, ସତ୍ୟନାରାୟଣ ରାଉଳ, ଟୁଟୁ ସ୍ୱାଇଁ, ଦୀପକ ସ୍ୱାଇଁ, ଗୋଲା ସାହୁ, ପ୍ରମୋଦ ବେହେରା, ପଦ୍ମନାଭ ନାହାକ, କଂଗ୍ରେସ ସ୍ୱାଇଁ, ସୀମାଞ୍ଚଳ ପଲେଇ, ବୁଲୁ ପରିଡ଼ା ଓ ବିମ୍ବାଧର ପରିଡ଼ା ପ୍ରମୁଖ ସାମିଲ ହୋଇଥିଲେ ।

### ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତକଲେ ବ୍ରହ୍ମପୁର ସାମ୍ବାଦିକ

# ଜିଲ୍ଲାର ଜଳସେଚନ, ଏମ୍‌କେସିଜି ମେଡିକାଲ୍ ସମସ୍ୟା ଦୃଷ୍ଟି ଆକର୍ଷଣ



**ବ୍ରହ୍ମପୁର,୨୮।୫/ଏନ୍ଏନ୍ଏସ୍:** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବୁଧବାର ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପରିସରରେ ବ୍ରହ୍ମପୁରର ବରିଷ୍ଠ ସାମ୍ବାଦିକମାନେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ବ୍ରହ୍ମପୁର ପ୍ରେସ କ୍ଲବ୍ ସଭାପତି ଅଶୋକ କୁମାର ବ୍ରହ୍ମାଙ୍କ ସମେତ ସାମ୍ବାଦିକ ସମୀର କୁମାର ଆଚାର୍ଯ୍ୟ, ସାମ୍ବାଦିକା ଇତିଶ୍ରୀ ସମାପିକା ମହାନ୍ତି, ସାମ୍ବାଦିକ ରାଧାଶ୍ୟାମ ଆଚାର୍ଯ୍ୟ ଏହି ଅବସରରେ ରାଜ୍ୟ ସଚିବାଳୟରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ । ଆଲୋଚନା ସମୟରେ ଦକ୍ଷିଣ ଓଡ଼ିଶାବାସୀ ନିର୍ଭର କରୁଥିବା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ ଚିକିତ୍ସାଳୟର ଉନ୍ନତିକରଣ ପାଇଁ ଆଲୋଚନା କରିଥିଲେ । ମୁଖ୍ୟମନ୍ତ୍ରୀ ଏହି ଅବସରରେ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲର ବିକାଶ ପାଇଁ ଏକ ସ୍ୱତନ୍ତ୍ର ଡିପିଆର୍ ପ୍ରସ୍ତୁତ କରାଯାଉଥିବା କହିଛନ୍ତି । ଏଥିସହ ଜିଲ୍ଲାର ଜଳସେଚନର ଉନ୍ନତିକରଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଇତି ମଧରେ ଗୁରୁତ୍ୱ ଦିଆଯାଇ ବିଭିନ୍ନ ପଦକ୍ଷେପ ନିଆଯାଇଥିବା କହିଛନ୍ତି । ଆମ ସରକାରଙ୍କ ପକ୍ଷରୁ ଗଞ୍ଜାମ ଜିଲ୍ଲାକୁ ଅଧିକ ଗୁରୁତ୍ୱ ଦିଆଯାଉଥିବା ସାମ୍ବାଦିକମାନଙ୍କ ସହିତ ଆଲୋଚନା ସମୟରେ କହିଛନ୍ତି । ମୁଖ୍ୟମନ୍ତ୍ରୀ ନିଜର ମୂଲ୍ୟବାନ ସମୟ ଗଣମାଧମ ପ୍ରତିନିଧିଙ୍କୁ ଦେଇ ଅଞ୍ଚଳର ସମସ୍ୟା ସମ୍ପର୍କରେ ଆଲୋଚନା କରିଥିବା ଯୋଗୁଁ ସାମ୍ବାଦିକଙ୍କ ପକ୍ଷରୁ ଧନ୍ୟବାଦ୍ ଦିଆଯାଇଥିଲା ।

# ଜିଲ୍ଲାସ୍ତରୀୟ 'ସିମ୍ କପ୍' ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ବ୍ରହ୍ମପୁର,୨୮।୫/ଏନ୍ଏନ୍ଏସ୍:** ଆନ୍ତଃ ୧୫ ବର୍ଷୀୟ ଜିଲ୍ଲାସ୍ତରୀୟ ସିମ୍ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ବ୍ରହ୍ମପୁର ମହାତ୍ମାଗାନ୍ଧୀ ଷ୍ଟାଡିୟମ୍ ପରିସରରେ ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ଆରକ୍ଷୀ ଅଧୀକ୍ଷକ ଡା. ସର୍ବଣା ବିବେକ୍ ଏମ୍ ଯୋଗ ଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟତମ ଅତିଥି ଭାବେ ଓଡ଼ିଶା ଫୁଟବଲ୍ ସଂଘ (ଫାଓ) କୋଷାଧକ୍ଷ ଭକ୍ତ ବଲ୍ଲଭ ଦାସ, ବ୍ରହ୍ମପୁର ତହସିଲଦାର ଈଶ୍ୱର ଚନ୍ଦ୍ର ସାହୁ ଏବଂ ଜିଲ୍ଲା କ୍ରୀଡ଼ା ଅଧିକାରୀ ସନ୍ତୋଷ କୁମାର ମିଶ୍ର ଯୋଗ ଦେଇଥିଲେ । ଉଦ୍‌ଘାଟନର ପ୍ରଥମ ମ୍ୟାଚ ମାଲକାନଗିରି ବନାମ କଳାହାଣ୍ଡି ଜିଲ୍ଲା ମଧରେ ହୋଇଥିଲା । ମାଲକାନଗିରି ୨ ଗୋଲ ଏବଂ କଳାହାଣ୍ଡି ୪ ଗୋଲ କରିଥିଲା । କଳାହାଣ୍ଡି ନିଜର ପ୍ରଥମ ମ୍ୟାଚ୍ ୪ ଗୋଲ୍ କରି ବିଜୟ ହାସିଲ କରିଥିଲା । ଦ୍ୱିତୀୟ ମ୍ୟାଚ୍ ରାୟଗଡ଼ା ବନାମ ଗଜପତି ଜିଲ୍ଲା ମଧରେ ହୋଇଥିଲା । ଗଜପତି ଜିଲ୍ଲା କୌଣସି ଗୋଲ କରିନଥିବା ବେଳେ ରାୟଗଡ଼ା ୧୧ ଗୋଲ କରି ବିଜୟୀ ହାସଲ କରିଥିଲା । ଶଶିକାନ୍ତ ହିମିରିକା ପ୍ଲେୟର ଅଫ୍ ଦି ମ୍ୟାଚ୍ ଭାବେ ବିବେଚିତ ହୋଇଛନ୍ତି । ଏଥିରେ ବିଜୟ କୁମାର ପଟ୍ଟନାୟକ, ଡି. ଆପା ରାଓ, ଡି. ବାବୁ ରାଓ, ଡି. ଗନ୍ତାୟତ, ଜି. ଏମ୍ ବାବୁ, ପ୍ରମୋଦ ମହାରଣା, ଏଲ୍‌କେ ରାଓ ରେଡ୍ଡୀ, ଗୋପାଳ ପଣ୍ଡା, ରାଜେନ୍ଦ୍ର ବେହେରା, ଭି. ନାଗେଶ୍ୱର ରାଓ, ବିଶ୍ୱନାଥ ପାତ୍ର, ରାଜେନ୍ଦ୍ର ଗନ୍ତାୟତ ଏବଂ ଜିଲ୍ଲାର ବରିଷ୍ଠ ଖେଳାଳୀମାନେ ଯୋଗ ଦେଇଥିବା ନେଇ ଗଞ୍ଜାମ ଜିଲ୍ଲା କ୍ରୀଡ଼ା ସଂଘର ସାଧାରଣ ସମ୍ପାଦକ ଜେ. କାମେଶ୍ୱର ରାଓ ସୂଚନା ଦେଇଛନ୍ତି ।

# ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା

### ଆସିକାର ୮ ସରକାରୀ ଶିକ୍ଷାନୁଷ୍ଠାନ ସାମିଲ୍

**ଆସିକା,୨୮।୫/ଏନ୍ଏନ୍ଏସ୍:** ପ୍ରାଥମିକ ଶିକ୍ଷାର ଉନ୍ନତିକରଣ, ଗୁଣାତ୍ମକ ଶିକ୍ଷାର ବିକାଶ ଓ ମାନବୃଦ୍ଧି ପାଇଁ ରାଜ୍ୟ ସରକାର କାର୍ଯ୍ୟକାରୀ କରିଥିବା ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ଆସିକା ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନସ୍ଥ ୮ଟି ଶିକ୍ଷାନୁଷ୍ଠାନକୁ ସାମିଲ୍ କରାଯାଇଛି । ଗ୍ରାମୀଣ ଅଞ୍ଚଳର ପିଲାମାନଙ୍କୁ ପ୍ରାଥମିକ ସ୍ତରରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କ ଏହି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ଏକ ମାଇଲଖୁଣ୍ଟ ସଦୃଶ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଉଛି । ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ଆସିକା ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନସ୍ଥ ବାଲିସିରା କ୍ଲଷ୍ଟରର କମାଗଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଲଣ୍ଡାଜୁଆଳି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗଙ୍ଗାପୁର କ୍ଲଷ୍ଟରର ଗଙ୍ଗାପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବାବନପୁର କ୍ଲଷ୍ଟରର ବାବନପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଖାରିଆ କ୍ଲଷ୍ଟରର ଖାରିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଭେଟନଇ କ୍ଲଷ୍ଟରର ବାଦଗଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଭେଟନଇ ବାଳିକା ପ୍ରାଥମିକ ବିଦ୍ୟାଳୟ, ବଡଖୋଲି କ୍ଲଷ୍ଟରର ପାଣ୍ଡିଆପଥର ଜୟଦୁର୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ସାମିଲ୍ କରାଯାଇଛି । ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ସାମିଲ୍ ହୋଇଥିବା ଶିକ୍ଷାନୁଷ୍ଠାନଗୁଡ଼ିକୁ ଆସିକା ଗୋଷ୍ଠୀ ଶିକ୍ଷାଧିକାରୀ ମୁନ୍‌ରାଣୀ ମହାନ୍ତିଙ୍କ ନେତୃତ୍ୱରେ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ବିଭୁନନ୍ଦନ ପଣ୍ଡା ଓ ଭଞ୍ଜ ବେହେରା ଏବଂ ଶିବରାମ ବେହେରାଙ୍କ ସମେତ ଶିକ୍ଷା ବିଭାଗର ପଦାଧିକାରୀମାନେ ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମର ଅନୁଧ୍ୟାନ କରୁଛନ୍ତି । ସରକାରୀ ଅନୁଦାନ ଆସିବା ପରେ ଯୋଜନାରେ ସାମିଲ୍ ହୋଇଥିବା ୮ ସରକାରୀ ଶିକ୍ଷାନୁଷ୍ଠାନର ରୂପାନ୍ତରିକରଣ କାର୍ଯ୍ୟ ଆରମ୍ଭ ହେବ ।

# ତୁର୍କୀ ସାମଗ୍ରୀ ବର୍ଜନ ପାଇଁ ଶୋଭାଯାତ୍ରା

**ବୁଗୁଡ଼ା,୨୮।୫/ଏନ୍ଏନ୍ଏସ୍:** ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ତୁର୍କୀ ଦେଶର ସମସ୍ତ ସାମଗ୍ରୀକୁ ବର୍ଜନ କରିବା ଉଦ୍ଦେଶ୍ୟରେ ଏକ ଶୋଭାଯାତ୍ରା ବୁଗୁଡ଼ା ସହରରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶୋଭାଯାତ୍ରା ଅବସରରେ ସ୍ୱଦେଶୀ ଜାଗରଣ ମଞ୍ଚର କର୍ମକର୍ତ୍ତା ନଗର ପରିକ୍ରମା କରିଥିଲେ । ସ୍ଥାନୀୟ ମଦନ ମୋହନ ଛକରେ ତୁର୍କୀ ବିରୁଦ୍ଧରେ ବିରୋଧ ପ୍ରଦର୍ଶନ ଏବଂ ଜନ ସଚେତନତା ସୃଷ୍ଟି କରିଥିଲେ । ସଭା ମାଧ୍ୟମରେ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ ସହ ଅପରେସନ ସିନ୍ଦୂର ସମୟରେ ତୁର୍କୀ ଦେଶ ପାକିସ୍ଥାନକୁ କିପରି ସାମରିକ ସାହାଯ୍ୟ କରି ଭାରତ ଦେଶ ବିରୁଦ୍ଧରେ ଛିଡା ହୋଇଥିଲା ସେ ସମ୍ପର୍କରେ କହିଥିଲେ । ତେଣୁ ତୁର୍କୀର ସମସ୍ତ ସାମଗ୍ରୀକୁ ବର୍ଜନ କରିବା ପାଇଁ ବୁଗୁଡା ସହରର ବ୍ୟବସାୟୀ ଓ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ ।

# ଆଳତୀ ପରେ ବୁଲିଲା ମା'ତାରାଦେବୀଙ୍କ ଘଟ

**ବ୍ରହ୍ମପୁର,୨୩।୫/ଏନ୍ଏନ୍ଏସ୍:** ଲାଞ୍ଜିପଲ୍ଲୀ ବାହ୍ମଣ ସାହିରେ ପୂଜା ପାଉଥିବା ମା' ତାରାଦେବୀ ଠାକୁରାଣୀଙ୍କ ଯାତ୍ରା ଧୂମ୍‌ଧାମରେ ଚାଲିଛି । ମା'ଙ୍କୁ ଦର୍ଶନ ପାଇଁ ସକାଳ ପାହିଲେ ଅସ୍ଥାୟୀ ମଣ୍ଡପରେ ଭିଡ ଜମୁଛି । ଆଜି ସକାଳ ପୂଜା ନୀତି ସରିବା ପରେ ଝିପି ଝିପି ବର୍ଷା ସତ୍ତ୍ୱେ ଭକ୍ତଙ୍କ ଗହଳିଚହଳି ଲାଗି ରହିଥିଲା । ସନ୍ଧ୍ୟାରେ ମା'ଙ୍କ ୧୦୮ ସନ୍ଧ୍ୟା ଆଳତୀ ହୋଇଥିଲା । ଆଳତୀ କାର୍ଯ୍ୟକ୍ରମ ସରିବା ପରେ ମା' ତାରାଦେବୀ ନଗର ପରିକ୍ରମାରେ ଯାଇଥିଲେ । ରାଜାଘର ଭୋଗ ଖାଇବା ପରେ ମା'ଙ୍କ ଘଟ ପୂର୍ବ ଆଡୁଆ ସାହି, ତଳ ଦଣ୍ଡାସି ସାହି, ତ୍ରିନାଥ ମନ୍ଦିର ଛକ, ଶିଙ୍ଗିବନ୍ଧ ହୁଡା, ମାଣିକେଶ୍ୱରୀ ମନ୍ଦିର, ତୋଟା ସାହି ପ୍ରଥମ ଲାଇନ୍, ତୋଟା ସାହି ପଞ୍ଚମ, ଚତୁର୍ଥ, ତୃତୀୟ ଓ ଦ୍ୱିତୀୟ ଲାଇନ୍ ହୋଇ ତ୍ରିନାଥ ମନ୍ଦିର ଛକ, ଚଣ୍ଡି ମନ୍ଦିର ସାହି ହୋଇ ପୂର୍ବ ଆଡୁଆ ସାହି, ବ୍ରାହ୍ମଣ ସାହି ବୁଲିବା ପରେ ନିଜ ଅସ୍ଥାୟୀ ମଣ୍ଡପକୁ ଫେରିଥିଲେ ।  ସାହି ସାହିରେ ମା'ଙ୍କୁ ଭବ୍ୟ ସ୍ୱାଗତ ସହ ପୂଜାର୍ଚ୍ଚନା କରାଯାଇଥିଲା । ମାନସିକଧାରୀ ଭକ୍ତ ବିଭିନ୍ନ ବେଶରେ ବୁଲୁଥିବା ଦେଖିବାକୁ ମିଳିଥିଲା ।

# ବଡ଼ ଆର୍ଯ୍ୟପଲ୍ଲୀରେ ଡେଙ୍ଗୁ ଆତଙ୍କ

### ୨୨ ଜ୍ୱର ପୀଡ଼ିତଙ୍କ ରକ୍ତ ନମୁନା ସଂଗ୍ରହ

**ଛତ୍ରପୁର,୨୮।୫/ଏନ୍ଏନ୍ଏସ୍:** ଛତ୍ରପୁର ବ୍ଲକ ଆର୍ଯ୍ୟପଲୀ ପଞ୍ଚାୟତ ଅଧିନ ବଡ଼ ଆର୍ଯ୍ୟପଲ୍ଲୀ ଗାଁରେ ଡେଙ୍ଗୁ ଆତଙ୍କ ଲାଗି ରହିଛି । ବୁଧବାର ଉକ୍ତ ଗାଁରେ ଏକ ମେଡିକାଲ ଟିମ୍ ପହଞ୍ଚି ଘରକୁ ଘର ଯାଇ ଜ୍ୱରରେ ପୀଡ଼ିତଙ୍କ ରକ୍ତ ନମୁନା ସଂଗ୍ରହ କରିଥିଲେ । ଗାଁର ୩୨ ଜଣ ଜ୍ୱରରେ ଆକ୍ରାନ୍ତ ଥିବା ବ୍ୟକ୍ତିଙ୍କ ରକ୍ତର ନମୁନା ସଂଗ୍ରହ କରାଯାଇଥିବା ବେଳେ ସେଥିରୁ ୨୨ ଜଣଙ୍କ ନମୁନା ପରୀକ୍ଷା ପାଇଁ ଲ୍ୟାବ୍‌କୁ ପଠାଯାଇଥିବା ନେଇ ମୁନିଷିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଡାକ୍ତର ସ୍ୱାଧୀନ ରଥ ସୂଚନା ଦେଇଛନ୍ତି । ଏଥିସହ ଗାଁରେ ଏକ ଡେଙ୍ଗୁ ବିଶେଷଜ୍ଞ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ପାଣି ଜମିଥିବା ସ୍ଥାନ ବୁଲି ମଶା ଓ ଲାଭା ଯାଞ୍ଚ କରିଥିଲେ । ଏଥିସହ ଲାଭାର ଯାଞ୍ଚ ପାଇଁ ନମୁନା ସଂଗ୍ରହ କରି ଲ୍ୟାବ୍‌କୁ ପଠାଯାଇଛି । ଅଙ୍ଗନବାଡ଼ି କର୍ମୀ ଓ ଆଶାକର୍ମୀମାନେ ମଧ ଗାଁରେ ଥିବା ଘରକୁ ଘର ଯାଇ ପରିବାର ସଦସ୍ୟଙ୍କ ତାଲିକା ସଂଗ୍ରହ କରିଥିଲେ । ଏଥି ସମ୍ବନ୍ଧୀୟ ସଚେତନତା ପ୍ରଚାରପତ୍ର ବଣ୍ଟନ କରିଥିଲେ । ଅନ୍ୟପକ୍ଷରେ ଗଞ୍ଜାମ ଜିଲ୍ଲାରେ କେହି ବି ଜଣେ ଡେଙ୍ଗୁ ପଜିଟିଭ୍ ନଥିବା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗଣମାଧମକୁ ସୂଚନା ଦିଆଯାଇଛି ।

# ବିଶ୍ୱ ଋତୁସ୍ରାବ ସ୍ୱଚ୍ଛତା ଦିବସ

**ଫୁଲବାଣୀ,୨୮।୫/ଏନ୍ଏନ୍ଏସ୍:** ସୁରଦେଇ ଗ୍ରାମରେ ବିଶ୍ୱ ଋତୁସ୍ରାବ ସ୍ୱଚ୍ଛତା ଦିବସ ଉପଲକ୍ଷେ ବାଲ ରକ୍ଷା ଭାରତଙ୍କ ସହଯୋଗରେ ପ୍ରଗତି ୟୁଥ କାଉନସିଲ ଦ୍ୱାରା ଏକ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଛି । ସୋନମ୍ ବେହେରାଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗ୍ରାମରେ ରାଲି ଓ ସ୍ଲୋଗାନ ମାଧ୍ୟମରେ ଲୋକଙ୍କ ମଧରେ ଋତୁସ୍ରାବ ସ୍ୱଚ୍ଛତା ଉପରେ ସଚେତନତା କରାଯାଇଛି । କିଶୋରୀମାନେ ଋତୁସ୍ରାବ ସମୟରେ ସ୍ୱଚ୍ଛତା ଅନୁସରଣ କରିବା ନିମନ୍ତେ ପ୍ରେରିତ ହେବା ସହିତ ଏକ 'ସ୍ୱଚ୍ଛତା ବ୍ୟାଙ୍କ' ମଧ ସ୍ଥାପନ କରାଯାଇଛି । ଏହି ବ୍ୟାଙ୍କ ପାଇଁ ପ୍ରଗତି ୟୁଥ କାଉନସିଲର ସଦସ୍ୟମାନେ ବିଭିନ୍ନ ମହଲରୁ ୨୧୦୦ ଅନୁଦାନ ସଂଗ୍ରହ କରିଛନ୍ତି । ବ୍ୟାଙ୍କର ଉନ୍ମୋଚନ ଅନୁଷ୍ଠାନ ମେଡିକାଲ ଅଫିସର ନିମାଇଁ ଚରଣ ବିଶିଙ୍କ ଦ୍ୱାରା ହେଇଥିଲା । ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ନିହାରିକା ମହାରଣା, ଦିପ୍ତୀରାଣୀ ସାହୁ, ଅର୍ଚ୍ଚନା ଗଣ୍ଡା, ଆଶା ଦିଦି ଓ ଅଙ୍ଗନବାଡି କର୍ମୀମାନେ ଭୂମିକା ନିଭାଇଥିଲେ । ବାଲ ରକ୍ଷା ଭାରତର ସହ ସଂଯୋଜକ ମନୋଜ କୁମାର ମିଶ୍ର ଓ ସଦସ୍ୟ ହୋସନା ଅକ୍ତରୀ, ସଞ୍ଜୟ କୁମାର ରାଉତ, ପାପୁନ ସାହୁ ଓ ନିରୁପମା ତାଣ୍ଡି ମଧ ଉପସ୍ଥିତ ଥିଲେ । ଏହି ଅଭିଯାନ ମାଧ୍ୟମରେ ଗ୍ରାମରେ ଏକ ସ୍ୱସ୍ଥ ଓ ସଚେତନ ପରିବେଶ ସୃଷ୍ଟିରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି ।

# ଆସିକା ଏସ୍‌ଡିଏଚ୍‌ରେ ବର୍ଣ୍ଣକେୟାର୍ ୟୁନିଟ୍ ପ୍ରତିଷ୍ଠା ଦାବି

**ଆସିକା,୨୮।୫/ଏନ୍ଏନ୍ଏସ୍:** ଆସିକା ସହର ଏବଂ ଏହାର ଆଖପାଖ ଗ୍ରାମାଞ୍ଚଳରେ ବିଭିନ୍ନ ସମୟରେ ନିଆଁରେ ପୋଡିହୋଇ ଚିକିତ୍ସା ଲାଗି ଆସୁଥିବା ରୋଗୀମାନଙ୍କୁ ଗୁଣାତ୍ମକ ଚିକିତ୍ସାସେବା ଯୋଗାଇ ଦେବା ପାଇଁ ଆସିକା ଉପଖଣ୍ଡ ଚିକିତ୍ସାଳୟରେ ଏକ ବର୍ଣ୍ଣକେୟାର୍ ୟୁନିଟ୍ ସ୍ଥାପନ ପାଇଁ ସାଧାରଣରେ ଦାବି ହେଉଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପଦକ୍ଷେପ ନେବାକୁ ଦାବି ହେଉଛି । ଆସିକା ଉପଖଣ୍ଡ ଚିକିତ୍ସାଳୟ ଉପରେ ଆସିକା ବ୍ଲକ ଓ ଏନ୍ଏସି ସମେତ ଧରାକୋଟ, ଶେରଗଡ, କବିସୂର୍ଯ୍ୟନଗର, ବୁଗୁଡ଼ା, ପୁରୁଷୋତ୍ତମପୁର, ସୋରଡା, ପୋଲସରା, ହିଞ୍ଜିଳିକାଟୁ ସମେତ ଆଖପାଖ ଗ୍ରାମାଞ୍ଚଳର ହଜାର ହଜାର ଜନତା ନିର୍ଭର କରୁଛନ୍ତି । ବିଭିନ୍ନ ସମୟରେ ନାନା କାରଣରୁ ନିଆଁରେ ପୋଡିହୋଇ ଗୁରୁତର ଅବସ୍ଥାରେ ବହୁ ରୋଗୀ ଚିକିତ୍ସା ଲାଗି ଏଠାକୁ ଆସିଥାନ୍ତି । ଆସିକା ଉପଖଣ୍ଡ ଚିକିତ୍ସାଳୟରେ ଆବଶ୍ୟକୀୟ ଆବଶ୍ୟକୀୟ ଚିକିତ୍ସା ସେବା ଅଭାବରୁ ରୋଗୀଙ୍କୁ ପ୍ରାଥମିକ ଚିକିତ୍ସା ପରେ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥାଏ । ତେଣୁ ଆସିକା ଉପଖଣ୍ଡ ଚିକିତ୍ସାଳୟରେ ନିଆଁରେ ପୋଡିହୋଇ ଆସୁଥିବା ରୋଗୀଙ୍କୁ ଉନ୍ନତ ମାନର ଚିକିତ୍ସାସେବା ପାଇଁ ବର୍ଣ୍ଣକେୟାର୍ ୟୁନିଟ୍ ସ୍ଥାପନର ଆବଶ୍ୟକତା ଜରୁରୀ ବୋଲି ମତ ପ୍ରକାଶ ପାଉଛି । ନିଆଁରେ ପୋଡ଼ିହୋଇ ଚିକିତ୍ସା ଲାଗି ଭର୍ତ୍ତି ହେଉଥିବା ରୋଗୀଙ୍କୁ ଆବଶ୍ୟକ ପଡ଼ିଥାଏ ଉନ୍ନତ ମାନର ଚିକିତ୍ସା ବା ଅବଜର୍‌ଭେସନ୍ । ବିଶେଷକରି ସଂକ୍ରମଣରୁ ରୋଗୀଙ୍କୁ ରକ୍ଷା କରିବା ପାଇଁ ଶୀତତାପ ନିୟନ୍ତ୍ରିତ କକ୍ଷ, ଶରୀରକୁ ଘୋଡେଇ ରଖିବା ପାଇଁ ସ୍ୱତନ୍ତ୍ର କଭର୍ ଭଳି ବ୍ୟବସ୍ଥା ଦରକାର । ମାତ୍ର ଆସିକା ଉପଖଣ୍ଡ ଚିକିତ୍ସାଳୟରେ ଏସବୁର ବ୍ୟବସ୍ଥା ଲାଗି କୌଣସି ସୁବିଧା ନାହିଁ । ଅତୀତରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଆର୍ଥିକ ଅନୁଦାନରେ ପ୍ରାୟ ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ଆସିକା ଉପଖଣ୍ଡ ଚିକିତ୍ସାଳୟକୁ ୫-ଟି ଉପକ୍ରମରେ ସାମିଲ୍ କରାଯାଇ ଆମ ହସ୍‌ପିଟାଲ୍ ଯୋଜନାରେ ରୂପାନ୍ତରିକରଣ କରାଯିବା ସାଙ୍ଗକୁ ଭିତ୍ତିଭୂମିର ସୁଦୃଢ଼ କରାଯାଇଥିଲା । ଗତ ୨୦୨୪ ଫେବୃୟାରୀ ୧୭ ତାରିଖରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଆଭାସି ମାଧ୍ୟମରେ ରୂପାନ୍ତରିତ ମେଡିକାଲର ଉଦ୍‌ଘାଟନ କରାଯାଇଥିଲା । କିନ୍ତୁ ଏଠାରେ ବର୍ଣ୍ଣକେୟାର୍ ୟୁନିଟ୍ ପ୍ରତିଷ୍ଠା ହୋଇନଥିବାରୁ ଗୁଣାତ୍ମକ ଚିକିତ୍ସା ସେବା ପାଇଁ ରୋଗୀ ଅନ୍ୟ ମେଡିକାଲ ଉପରେ ନିର୍ଭର କରିବାକୁ ବାଧ ହେଉଛନ୍ତି । ତେଣୁ ଆସିକା ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ବର୍ଣ୍ଣ କେୟାର ୟୁନିଟ୍ ପ୍ରତିଷ୍ଠା ଦିଗରେ ପଦକ୍ଷେପ ନେବାକୁ ଓଡିଶା ଅମଳା ସଂଘର ରାଜ୍ୟ ମୁଖ୍ୟ ପୃଷ୍ଠପୋଷକ ପ୍ରସନ୍ନ କୁମାର ତ୍ରିପାଠୀ ପ୍ରଶାସନକୁ ଅନୁରୋଧ କରିଛନ୍ତି ।



### କେବେ ହେବ ସହର ମୁଖ୍ୟ ରାସ୍ତାର ସମ୍ପ୍ରସାରଣ

# ସଙ୍କୁଚିତ ହୋଇଚାଲିଛି ଜଟଣୀ ମୁଖ୍ୟ ରାସ୍ତା



**ଜଟଣୀ,୨୮।୫/ଏନ୍‌ଏନ୍‌ଏସ୍:** ସହରର ମୁଖ୍ୟରାସ୍ତା ହରିଭାଇନା ଛକଠାରୁ ଜଟଣୀ କଲେଜ, ସେଞ୍ଚୁରୀୟାନ କଲେଜ ଛକ, କିଷ୍ଟ କଲେଜ ଏବଂ ଜଟଣୀ ଗେଟ୍ ଦେଇ ଜାତୀୟ ରାଜପଥ ୧୬କୁ ସଂଯୋଗ କରିଛି। ଏହି ମୁଖ୍ୟରାସ୍ତାର ଦୁଇପାର୍ଶ୍ୱରେ ଖାଲି ପଡ଼ିଥିବା ରାସ୍ତା କଡର ଜମି ଓ ସରକାରୀ ଜମି ମାଡିବସି ସେହି ଜମିଉପରେ ବେଆଇନ ଭାବେ ଦୋକାନ ଗୃହ ନିର୍ମାଣ ବୃଦ୍ଧି ଯୋଗୁଁ ଧୀରେ ଧୀରେ ମୁଖ୍ୟ ରାସ୍ତା ସଂକୀର୍ଣ୍ଣ ହେବାରେ ଲାଗିଛି। କାରଣ ରାସ୍ତାକୁ ମାଡି ଦୋକାନ କରିବା ଫଳରେ ପାର୍କିଙ୍ଗ ସମସ୍ୟା ସୃଷ୍ଟି ହେଉଛି କ୍ଷ ଗ୍ରାହକମାନେ ରାସ୍ତା ଉପରେ ଗାଡି ରଖି ଦୋକାନକୁ ଯାଉଥିବାରୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେବା ସହିତ ଦୁର୍ଘଟଣା ମଧ୍ୟ ଘଟୁଛି। ତେଣୁ ରାସ୍ତାର ଦୁଇପାର୍ଶ୍ୱରେ ବେଆଇନ ନିର୍ମାଣ ଦୋକାନଗୃହକୁ ଶୀଘ୍ର ଉଚ୍ଛେଦ ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ସ୍ଥାନୀୟ ପ୍ରଶାସନଏହାକୁ ଅଣଦେଖା କରିବା ଫଳରେ ଜଟଣୀର କିଛି ମୁଷ୍ଟିମେୟ ଲୋକ ରାସ୍ତାକଡ଼ରେ ଥିବା ସରକାରୀ ଜମି ମାଡିବସି ରାସ୍ତାକୁ ଲଗାଇ ଦୋକାନଘର ବେଆଇନ ନିର୍ମାଣ ଫଳରେ ଅନେକ ସମୟରେ ସଡ଼କ ଦୁର୍ଘଟଣା ଘଟି ନିରିହ ଲୋକଙ୍କ ପ୍ରାଣ ଅକାଳରେ ଚାଲିଯାଉଛି। ପ୍ରତ୍ୟକ ଦିନ ଏହି ରାସ୍ତାଦେଇ ଆଦର୍ଶବିଦ୍ୟାଳୟ, ପ୍ରାଣନାଥ ବାଳକ ବିଦ୍ୟାଳୟ, ଜଟଣୀମହାବିଦ୍ୟାଳୟ, ସେଞ୍ଚୁରୀୟାନ ମହାବିଦ୍ୟାଳୟ, କିଷ୍ଟ କଲେଜ, ଏସ. ଟି. ଜାଭିୟର୍ ସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଶହଏହ ଛାତ୍ରଛାତ୍ରୀ ତଥା ଗାଡ଼ିମୋଟର ଯିବାଆସିବା ସମୟରେ ରାସ୍ତା ଅବରୋଧ ଯୋଗୁଁ ଅନେକଥର ସଡ଼କ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳିଛି। ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ରାସ୍ତା କଡ଼ରେ ବୁଧବାର, ଶୁକ୍ରବାର, ରବିବାର ଏହି ତିନୋଟି ଆମିଷ ବାରରେ ମାଛ ଦୋକାନରେ ନାହିଁ ନଥିବା ଭିଡ଼ ଦେଖିବାକୁ ମିଳେ। ରାସ୍ତା କଡରେ ଦୋକାନ ହେତୁ ଗ୍ରାହକ ମାନେ ପାଟି ଲାଳସା ପାଇଁ ରାସ୍ତା ଉପରେ ନିଜର ଗାଡି ରଖିବା ଫଳରେ ମୁଖ୍ୟ ରାସ୍ତାଟି ଜାମ ହୋଇ ଟ୍ରାଫିକ ସମସ୍ୟା ସୃଷ୍ଟି କରେ କ୍ଷ ଏଥି ମଧ ସବୁ ଦେଖି ପ୍ରଶାସନ ଚୁପ କ୍ଷ ଜଟଣୀ କଲେଜ ସମ୍ମୁଖରେ ଥିବା ରାମଚନ୍ଦ୍ରପୁର ମୌଜାର ସରକାରୀ ଜାଗା ସମୁଦାୟ ୪୨ ପ୍ଲଟ, ଏରିଆ ୧୩୨ ଏକର ୯୭୫ ଡିସିମିଲ ହୋଇଥିବା ଜଣାଯାଇଛି। ସରକାରୀ ଜାଗାର କିଛି ପ୍ଲଟ୍‌ରେ ଫାୟାରଷ୍ଟେସନ, ସ୍କୁଲ କଲେଜ କିଛି ଶିକ୍ଷାନୁଷ୍ଠାନ ଗଢ଼ିଥିବା ବେଳେ ଅନେକ ପ୍ଲଟ୍‌କୁ ଜବରଦଖଲ କରି କିଛି ଜମି ଦଲାଲ, ମୁଷ୍ଟିମେୟ ଲୋକ ଦୋକାନଗୃହ ଓ ବାସଗୃହ ନିର୍ମାଣକରି ଭଡ଼ା ଲଗାଇ ଭଲ ଦୁଇ ପଇସା ରୋଜଗାର କରିଚାଲିଛନ୍ତି। ଏହାଦ୍ୱାରା ରାସ୍ତାକୁ ମାଡିବସି ରାସ୍ତା ଅବରୋଧ କରିଥିବାରୁ ବହୁ ସମସ୍ୟା ସୃଷ୍ଟି ହେଉଛି। ସ୍ଥାନୀୟ ପ୍ରଶାସନର କୋହଳ ମନୋଭାବ ଯୋଗୁଁ ଏହି ରାମଚନ୍ଦ୍ରପୁର ମୌଜାରେ ଏକର ଏକର ଜମି ଜବରଦଖଲ ହେବାରେ ଲାଗିଛି। ବଡ଼ ଦୁଃଖର ବିଷୟ କିଷ୍ଟ କଲେଜ ନିକଟରେ ଥିବା ନୂଆଶଙ୍ଖର ଅବସ୍ଥା ନ କହିଲେ ଭଲ। ଏହି ନୂଆଶଙ୍ଖ ଦେଇ ଦୁଇଟି ଗାଡି ଯିବା କଷ୍ଟ। କିନ୍ତୁ ଏଠାରେ ପ୍ରଶାସନ ଚୁପ୍। ଜମି ମାଫିଆ ଏବଂ ନିର୍ମାଣକାରୀ ସଂସ୍ଥା ମାଧ୍ୟମରେ ପ୍ରତିଯୋଗିତା ମୂଳକ ପାଣିନାଳ ପାଖରେ ଥିବା ଗୋବିନ୍ଦପୁର ଓ ଷଣ୍ଢପୁର ମୌଜାର ଖାତା ନଂ ୩୩୪, ଏରିଆ ୩୫ ଏକର ୮୬୬୦ ଡ଼ିସିମିଲ ଜମିକୁ ଜୈନିକ ବିଲ୍‌ଡର୍ ଉଭୟ ପାର୍ଶ୍ୱର ସରକାରୀ ଜମି ଜବରଦଖଲ କରି ରସ୍ତାକୁ ସଂକୁଚିତ କରିବା ଦୁଃଖର ବିଷୟ। ଦେଖିବାକୁ ଗଲେ ହରିଭାଇନା ଛକରୁ ପେଟ୍ରୋଲ ପମ୍ପ ପର୍ଯ୍ୟନ୍ତ ଖାସମାଲ ଜମି, ପେଟ୍ରୋଲ ପମ୍ପ ଠାରୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପର୍ଯ୍ୟନ୍ତ ଲୋକଙ୍କ ନିଜସ୍ୱ ଜମି, ସ୍ୱାସ୍ଥ୍ୟ କେନ୍ଦ୍ରଠାରୁ ଅଗ୍ନି ନିର୍ବାପକ କେନ୍ଦ୍ର ପର୍ଯ୍ୟନ୍ତ ସରକାରୀ ଜମି, ସେହିଠାରୁ ଜଟଣି ଗେଟ ପର୍ଯ୍ୟନ୍ତ ରାମଚନ୍ଦ୍ରପୁର, ଷଣ୍ଢପୁର ଏବଂ ଗୋବିନ୍ଦ ପୁର ମୌଜାର ସରକାରୀ ଜମି ଗୁଡିକର ରାସ୍ତା କଡରେ ଥିବା ଦୋକାନ ଗୃହ, ଉଠାଦୋକାନୀ ଏବଂ ସମସ୍ତ ବେଆଇନ ନିର୍ମିତ ଗୃହକୁ ଉଚ୍ଛେଦ କରି ଜନ ବହୁଳ ସମାଜରେ ଜନସାଧାରଣଙ୍କ ହିତ ଦୃଷ୍ଟିରୁ ସୁବିଧାରେ ଗମନାଗମନ ପାଇଁ ମୁଖ୍ୟ ରାସ୍ତାକୁ ସମ୍ପ୍ରସାରଣ ନିମନ୍ତେ ସାଧାରଣରେ ଦାବି ଉଠିଛି। ଏହି ରାସ୍ତା ଦେଇ ସ୍ଥାନୀୟ ଲୋକ ପ୍ରତିନିଧି, ବିଧାୟକ, ସାଂସଦ, ବ୍ଲକ ଅଧ୍ୟକ୍ଷ, ପୌରାଧ୍ୟକ୍ଷ ଅନେକ ପ୍ରଶାସନିକ ଅଧିକାରୀ ମାନେ ରାଜଧାନୀ ଭୁବନେଶ୍ୱର ଯିବାଆସିବା କରୁଥିଲେ ମଧ କାହାର ଏଥିପ୍ରତି ଦୃଷ୍ଟି ନ ପଡ଼ିବା ଅତ୍ୟନ୍ତ ଦୁଃଖର ବିଷୟ ବୋଲି ମତପ୍ରକାଶ ପାଇଛି। ଏହାର ପୁନଃଉଦ୍ଧାର ପାଇଁ ସ୍ଥାନୀୟ ବାସିନ୍ଦା ଏବଂ ବୁଦ୍ଧିଜୀବୀମାନେ ବାରମ୍ବାର ସ୍ଥାନୀୟ ଆର୍‌ଆଇ, ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରି ଦୃଷ୍ଟି ଆକର୍ଷଣ କରିଥିଲେ ମଧ ଏହାର କୌଣସି ସୁଫଳ ଦେଖିବାକୁ ମିଳୁନାହିଁ। ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେବାକୁ ଦାବି ହୋଇଛି। ନଚେତ ଆଗକୁ ବଡ଼ଧରଣର ଆନ୍ଦୋଳନର ଚେତାବନୀ ଜଣାଇଛନ୍ତି ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ।

### ମେଧା ସମ୍ମାନ ପ୍ରଦାନ ଉତ୍ସବ-୨୦୨୫

# 'ବିଦ୍ୟାର୍ଥୀ ହିଁ ବିଶ୍ୱର ଭବିଷ୍ୟତ'



**ଫୁଲନଖରା,୨୮।୫/ଏନ୍‌ଏନ୍‌ଏସ୍:** ବାସ୍ତବ ପକ୍ଷେ ବିଦ୍ୟାର୍ଥୀ ହିଁ ବିଶ୍ୱର ଭବିଷ୍ୟତ; ସେମାନଙ୍କ ଉପରେ ସମଗ୍ର ବିଶ୍ୱର ସ୍ଥିତି, ଉନ୍ନତି ଓ ବିଳୟ ନିର୍ଭରଶୀଳବୋଲି ବକ୍ତାମାନେ ମତପୋଷଣ କରିଛନ୍ତି। ଆରାଧା ଚାରିଟେବଲ ଟ୍ରଷ୍ଟ ଆନୁକୂଲ୍ୟରେ ସଦର ଥାନା ଅନ୍ତର୍ଗତ ବ୍ରାହ୍ମଣଝରିଲୋଠାରେ ଆୟୋଜିତ ମେଧା ସମ୍ମାନ ପ୍ରଦାନ ଉତ୍ସବ-୨୦୨୫ରେ ସମାଜସେବୀ ପ୍ରଦୋଷକୁମାର ମହାନ୍ତି ମୁଖ୍ୟ ଅତିଥିରୂପେ ଯୋଗଦେଇ ଏପରି ମତବ୍ୟକ୍ତ କରିଛନ୍ତି। କଟକ ସହରାଞ୍ଚଳ ଅତିରିକ୍ତ ପୁଲିସ ଡିସିପି ଦେବଦତ୍ତ କର କାର୍ଯ୍ୟକ୍ରମକୁ ଉଦଘାଟନ କରି ଶିକ୍ଷାଦ୍ୱାରା ଏକ ସୁସ୍ଥ ସମାଜ ଗଠନ ସମ୍ଭବ ବୋଲି ବର୍ଣ୍ଣନା କରିଥିଲେ। ଦଧିଚି କଲେଜ ମୁଖ୍ୟ ଡ଼ଃ.ମନୋଜକୁମାର ଦାଶ ମୁଖ୍ୟ ବକ୍ତାଭାବେ ମଞ୍ଚାସୀନ ରହି ବିଦ୍ୟାର୍ଥୀମାନଙ୍କୁ ରାଷ୍ଟ୍ର ପ୍ରଗତି ରଥର ମୁଖ୍ୟ ବିନ୍ଧାଣି ବୋଲି ଅଭିହିତ କରି ସେମାନେ ଚାହିଁଲେ ଏକ ସୁଦୃଢ଼ ତଥା ସୌହାର୍ଦ୍ଦ୍ୟପୂର୍ଣ୍ଣ ସମାଜ ଗଠନ ସହଜ ହୋଇପାରିବ ବୋଲି କହିଥିଲେ। ବରିଷ୍ଠ ସାମ୍ବାଦିକ ସୁରେନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ଉକ୍ତ ଶୈକ୍ଷିକ ସମ୍ମାନ ପ୍ରଦାନ ଉତ୍ସବରେ ଶିକ୍ଷାବିତ ସ୍ୱାମୀ ଆତ୍ମାନନ୍ଦ ସରସ୍ୱତୀ, ବାୟୁସେନା ଅଧିକାରୀ ସନ୍ତୋଷକୁମାର ଜେନା, ଆଇଆଇସି ଓମପ୍ରକାଶ ମହାନ୍ତି ଓ ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ଅଜୟକୁମାର ପାତ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ଼ଃ.ଶରତକୁମାର ରଥ, ସୁରେନ୍ଦ୍ରନାଥ ଛୋଟରାୟ, ଯୁଧିଷ୍ଠିର ପରିଜା, ସ୍ୱାଧିନଚେତା ମହାନ୍ତି, ସରକାରୀ ଓକିଲ କବିନାରାୟଣ ଜେନା, ସୁଶାନ୍ତ ମହାନ୍ତି, ବାଦଲ ଜେନା, ନଳୀନ ସେନାପତି, ସରପଞ୍ଚ ପଦ୍ମିନୀ ପ୍ରଧାନ, ସାଂସଦଙ୍କ ପ୍ରତିନିଧି ଦିଲୀପକୁମାର ପାତ୍ର, ସରପଞ୍ଚ ରୋହିଣୀ ଭୋଇ, ଗୋଲେଖଚନ୍ଦ୍ର ପାତ୍ର, ପ୍ରଦ୍ୟୁମ୍ନ ପତି, ପଣ୍ଡିତ ଅଜୟକୁମାର ପତି, ଲିଙ୍ଗରାଜ ମହାନ୍ତି, ଚନ୍ଦ୍ରମଣି ପ୍ରଧାନ, ଜଗଦୀଶ ମହାନ୍ତି, ଡାକ୍ତର ଅରବିନ୍ଦ ନନ୍ଦ, ଶରତକୁମାର ଆଚାର୍ଯ୍ୟ, ମୁରଲୀଧର ବେହେରା, ସଦାଶିବ ପାଳ, ନାଏବ ସରପଞ୍ଚ ମନମୋହନ ପାତ୍ର, ସୁଧାଂଶୁଶେଖର ମହାନ୍ତି, ଦିବ୍ୟସିଂହ ପାତ୍ର, ଦ୍ୱାରିକାନାଥ ଦାଶ, ଇଂଜିନିୟର ଫଣିଭୂଷଣ ମହାନ୍ତି, ପଦ୍ମନାଭ ମହାନ୍ତି, ଦିଲୀପ ସାମନ୍ତରାୟ, ମହମ୍ମଦ ନୁର, ସନାତନ ପରିଜା, ଦିଲୀପ ବିଶ୍ୱାଳ, ପ୍ରଦୀପଚନ୍ଦ୍ର ପଣ୍ଡା, ଦିଗମ୍ବର ସାହୁ, ଡକ୍ଟର ଆରତୀ ପଣ୍ଡା, ପ୍ରବୋଧ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅଞ୍ଚଳର ମାଟ୍ରିକ ଏବଂ ଯୁକ୍ତ ଦୁଇ ଶ୍ରେଣୀରେ ସର୍ବୋଚ୍ଚ ନମ୍ବର ରଖିଥିବା ୫୫ ଜଣ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କଦ୍ୱାରା ସମ୍ମାନିତ କରାଯାଇଥିଲା। ଶ୍ରୀ ସନ୍ନ୍ୟାସୀଜୀ ସଭାକାର୍ଯ୍ୟ ସଞ୍ଚାଳନ କରିଥିଲେ। ସାମ୍ବାଦିକ ପ୍ରତାପକଶେରୀ ପାତ୍ର, ଗଜେନ୍ଦ୍ରନାଥ ଦାସ, ରାଜକିଶୋର ବେହେରା, ରାକେଶ ହୋତା, କାନନବିହାରୀ ନାୟକ, ରମେଶଚନ୍ଦ୍ର ପ୍ରଧାନ, ବିଭୂତି ଭୂଷଣ ତରାଇ, ଆଦିତ୍ୟ ଛୋଟରାୟ, ଡକ୍ଟର ଭବାନୀଶଙ୍କର ପାତ୍ର, ଗୁରୁପ୍ରସାଦ ମହାପାତ୍ର, ପ୍ରଦୀପକୁମାର ଦାସ, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ନିର୍ମଳାବାଳା ପାତ୍ର, ସସ୍ମିତା ସାହୁ ଓ ଇଂଜିନିୟର ସେବକ ଶ୍ରୀକାନ୍ତ ସହଯୋଗ କରିଥିଲେ। ସାମ୍ବାଦିକ ଅଜୟକୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଆରାଧା କଲଚରାଲ ଏକାଡ଼େମୀ ଛାତ୍ରଛାତ୍ରୀଙ୍କଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ବାଟୋଇଙ୍କୁ ଦଳି ମାରିଦେଲେ ହାତୀପଲ



**ଓଡ଼ଗାଁ,୨୮।୫/ଏନ୍‌ଏନ୍‌ଏସ୍:** ନୟାଗଡ ଜିଲ୍ଲା ନୂଆଗାଁ ଥାନା ଅନ୍ତର୍ଗତ ବଡ ତଇଳା ଜଙ୍ଗଲ ରାସ୍ତାରେ ଜଣେ ବ୍ୟକ୍ତିଙ୍କୁ ଏକ ବଣୁଆ ହାତୀ ଦଳି ଚକଟି ମାରିଦେଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ ନୂଆଗାଁ ବ୍ଲକ ପାରାଢ଼ିପି ପଞ୍ଚାୟତ ଅଧୀ ପୋକସୁଙ୍ଗା ଗ୍ରାମର ବ୍ରଜ ମଳିକ(୫୨) ମଙ୍ଗଳବାର ସନ୍ଧ୍ୟାରେ ଶୁଡୁକାବାରିରୁ ସାଇକେଲ ଯୋଗେ ନିଜ ଘର ପୋକସୁଙ୍ଗାକୁ ଫେରୁଥିବାବେଳେ ବଡ଼ତଇଳା କାଜୁ ଜଙ୍ଗଲ ମଧରେ ବଣୁଆ ହାତୀପଲଙ୍କ ସହିତ ମୁହାମୁହିଁ ହୋଇଥିଲେ। ହାତୀ ତାଙ୍କ ଶୁଣ୍ଢରେ ବ୍ରଜଙ୍କୁ ଆକ୍ରମଣ କରିବାରୁ ସେ ତଳେ ପଡ଼ିଯାଇଥିଲେ। ତା'ପରେ ହାତୀପଲ ସେମାନଙ୍କ ପାଦରେ ବ୍ରଜଙ୍କୁ ଦଳି ଦେଇଥିଲେ। ଫଳରେ ଘଟଣାସ୍ଥଳରେ ହିଁ ବ୍ରଜଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା। ଖବର ପାଇ ପାରାଢିପି ସରପଞ୍ଚ ବିଭୂତି ଭୂଷଣ ପ୍ରଧାନ, ମହିପୁର ବନବିଭାଗ କର୍ମଚାରୀ ଓ ପରିବାର ଲୋକେ ତାଙ୍କୁ ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନା ପାଇ ଓଡ଼ଗାଁ ପୁଲିସ ଶବ ଜବତକରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି। ଏ ସଂକ୍ରାନ୍ତରେ ଓଡ଼ଗାଁ ଥାନାରେ ଏକ ମାମଲା ରୁଜୁ ହୋଇଥିବାବେଳେ ମୃତ ବ୍ରଜଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଭାରସାମ୍ୟ ହରାଇ କାର୍ ଦୁର୍ଘଟଣାଗ୍ରସ୍ତ

**ବାରଙ୍ଗ,୨୮।୫/ଏନ୍‌ଏନ୍‌ଏସ୍:** ବାରଙ୍ଗ ଥାନା ଅନ୍ତର୍ଗତ ଗୋବିନ୍ଦପୁର ଛକ ଲଟା ବାସେଲୀ ନିକଟରେ ଏକ କାର ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। କାରରେ ଥିବା ତାଳଚେର, ଗୋପାଳପୁରର ମଣି ସାହୁ ଓ ରାକେଶ ବେହେରା ବର୍ତ୍ତି ଯାଇଛନ୍ତି। ସୂଚନା ମୁତାବକ ଉଭୟ ତାଙ୍କର ଜଣେ ସମ୍ପର୍କୀୟଙ୍କୁ ଆଣିବା ପାଇଁ କାର୍ ଯୋଗେ ତାଳଚେରରୁ କଟକ ଅଭିମୁଖେ ବାହାରିଥିଲେ। ଗୋବିନ୍ଦପୁର ଲଟା ବାଶେଳୀ ନିକଟରେ ପହଞ୍ଚି ଥିବାବେଳେ ତାଙ୍କ ଗାଡି ଆଗକୁ ଏକ ଆଇଚର ଗାଡି ଚାଲିଆସିଥିଲା। ଫଳରେ କାର୍ ଚାଳକ ଜଣକ ଭାରସାମ୍ୟ ହରାଇବାରୁ କାର୍‌ଟି ରାସ୍ତାତଳକୁ ଖସି ଯାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ କାରର ସମ୍ମୁଖ ଭାଗ ଭାଙ୍ଗି ଯାଇଥିବାବେଳେ କାର୍‌ରେ ଥିବା ଦୁଇଜଣ ଅଳ୍ପକେ ବର୍ତ୍ତି ଯାଇଥିଲେ।

# ମାଗଣା ସ୍ୱାସ୍ଥ୍ୟ ସେବା ଶିବିର




**ଖୋର୍ଦ୍ଧା,୨୮।୫/ଏନ୍‌ଏନ୍‌ଏସ୍:** ଭୁବନେଶ୍ୱର ବରମୁଣ୍ଡା ହାଉସିଂବୋର୍ଡ କଲୋନୀଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ କଳିଙ୍ଗ ସ୍ପୋର୍ଟିଂ କ୍ଲବ୍, ବରମୁଣ୍ଡା ରୋଟାରୀ, ଓ ମଣିପାଲ ହସ୍ପିଟାଲ ମିଳିତ ଆନୁକୂଲ୍ୟରେ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ଏକ୍ରାମ ଭୁବନେଶ୍ୱର ବିଧାୟକ ବାବୁ ସିଂ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିଷ୍ଠାତା ସାଧାରଣ ସମ୍ପାଦିକା ସୁବ୍ରତା ବନ୍ଦୋପାଧ୍ୟାୟଙ୍କ ଅଧକ୍ଷତାରେ ଶିବିର କାର୍ଯ୍ୟଟିକୁ ପରିଚାଳନା କରାଯାଇଥିଲା। ଶିବିରରେ ସ୍ଥାନ୍ୟ କର୍ପୋରେଟର ଦୀପକ କୁମାର ମିଶ୍ର, ସଭାପତି ଦେବସୁନ୍ଦର ମହାପାତ୍ର, ପୂର୍ବତନ କର୍ପୋରେଟର ପ୍ରତାପ ସାହୁ, ମଣିପାଲ୍ ହସ୍ପିଟାଲର ଡଃ ଭରତ ଭୂଷଣ, ଶୁଭ୍ରଜିତ ସୁନ୍ଦରାଏ, ରୋଟାରୀ ସେକ୍ରେଟାରୀ କ୍ଷିତିସ ସ୍ୱାଇଁ, ପୁର୍ବତନ ସଭାପତି ସାରଦା ମହାନ୍ତି, ଓ ରୋଟାରୀର ମହାମୟ ତେଜାନି ଉପସ୍ଥିତ ରହି ସହଯୋଗ କରିଥିଲେ। ଉକ୍ତ ଶିବିରରେ ବିଧାୟକ ସ୍ୱେଚ୍ଛାସେବୀ ମାନଙ୍କୁ ସେବାଶ୍ରୀରେ ସମ୍ମାନିତ କରିଥିଲେ। କଳିଙ୍ଗ ସ୍ପୋଟିଂ କ୍ଲବର ନର୍ମଦା ଶତପଥୀ, ପ୍ରବିଣା ମିଶ୍ର, ସୌଦାମିନୀ ଜେନା, ମିତାଞ୍ଜଳି ମହାନ୍ତି, ସୁଜାତା ରଥ, ଡେଜି ଶତପଥୀ, ଶୁଭଲକ୍ଷ୍ମୀ, ଲକ୍ଷ୍ମୀପ୍ରିୟା, ସୁଜାତା, ସଂଗୀତା, ଶୁଭଶ୍ରୀ ଓ ମିନତି ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଜଗତସିଂହପୁର ସାଂସଦଙ୍କ ପ୍ରତିନିଧି ନିଯୁକ୍ତିକୁ ନେଇ କନ୍ଦଳ

**କୋଣାର୍କ,୨୮।୫/ଏନ୍‌ଏନ୍‌ଏସ୍:** କୋଣାର୍କ ଏନ୍‌ଏସି, କାକଟପୁର ବ୍ଲକ୍, ଅସ୍ତରଙ୍ଗ ବ୍ଲକ ଓ ଗୋପ ବ୍ଲକ୍‌ର ୧୪ଗୋଟି ଗ୍ରାମ ପଞ୍ଚାୟତକୁ ନେଇ କାକଟପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଗଠିତ। ଗତ ବିଧାନସଭା ନିର୍ବାଚନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜିଙ୍କ ଲହର ଯୋଗୁଁ ଜଗତସିଂହପୁର ଲୋକସଭା ନିର୍ବାଚନମଣ୍ଡଳୀରୁ ସାଂସଦ ଭାବେ ଡଃ ବିଭୁପ୍ରସାଦ ତରାଇ ନିର୍ବାଚିତ ହୋଇଥିଲେ। ନିର୍ବାଚିତ ହେବା ପରେ ଏବେ ନିଜର ପ୍ରତିନିଧିତ୍ୱ ପାଇଁ ଓ ବିଭିନ୍ନ ନିର୍ବାଚନ ମଣ୍ଡଳୀରେ କାର୍ଯ୍ୟ ସୁରୁଖୁରୁରେ କରିବା ପାଇଁ ନିଜର ପ୍ରତିନିଧି ନିଯୁକ୍ତି ଦେଉଥିବା ଦେଖାଯାଇଛି। ବିଶେଷଭାବେ ଜଗତସିଂହପୁର ଲୋକସଭା ନିର୍ବାଚନମଣ୍ଡଳୀ ଅଧୀନ କାକଟପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୋଣାର୍କ ଏନ୍‌ଏସି ଓ କାକଟପୁର ବ୍ଲକରେ ଶାସକ ଦଳ ବିଜେପି ପାଇଁ ଦୀର୍ଘ ଦିନ ଧରି ଅକ୍ଳାନ୍ତ ପରିଶ୍ରମ ଓ ନିଷ୍ଠାପର ଭାବେ କାର୍ଯ୍ୟ କରିଥିବା ପୁରୁଖା ନେତାମାନଙ୍କୁ ଅଣଦେଖା କରି କନିଷ୍ଠ ନେତାମାନଙ୍କୁ ଜଗତସିଂହପୁର ସାଂସଦ ନିଜର ପ୍ରତିନିଧି ଭାବେ ମନୋନୀତ କରିବାକୁ ନେଇ ଶାସକ ଦଳର କର୍ମୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଦକ୍ଷତା ଅନୁଯାୟୀ କର୍ମୀ ମାନଙ୍କୁ ଦାଇତ୍ୱ ଦିଆ ନଯିବା ଓ ବରିଷ୍ଠ କର୍ମୀମାନଙ୍କୁ ଉପେକ୍ଷା କରି ଜରୁରୀ ନଥିବା ବିଭିନ୍ନ କାର୍ଯ୍ୟ ଦାଇତ୍ୱ ଦେଇ ନିଜର ପ୍ରତିନିଧିତ୍ୱ ଭାବେ ପ୍ରତିନିଧି ନିଯୁକ୍ତି ଦିଆଯାଇଛି। ଯାହାକୁ ନେଇ ବରିଷ୍ଠ କର୍ମୀଙ୍କ ମଧରେ ଘୋର ଅସନ୍ତୋଷ ପ୍ରକାଶପାଇଛି। ଯାହା ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଏହା ଶୁଭଙ୍କର ନୁହେଁ ବୋଲି ଚର୍ଚ୍ଚା ଜୋର୍‌ଦାର୍ ହେଉଛି। ସାଂସଦ କାହା ନିର୍ଦ୍ଦେଶରେ କାହା ପରାମର୍ଶରେ ଏପରି ତୁଷ୍ଟିକରଣ ରାଜନୀତି ପାଇଁ ବିଜେପିର ବରିଷ୍ଠ ପୁରୁଖା ନେତାମାନଙ୍କୁ ଉପେକ୍ଷା କରି ନବାଗତ ମାନଙ୍କୁ ବିଭିନ୍ନ ମହାବିଦ୍ୟାଳୟ, ମେଡିକାଲ, ଉପ ସ୍ୱାସ୍ଥ୍ୟକେନ୍ଦ୍ର ତଥା ବିଭିନ୍ନ ସରକାରୀ ଅନୁଷ୍ଠାନମାନଙ୍କରେ ନିଜର ପ୍ରତିନିଧି ଭାବରେ ମନୋନୀତ କରିଛନ୍ତି ତାହା କୋଣାର୍କ ଏନଏସି ତଥା କାକଟପୁର ନିର୍ବାଚନ ମଣ୍ଡଳୀର ବୁଦ୍ଧିଜୀବୀ, ଭୋଟର, ବରିଷ୍ଠ ନାଗରିକ, ସଚେତନ ନାଗରିକ, ରାଜନୈତିକ ବିଶେଷଜ୍ଞ ଓ ଜନସାଧାରଣମାନଙ୍କ ମଧରେ ନାନା ପ୍ରକାରର କଳ୍ପନା ଜଳ୍ପନା ପ୍ରକାଶ ପାଇଛି। ବିଜେପିର ଏଭଳି ରାଜନୈତିକ ତୁଷ୍ଟିକରଣ ଘଟଣାକୁ ନାପସନ୍ଦ କରାଯାଇଛି ବୋଲି ସାଧାରଣରେ ଆଲୋଚନା ହେଉଛି। ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ଆଖି ଆଗରେ ରଖି ଶାସକ ଦଳର ବରିଷ୍ଠ ନେତା ଓ କର୍ମୀମାନଙ୍କୁ ଅଣଦେଖା କରି ନବାଗତଙ୍କ ଉପରେ ଭରସା ରଖି କରାଯାଇଥିବା ସନ୍ତୁଷ୍ଟିକରଣକୁ ନେଇ ବିଜେପି କର୍ମୀଙ୍କ ମଧରେ ଫାଟ ସୃଷ୍ଟି ହୋଇଛି। ଯାହା କେତେଦୂର ଶାସକ ବିଜେପି ଦଳ ପାଇଁ ଶୁଭଙ୍କର ହେବ ତାହା ଆଗାମୀ ଦିନରେ ଜଣାପଡ଼ିବ ବୋଲି ରାଜନୈତିକ ବିଶାଦାରମାନଙ୍କ ମହଲରେ ଆଲୋଚନା ଜୋର୍ ଧରିଛି।

# ରଘୁନାଥ ବିଦ୍ୟାପୀଠ ପକ୍ଷରୁ ବଜ୍ରପାତ ସଚେତନତା ଶୋଭାଯାତ୍ରା

**ଓଡ଼ଗାଁ,୨୮।୫/ଏନ୍‌ଏନ୍‌ଏସ୍:** ବଜ୍ରପାତ ଯୋଗୁଁ ମୃତାହତ ହେଉଥିବା ଜିଲ୍ଲାଗୁଡିକରେ ବ୍ୟାପକ ସଚେତନତା କରାଯାଉଥିବାବେଳେ ଓଡ଼ଗାଁ ଏନଏସି ସ୍ଥିତ ରଘୁନାଥ ବିଦ୍ୟାପୀଠ ପକ୍ଷରୁ ବୁଧବାର ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ଚନ୍ଦ୍ରଶେଖର ନାୟକ ଏହାକୁ ଉଦ୍‌ଘାଟନ କରିଥିବା ବେଳେ ୧୮୮ଜଣ ଛାତ୍ର ଓ ୧୧ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଏହି ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ। ବିଜୁଳି ଓ ବଜ୍ରାଘାତ ଉପରେ ବିଭିନ୍ନ ପ୍ରକାର ସ୍ଲୋଗାନ ସହିତ ପ୍ରଚାରପତ୍ର ବାଣ୍ଟି ଲୋକଙ୍କୁ ସଚେତନ କରାଇଥିଲେ। ବଜ୍ରପାତର କାରଣ, ବଜ୍ରପାତ ସମୟରେ କି କି କାର୍ଯ୍ୟ କରିବା ଉଚିତ୍ ଓ କ'ଣ କରିବା ଅନୁଚିତ୍ ସେ ସମ୍ବନ୍ଧେ ଲୋକଙ୍କୁ ସଚେତନ କରାଯାଇଥିଲା। ତାଳଗଛ କିପରି ଭାବେ ବଜ୍ରପାତକୁ ରୋକେ ଓ ତାଳଗଛ ବୃଦ୍ଧି କରିବାକୁ ସହକାରୀ ଶିକ୍ଷକ ପ୍ରସନ୍ନ କୁମାର ପାଣିଗ୍ରାହୀ ସମସ୍ତଙ୍କୁ ଜଣାଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାପୀଠର ସହକାରୀ ଶିକ୍ଷକ ସମରଜିତ୍ ସାହୁ, ବିଭୁରଞ୍ଜନ ଦାସ ଓ ଶିକ୍ଷୟିତ୍ରୀ ନିଳୀମା ବାହିନୀପତି ପ୍ରମୁଖ ସହଯୋଗ କରିଥିବାବେଳେ ଉକ୍ତରାଲି ବିଦ୍ୟାପୀଠରୁ ବାହାରି ସିନେମାହଲ ଛକ ଓ ଲଜ୍ ଗଳିଦେଇ ସହର ପରିକ୍ରମା କରିଥିବା ଜଣାପଡ଼ିଛି।




# ବିଦ୍ୟୁତ୍ ସଂସ୍ପର୍ଶରେ ବୃଦ୍ଧଙ୍କ ମୃତ୍ୟୁ

**ଓଡ଼ଗାଁ,୨୮।୫/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ଆଦର୍ଶ ଥାନା ଅନ୍ତର୍ଗତ ପାଇକ ପନ୍ତିଖାରି ଗ୍ରାମରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ବୃଦ୍ଧଙ୍କର ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ ସରକାର ଘଡଘଡି, ବିଜୁଳି ସମୟରେ ସତର୍କତା ଅବଲମ୍ବନ କରିବା ଓ ବର୍ଷା ସମୟରେ ବିଦ୍ୟୁତ୍ ଠାରୁ ଦୂରେଇ ରହିବା ପାଇଁ ପ୍ରଚାର ପ୍ରସାର କରୁଥିବାବେଳେ କିଛିବ୍ୟକ୍ତି ଏହାକୁ ହେୟଜ୍ଞାନ କରି ଦୁର୍ଘଟଣାର ଶିକାର ହେଉଛନ୍ତି। ଆଜି ଓଡ଼ଗାଁ ଆଦର୍ଶ ଥାନା ଅନ୍ତର୍ଗତ ଗୋଡ଼ିପଲୀ ପଞ୍ଚାୟତ ପାଇକ ପାନ୍ତିଖାରି ଗ୍ରାମର ମେଘନାଦ ଦାସ (୬୫) ନିଜଘରେ ଲାଗିଥିବା ମଟର ସୁଇଜ ମାରିବାପରେ ତାଙ୍କୁ କରେଣ୍ଟ ଲାଗି ଯାଇଥିଲା। ସେ ଚିତ୍କାର କରିବା ସହିତ ତଳେ ବାଡେଇହୋଇ ପଡ଼ିଯାଇଥିଲେ। ପରିବାର ଲୋକ ଓ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ସଙ୍ଗେସଙ୍ଗେ ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। କିନ୍ତୁ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ଓଡ଼ଗାଁ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି। ମେଘନାଦଙ୍କ ମୃତ୍ୟୁପରେ ଗାଁରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିବା ବେଳେ ସ୍ଥାନୀୟ ସରପଞ୍ଚ ସସ୍ମିତା ପାତ୍ର ପହଞ୍ଚି ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହିତ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି କରିଛନ୍ତି।

# ଖଣ୍ଡପଡ଼ାରେ ଶୀତଳଷଷ୍ଠୀ ଯାତ୍ରା ପ୍ରସ୍ତୁତି

**ଖଣ୍ଡପଡ଼ା,୨୮।୫/ଏନ୍‌ଏନ୍‌ଏସ୍:** ଖଣ୍ଡପଡ଼ା ସହରରେ ରାଜରାଜୁଡା ଅମଳରୁ ପାଳିତ ହୋଇ ଆସୁଛି ପବିତ୍ର ଶୀତଳଷଷ୍ଠୀ ଯାତ୍ରା। ଚଳିତବର୍ଷ ଶୀତଳଷଷ୍ଠୀ ଯାତ୍ରାକୁ ସରସ ସୁନ୍ଦର କରିବା ପାଇଁ ଶୀତଳଷଷ୍ଠୀ ଯାତ୍ରା କମଟି ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ପ୍ରତିବର୍ଷ ଖଣ୍ଡପଡ଼ାର ଆରାଧ ପ୍ରଭୁ ଶ୍ରୀ ନୀଳକଣ୍ଠେଶ୍ୱର ଦେବ, ଶ୍ରୀ ବାଲୁଙ୍କେଶ୍ୱର ଦେବ, ଶ୍ରୀ ଲୋକନାଥ ଦେବ ଓ ଶ୍ରୀ ସୁବର୍ଣ୍ଣେଶ୍ୱର ଦେବଙ୍କ ଚଳନ୍ତି ପ୍ରତିମାବିମାନ ଯୋଗେ ମନ୍ଦିରରୁ ବାହାରି ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିବା ସହ ଖଣ୍ଡପଡ଼ା ବଡ଼ଦାଣ୍ଡରେ ୪ ଶମ୍ଭୁଙ୍କର ମିଳନ ପର୍ବ ଅନୁଷ୍ଠିତ ହୋଇଥାଏ। ଶୀତଳଷଷ୍ଠୀ ଯାତ୍ରା ପରିପ୍ରେକ୍ଷୀରେ ଖଣ୍ଡପଡା ସହର ଚଞ୍ଚଳ ହୋଇ ଉଠିଛି। ୪ଟି ମନ୍ଦିର ପରିଚାଳନା କମିଟି ପକ୍ଷରୁ ଏ ନେଇ ପ୍ରସ୍ତୁତି ପର୍ବ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ଜଣାପଡ଼ିଛି।

# ଗ୍ରୀଷ୍ମକାଳୀନ ଚେସ୍ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ନୟାଗଡ଼,୨୮।୫/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ଏନ୍‌ଏସି ହାଇସ୍କୁଲ ଠାରେ ଗତ ୧୬ ତାରିଖରୁ ଆରମ୍ଭ ହୋଇ ଦୀର୍ଘ ୧୨ ଦିନ ବ୍ୟାପି ଅନୁଷ୍ଠିତ ହୋଇଥିବା ଗ୍ରୀଷ୍ମକାଳୀନ ଚେସ୍ ପ୍ରଶିକ୍ଷଣ ଶିବିର ଆଜି ଉଦ୍‌ଯାପିତ ହୋଇଯାଇଛି। ନୟାଗଡ଼ ଜିଲ୍ଲା ଚେସ୍ ଆସୋସିଏସନ୍ ଏବଂ ଅଲ ଓଡ଼ିଶା ଚେସ୍ ଆସୋସିଏସନ୍‌ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ ଶିବିରର ଅନ୍ତିମ ଦିବସରେ ମୁଖ୍ୟ ଅତିଥି ଭାବେ ଅଲ ଓଡ଼ିଶା ଚେସ୍ ଆସୋସିଏସନ୍‌ର ସମ୍ପାଦକ ଇଂ ଦେବବ୍ରତ ଭଞ୍ଜ ଯୋଗଦାନ କରି ପିଲାମାନଙ୍କୁ ଉତ୍ସାହିତ କରିବା ସହିତ ଚେସ୍ ଖେଳ ଶୃଙ୍ଖଳା ଜ୍ଞାନ ଶିଖାଇବା ସହିତ ସମସ୍ୟା ସମାଧାନରେ ସହାୟକ ହୋଇଥାଏ ବୋଲି କହିଥିଲେ। ସେହିପରି ଭଲ ଚେସ୍ ଖେଳୁଥିବା ପିଲାମାନେ ଭଲ ପାଠ ପଢ଼ନ୍ତି ବୋଲି ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ କହିବା ସହିତ ନୟାଗଡ଼ ଜିଲ୍ଲାର ସମସ୍ତ ଚେସ୍ କାର୍ଯ୍ୟକ୍ରମରେ ରାଜ୍ୟ ସଂଘ ସମ୍ପୂର୍ଣ୍ଣ ସହଯୋଗ କରିବ ବୋଲି ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶାରୀରିକ ଶିକ୍ଷା ଓ କ୍ରୀଡ଼ା ଅଧିକାରୀ ଅନିଲ କୁମାର ଦାଶ ଯୋଗଦେଇ ଚଳିତ ଶିକ୍ଷାବର୍ଷରୁ ବିଦ୍ୟାଳୟ ସ୍ତରରେ ଚେସ୍ ଖେଳକୁ ଅଧିକ ଲୋକପ୍ରିୟ କରାଯିବା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଜିଲ୍ଲା ଚେସ୍ ସଂଘ ଉପସଭାପତି ବାଲାରସେନ ପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉଦ୍‌ଯାପନୀ ସଭାରେ




କୋଷାଧକ୍ଷ ତାରୁନ ଖାଁ ମଞ୍ଚ ପରିଚାଳନା କରିଥିବା ବେଳେ ଜିଲ୍ଲା ସମ୍ପାଦକ ଲକ୍ଷ୍ମୀଧର ସାହୁ ସ୍ୱାଗତ ଭାଷଣ ଏବଂ ଶିବିରର ଆଭିମୁଖ୍ୟ ଏବଂ ଫଳାଫଳ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧରେ ରାଜ୍ୟ ଚେସ ସଂଘର କାର୍ଯ୍ୟକାରୀ କମିଟି ସଦସ୍ୟ ରିତେଶ କୁମାର ରଥ ଅନ୍ୟତମ ଅତିଥି ଭାବେ ମଞ୍ଚାସୀନ ଥିବା ବେଳେ ସଦସ୍ୟ ଧିରେନ ପ୍ରଧାନ,ଅଜିତ କୁମାର ମିଶ୍ର, ଶିଶିର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ନିକଟରେ ଆସାମର ଗୌହାଟି ଠାରେ ଅନୁଷ୍ଠିତ ସର୍ବଭାରତୀୟ ଆସାମ ପ୍ରିମିୟର ଲିଗରେ ଓଡ଼ିଶା ଦଳ ଚମ୍ପିୟାନ ହୋଉଥିବାରୁ ବିଜୟୀ ଦଳକୁ ଅତିଥିମାନେ ଶୁଭେଚ୍ଛା ଜଣାଇଥିଲେ।ପ୍ରଶିକ୍ଷଣ ଶିବିରକୁ ପ୍ରଶିକ୍ଷକ ଭାବେ ଜୟ ପ୍ରକାଶ ବୈରୀଗଞ୍ଜନ, ବାଲାରସେନ ପାତ୍ର,ଶିଶିର କୁମାର ନାୟକ, ଏବଂ ହାଡୁବନ୍ଧୁ ସାହୁ ପିଲାମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟ ଶିକ୍ଷୟିତ୍ରୀ ରୋଜାଲିନ ମିଶ୍ର, ମଞ୍ଜିତ ଜେନା ଏବଂ ଚିତ୍ତରଞ୍ଜନ ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ମୋଟ ୭୩ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବା ବେଳେ ସମସ୍ତେ ଅତିଥିମାନଙ୍କଠାରୁ ପ୍ରମାଣପତ୍ର ଗ୍ରହଣ କରିଥିଲେ।

**ନିତି ଭାରତୀ**

ନିଜର ପଡ଼ୋଶୀମାନଙ୍କୁ ନିଜ ଭଳି ଭଲପାଅ, କାରଣ ତୁମେ ନିଜେ ହିଁ ତୁମର ପଡ଼ୋଶୀ। ତୁମର ପଡ଼ୋଶୀ ତୁମେ ନିଜେ ନୁହେଁ, ଅନ୍ୟ କେହି ବୋଲି ଭାବିବା ତୁମର ଭ୍ରମ।
-ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍

ନିତିଦିନ
NITIDIN
ଗୁରୁବାର, ୨୯ ମେ, ୨୦୨୫

# ଏକ ଅସୁରକ୍ଷିତ ଚାକିରି ଚକ୍ରବ୍ୟୂହରୁ ସୁରକ୍ଷିତ ବିକଳ୍ପ ମାର୍ଗ

ଗୋଟିଏ ତିନି ଅକ୍ଷର ଶବ୍ଦ, ଯାହା ସାରା ଭାରତକୁ ଗ୍ରାସ କରିଛି, ତାହା ହେଉଛି 'ଚାକିରି'। ଯେଉଁମାନଙ୍କ ପାଖରେ ଅଛି, ସେମାନେ ଅସନ୍ତୁଷ୍ଟ ଏବଂ ଯେଉଁମାନଙ୍କ ପାଖରେ ନାହିଁ, ସେମାନେ ମଧ୍ୟ ଅସନ୍ତୁଷ୍ଟ। ଯେଉଁମାନେ ନିଜ ଚାକିରିରେ ଭଲ କାମ କରୁଛନ୍ତି, ସେମାନେ ଅସୁରକ୍ଷିତ ଏବଂ ଯେଉଁମାନେ ଖରାପ କାମ କରୁଛନ୍ତି, ସେମାନେ ଆହୁରି ଅଧିକ ଅସୁରକ୍ଷିତ। ଯେଉଁମାନଙ୍କର ଭଲ ଚାକିରି ଅଛି, ସେମାନେ ତା'ଠାରୁ ଅଧିକ ଭଲ ଚାକିରି ଖୋଜିବାରେ ବ୍ୟସ୍ତ ଏବଂ ଯେଉଁମାନଙ୍କର ଚାକିରି ନାହିଁ, ସେମାନେ ମଧ୍ୟ ସେହି ସମାନ ଚାକିରି ଖୋଜୁଛନ୍ତି। ଏହି ବ୍ୟାଧିକୁ କିଛି ଅସାଧୁ ବ୍ୟକ୍ତି ବା ଅନୁଷ୍ଠାନ ଠିକ୍ ଭାବରେ ବୁଝି ବିଭିନ୍ନ ଉପାୟରେ ସାଧାରଣ ବ୍ୟକ୍ତିଙ୍କୁ ଠକିବାରେ ଲାଗିଛନ୍ତି। କିଏ ଚାକିରି କରାଇ ଦେବ କହି ଠକି ଚାଲିଛି ତ କିଏ ଭଲ ପାଠ ପଢ଼ାଇ ଚାକିରି ଦେବାକୁ କହି ପାଠପଢ଼ାଠାରୁ ଆରମ୍ଭ କରି ଏକ ଲମ୍ବା ସମୟ ଧରି ଠକି




ବିମଳ ଷଡ଼ଙ୍ଗୀ

ଚାଲିଛି। କିଏ ଚାକିରି ଦେବ କହି ଶାସନ କ୍ଷମତାକୁ ଆସୁଛି ତ କିଏ ଚାକିରିରେ ପ୍ରମୋସନ କରାଇ ଦେବାର ପ୍ରଲୋଭନ ଦେଖାଇ ଯୌନ ଶୋଷଣ ବା ଅର୍ଥ ଶୋଷଣ କରି ଚାଲିଛି। ଏହିପରି ଭିନ୍ନ ଭିନ୍ନ ଉପାୟରେ ଚାକିରି ଆଶାୟୀମାନେ ଶୋଷିତ ହେଉଛନ୍ତି।

ନିକଟରେ ଓଡ଼ିଶାର ଗୋଟିଏ ଘରୋଇ ବୈଷୟିକ ବିଶ୍ୱବିଦ୍ୟାଳୟରେ ଜଣେ ଅଧ୍ୟାପକଙ୍କ ସହିତ କଥାବାର୍ତ୍ତା ହେଉଥିଲି। ତାଙ୍କର ବକ୍ତବ୍ୟ ଏହିପରି ଥିଲା। ମୋର ବ୍ରାଞ୍ଚ୍ କମ୍ପ୍ୟୁଟର ସାଇନ୍ସ। ମୋତେ ୪୨ ବର୍ଷ। ୧୫ ବର୍ଷର ଅଭିଜ୍ଞତା ଥାଇ ମଧ୍ୟ ମୋତେ ମୋ ପୂର୍ବ ଅନୁଷ୍ଠାନ ମାସିକ ୨୫ ହଜାର ଟଙ୍କା ଦରମା ଦେଉଥିଲା। ସେଥିରେ ପରିବାର ପ୍ରତିପୋଷଣ ଅସମ୍ଭବ ଥିଲା। ମାତ୍ର ସେ ଅନୁଷ୍ଠାନ ଛାଡ଼ି ଆଉ ଗୋଟିଏ ଘରୋଇ ବୈଷୟିକ ବିଶ୍ୱବିଦ୍ୟାଳୟରେ ଦୁଇ ମାସ ହେଲା ଯୋଗଦାନ କରି ମାସିକ ୪୦ ହଜାର ଟଙ୍କା ଦରମା ପାଇ ଟିକେ ନିଃଶ୍ୱାସ ମାରୁଛି। ସାର୍, ଭବିଷ୍ୟତ ପାଇଁ ମୁଁ କ'ଣ କରିବି? ବଞ୍ଚିବା ପାଇଁ ଆଉ କେତେ ଦିନ ଏ ଦୁଆରରୁ ସେ ଦୁଆର ବୁଲିବି? ମୁଁ ତାଙ୍କୁ ଗୋଟିଏ ପ୍ରସ୍ତାବ ଦେଇଥିଲି। ତାହା ଥିଲା, ଅବଶିଷ୍ଟ ସମୟ ମଧ୍ୟରେ ନିଜେ କୌଣସି ଏକ ବିଷୟରେ ପାରଦର୍ଶିତା ହାସଲ କର, ଯାହା ତୁମକୁ ନିଜେ କିଛି କରିବାର ଉପାୟ ଦେଇ ଅର୍ଥ ରୋଜଗାରର ରାସ୍ତା ଦେଖାଇ ପାରିବ, ଅନ୍ୟଥା ଆଉ ମାତ୍ର ୮ ବର୍ଷ ପରେ ଯେତେବେଳେ ୫୦ରୁ ୫୮ ବର୍ଷ ହେବ, ସେତେବେଳେ ତୁମକୁ ଆଉ ଚାକିରି ମିଳିବ ନାହିଁ। ସେ ସମୟରେ ତୁମେ କ'ଣ କରିବ? ଏଠାରେ ସ୍ମରଣ କରାଇ ଦେଉଛି ଯେ ଓଡ଼ିଶାରେ ଘରୋଇ ଇଞ୍ଜିନିୟରିଂ କଲେଜ ଓ ବୈଷୟିକ ବିଶ୍ୱବିଦ୍ୟାଳୟମାନଙ୍କରେ ସେମାନଙ୍କ କର୍ମଚାରୀ ଓ ଶିକ୍ଷକମାନଙ୍କୁ ଏଆଇସିଟିଇ କିମ୍ବା ୟୁଜିସି ମାନଦଣ୍ଡଠାରୁ କମ୍ ଦରମା ଦିଆଯାଏ। ସହାୟକ ପ୍ରଫେସରଙ୍କ ପାଇଁ ୧୦- ୧୫ ହଜାର ଟଙ୍କା ପର୍ଯ୍ୟନ୍ତ ଦରମା ଦିଆଯାଏ, ଯାହା ମାନଦଣ୍ଡଠାରୁ ବହୁତ୍ କମ୍ ବା ମାନଦଣ୍ଡରେ ଦେଖିବାକୁ ମିଳି ନଥାଏ ଓ ଅନ୍ୟାନ୍ୟ ଅଣଶିକ୍ଷକ କର୍ମଚାରୀଙ୍କ କଥା ନ କହିଲେ ଭଲ। ବିଳମ୍ବିତ କିମ୍ବା ଅନିୟମିତ ଦରମା ପ୍ରଦାନ ପ୍ରାୟତଃ ସବୁ ଅନୁଷ୍ଠାନର ମୂଳମନ୍ତ୍ର। କର୍ମଚାରୀମାନଙ୍କୁ ସେମାନଙ୍କର ନିଜସ୍ୱ ଦରମା ପାଇବା ପାଇଁ ଅନୁରୋଧ କରିବାକୁ କିମ୍ବା ଭିକ୍ଷା କରିବାକୁ ପଡ଼ିଥାଏ। ଅତିରିକ୍ତ ଦରମା ବିନା ଅଧିକ କାମ କରିବାକୁ ପଡ଼ିଥାଏ ଏବଂ କୌଣସି କାରଣ ନଥାଇ ହଠାତ୍ ସେମାନଙ୍କୁ ଚାକିରିରୁ ବାହାର କରି ଦିଆଯାଏ। ସେହିପରି ଅନେକ ଘରୋଇ କାରଖାନା ଓ ସାଧାରଣ ବର୍ଗର କଲେଜ, ସ୍କୁଲ ଓ ଅଣଶିକ୍ଷକ କର୍ମଚାରୀଙ୍କ ଅବସ୍ଥା ଆହୁରି ଦୟନୀୟ। ସେମାନଙ୍କର ମଧ୍ୟ ଚାକିରିରେ କୌଣସି ନୀତି ନିୟମ ନଥାଏ।

କଥାରେ ଅଛି- 'ବମ୍ବେଇକା ଲଡୁ ଯୋ ଖାୟା ୱୋ ପସ୍ତାୟା, ଯୋ ନେହିଁ ଖାୟା ୱୋ ଭି ପସ୍ତାୟା।' ବର୍ତ୍ତମାନ ସମୟରେ ଯେଉଁ ବ୍ୟକ୍ତିଙ୍କ ପାଖରେ ଏକ ନିଯୁକ୍ତି ଅଛି ବା ନିଯୁକ୍ତି ନାହିଁ, ସେମାନେ ସମସ୍ତେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ସର୍ଭେରୁ ଜଣାଯାଏ, ଭାରତର ଶତକଡ଼ା ୭୦ ଭାଗ କର୍ମଚାରୀ ଅସୁରକ୍ଷିତ ଢଙ୍ଗରେ ବସି ବିଶ୍ୱର ଅସୁରକ୍ଷିତ ପ୍ରତିକୂଳ ପରିସ୍ଥିତି ଏବଂ କୃତ୍ରିମ ବୁଦ୍ଧିମତ୍ତାର ଏକ ବିପର୍ଯ୍ୟସ୍ତ ପରିବେଶରେ ଯାତ୍ରା କରୁଛନ୍ତି। ଆଜିକାଲି ଚାକିରି ଖଣ୍ଡିଏ ପାଇବାର ହାରାହାରି ବୟସ ୨୫ ବର୍ଷ। ୨୫ରୁ ୩୦ ବର୍ଷ ବୟସର ପିଲାମାନେ କର୍ମକ୍ଷେତ୍ରରେ ନୂତନ। ସେଥିପାଇଁ ଅଳ୍ପ ଦରମାରେ କିଛିଦିନ କାମ କରି ରହି ଯାଆନ୍ତି ଓ କାର୍ଯ୍ୟ-ଜୀବନ ସନ୍ତୁଳନକୁ ଉପଭୋଗ କରନ୍ତି। ମାତ୍ର ୩୧ରୁ ୩୯ ବୟସ ଗୋଷ୍ଠୀ ଦ୍ୱନ୍ଦ୍ୱରେ ପଡ଼ି ଥାଆନ୍ତି। କାରଣ ସେ ସମୟରେ ସେମାନଙ୍କ ବିବାହ ଓ ପରିବାର ପ୍ରତି ଦାୟିତ୍ୱ ଆରମ୍ଭ ହୋଇଥାଏ। ସେଥିପାଇଁ ଅଧିକ ଅର୍ଥର ଆବଶ୍ୟକତା ଦୃଷ୍ଟିରୁ ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ଚାକିରି ପାଇଁ ବହୁବାର ସ୍ଥାନ ପରିବର୍ତ୍ତନ କରନ୍ତି। ୪୦ରୁ ୫୯ ବର୍ଷ ବୟସର ଲୋକମାନେ ସବୁଠାରୁ ଅସୁରକ୍ଷିତ, କାରଣ ପିଲାମାନଙ୍କର ଭବିଷ୍ୟତ ଗଠନ, ବାର୍ଦ୍ଧକ୍ୟ ପୀଡ଼ିତ ପିତାମାତାଙ୍କ ପାଇଁ କର୍ତ୍ତବ୍ୟ, ଭବିଷ୍ୟତ ପାଇଁ ଯୋଜନା ଇତ୍ୟାଦିରେ ଅଧିକ ଅର୍ଥର ଆବଶ୍ୟକତା ପଡ଼ିଥାଏ। ଆଉ ଠିକ୍ ସେହି ସମୟରେ ସେମାନଙ୍କ ଚାକିରିର ଅନିଶ୍ଚିତତା ବଢ଼ି ଯାଇଥାଏ। ଆଉ ୫୮ ବର୍ଷ ପରେ ସେମାନଙ୍କ ପାଇଁ ବଞ୍ଚିବା କଷ୍ଟକର ହୋଇପଡ଼େ। ଯଦି ଏହି ପ୍ରଶ୍ନଗୁଡ଼ିକର ଉତ୍ତର ପ୍ରାୟତଃ 'ହଁ' ହୁଏ, ତେବେ ସମସ୍ତ ବୟସର ଲୋକଙ୍କ ପାଇଁ ଚାକିରି ଏବଂ କାମ ପ୍ରତି ସେମାନଙ୍କର ମନୋଭାବକୁ ନୂତନ ଭାବରେ ଜାଗରଣ କରିବାର ସମୟ ଆସିଛି। ପ୍ରତ୍ୟେକ ନିଜେ କାମ କରିବାର କ୍ଷମତାକୁ ପୁନଃଜୀବିତ କରିବାର ସମୟ ଆସିଛି। ଅସ୍କାର ୱାଇଲ୍ଡଙ୍କ ମତରେ, 'ନିଜ ଚାକିରିକୁ ପ୍ରଶଂସା କରିବାର ସର୍ବୋତ୍ତମ ଉପାୟ ହେଉଛି, ବିନା ଚାକିରିରେ ନିଜ ଅବସ୍ଥାକୁ ଆକଳନ କରିବା ଓ ସେହି ଅନୁସାରେ ନିଜକୁ ପ୍ରସ୍ତୁତ କରିବା।' ସରଳ ଭାଷାରେ ତାହା ହେଉଛି, ନିଜକୁ ଏପରି ଭାବରେ ପ୍ରସ୍ତୁତ କରିବାକୁ ପଡ଼ିବ ଯେ ଚାକିରି ନ ମିଳିଲେ ମଧ୍ୟ କିପରି କୌଣସି ସମ୍ମାନଜନକ କାମ ମାଧ୍ୟମରେ ଟଙ୍କା ରୋଜଗାର କରାଯାଇ ପାରିବ।

କୋଭିଡ-୧୯ ଓ ତା'ର ପରବର୍ତ୍ତୀ ସମୟ ଆମକୁ ଏହା ଶିଖାଇ ଥିଲେ ମଧ୍ୟ ଆମେ ତାହା ଭୁଲିଯିବା ମୂର୍ଖାମୀର ପରିଚୟ। ଟିକିଏ ଭାବନ୍ତୁ ତ ଆଜକୁ ଠିକ୍ ପାଞ୍ଚ ବର୍ଷ ତଳର ଘଟଣା। ହଜାର ହଜର ଲୋକ ଚାକିରି ହରାଇ କିପରି ବଞ୍ଚିବାକୁ ନୂଆ ନୂଆ ଉପାୟ ଖୋଜି ଆପଣେଇ ଥିଲେ! ଫିଲ୍ମ ଦୁନିଆର କ୍ୟାମେରାମ୍ୟାନ୍ ପରିବା ଦୋକାନ ଖୋଲି ବଞ୍ଚିବାର ପ୍ରୟାସ କରିଥିଲେ। ସଫ୍ଟୱେର ଇଞ୍ଜିନିୟର ନିଜ ଗ୍ରାମରେ ମାଛ ଚାଷ କରି ବଞ୍ଚିବାର ନୂଆ ରାସ୍ତା ବାହାର କରିଥିଲେ। ତାମିଲନାଡୁ ଏବଂ ମହାରାଷ୍ଟ୍ରରେ ଚାକିରି ହରାଇ ଥିବା ଅନେକ ପୋଷାକ କାରଖାନାର ଶ୍ରମିକ ଏବଂ ଦରଜୀ କପଡ଼ା ମାସ୍କ ତିଆରି ଏବଂ ବିକ୍ରୟ କରିବାକୁ ଆରମ୍ଭ କରି ନିଜର ଜୀବିକା ମେଣ୍ଟାଇ ଥିଲେ। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି) ଲକ୍ଷ ଲକ୍ଷ ପୁନଃବ୍ୟବହାରଯୋଗ୍ୟ ମାସ୍କ ଉତ୍ପାଦନ କରିଥିଲେ ଏବଂ ସେଗୁଡ଼ିକୁ ସ୍ଥାନୀୟ ଭାବରେ କିମ୍ବା ସରକାରୀ ସଂସ୍ଥାଗୁଡ଼ିକୁ ଯୋଗାଇ ଥିଲେ। ଦିଲ୍ଲୀ, ବେଙ୍ଗାଲୁରୁ ଏବଂ କୋଲକାତାରେ ଛଟେଇ ହୋଇଥିବା ହୋଟେଲ କର୍ମଚାରୀ ଏବଂ ରୋଷେୟାମାନେ ଖାଦ୍ୟ ପ୍ରସ୍ତୁତ କରି ହୋମ୍ ଡେଲିଭରି ଆରମ୍ଭ କରିଥିଲେ। ଅନେକ ଗୃହିଣୀ ହ୍ୱାଟ୍ସଆପ୍ ଏବଂ ଜୋମାଟୋ ବା ସ୍ୱିଗି ବ୍ୟବହାର କରି ସେମାନଙ୍କ ରୋଷେଇକୁ ଛୋଟ ବ୍ୟବସାୟରେ ପରିଣତ କରିଥିଲେ।



ବିଶେଷକରି ଉତ୍ତରପ୍ରଦେଶ, ବିହାର, ଓଡ଼ିଶା, ଝାଡ଼ଖଣ୍ଡ ଇତ୍ୟାଦିର ଲକ୍ଷ ଲକ୍ଷ ପ୍ରବାସୀ ଶ୍ରମିକ ଘରକୁ ଫେରିବା ପରେ ପରିବା ଚାଷକୁ ନିଜର ବୃତ୍ତି କରିଥିଲେ। କିଛି ଛଟେଇ ହୋଇଥିବା ଆଇଟି କର୍ମଚାରୀ ଏବଂ ବିମାନ କର୍ମଚାରୀମାନେ ପରିବାରର ଜମି ବ୍ୟବହାର କରି ଜୈବିକ ଫାର୍ମ ଆରମ୍ଭ କରିଥିଲେ, ପନିପରିବା ଚାଷ କରିଥିଲେ ଏବଂ ସ୍ଥାନୀୟ ସମବାୟ କିମ୍ବା ସୋସିଆଲ ମିଡିଆ ମାଧ୍ୟମରେ ଉତ୍ପାଦଗୁଡ଼ିକୁ ବିକ୍ରୟ କରିଥିଲେ। ପଶ୍ଚିମବଙ୍ଗ, ପଞ୍ଜାବ ଏବଂ ଗୁଜରାଟ ଭଳି ରାଜ୍ୟରେ ଅନେକ ଶିକ୍ଷକ ଏବଂ ଶିକ୍ଷିତ ଯୁବକ ସ୍କୁଲର ପାଠ୍ୟ ବିଷୟ, ଭାଷା, ଗଣିତ, ବିଜ୍ଞାନ କିମ୍ବା ସଙ୍ଗୀତ ଶିକ୍ଷାଦାନ କରି କମ୍ ଫି' ନେଇ ଜୁମ୍ କିମ୍ବା ଗୁଗୁଲ ମିଟ୍ ମାଧ୍ୟମରେ ଅନଲାଇନ୍ ଶିକ୍ଷା ଆରମ୍ଭ କରିଥିଲେ। ଜୟପୁର ଏବଂ ଲକ୍ଷ୍ନୌ ଭଳି ସହରର ମହିଳାମାନେ ଶାଢ଼ି, ଅଳଙ୍କାର ଏବଂ ଘରୋଇ ସାମଗ୍ରୀ ଅନ୍‌ଲାଇନ୍‌ରେ ବିକ୍ରୟ କରିବା ପାଇଁ ମିଶୋ ଭଳି ପ୍ଲାଟଫର୍ମ ବ୍ୟବହାର କରିଥିଲେ ଏବଂ ବଡ଼ ନିବେଶ ବିନା ଛୋଟ ଆୟ ସୃଷ୍ଟି କରିଥିଲେ। ସହରାଞ୍ଚଳ ବଜାର ହରାଇ ଥିବା ଆଦିବାସୀ କାରିଗରମାନେ ସ୍ଥାନୀୟ ସମବାୟ ଏବଂ ଟ୍ରାଇଫେଡ୍ ଭଳି ସରକାରୀ ଇ-ମାର୍କେଟ ମାଧ୍ୟମରେ ହସ୍ତଶିଳ୍ପ ଏବଂ ଜଙ୍ଗଲଜାତ ଦ୍ରବ୍ୟ ବିକ୍ରୟ କରିବା ଆରମ୍ଭ କରିଥିଲେ। ମୋଟାମୋଟି କହିବାକୁ ଗଲେ, ଭବିଷ୍ୟତରେ ଚାକିରି ବଦଳରେ ଦକ୍ଷତା ବୃଦ୍ଧିର ଆବଶ୍ୟକତାକୁ ହୃଦୟଙ୍ଗମ କରି ବଞ୍ଚିବାର ରାସ୍ତା ବାହାର କରିଥିଲେ।

ସେ ସମୟରେ ବାହାରକୁ ବାହାରିବା ଚ୍ୟାଲେଞ୍ଜ ଥିବା ସତ୍ତ୍ୱେ ଏତେଗୁଡ଼ିଏ ବିକଳ୍ପ ବାହାରି ପାରିଥିଲା। ଏବେ ତ ସେ ସମୟ ନାହିଁ। ଚାକିରି ବିନା ଛୋଟ ଉପାୟରେ ମଧ୍ୟ ଆମେ ଆମର ହବିଗୁଡ଼ିକୁ ବା ନିଜେ ପାରଦର୍ଶୀ ଥିବା କୌଣସି ବିଷୟକୁ ନେଇ ଟଙ୍କା ରୋଜଗାର କରି ପାରିବା। ଏହା ଲେଖିବାର କ୍ଷମତା, ନାଚ କିମ୍ବା ଶିକ୍ଷା ଦେବାର କ୍ଷମତା, ଖାଦ୍ୟ ପ୍ରସ୍ତୁତି ଓ ଯୋଗାଣ, କୋଚିଂ, ସ୍କିଲ୍ ଟ୍ରେନିଂ ବା ଅନ୍ୟ କିଛି ଦକ୍ଷତା ହୋଇପାରେ, ଯାହା ହୁଏତ ଭବିଷ୍ୟତରେ ଏକ ଆୟ ମଧ୍ୟ ଦେଇ ପାରିବ, ଯଦିଓ ବର୍ତ୍ତମାନ ନୁହେଁ। ସେହି ବିଶେଷ ସମ୍ବଳକୁ ଆମେ ବିକଶିତ କରିବାର ସମୟ ଆସି ଯାଇଛି।

ପ୍ରଥମେ, ପରିସ୍ଥିତିକୁ ଭଲ ଭାବରେ ମୂଲ୍ୟାଙ୍କନ କରି, ଚାକିରିରେ ରହିବା କିମ୍ବା ଛାଡ଼ିବା ନିଷ୍ପତ୍ତି ନେବା ପୂର୍ବରୁ ଏହା ଉପରେ ଚିନ୍ତନ ଆରମ୍ଭ କରନ୍ତୁ। ଅସନ୍ତୋଷର କାରଣ କମ୍ ଦରମା, ଦୀର୍ଘ କାର୍ଯ୍ୟ ସମୟ, ଅସମ୍ମାନ, କୌଣସି ଅଭିବୃଦ୍ଧିର ଅଭାବ ଇତ୍ୟାଦି ହେଉଥିଲେ ଏହା କ'ଣ ଅସ୍ଥାୟୀ ନା ସ୍ଥାୟୀ? ପରିସ୍ଥିତିକୁ ଉନ୍ନତ କରିବା ପାଇଁ ଆପଣ ସେ ସଂସ୍ଥାରେ ପରିବର୍ତ୍ତନ କରି ପାରିବେ କି? ଚାକିରି ଥିବା ସମୟରେ ସମାନ୍ତରାଳ ବିକଳ୍ପଗୁଡ଼ିକୁ ଖୋଜି ପରଖି ନିଅନ୍ତୁ। ଯଦି ଆପଣ କୌଣସି ଯୋଜନା ବିନା ତୁରନ୍ତ ଚାକିରି ଛାଡ଼ି ଦିଅନ୍ତି, ତେବେ ଆପଣ ଆର୍ଥିକ ଚାପର ସମ୍ମୁଖୀନ ହୋଇ ପାରନ୍ତି। କିନ୍ତୁ ଯଦି ଆପଣ ଚୁପ୍‌ଚାପ୍ ରହି ବିକଳ୍ପ ପ୍ରସ୍ତୁତ କରି ଚାକିରି ଜାରି ରଖନ୍ତି, ତେବେ ଆପଣ ଅଧିକ ସୁରକ୍ଷିତ ହେବେ। କାର୍ଯ୍ୟ ସମୟ ପରେ ସାଇଡ୍ ଗିଗ୍ କିମ୍ବା ଫ୍ରିଲାନ୍ସିଂ ଆରମ୍ଭ କରନ୍ତୁ। ଆପଣଙ୍କ କ୍ଷେତ୍ର କିମ୍ବା ସମ୍ବନ୍ଧିତ ଶିଳ୍ପରେ ଲୋକଙ୍କ ସହିତ ନେଟୱର୍କ ସ୍ଥାପନ କରି ନିଜକୁ ଉନ୍ନତ କରନ୍ତୁ। ଆପଣ ସ୍ୱାଧୀନ ଭାବରେ କାର୍ଯ୍ୟ କରିବାକୁ ଚାହୁଁଥିବା ସରକାରୀ ଯୋଜନା କିମ୍ବା ଷ୍ଟାର୍ଟଅପ୍‌ଗୁଡ଼ିକୁ ଖୋଜି ବାହାର କରନ୍ତୁ। ଚାକିରି କେବେ ଛାଡ଼ିବେ, ତାହା ଏପରି ସମୟରେ ସ୍ଥିର କରନ୍ତୁ, ଯେପରି ତାହା ଆପଣଙ୍କୁ କୌଣସି ମାନସିକ ବା ଶାରୀରିକ ବ୍ୟସ୍ତତା ଦେଇ ପାରିବ ନାହିଁ। ଶିକ୍ଷାରେ ଉତ୍କର୍ଷ ଆଣି ନୂଆ କୌଶଳ ଉପରେ ଧ୍ୟାନ ଦିଅନ୍ତୁ, ଯାହା ଭବିଷ୍ୟତର କାମରେ ସାହାଯ୍ୟ କରିବ। ସହାୟକ ସହକର୍ମୀଙ୍କ ସହିତ ସକାରାତ୍ମକ ସମ୍ପର୍କ ଗଢ଼ି ତୋଳିବା ଓ ନିଜକୁ ପ୍ରେରଣା ଦେବା ପାଇଁ ଚାକିରି ବାହାରେ ଛୋଟ ବ୍ୟକ୍ତିଗତ ଲକ୍ଷ୍ୟ ସ୍ଥିର କରନ୍ତୁ। ମନେ ରଖନ୍ତୁ, ଆପଣ ଏକା ନୁହନ୍ତି, ବିଶ୍ୱବ୍ୟାପି ଅନେକ ଲୋକ ସମାନ ସଂଘର୍ଷର ସମ୍ମୁଖୀନ ହେଉଛନ୍ତି। ଏହା ଏକ ବ୍ୟକ୍ତିଗତ ବିଫଳତା ନୁହେଁ, ଏହା ଏକ ବ୍ୟବସ୍ଥାଗତ ସମସ୍ୟା। ନୋବେଲ ପୁରସ୍କାର ବିଜେତା ଅଭିଜିତ ବାନାର୍ଜୀ ଏବଂ ଏସ୍ଥର ଡୁଫ୍ଲୋଙ୍କ ଭାଷାରେ, 'ଲୋକମାନଙ୍କର ଦକ୍ଷତା କିମ୍ବା ଇଚ୍ଛାଶକ୍ତିର ଅଭାବ ଯୋଗୁଁ ଗରିବ ନୁହନ୍ତି, ଗରିବ ହେବାର କାରଣ, ସେମାନେ ସୁଯୋଗ ପାଖରେ ପହଞ୍ଚି ପାରି ନାହାନ୍ତି।' ସୁଯୋଗ ଦେଖା ଦିଏ ନାହିଁ, ସୁଯୋଗ ସୃଷ୍ଟି କରିବାକୁ ପଡ଼େ। ତେଣୁ ଆସନ୍ତୁ, ଚାକିରିର ଚକ୍ରବ୍ୟୂହରୁ ବାହାରି ଏକ ସୁଯୋଗର ବିକଳ୍ପ ମାର୍ଗକୁ ଖୋଜି ଆପଣେଇବାର ସଙ୍କଳ୍ପ ନେବା।

ସଂସାଧନ ବ୍ୟକ୍ତି, ଭାରତୀୟ ମାନକ ବ୍ୟୁରୋ
ଭୁବନେଶ୍ୱର, ମୋ: ୯୪୩୭୧୨୩୮୯୨

# ଅପରେସନ୍ ସିନ୍ଦୂର: ବୀରାଙ୍ଗନା ସୋଫିଆ ଓ ବ୍ୟୋମିକା

ଲକ୍ଷ୍ମୀବାଈଙ୍କଠାରୁ ଚାନ୍ଦ ବିବିଙ୍କ ପର୍ଯ୍ୟନ୍ତ ବହୁ ବୀରାଙ୍ଗନାଙ୍କ ଅମର କାହାଣୀରେ ଆମ ଇତିହାସ ରଦ୍ଧିମନ୍ତ। ନାରୀ ଯେ ଅବଳା ନୁହନ୍ତି, ସେମାନେ ହେଲେ ତାହାର ଭୁରି ଭୁରି ପ୍ରମାଣ। ଏବେ ତାହାର ପୁନରାବୃତ୍ତି ଘଟାଇଛନ୍ତି କର୍ଣ୍ଣେଲ୍ ସୋଫିଆ କ୍ୟୁରେସୀ ଏବଂ ୱିଙ୍ଗ କମାଣ୍ଡର ବ୍ୟୋମିକା ସିଂହ। ଗତ ମେ' ମାସ ୭ ତାରିଖ (୨୦୨୫) ଦିନ ସନ୍ତ୍ରାସବାଦର ଅନ୍ତୁଡ଼ିଶାଳ ପାକିସ୍ତାନ ବିରୁଦ୍ଧରେ ଆରମ୍ଭ ହୋଇଥିବା 'ଅପରେସନ୍ ସିନ୍ଦୂର' ସାମରିକ କାର୍ଯ୍ୟକଳାପର ସଫଳ ରୂପାୟନରେ ସେମାନଙ୍କ ଭୂମିକା ଥିଲା ଅନନ୍ୟ। ଏହା ଫଳରେ ଧ୍ୱଂସପ୍ରାପ୍ତ ହୋଇଥିଲା ଏହାର ୯ଟି ସାମରିକ ଭିତ୍ତିଭୂମି



କନକଲତା ପରିଡ଼ା

ଏବଂ ମୃତ୍ୟୁବରଣ କରିଥିଲେ ଶତାଧିକ ସନ୍ତ୍ରାସବାଦୀ। ସେଦିନର ସେହି ସଫଳତାର କାହାଣୀ ସଂପର୍କରେ ଗଣମାଧ୍ୟମକୁ ସୂଚନା ଦେବାର ଦାୟିତ୍ୱ ଏହିମାନଙ୍କୁ ଦିଆ ଯାଇଥିଲା।

ଭାରତର ପ୍ରତିରକ୍ଷା ବିଭାଗରେ କାର୍ଯ୍ୟ କରିବା କର୍ଣ୍ଣେଲ୍ କ୍ୟୁରେସୀଙ୍କର ବଂଶଗତ ପରମ୍ପରା। ଆଗରୁ ତାଙ୍କ ଜେଜେବାପା, ମାମୁଘର ଅଜା ଏବଂ ବାପା ମଧ୍ୟ ଏହାର ବିଭିନ୍ନ ବିଭାଗରେ ବିଭିନ୍ନ ଦାୟିତ୍ୱରେ କାର୍ଯ୍ୟ ନିର୍ବାହ କରିଥିଲେ। ଏପରିକି ତାଙ୍କ ସ୍ୱାମୀ ମଧ୍ୟ ଜଣେ ସାମରିକ ବିଭାଗର କର୍ମଚାରୀ।

କର୍ଣ୍ଣେଲ କ୍ୟୁରେସୀ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଅନେକ କୃତିତ୍ୱ ଅର୍ଜନ କରିଛନ୍ତି। ସେ ହେଉଛନ୍ତି ଆନ୍ତର୍ଜାତିକ ସାମରିକ କ୍ରୀଡ଼ା ପ୍ରଦର୍ଶନରେ ଏକ ସୈନ୍ୟବାହିନୀକୁ କମାଣ୍ଡ ଦେଇଥିବା ପ୍ରଥମ ଏବଂ ଆଜି ପର୍ଯ୍ୟନ୍ତ ଏକମାତ୍ର ଭାରତୀୟ ମହିଳା। ଭାରତ ଦ୍ୱାରା ୨୦୧୬ ମସିହାରେ ଆୟୋଜିତ ଏହି 'ଏକ୍ସରସାଇଜ୍ ଫୋର୍ସ ୧୮' କାର୍ଯ୍ୟକ୍ରମରେ ୧୮ଟି ଦେଶର ସୈନ୍ୟବାହିନୀ ଯୋଗଦାନ କରିଥିଲେ। ତାଙ୍କର ଅନ୍ୟାନ୍ୟ କୃତିତ୍ୱ ମଧ୍ୟରେ ରହିଛି ସୁଦୀର୍ଘ ୬ ବର୍ଷ କାଳ ଜାତିସଂଘର 'ଶାନ୍ତିରକ୍ଷାକାରୀ ସେନାବାହିନୀ'ରେ କାର୍ଯ୍ୟ କରିବା। ଏହି ସମୟରେ ତାଙ୍କୁ କଂଗୋ ସମେତ ଅନେକ ଯୁଦ୍ଧ ଓ ବିବାଦ ଲାଗି ରହିଥିବା ଦେଶରେ କାର୍ଯ୍ୟ ନିର୍ବାହ କରିବାକୁ ପଡ଼ିଥିଲା।

ବରୋଦାସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟରୁ ଶିକ୍ଷା ସମାପନ ପରେ କର୍ଣ୍ଣେଲ୍ କ୍ୟୁରେସୀ ଏମ୍‌ଏସ୍ ବିଶ୍ୱବିଦ୍ୟାଳୟରୁ ରସାୟନ ବିଜ୍ଞାନରେ ସ୍ନାତକ (୧୯୯୧) ଏବଂ ଜୈବ ରସାୟନ ବିଜ୍ଞାନରେ ସ୍ନାତକୋତ୍ତର (୧୯୯୭) ଡିଗ୍ରୀ ହାସଲ କରିଥିଲେ। ତତ୍ପରେ ସେ ପିଏଚ୍.ଡି. ଡିଗ୍ରୀ ପାଇଁ ଗବେଷଣା ଆରମ୍ଭ କଲେ। ତେବେ ବର୍ଷକ ପରେ ତାହା ଛାଡ଼ିଦେଇ ସେ ସୈନ୍ୟବାହିନୀରେ ଯୋଗ ଦେଲେ। ବୋଧହୁଏ ଏହାର କାରଣ ହେଲା ଯେ ଏହି ବୃତ୍ତି ଥିଲା ତାଙ୍କ ପାରିବାରିକ ପରମ୍ପରା ସହିତ ସଂପୃକ୍ତ ଏବଂ ଏଥି ପ୍ରତି ଆକର୍ଷଣ ଥିଲା ତାଙ୍କର ଜନ୍ମଗତ। ଏବେ ତାଙ୍କ ପୁଅ ଭାରତୀୟ ବାୟୁସେନାରେ ଯୋଗ ଦେବାକୁ ଚଳାଇ ଥିବା ପ୍ରସ୍ତୁତି ଏହା ପ୍ରମାଣ କରିଥାଏ।

ବର୍ତ୍ତମାନ ତାଙ୍କ ସହଯୋଗୀ ପାଲଟି ଥିବା ଅନ୍ୟତମ ବୀରାଙ୍ଗନା ୱିଙ୍ଗ୍ କମାଣ୍ଡର ବ୍ୟୋମିକା ସିଂହ ଲକ୍ଷ୍ନୌଠାରେ ଏକ ମଧ୍ୟବିତ୍ତ ପରିବାରରେ ଜନ୍ମଗ୍ରହଣ କରିଥିଲେ। ଏ ପ୍ରକାର ନାମ ପାଇଁ ସାଙ୍ଗସାଥୀ ମହଲରେ ସେ ପରିଚିତା ଥିଲେ 'ଆକାଶ କନ୍ୟା' ରୂପେ। ଏହି ୪୦ ବର୍ଷ ବୟସ୍କା ମହାନ୍ ନାରୀ ହାଇଦ୍ରାବାଦର ଡୁଣ୍ଡିଗଲ୍‌ସ୍ଥିତ ଏୟାର୍‌ଫୋର୍ସ ଆର୍ମି ଇଞ୍ଜିନିୟରିଂ ଏକାଡେମୀରୁ ଡିଗ୍ରୀ ହାସଲ କଲା ପରେ ୨୦୦୪ ମସିହାରେ ଭାରତୀୟ ବାୟୁସେନାରେ ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ 'ସର୍ଟ ସର୍ଭିସ୍ କମିଶନ୍'ରେ ସେ ଯୋଗ ଦେଇଥିଲେ ଏବଂ ୨୦୧୨ ମସିହାରେ ତାଙ୍କୁ ୱିଙ୍ଗ୍ କମାଣ୍ଡର ପଦବୀକୁ ପଦୋନ୍ନତି ଦିଆଯାଇଥିଲା। ତତ୍ପରେ ୨୦୧୯ ମସିହାରେ ସେ 'ପର୍ମାନେଣ୍ଟ୍ କମିଶନ୍' ପଦବୀ ପ୍ରାପ୍ତ ହେଲେ।

ୱିଙ୍ଗ୍ କମାଣ୍ଡର୍ ସିଂହଙ୍କର ବିଶେଷ ଦକ୍ଷତା ରହିଛି ଚେତକ ଓ ଚିତା ହେଲିକପ୍ଟର ଉଡ଼ାଣରେ। ଜାମ୍ମୁ ଓ କାଶ୍ମିର ତଥା ଉତ୍ତରପୂର୍ବ ଭାରତର ଦୁର୍ଗମ ଅଞ୍ଚଳରେ ସେ ନିୟମିତ ଭାଗ ନେଇଛନ୍ତି ସୈନ୍ୟମାନଙ୍କୁ ନେବା ଆଣିବା କରିବା, ବିପଦଗ୍ରସ୍ତମାନଙ୍କୁ ଉଦ୍ଧାର କରିବା, ସାମରିକ ପର୍ଯ୍ୟବେକ୍ଷଣ କରିବା ଆଦି କାର୍ଯ୍ୟରେ। ବର୍ତ୍ତମାନ ସୁଦ୍ଧା ସେ ଏଥିରେ ୨୫୦୦ ଘଣ୍ଟାରୁ ଅଧିକ ସମୟ ଉଡ଼ାଣର ଅନୁଭୂତି ଲାଭ କରି ସାରିଲେଣି। ତାଙ୍କ




ସ୍ୱାମୀ ମଧ୍ୟ ଜଣେ ଭାରତୀୟ ବାୟୁସେନା ଅଧିକାରୀ।

ପିଲାଦିନେ ବିଦ୍ୟାଳୟରେ ଅଧ୍ୟୟନ କାଳରେ ସାଙ୍ଗସାଥୀ ଏବଂ ଅନ୍ୟମାନେ ତାଙ୍କ ନାମକୁ ନେଇ ତାଙ୍କ ସହିତ ମଜା କରୁଥିଲେ। ତେବେ ତାହା ହିଁ ସେହି ଦିନରୁ ତାଙ୍କ ମନରେ ବାୟୁସେନାରେ ଯୋଗ ଦେବା ପାଇଁ ଆଗ୍ରହ ସୃଷ୍ଟି କରିଥିଲା। ଏହା ପୂରଣ ହେଲା ୧୯୯୧-୧୯୯୨ ମସିହାରେ। ସେତେବେଳେ ସେ ଥିଲେ ଇଞ୍ଜିନିୟରିଂର ଛାତ୍ରୀ। ମହିଳାମାନେ ମଧ୍ୟ 'ୟୁନିଅନ୍ ପବ୍ଲିକ୍ ସର୍ଭିସ୍ କମିଶନ୍' ପରୀକ୍ଷା ଦେଇ ବାୟୁସେନାରେ ବିମାନ ଚାଳକ ରୂପେ ଯୋଗ ଦେଇ ପାରିବେ ବୋଲି ସେ ଜାଣିବାକୁ ପାଇଲେ ଏକ ବିଜ୍ଞାପନରୁ। ତତ୍ପରେ ସେ ତହିଁରେ କୃତକାର୍ଯ୍ୟ ହୋଇ ହେଲିକପ୍ଟର ଚାଳକଟିଏ ରୂପେ ଯୋଗ ଦେଲେ। ଏହାର କାର୍ଯ୍ୟ ସ୍ୱରୂପ ସେ ବିବିଧ ଦୁର୍ଗମ ଅଞ୍ଚଳରେ ଆପତକାଳୀନ ଅବସ୍ଥାରେ କୃତିତ୍ୱର ସହ କାର୍ଯ୍ୟ ସଂପାଦନ କରିବାକୁ ଲାଗିଲେ। ଫଳରେ ତାଙ୍କୁ ୱିଙ୍ଗ୍ କମାଣ୍ଡର ପଦକୁ ପଦୋନ୍ନତି ମିଳିଲା।

ଏହି ବୀରାଙ୍ଗନା ଦ୍ୱୟ ଏବେ ପାଲଟିଛନ୍ତି ଦେଶର ଲକ୍ଷ ଲକ୍ଷ ଯୁବ-ମହିଳାମାନଙ୍କ ଆଦର୍ଶ। ନାରୀ ଯେ ଦୁର୍ବଳା ଏବଂ ଅନ୍ୟର ଆଶ୍ରୟ ଉପରେ ନିର୍ଭରଶୀଳ- ଏ ଚିନ୍ତାଧାରା ସେମାନଙ୍କ ମନରୁ ଦୂର କରିବାରେ ଏହା ସାହାଯ୍ୟ କରିଛି। ଅତଏବ, ସାମରିକ ବାହିନୀଠାରୁ ଆରମ୍ଭ କରି ସମସ୍ତ ଦୁଷ୍କର କର୍ମକ୍ଷେତ୍ରରେ ସେମାନେ ନିଶ୍ଚିତ ରୂପେ ପୁରୁଷଙ୍କ ସମକକ୍ଷ ହୋଇ ପାରିବେ ବୋଲି ଧାରଣା ତାଙ୍କ ମନରେ ଦୃଢ଼ୀଭୂତ ହୋଇଛି।

ଯମପଡ଼ା, ମାର୍ଶାଘାଇ, କେନ୍ଦ୍ରାପଡ଼ା
ମୋ: ୯୯୩୭୩୦୧୪୬୦

# ପତିତକୁ ପରାମର୍ଶ

ଓଡ଼ିଆରେ କଥାଟିଏ ଅଛି- ଭଗାରୀ ମାଆ ପେଟରେ। ପୁଣି ଆଉ ଏକ କଥା ମଧ୍ୟ ରହିଛି, 'ଭଗାରୀ ନଦେଖେ ସୁଖ'। ଏ ଦୁଇଟିଯାକ ଲୋକୋକ୍ତିର ପର୍ଯ୍ୟାପ୍ତ ଯଥାର୍ଥତା ରହିଛି।

ପାକିସ୍ତାନ ଏହାର ସର୍ବୋତ୍କୃଷ୍ଟ ଉଦାହରଣ କହିଲେ ଅତ୍ୟୁକ୍ତି ହେବନାହିଁ। ୧୯୪୭ରେ ଦେଶ ବିଭାଜନ ପରଠାରୁ ଏହା ପ୍ରତି ମୁହୂର୍ତ୍ତରେ ଭାରତର କିପରି କ୍ଷତି କରିବ- କେବଳ ସେଇ ଗୋଟିଏ ବିଷୟ ଉପରେ ହିଁ ଧ୍ୟାନ କେନ୍ଦ୍ରିତ କରି ଆସିଛି, କିନ୍ତୁ ପରିଣାମରେ ଭୋଗିଛି ଅନେକ ଯନ୍ତ୍ରଣା ଯାହା ଅଜାଗା ଘା' ଭଳି କାହାକୁ କ୍ୱଚିତ୍ ଦେଖାଇ ପାରିବ। ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପାକିସ୍ତାନବାସୀଙ୍କୁ ଆହ୍ୱାନ ଦେଇଛନ୍ତି ଆତଙ୍କବାଦକୁ ପରିହାର କରି ଏକ ଶାନ୍ତିପୂର୍ଣ୍ଣ ଜୀବନ ବିତାଇବାକୁ। ଏହା ଏକ ନୀତିଗତ ବିବୃତି ଯାହା ପାକିସ୍ତାନ ଦ୍ୱାରା ନିକଟରେ ହିଂସାକୁ ଉସୁକାଇବାର ଭାରତୀୟ ପ୍ରତିକ୍ରିୟା ସହିତ ସମ୍ପୂର୍ଣ୍ଣ ମେଳ ଖାଉଛି ଏବଂ ଏହି ବାର୍ତ୍ତା ହିଁ ଭାରତ ସମଗ୍ର ବିଶ୍ୱକୁ ଜଣାଇ ଦେବାକୁ ଚାହେଁ। ଭାରତ ଏବଂ ପାକିସ୍ତାନର ଏକ ଆବଣ୍ଟିତ ଇତିହାସ ରହିଛି- ବସ୍ତୁତଃ ଗୋଟିଏ ଦେଶ ହିଁ ଦୁଇ ଭାଗ ହୋଇଛି  ଗୋଟିଏ ମାଆର ଦୁଇ ପୁଅ ଭିନ୍ନେ ହେବା ପରି। ପରନ୍ତୁ, ଏ ଦୁଇ ଦେଶର ସ୍ୱାଧୀନୋତ୍ତର ଅତୀତ ତିକ୍ତତାପୂର୍ଣ୍ଣ ବାଦବିବାଦ ଭରା। ସ୍ୱାଧୀନତା ପରେ ଭାରତ ଏକ ଧର୍ମନିରପେକ୍ଷ ଗଣତାନ୍ତ୍ରିକ ରାଷ୍ଟ୍ରରେ ପରିଣତ ହେବାକୁ ବାଛି ନେଲା ଏବଂ ଏକ ଦେଶ ଭାବରେ ନିଜର ପସନ୍ଦକୁ ଅଧିକ ଉନ୍ନତ କରିବା ପାଇଁ ବିଭିନ୍ନ ଅନୁଷ୍ଠାନମାନ ନିର୍ମାଣ କଲା ଓ ଏହାକୁ ଶକ୍ତିଶାଳୀ କରିବା ଉପରେ ଧ୍ୟାନ ଦେଇ ଚାଲିଲା। ହେଲେ ପାକିସ୍ତାନ ଭାରତ ଯାହା କିଛିର ପ୍ରତିନିଧିତ୍ୱ କଲା, ତା'ର ଅପର ପାର୍ଶ୍ୱ ବା ସମ୍ପୂର୍ଣ୍ଣ ବିପରୀତ ଭାବରେ ନିଜକୁ ଗଢ଼ି ତୋଳିବାକୁ ପସନ୍ଦ କଲା। ଦୁଇ ଦେଶର ଲୋକମାନେ ଯେଉଁଭଳି ଢଙ୍ଗରେ ଜୀବନ ନିର୍ବାହ କରୁଛନ୍ତି, ଏହି କଥା ସେଥିରେ ସ୍ପଷ୍ଟ ରୂପେ ପ୍ରତିଫଳିତ ହେଉଛି। ଏକ ଦେଶ ଭାବରେ ଯେ କୌଣସି ତଥ୍ୟକୁ ଜଣେ ଅନୁଧ୍ୟାନ କଲେ ସହଜରେ ଜାଣି ପାରିବେ ଯେ ପ୍ରଗତିର ବେଗ ଯେତେ ଧୀମା ହେଉ ନା କାହିଁକି, ଭାରତ ସବୁ କ୍ଷେତ୍ରରେ ଏହା ହାସଲ କରି ପାରିଥିବା ବେଳେ ପାକିସ୍ତାନ କ୍ଷେତ୍ରରେ ତା'ର ବିପରୀତ ହିଁ ଘଟିଛି। ଯେବେଠାରୁ ପାକିସ୍ତାନ ଧାର୍ମିକ ମୌଳବାଦୀମାନଙ୍କ ହାତମୁଠାକୁ ଚାଲିଗଲା, ସେବେଠାରୁ ଏହାର ସାମାଜିକ ମାନଦଣ୍ଡର ପ୍ରତ୍ୟେକଟି ସୂଚକାଙ୍କରେ ଦ୍ରୁତ ଅବନତି ଘଟି ଚାଲିଲା।

୧୯୭୧ ଯୁଦ୍ଧରେ ଏହାର ସମ୍ପୂର୍ଣ୍ଣ ବିଫଳତା ସତ୍ତ୍ୱେ ପାକିସ୍ତାନର ସାମରିକ ବାହିନୀ ଏହାର ହାତକୁ ଦେଶର ପ୍ରତିଷ୍ଠାନଗୁଡ଼ିକ ଉପରେ ବ୍ୟାପକ ଭାବରେ ବିସ୍ତାରିତ କଲା ଏବଂ ଭାରତ ବିରୁଦ୍ଧରେ ପ୍ରୟୋଗ କରିବା ପାଇଁ ଆତଙ୍କବାଦକୁ ଏକ ପ୍ରମୁଖ ଅସ୍ତ୍ର ଭାବରେ ଗ୍ରହଣ କରିନେଲା। ଏହା ଅନୁଭବ କରି ସାରିଥିଲା ଯେ ଭାରତ ସହିତ ପ୍ରତ୍ୟକ୍ଷ ଯୁଦ୍ଧରେ ଏହା କେବେହେଲେ ବିଜୟ ଲାଭ କରି ପାରିବ ନାହିଁ। ତେଣୁ ଭାରତର ଶରୀରରେ ଶହ ଶହ କ୍ଷତ ସୃଷ୍ଟିକରି ଏହା ପାଶବିକ ଆନନ୍ଦ ଉଠାଇବାକୁ ଶ୍ରେୟ ମଣିଲା। ଏହାର ସେନାବାହିନୀ ମଧ୍ୟ 'କାଶ୍ମୀରକୁ କାରଣ' ଭାବରେ ଦର୍ଶାଇ ନିଜର ଆତଙ୍କୀ ଯୋଜନାକୁ ଭଲ ପ୍ୟାକେଟ୍‌ରେ ପରିଣତ କରି ପାକିସ୍ତାନବାସୀଙ୍କ ଆଗରେ ବିକ୍ରି କଲା, ଯଦିଓ ଶିମଳା ରାଜିନାମା ଅନୁସାରେ ଦୁଇ ପକ୍ଷ ସମସ୍ତ ବିବାଦର ସମାଧାନ ଆପୋଷ ମତରେ କରିବେ ବୋଲି ରାଜି ହୋଇଥିଲେ। କିନ୍ତୁ ଶେଷ ଅସ୍ତ୍ର ଭାବରେ ପାକ୍ ସେନା ଭାରତ ପିଠିରେ ପହଲଗାମ୍ ଆକ୍ରମଣକୁ ଲଦିବାକୁ ଶ୍ରେୟ ମଣିଲା। ଭାରତ ନିଜର ପଡ଼ୋଶୀ ଭଗାରୀ ସହିତ ଚାରିଗୋଟି ଯୁଦ୍ଧ ଲଢ଼ି ସାରିଥିଲା ଏବଂ ଅନେକ ସଂଖ୍ୟକ ଆତଙ୍କବାଦୀ ଆକ୍ରମଣର ସମ୍ମୁଖୀନ ହୋଇଥିଲା। ସେମାନଙ୍କର ଧର୍ମ ପାଇଁ ନିରୀହ ପର୍ଯ୍ୟଟକମାନଙ୍କୁ ହତ୍ୟା କରିବାର ଯୋଜନା କେବଳ ଆତଙ୍କବାଦୀମାନଙ୍କ ମୁଣ୍ଡରେ ହିଁ ପଶିପାରେ; ଯାହାକୁ ଭାରତର କୌଣସି ବି ହେଲେ ଧର୍ମାବଲମ୍ବୀ ସହଜରେ ହଜମ କରି ପାରିଲେ ନାହିଁ। ଭାରତ ଏହି ମାରାତ୍ମକ ବର୍ବରୋଚିତ କାର୍ଯ୍ୟକୁ ନିଜର ଔଦ୍ଧତ୍ୟହୀନ ବୈଶିଷ୍ଟ୍ୟ ବଳରେ ସହି ତ ନେଲା, କିନ୍ତୁ ଅନୁଭବ କଲା ଯେ ଏହାର ପୁନରାବୃତ୍ତିକୁ ସବୁ ଦିନ ପାଇଁ ବନ୍ଦ କରିବାକୁ ପଡ଼ିବ। ଆଉ ସେଥିପାଇଁ ଏବେ ପ୍ରଧାନମନ୍ତ୍ରୀ ପାକିସ୍ତାନବାସୀଙ୍କୁ ଉପରୋକ୍ତ ଉପଦେଶ ଦେଇଛନ୍ତି।

ଦେଶର ଶାସନ କ୍ଷେତ୍ରରେ ସେନାକୁ ଅଧିକ କହିବାକୁ ପ୍ରଶ୍ରୟ ଦେଇ ଏବଂ ଦେଶ ଭିତରେ ଆତଙ୍କବାଦର ଅନ୍ତୁଡ଼ିଶାଳ ନିର୍ମାଣ କରିବାଠାରୁ ଆରମ୍ଭ କରି ସେମାନଙ୍କର ପାଳନପୋଷଣ କରିବା ପାକିସ୍ତାନ ଲୋକମାନଙ୍କର ଆଦୌ କୌଣସି ମଙ୍ଗଳ କରିନାହିଁ; ବରଂ ତା' ପରିବର୍ତ୍ତେ ବିଶ୍ୱ ଶାନ୍ତି କ୍ଷେତ୍ରରେ ବିଶୃଙ୍ଖଳା ସୃଷ୍ଟି କରିବାରେ ଏହା ନିଜର ଯଥେଷ୍ଟ ଅବଦାନ ରଖିଛି। ବିକାଶର ପଥକୁ ଯଦି ଆପଣାଇବାକୁ ପାକିସ୍ତାନ ଚାହେଁ, ତା'ହେଲେ ଏହାର ପରିସମାପ୍ତି ଘଟିବା ଉଚିତ, ଆଉ ଭାରତକୁ ତା'ର ରାଷ୍ଟ୍ରୀୟ ଲକ୍ଷ୍ୟଗୁଡ଼ିକ ହାସଲ କରିବା ନିମନ୍ତେ ନିଜର ଲୋକମାନଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ଉଦ୍ୟମ କରିବାକୁ ପଡ଼ିବ।  ଆଉ ପୃଥିବୀ ପୃଷ୍ଠରେ କେବଳ ଗୋଟିଏ ଶକ୍ତି ରହିଛି, ଯାହା ଏସବୁ ହାସଲ କରିବାରେ ସହାୟକ ହୋଇ ପାରିବ ଏବଂ ତାହା ହେଉଛି ପାକିସ୍ତାନର ଲୋକମାନେ। ଏବେ ସେଇମାନଙ୍କ ହାତରେ ରହିଛି ନିଜ ଦେଶର ସମସ୍ତ ବ୍ୟାପାରକୁ ନିଜ ହାତକୁ ନେବାର ଏବଂ ସେମାନଙ୍କର ପ୍ରାଥମିକତାକୁ ନିର୍ଦ୍ଧାରଣ କରିବାର। ସେମାନେ ଅନୁଭବ କରିବା ଉଚିତ ଯେ ସେ ସମୟ ଆଉ ନାହିଁ ଯେତେବେଳେ କି ନିଜର ସେନାବାହିନୀ ଏବଂ ଏହାଦ୍ୱାରା ପ୍ରତିପାଳିତ ଆତଙ୍କବାଦୀମାନେ ଆଉ ସେମାନଙ୍କର ଭାଗ୍ୟ ନିର୍ଦ୍ଧାରଣ କରିବେ। ଆଉ ସେଇମାନଙ୍କୁ ହିଁ ଭାରତର ପ୍ରଧାନମନ୍ତ୍ରୀ ଏଇ ପ୍ରସ୍ତାବ ଦେବାକୁ ଉଚିତ ମନେ କରିଛନ୍ତି। ଏହା ହୁଏତ ଶୁଣିବାକୁ ଅଡୁଆ ଲାଗିପାରେ ବା ଶ୍ରୀଯୁକ୍ତ ମୋଦୀ ଯେଉଁଭଳି ଢଙ୍ଗରେ ପାକ୍ ଅଧିବାସୀମାନେ କାମ କରିବା ଚାହାନ୍ତି, ସେପରି ଢଙ୍ଗରେ ହୋଇ ନ ପାରେ, ତଥାପି ତାଙ୍କ ପରାମର୍ଶର କେନ୍ଦ୍ରବିନ୍ଦୁ ଏସବୁ ସତ୍ତ୍ୱେ କାଏମ୍ ରହିଛି: ଭାରତ ପାକିସ୍ତାନ କି ଏହାର ଲୋକମାନଙ୍କ ସହିତ ଯୁଦ୍ଧ ଲଢୁନାହିଁ, ଆଉ ସେଥିପାଇଁ ସ୍ଥିତାବସ୍ଥାକୁ ବଜାୟ ରଖିବା ଏବଂ ତା'ର ପରିଣତି ସେମାନେ ଭୋଗିବା ସେମାନଙ୍କ ପକ୍ଷେ ବିଜ୍ଞତାର ପରିଚାୟକ ହେବନାହିଁ। ପାକିସ୍ତାନରେ ପରିବର୍ତ୍ତନ ଏହାର ଲୋକମାନଙ୍କ ଭିତରୁ ହିଁ ହେବା ଉଚିତ। କାରଣ, ସବୁ ଶେଷରେ ଏହା ସେଇମାନଙ୍କର ହିଁ ପସନ୍ଦ, ଯାହା ସେମାନଙ୍କ ଜୀବନକୁ ପୁଷ୍ପିଳ ବା ପଙ୍କିଳ କରିବ।

# ଜ୍ଞାନ, କର୍ମ ଓ ଭକ୍ତି

ଈଶ୍ୱରଙ୍କ ସାକ୍ଷାତ ପାଇବା ପାଇଁ କେତେ ବାଟ ଅଛି। ସେଗୁଡ଼ିକ ଭିତରୁ ଜ୍ଞାନ, କର୍ମ, ଭକ୍ତି, ଯୋଗ ଇତ୍ୟାଦି ଗୋଟିଏ ଗୋଟିଏ ବାଟ। ଅନେକ ଜାଣିବା ଶୁଣିବା ଜ୍ଞାନୀ, ସାଧୁସନ୍ଥ ଗୋଟିଏ ଗୋଟିଏ ବାଟକୁ ଆପଣେଇ ନେଇଛନ୍ତି। ଯିଏ ଯୋଉ ମାର୍ଗକୁ ପସନ୍ଦ କରିଛନ୍ତି, ସେ ସେହି ବାଟେ ଯାଇଛନ୍ତି। ତାଙ୍କର ଅନୁଗାମୀମାନେ ବି ସେହି ମାର୍ଗରେ ଯାଇଛନ୍ତି। ସମୟ କ୍ରମେ ଜ୍ଞାନ ମାର୍ଗ, କର୍ମ ମାର୍ଗ, ଭକ୍ତି ମାର୍ଗ ଓ ଯୋଗ ମାର୍ଗରେ ଯାଇଥିବା ମହାପୁରୁଷମାନଙ୍କର ଶିଷ୍ୟମାନେ ଅସଲ କଥାଟିକୁ ଭଲ ଭାବରେ ବୁଝିପାରି ନାହାନ୍ତି। ଫଳରେ ପରସ୍ପର ଭିତରେ ମତାନ୍ତର କରିଛନ୍ତି। ପରମାତ୍ମାଙ୍କୁ ଉପଲବ୍ଧି କରିବାକୁ ହେଲେ ମତାନ୍ତର, ମନାନ୍ତର ନୁହେଁ, ବରଂ ଏକତ୍ୱ ଭାବ ଦରକାର। ମତାନ୍ତର, ମନାନ୍ତର ଭିତରୁ ସୃଷ୍ଟି ହୋଇଛି ସମ୍ପ୍ରଦାୟ। ସମ୍ପ୍ରଦାୟରୁ ବିଭିନ୍ନ ଚିହ୍ନ ସୃଷ୍ଟି ହେଲା। ଯିଏ ଯୋଉ ବାଟରେ ଗଲେ, ସେମାନେ ସେହି ଚିହ୍ନ ରଖିଗଲେ। ଟୋପି, ପଦକ, ଚିତା, ମାଳି ଇତ୍ୟାଦିକୁ ଚିହ୍ନ ବୋଲି ଧରିନେଲେ। ଏଇ ଚିହ୍ନକୁ ଭଗବାନଙ୍କ ସ୍ୱରୂପ ବୋଲି ଭାବିନେଲେ। ଫଳରେ ଭଗବାନଙ୍କଠାରୁ ବହୁ ଦୂରରେ ରହିଗଲେ।

ଜଣଙ୍କ ବିଷୟରେ ଜାଣିବା ହିଁ ଜ୍ଞାନ। ଯାହା ବିଷୟରେ ଜାଣିଲେ, ତା' ପ୍ରତି ଆମର ଶ୍ରଦ୍ଧା ବା ବିରକ୍ତି ଭାବ ରହିବ। ଯାହା ବିଷୟରେ ଜାଣିଲେ, ସେ ଯଦି ଭଲ ଲୋକ, ତେବେ ତାଙ୍କ ସହିତ ମିଶିବାକୁ ମନ ବଳେଇବା। ଆମକୁ ଖରାପ ଲାଗୁଥିଲେ ତାଙ୍କଠାରୁ ଦୂରେଇବାକୁ ଇଚ୍ଛା କରିବା। ଏଇ ଉଭୟଟି ପାଇଁ ଯୋଉ ସାଧନ ଲୋଡ଼ା, ତା'ର ନାଁ କର୍ମ। ତା'ପରେ ଲୋକ ଭଲ ପାଇବା, ତା'ର ସେବା କରିବା, ତା' ପାଖରେ ସମର୍ପିତ ହୋଇଯିବାର ନାମ ଭକ୍ତି। ଯେତିକି ସମର୍ପିତ ହୋଇଥିବା, ସେମିତି ସେବା, ଭକ୍ତି ହେଉଥିବ। ଏ ନେଇ ଉଦାହରଣଟିଏ।

ଗୋଟିଏ ଆଶ୍ରମରେ ଶିଷ୍ୟଙ୍କ ଭିତରେ ଜ୍ଞାନ, କର୍ମ, ଭକ୍ତିକୁ ନେଇ ଦ୍ୱନ୍ଦ୍ୱ ଲାଗିଲା। ସମସ୍ତେ ନିଜ ନିଜ ପଥକୁ ବଡ଼ କହିଲେ। ଗୁରୁ ତିନିଜଣ ଶିଷ୍ୟଙ୍କୁ ଜଣେ ଲୋକ ପାଖକୁ ପଠେଇଲେ। କହିଲେ- 'ସେ ଲୋକ କହିଛି ଆଶ୍ରମ ପାଇଁ କିଛି ସାହାଯ୍ୟ କରିବ। ତାକୁ ଆଶ୍ରମକୁ ଆସିବାକୁ ନିମନ୍ତ୍ରଣ କରିଆସ।' ଶିଷ୍ୟ ତିନିଜଣ ଗଲେ। ଲୋକଟି ଆତିଥ୍ୟ ତ ଦେଲାନି, ବରଂ ଶିଷ୍ୟମାନଙ୍କୁ ଦେଖି ଖୁବ୍ ବିରକ୍ତ ହେଲା। ଗାଳି କଲା। ତଡ଼ିବାକୁ ଲାଗିଲା। ଗୁରୁଜୀ କ'ଣ କହିଛନ୍ତି, ସେକଥା ମଧ୍ୟ ଶୁଣିଲାନି। ଏମିତିକି ପିଟିବାକୁ ମଧ୍ୟ ବାହାରିଲା। ତଥାପି ଶିଷ୍ୟମାନେ ଗୁରୁଙ୍କର ବାର୍ତ୍ତା ଦେଇ ଆସିଲେ। ଆଶ୍ରମରେ ଗୁରୁଜୀଙ୍କୁ ସବୁ କଥା ଶୁଣେଇଲେ। ଗୁରୁଜୀ ଆଉ ଜଣେ ଲୋକ ପାଖକୁ ସେହି ସମାନ କାମ ଦେଇ ପଠେଇଲେ। ସେ ଲୋକଟି ଖୁବ୍ ସ୍ନେହୀ ମଣିଷ ଥିଲା। ଶିଷ୍ୟମାନଙ୍କ ପାଦ ଧୋଇଦେଇ ଆଦରରେ ସତ୍କାର କଲା। ଭୁରି ଭୋଜନ ସହିତ ପୋଷାକପତ୍ର, ଦକ୍ଷିଣା ବି ଦେଲା। ଶିଷ୍ୟମାନେ ଗୁରୁଙ୍କର ସନ୍ଦେଶ ଦେଇ ଫେରିଲେ।

ଆଉ ଦିନେ ଗୁରୁ ସେହି ଶିଷ୍ୟମାନଙ୍କୁ ଉକ୍ତ ଲୋକ ଦୁଇ ଜଣଙ୍କ ପାଖକୁ ପଠେଇଲେ। ଶିଷ୍ୟମାନେ ପ୍ରଥମ ଲୋକ ଘରକୁ ଯିବାକୁ ରାଜି ହେଲେନି। ଦ୍ୱିତୀୟ ଲୋକ ପାଖକୁ ଯିବାକୁ ଆଗ୍ରହୀ ହେଲେ। ଗୁରୁ କହିଲେ, ଯାହା ବିଷୟରେ ତୁମେ ଜାଣିଗଲ, ତାକୁ ଭଲ ପାଇଲ, ତା' ବିଷୟରେ ଆଲୋଚନା କଲ। ଯାହା ବିଷୟରେ ଜାଣିନା, ତା' ବିଷୟରେ କ'ଣ କହିବ! ସେମିତି ଈଶ୍ୱରଙ୍କ ବିଷୟରେ ପ୍ରଥମେ ଜାଣିବା ହିଁ ଜ୍ଞାନ। ଲୋକ ପାଖକୁ ଯାଇ ପହଞ୍ଚିବା, କଥା ହେବା ହେଉଛି କର୍ମ। ଆଉ ଲୋକକୁ ବାରମ୍ବାର ଝୁରିହେବା ହେଉଛି ଭକ୍ତି। ଜ୍ଞାନ, କର୍ମ ଓ ଭକ୍ତି ପରସ୍ପରର ପରିପୂରକ।

ପଦ୍ମାରବିନ୍ଦ

# ବ୍ଲକ୍ ଉପାଧ୍ୟକ୍ଷଙ୍କୁ ବିଡିଓଙ୍କ ଦୁର୍ବ୍ୟବହାର ନେଇ ହଟ୍ଟଗୋଳ

**ନାଉଗାଁ,୨୮।୫/ଏନ୍ଏନ୍ଏସ୍:** ନାଉଗାଁ ପଞ୍ଚାୟତ ସମିତି କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଆଜି ବିକଶିତ ଗାଁ ବିକଶିତ ଓଡିଶା ଆନୁକୂଲ୍ୟରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି । ମଣ୍ଡଳ ଉନ୍ନୟନ ଅଧିକାରୀ କହିବାପରେ ବୈଠକସ୍ଥଳରେ ଉତ୍ତେଜନା ସୃଷ୍ଟି ହୋଇଥିଲା । ପରେ ବିଧାୟକ ଶ୍ରୀ ଦାସ ଜନ ପ୍ରତିନିଧିମାନଙ୍କୁ ବୁଝାସୁଝା କରିବା ପରେ ଉପାଧ୍ୟକ୍ଷ ପୁନର୍ବାର ବୈଠକ ସାମିଲ ହୋଇଥିଲେ । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା




ଆଶୁତୋଷ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥିରୂପେ ସ୍ଥାନୀୟ ବିଧାୟକ ଅମରେନ୍ଦ୍ର ଦାସ ଯୋଗ ଦେଇଥିବା ବେଳେ ତାଙ୍କ ସହିତ ପଞ୍ଚାୟତ ସମିତି ଅଧ୍ୟକ୍ଷା ତୃପ୍ତି ଲେଙ୍କା, ଉପାଧ୍ୟକ୍ଷ ସୁଜିତ ପୁହାଁଣ, ଜିଲ୍ଲାପରିଷଦ ସଭ୍ୟା ଅମିତା ସ୍ୱାଇଁ, ସାଂସଦଙ୍କ ପ୍ରତିନିଧି ଲଲାଟେନ୍ଦୁ ପରିଡାଙ୍କ ସମେତ ଉକ୍ତ ବ୍ଲକ୍‌ର ୧୬ଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ସଭ୍ୟାମାନେ ଉପସ୍ଥିତ ରହି ବ୍ଲକର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ପରିଲିକ୍ଷିତ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟପଟେ ଏହି ବୈଠକରେ ଆଲୋଚନା ଚାଲିଥିବା ବେଳେ ବ୍ଲକ ଉପାଧ୍ୟକ୍ଷ ଶ୍ରୀ ପୁହାଣଙ୍କ ଏକ ପ୍ରସ୍ତାବ ଉପରେ ବିଡିଓ ଆଶୁତୋଷ ମିଶ୍ର ଉପାଧ୍ୟକ୍ଷ କିଏ ସେ ତାଙ୍କୁ ଚିହ୍ନି ନାହାନ୍ତି ବୋଲି ଏହି ବ୍ଲକ୍‌ରେ ଦୀର୍ଘ ୪ମାସ ଧରି ସ୍ଥାୟୀ ବିଡିଓ ନଥିବା ବେଳେ ଜଗତସିଂହପୁର ବିଡିଓ ଶ୍ରୀ ମିଶ୍ର ଏହି ବ୍ଲକ୍‌ର ଅତିରିକ୍ତ ବିଡିଓଙ୍କ ଦାୟିତ୍ୱରେ ରହି ଥିବାବେଳେ ସେ କେବଳ ସଭା ସମିତିକୁ ଛାଡ଼ିଦେଲେ ଅନ୍ୟ କୌଣସି ଦିନ ତାଙ୍କୁ ବ୍ଲକ୍‌ରେ ଦେଖିବାକୁ ମିଳୁନଥିବା ଜନ ପ୍ରତିନିଧିମାନେ ବିଧାୟକଙ୍କୁ ଅଭିଯୋଗ କରିଥିଲେ। ଏମିତିକି ବିଡିଓଙ୍କ ଅନୁପସ୍ଥିତ କାରଣରୁ ବ୍ଲକ୍‌ର ସମସ୍ତ ପଞ୍ଚାୟତ ଗୁଡିକରେ ଉନ୍ନୟନ ମୂଳକ କାର୍ଯ୍ୟରେ ବାଧାପ୍ରାପ୍ତ ହେଉଥିବା ମଧ୍ୟ କୁହାଯାଇଥିଲା। ଯାହାକୁ ନେଇ ବିଧାୟକ ଶ୍ରୀ ଦାସ ଏହାର ଯଥାଶୀଘ୍ର ସମାଧାନ କରଯାଇ ଏଠାରେ ଜଣେ ସ୍ଥାୟୀ ବିଡିଓଙ୍କୁ ଖୁବ୍‌ଶୀଘ୍ର ନିଯୁକ୍ତି କରାଯିବା ନେଇ ଜନ ପ୍ରତିନିଧିମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

# ନିଖୋଜ ଯୁବକକୁ ଠାବ ଦାବିରେ ରାସ୍ତାରୋକ୍

**ରସୁଲପୁର,କୁଆଖିଆ,୨୮।୫/ଏନ୍ଏନ୍ଏସ୍:** କୁଆଖିଆ ଥାନା ଅନ୍ତର୍ଗତ ଶ୍ରୀବନ୍ତପୁର ପଞ୍ଚାୟତ ବାଲାଙ୍ଗୀ ଗ୍ରାମର ଧନେଶ୍ୱର ସାମଲଙ୍କ ପୁଅ ପପୁନି (୨୩)ସୋମବାର ଠାରୁ ନିଖୋଜ। କୌଣସି କାରଣ ନଥାଇ ପପୁନି ହଠାତ୍ କେଉଁଆଡେ ନିଖୋଜ ହୋଇଯିବା ଘଟଣାକୁ ପରିବାର ଲୋକେ ସହଜରେ ଗ୍ରହଣ କରିପାରୁ ନାହାଁନ୍ତି । ଘଟଣା ଦିନ ପରିବାର ଲୋକେ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏହାରି ଭିତରେ ୩ ଦିନ ବିତିଗଲାଣି ପୁଲିସ ପକ୍ଷରୁ କୌଣସି ସନ୍ତୋଷଜନକ ପଦକ୍ଷେପ ନିଆଯାଇ ନାହିଁ । ନିଖୋଜ ଯୁବକକୁ ତୁରନ୍ତ ଠାବ କରିବାକୁ ଦାବି କରି ବୁଧବାର ଗ୍ରାମବାସୀଙ୍କ ପକ୍ଷରୁ କୁଆଖିଆ-ଜେନାପୁର ରାସ୍ତାରେ ଧାରଣା ଦେଇଥିଲେ । ଖବର ପାଇ ପୁଲିସ ଘଟଣା ସ୍ଥଳରେ ସନ୍ଧାନୀ କୁକୁର ସହ ଧାରଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ । ନିଖୋଜ ଯୁବକଙ୍କୁ ତୁରନ୍ତ ଠାବ କରାଯିବ ବୋଲି ଧାରଣାରତ ଲୋକମାନଙ୍କୁ ପ୍ରତିଶ୍ରୁତି ଦେବା



ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା । ଏହାରି ଭିତରେ ପୁଲିସ ଜଣେ ସନ୍ଦିଗ୍ଧ ଯୁବକକୁ ଥାନାରେ ଅଟକ ରଖି ପଚରା ଉଚୁରା କରୁଥିବା ଜଣାଯାଇଛି। ଘଟଣାରୁ ପ୍ରକାଶ, ପପୁନି ଘଟଣାଦିନ ସକାଳେ ସାବିତ୍ରୀବ୍ରତ ପାଇଁ ବଜାରକୁ ଫଳମୂଳ କିଣିବାକୁ ଯାଇଥିଲେ । ପୂଜା ସାମଗ୍ରୀ ଆଣି ଘରେ ଦେଇ ଗାଡି କିସ୍ତି ଦେବା ପାଇଁ ଟଙ୍କା ଉଠାଇବାକୁ କହି ପୁଣି ବଜାରକୁ ଯାଇଥିଲେ । ସେବେଠାରୁ ଆଉ ଘରକୁ ଫେରି ନାହାଁନ୍ତି । ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ପପୁନିକୁ ଫୋନ ଯୋଗେ ଯୋଗାଯୋଗ କରିବାକୁ ଚେଷ୍ଟାକରି ବିଫଳ ହୋଇଥିଲେ । ଏଣେତେଣେ ଖୋଜାଖୋଜି କରିବାରୁ ତାର ବାଇକଟି କଣ୍ଠିଆକଣ ସ୍ଥିତ ଏକ ପୋଲ ନିକଟରୁ ଉଦ୍ଧାର କରିଥିଲେ। ଉକ୍ତ ବାଇକଟିକୁ ପୋଲ ନିକଟରେ ଥିବା ଦୋକାନ ମାଲିକ ସାଉଁଟି ଜେନା ଚଢୁଥିବାର ସାଧାରଣ ଲୋକ ଦେଖିଥିଲେ ଏବଂ ବାଇକ୍ ଚାବି ଦୋକାନ ମାଲିକଙ୍କ ଠାରୁ ଉଦ୍ଧାର କରାଯାଇଥିଲା। ତେବେ ପୁଅର ନିଖୋଜ ସଂପର୍କରେ ପରିବାର ଲୋକେ ତାକୁ ପଚରାଉଚୁରା କରିବାରୁ ସେ ବାରମ୍ବାର କଥା ବଦଳାଇ ଉର ରଖିଥିଲା। ଏଥିରେ ପରିବାର ଲୋକଙ୍କର ସନ୍ଦେହ ହେବାରୁ ସେମାନେ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଦୋକାନୀକୁ ଥାନାରେ ଅଟକ ରଖି ପରଚାରଉଚୁରା କରୁଥିବା ଜଣାଯାଇଛି । ତେବେ ଅଭିଯୋଗକୁ ନେଇ ପୁଲିସ ପକ୍ଷରୁ ତଦନ୍ତରେ ଶିଥିଳତା, ନିଖୋଜ ଯୁବକର ସନ୍ଧାନ ପାଇବାରେ ବିଫଳତା, ନିଖୋଜ ହେବା ପଛର ଅସଲ କାରଣ ଓ ସେଥିରେ କାହାର ସଂପୃକ୍ତି ରହିଛି ତାକୁ ବାହାର କରିବା ଦାବିରେ ଗ୍ରାମବାସୀ ରାସ୍ତାରେ ଟାୟାର ଜାଳି ଧାରଣାରେ ବସିଥିଲେ। ପୁଲିସ ଘଟଣାରେ ହସ୍ତକ୍ଷେପ କରିବା ସହ ରାସ୍ତାରୁ ଧାରଣା ହଟାଇ ଯାତାୟତ ସ୍ୱାଭାବିକ କରିଥିଲେ।

# ଢ଼ହଢ଼ହ ଖରାରେ କାମ କରୁଛନ୍ତି ଶିଶୁ ଶ୍ରମିକ



**ତାଳଚେର,୨୮।୫/ଏନ୍ଏନ୍ଏସ୍:** ସରକାରଙ୍କ ନୀତିନିୟମକୁ ବେଖାତିର କରି ଏବଂ ବନ୍ଦ ଫାଟକ ମଧ୍ୟରେ ଅହରହ ତାଲା ପକାଇ ଠିକାଦାର ଶିଶୁ ଶ୍ରମିକମାନଙ୍କୁ ନେଇ କାର୍ଯ୍ୟ କରୁଥିବା ଆଜି ପଡ଼ିଛି ମହଙ୍ଗା। ଘଟଣାରୁ ପ୍ରକାଶ ଆଜି ତାଳଚେର ହାଟତୋଟା ପ୍ରଜାମଣ୍ଡଳ ଭବନ ପରିସରରେ ନୂତନ ପ୍ରଜାମଣ୍ଡଳ ଗୃହ ପ୍ରଚଣ୍ଡ ଖରାରେ ନିର୍ମାଣ କରାଯାଉଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ସ୍ଥାନୀୟ ଶ୍ରମ ଅଧିକାରିଣୀ ମଧ୍ୟାହ୍ନ ୧୨ଘଟିକାରେ ସେଠାରେ ପହଞ୍ଚି ଘଟଣାର ଅନୁଧ୍ୟାନ କରିଥିଲେ। ଘଟଣାର ସତ୍ୟତା ଜଣାପଡ଼ିବା ପରେ ଠିକାଦାରଙ୍କୁ କୁଆଡ଼େ ଫୋନ ମାଧ୍ୟମରେ ଖରାରେ କାର୍ଯ୍ୟ ନକରିବାକୁ ତାଗିଦ୍ କରିବା ସହ ସେଠାରେ କାର୍ଯ୍ୟରତ ଶିଶୁ ଶ୍ରମିକ ଜଣକୁ କାର୍ଯ୍ୟାଳୟକୁ ଆଣିଥିଲେ ଏବଂ ଶ୍ରମ ଅଧିକାରିଣୀଙ୍କୁ ଫୋନରେ ଏସମ୍ପର୍କରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଯୋଗଯୋଗ ସମ୍ଭବପର ହୋଇପାରି ନାହିଁ। ତେବେ ଏହି ପୁରାତନ ପ୍ରଜାମଣ୍ଡଳ ଭବନଟି ନଷ୍ଟଭ୍ରଷ୍ଟ ହେବାପରେ ଲୋକଙ୍କ ଅଭିଯୋଗକୁ ଆଧାରକରି ଜିଲ୍ଲା ଖଣିଜ ପାଣ୍ଠିରୁ ପ୍ରାୟ ୭କୋଟି ୧୫ଲକ୍ଷ, ୪୬ହଜାର, ୨୦୮ଟଙ୍କା ବିନିମୟରେ ନୂତନଭାବେ ନିର୍ମାଣ କରାଯାଉଥିବା ପ୍ରଜାମଣ୍ଡଳ ଭବନ ୨୩/୦୮/୨୦୨୪ରେ ଆରମ୍ଭ ହୋଇ ୨୨/୦୫/୨୦୨୫ରେ ଶେଷହେବା କଥା, ସେଠାରେ ଥିବା ଫଳକରେ ଉଲ୍ଲେଖ ରହିଛି। ମାତ୍ର ଏବେ ଏହା ସଦାସର୍ବା ବନ୍ଦ ଫାଟକ ମଧ୍ୟରେ କ'ଣ କାର୍ଯ୍ୟ ହେଉଛି ଏବଂ ଏହା କିପିରି ଚାଲିଛି ଓ ଏହାର ତଦାରଖ କିଏ କରୁଛି ତାକୁ ନେଇ ବିଭିନ୍ନ ମହଲରେ ଉଠିଛି ପ୍ରଶ୍ନ ?

# ୧୦ ଦିନିଆ ଦକ୍ଷତା ବିକାଶ ତାଲିମ୍ କାର୍ଯ୍ୟକ୍ରମ



**ଯାଜପୁର,୨୮।୫/ଏନ୍ଏନ୍ଏସ୍:** ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣଙ୍କ ଆନୁକୂଲ୍ୟରେ ଜିଲ୍ଲା ପ୍ରଶାସନ, ଯାଜପୁରଙ୍କ ଦ୍ୱାରା ନୂତନ ଉନ୍ନତ ଅଭିଲାଷ ଓଡ଼ିଶା ଯୋଜନା ଅନ୍ତର୍ଭୁକ୍ତ ସ୍ୱତନ୍ତ୍ର ପ୍ରକଳ୍ପ କାର୍ଯ୍ୟକ୍ରମ ମାଧ୍ୟମରେ ସ୍ଥାନୀୟ ରଗଡ଼ି ସ୍ଥିତ ଉପକାରାଗାରର ଅନ୍ତେବାସୀମାନଙ୍କୁ ଗାଈ, ମଇଁଷି ଓ ଛେଳି ଚାଷ ସହିତ ଜିଆ ଖତ ଉତ୍ପାଦନ ଓ ପ୍ରସ୍ତୁତି ପ୍ରଣାଳୀ ସମ୍ବନ୍ଧୀୟ ଏକ ୧୦ ଦିନିଆ ଦକ୍ଷତା ବିକାଶ ତାଲିମ୍ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ଏହି ତାଲିମ୍ କାର୍ଯ୍ୟକ୍ରମ ଚଳିତ ମାସ ୨୮ ତାରିଖରୁ ଆରମ୍ଭ ହୋଇ ଆସନ୍ତା ଜୁନ ମାସ ୬ ତାରିଖ ରେ ସମାପ୍ତ ହେବ । ଏହି କାର୍ଯ୍ୟକ୍ରମକୁ ଶ୍ରୀ ସୁଶାନ୍ତ କୁମାର ନାଏକ, ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୋଜନ ଅଧିକାରୀ, ଶ୍ରୀ ପ୍ରଭାତ କୁମାର ବସ୍ତି, ଦକ୍ଷତା ବିକାଶ ତଥା ନିଯୋଜନ ଅଧିକାରୀ, ସୋମାଞ୍ଜଳି ପ୍ରଧାନ, କାରାପାଳ ତଥା ଅଧିକ୍ଷକ, ଶ୍ରୀ ରାକେଶ କୁମାର ନାୟକ, ମୁଖ୍ୟମନ୍ତ୍ରୀ ଦକ୍ଷତା ବିକାଶ କର୍ମଚାରୀ ଏବଂ ଶ୍ରୀ ପ୍ରସନ୍ନ କୁମାର ରାଉତ, ମୁଖ୍ୟ ପ୍ରଶିକ୍ଷକ, ଷ୍ଟେଟ ବ୍ୟାଙ୍କ୍ ଗ୍ରାମୀଣ ଆତ୍ମ ନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନ ଏବଂ କାରାଗାରର ଅନ୍ୟ କର୍ମଚାରୀଙ୍କ ଉପସ୍ଥିତିରେ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରାଯାଇଥିଲା। ଏହି ସ୍ୱଳ୍ପ ଅବଧି ର ତାଲିମ୍ କାର୍ଯ୍ୟକ୍ରମରେ ଚୟନ କରାଯାଇଥିବା ଉପ କାରାଗାରର ଅନ୍ତେବାସୀମାନଙ୍କୁ ଷ୍ଟେଟ ବ୍ୟାଙ୍କ୍ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନ ଦ୍ୱାରା ସ୍ୱତନ୍ତ୍ର ପ୍ରଶିକ୍ଷକଙ୍କ ମାଧ୍ୟମରେ ତାଲିମ୍ ପ୍ରଦାନ କରାଯିବ। ତାଲିମ୍ ବାବଦର ସମସ୍ତ ଖର୍ଚ୍ଚ ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଦ୍ୱାରା ପ୍ରଦାନ କରାଯିବ। ତାଲିମ୍ ସମାପ୍ତ ପରେ ତାଲିମ୍ ପ୍ରାପ୍ତ ସମସ୍ତ ଅନ୍ତେବାସୀମାନଙ୍କୁ ଷ୍ଟେଟ ବ୍ୟାଙ୍କ୍ ଗ୍ରାମୀଣ ଆତ୍ମ ନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନ ଦ୍ୱାରା ପ୍ରଦତ୍ତ ପ୍ରମାଣ ପତ୍ର ସହିତ ଭାରତ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରମାଣ ପତ୍ର ମଧ୍ୟ ପ୍ରଦାନ କରାଯିବ। ଏହି ପ୍ରମାଣ ପତ୍ର ମାଧ୍ୟମ ରେ ଉପକାରାଗାର ଅନ୍ତେବାସୀମାନେ ପରବର୍ତ୍ତୀ ସମୟରେ ମୁକ୍ତ ହେବା ପରେ ବ୍ୟାଙ୍କ୍ ମାଧ୍ୟମରେ ଋଣ ପାଇଁ ଆବେଦନ କରିପାରିବେ ଓ ଉଦ୍ୟୋଗୀ ହୋଇ ଆତ୍ମନିର୍ଭରଶୀଳ ହୋଇପାରିବେ। ଏହି କାର୍ଯ୍ୟକ୍ରମ ଶୁଭାରମ୍ଭ ଅବସରରେ ତାଲିମ୍ ପାଇଁ ଚୟନ ହୋଇଥିବା ଅନ୍ତେବାସୀମାନଙ୍କୁ ୟୁନିଫର୍ମ ପୋଷାକ ସମେତ ପାଠ୍ୟ ଉପକରଣ ଉପସ୍ଥିତ ବିଭିନ୍ନ ଅଧିକାରୀଙ୍କ ଦ୍ୱାରା ବଣ୍ଟନ କରାଯାଇଥିଲା। ଏହି ତାଲିମ୍ କାର୍ଯ୍ୟକ୍ରମ କୁ ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୋଜନ ଅଧିକାରୀ ଶ୍ରୀ ସୁଶାନ୍ତ କୁମାର ନାଏକ, ଦକ୍ଷତା ବିକାଶ ତଥା ନିଯୋଜନ ଅଧିକାରୀ, ଶ୍ରୀ ପ୍ରଭାତ କୁମାର ବସ୍ତି, ମୁଖ୍ୟମନ୍ତ୍ରୀ ଦକ୍ଷତା ବିକାଶ କର୍ମଚାରୀ, ଶ୍ରୀ ରାକେଶ କୁମାର ନାୟକ ପରିଚାଳନା କରିଥିବା ବେଳେ ତାଲିମ୍ କାର୍ଯ୍ୟକ୍ରମ ର ଆୟୋଜନ ଏବଂ ସଫଳତା ପାଇଁ ସହଯୋଗ କରିଥିବାରୁ କାରାପାଳ ତଥା ଅଧିକ୍ଷକ ସୋମାଞ୍ଜଳି ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ବିଦ୍ୟୁତ୍ ଆଘାତରେ ଶ୍ରମିକ ମୃତ

**କାମାକ୍ଷାନଗର,୨୮।୫/ଏନ୍ଏନ୍ଏସ୍:** କାମାକ୍ଷାନଗର ଥାନା ଚକାପାଳ ଗାଁ'ରେ ଅଘଟଣ। ଆମ୍ବ ବଗିଚାରେ କାମ କରୁଥିବା ବେଳେ ବିଦ୍ୟୁତ୍ ଆଘାତରେ ଶ୍ରମିକ ମୃତ । ମୃତ ଶ୍ରମିକ ଜଣକ ହେଲେ ସେହି ଗାଁ'ର ରଞ୍ଜନ ପଧାନ (୫୦)। ପ୍ରକାଶ, ରଞ୍ଜନ ସବୁଦିନ ପରି ଆଜି ଚକାପାଳ ଗାଁ'ରେ ଥିବା ଜୟନ୍ତ ସାହୁଙ୍କ ଆମ୍ବବଗିଚାକୁ କାମ କରିବାକୁ ଯାଇଥିଲେ। ସେଠାରେ କାମ କରୁଥିବା ବେଳେ ଅସାବଧାନତା ବଶତଃ ବଗିଚା ସୁରକ୍ଷା ପାଇଁ ଦିଆଯାଇଥିବା ବାଡ଼ ସଂସ୍ପର୍ଶରେ ଆସି ଯାଇଥିଲେ। ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ତେବେ ପରିବାର ଲୋକ ରଞ୍ଜନ ବଗିଚାରେ ପଡ଼ିଥିବା ଖବର ପାଇ ୧୦୮ ଆମ୍ବୁଲାନ୍ସ ଯୋଗେ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଇଥିଲେ । ମାତ୍ର ସେଠାରେ ଡାକ୍ତର ରଞ୍ଜନଙ୍କୁ ମୃତ ଘୋଷଣା କରିଥିଲେ।

# ବାଲିକୁଦା-ଏରସମା ଉନ୍ନୟନ କମିଟି ବୈଠକ



**ଜଗତ୍‌ସିଂହପୁର,୨୮।୫/ଏନ୍ଏନ୍ଏସ୍:** ବୁଧବାର ପୂର୍ବାହ୍ନ ସମୟରେ ବାଲିକୁଦା ଏରସମା ନିର୍ବାଚନ ମଣ୍ଡଳି ସ୍ତରୀୟ ଉନ୍ନୟନ କମିଟି ସମିକ୍ଷା ବୈଠକ ବାଲିକୁଦା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇ ଯାଇଛି । ଏହି ବୈଠକରେ ବାଲିକୁଦା -ଏରସମା ବିଧାୟକ ଶାରଦା ପ୍ରସନ୍ନ ଜେନା ଅଧ୍ୟକ୍ଷତା କରି କହିଲେ ଜିଲ୍ଲା ପ୍ରଶାସନ ଓ ଜନ ପ୍ରତିନିଧିମାନଙ୍କ ମଧ୍ୟରେ ସମନ୍ୱୟ ସହ ବିଭାଗୀୟ ଅଧିକାରୀମାନଙ୍କ ଆନ୍ତରିକ ଉଦ୍ୟମ ରହିଲେ, ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ସଠିକ୍ ଭାବେ ଲୋକଙ୍କ ପାଖରେ ପହଞ୍ଚିବା ସହିତ ଗାଁ ଓ ବ୍ଲକର ବିକାଶ ହୋଇ ପାରିବ ବୋଲି କହିଥିଲେ। ଏଥି ସହିତ ଆଗାମି ଦିନରେ ଅଧିକ କଣ କରାଗଲେ ସରକାରଙ୍କ ଯୋଜନା ସଠିକ୍ ଭାବେ ଲୋକଙ୍କ ପାଖରେ ପହଞ୍ଚି ପାରିବ ବୋଲି ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ପରେ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କ ଉନ୍ନୟନ ମୂଳକ କାର୍ଯ୍ୟର ସମିକ୍ଷା କରିଥିଲେ। ଏହି ଅବସରରେ ଜିଲ୍ଲାପରିଷଦର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ ଯୋଗଦେଇ ସମନ୍ୱୟ ଓ ସହଭାଗିତା ରହିଲେ ଉନ୍ନୟନ ସମ୍ଭବ ବୋଲି କହିଥିଲେ। ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ଯୋଗ ଦେଇ ଆନ୍ତରିକତା ଓ ଉପଯୁକ୍ତ ମାଧ୍ୟମ ଦ୍ୱାରା ବିକାଶ ମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହୋଇ ପାରିବ ବୋଲି ମତ ପ୍ରକାଶ କରିଥିଲେ। ଏହି ବୈଠକରେ ବାଲିକୁଦା ବ୍ଲକ ଅଧକ୍ଷ, ବିଡିଓ ବାଲିକୁଦା ଏବଂ ଏରସମା, ତହସୋଲଦାର ବାଲିକୁଦା ଏବଂ ଏରସମା, ବିଭିନ୍ନ ବିଭାଗର ଅଧିକାରୀ ମାନେ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ଉନ୍ନୟନ କମିଟି ବୈଠକରେ ଯୋଗଦେଲେ ଶିଳ୍ପମନ୍ତ୍ରୀ



**ପାରାଦୀପ,୨୮।୫/ଏନ୍ଏନ୍ଏସ୍:** ପାରାଦୀପ ସ୍ୱତନ୍ତ୍ର ପ୍ରଦକ୍ଷଣ ଗୃହରେ ପାରାଦୀପ ବିଧାନସଭା ନିର୍ବାଚନମଣ୍ଡଳୀସ୍ତରୀୟ ଉନ୍ନୟନ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପୌରହିତ୍ୟ କରିଥିଲେ ପାରାଦୀପ ବିଧାୟକ ତଥା ମାନ୍ୟବର ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ । ମନ୍ତ୍ରୀ ଶ୍ରୀ ସ୍ୱାଇଁ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କ ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ପ୍ରଗତି ସମ୍ପର୍କରେ ପଚାରି ବୁଝିଥିଲେ । ଆଗାମୀ ଦିନରେ ଆଉ କ'ଣ କରାଗଲେ ସରକାରଙ୍କ ଯୋଜନା ଲୋକଙ୍କ ପାଖରେ ପହଞ୍ଚିପାରିବ ତାର ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ସରକାରଙ୍କ ଦ୍ୱାରା ଦିଆଯାଇଥିବା ଲକ୍ଷ୍ୟ କେତେ ପୂରଣ ହେଲା କେତେ ବାକି ରହିଲା ତାର ବିସ୍ତୃତ ବିବରଣୀ ବିଭାଗୀୟ ଅଧିକାରୀଙ୍କୁ ପଚାରି ବୁଝିଥିଲେ । ଜିଲ୍ଲା ପ୍ରଶାସନ ତଥା ଜନ ପ୍ରତିନିଧିମାନଙ୍କ ମଧ୍ୟରେ ସଠିକ ସମନ୍ୱୟ ସହ ବିଭାଗୀୟ ଅଧିକାରୀମାନଙ୍କ ଆନ୍ତରିକ ଉଦ୍ୟମ ରହିଲେ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନାର ସଠିକ୍ ରୂପାୟନ ହୋଇପାରିବ ବୋଲି ମାନ୍ୟବର ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ। ଏହି ବୈଠକରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଭବାନୀ ଶଙ୍କର ଉଦଗାତା,ପାରାଦୀପ ଏଡିଏମ୍ ନିରଞ୍ଜନ ବେହେରା, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ସେଠୀ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ପାରାଦୀପ ନଗରପାଳ ବସନ୍ତ ବିଶ୍ୱାଳ, ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, କୁଜଙ୍ଗ ବିଡିଓ ଦୀପକ ପ୍ରସାଦ ସ୍ୱାଇଁ, ତହସିଲଦାର ସ୍ୱରୂପ ନନ୍ଦନ ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଏହି ବୈଠକରେ ଉପସ୍ଥିତ ଥିଲେ।

# ଲଗାଣ ବର୍ଷାରେ ରାସ୍ତା ସାଜିଲା କୃତ୍ରିମ ହ୍ରଦ



**ତାଳଚେର,୨୮।୫/ଏନ୍ଏନ୍ଏସ୍:** ଆଜି ସକାଳ ୧୧ଘଟିକା ତାଳଚେର ସହରରେ ଲଘୁଚାପ ଜନିତ ଲଗାଣ ବର୍ଷାରେ ଛକ, ବଜାର, ମାର୍କେଟ, ରାସ୍ତାଘାଟ ଗୁଡ଼ିକ ଜନଶୂନ୍ୟ ହୋଇପଡ଼ିଥିବା ଦେଖିବାକୁ ମିଳିଥିଲା। ଦୁଇଦିନ ହେବ ଆକାଶ ମେଘାଚ୍ଛନ୍ନ ରହିଥିଲା ଏବଂ ଗୁଳୁଗୁଳି ଜନିତ ଲୋକଙ୍କୁ ଦହଗଞ୍ଜ ମଧ୍ୟ କରୁଥିଲା। କିନ୍ତୁ ହଠାତ୍ ଆଜି କଳାବାଦଲ ଢ଼ାଙ୍କି ଭୂରାକୁ ଭୂରା ବର୍ଷା ଛେଚିଲା ଘଂଟାଏ ଯାହା ଫଳରେ ରାସ୍ତା ସାଜିଥିଲା କୃତ୍ରିମ ହ୍ରଦ। ଗ୍ରୀଷ୍ମପ୍ରବାହରେ ଭୂଇଁ ଟାଙ୍ଗରା ସଦୃଶ୍ୟ ଦେଖାଯାଉଥିବା ବେଳେ ଏହି କ୍ଷଣିକ ବର୍ଷା ଯୋଗୁଁ କିଛି କିଛି ଖାଲୁଆ ସ୍ଥାନ ଓ ରାସ୍ତା ଗୁଡ଼ିକ ଉପରେ ପାଣି ଟହଲ ମାରୁଥିବା ଦୃଶ୍ୟ ଦେଖାଯାଇଥିଲା। ତେବେ ତାଳଚେର ଅଂଚଳରେ ଲଘୁଚାପ ଜନିତ ବର୍ଷା ଦେଖା ଯାଇନଥିଲେ ମଧ୍ୟ ଆଜି କ୍ଷଣିକ ବର୍ଷା ପାଗକୁ ବଦଳାଇ ଦେଇଥିଲା। ଗରମରେ ଲୋକ ଛଟପଟ ହେଉଥିବା ବେଳେ ଆଜି ଦିନତମାମ ପାଗ ଥଣ୍ଡା ଅନୁଭୂତ ହୋଇଥିଲା। ତେବେ ବର୍ଷାଜନିତ ତାଳଚେର ସହରର ମୁଖ୍ୟ ରାସ୍ତା ଉପରେ ପାଣିର ସୁଅ ଛୁଟିଥିବା ମଧ୍ୟ ଦେଖାଯାଇଛି। ତାଳଚେର ସହର ବାଇପାସ୍ ରାସ୍ତାର ଉଭୟପାର୍ଶ୍ୱ ରାସ୍ତାରେ ପାଣି ଟିହଲ ମାରୁଛି ଓ ପଥଚାରୀ, ବାଟୋଇ ଦାଣ୍ଡୋଇ, ସ୍କୁଟର, ମଟରସାଇକେଲ, ସାଇକେଲ ପାଣି ଭିତରେ ଗଲାବେଳେ ପାଣି ସୁଅ କାଟୁଥିଲା। ପାଣି କାଦୁଅରୁ ବସ୍ତ୍ର, ପୋଷାକ ସୁରକ୍ଷା ଦେବା ନେଇ ପଥଚାରୀମାନେ ଗୋଡ଼ ଟେକି ଟେକି ଯାଉଥିବା ଦୃଶ୍ୟ ମଧ୍ୟ ପରିଲକ୍ଷିତ ହୋଇଥିଲା। ବାଇପାସ୍ ଟ୍ରାଫିକ ଛକ ରାସ୍ତା ଓ ନିକଟରେ ରହିଥିବା ୟୁକୋବ୍ୟାଙ୍କ ସମ୍ମୁଖ ରାସ୍ତା ସାମାନ୍ୟ ବର୍ଷାରେ ଯେମିତି କୃତ୍ରିମ ହ୍ରଦରେ ପରିଣତ ହେଉଛି ବୋଲି ସେହି ନିକଟସ୍ଥ ମାର୍କେଟ ବ୍ୟବସାୟୀମାନେ ପ୍ରକାଶ କରୁଛନ୍ତି। ଅସାରାଏ ବର୍ଷାରେ ଯଦି ଅବସ୍ଥା ବେହାଲ ହୁଏ ତେବେ ବର୍ଷାଋତୁରେ କ'ଣ ହେବ ! କୁହାଯାଉଛି କି, ପ୍ରଶାସନ ପକ୍ଷରୁ ଜଳ ନିଷ୍କାସନର କୌଣସି ବ୍ୟବସ୍ଥା ନଥିବାରୁ ଏପରି ଅବସ୍ଥା ଉପୁଜୁଛି, ତେଣୁ ବର୍ଷାଋତୁର ଆଗମନ ପୂର୍ବରୁ ଏହାର ପ୍ରତିକାର କରିବା ଦିଗରେ ପ୍ରଶାସନ ଧ୍ୟାନ ଦେବାକୁ ସାଧାରଣରେ ଦାବି ହେଉଛି।

# ଅନ୍‌ଲାଇନ୍ ଗେମ୍ ଖେଳି ଜୀବନ ହାରିଲେ ଯୁବକ



**ପାଟକୁରା,୨୮।୫/ଏନ୍ଏନ୍ଏସ୍:** ମୋବାଇଲରେ ଅନ୍‌ଲାଇନ ଗେମ୍ ଖେଳିବାର ନିଶା ଘାତକ ସାଜିଲା ଜଣେ ୧୭ ବର୍ଷିୟ ଯୁବକଙ୍କ ପାଇଁ। ଯିଏକି ଶେଷରେ କିଟନାଶକ ପିଇ ଜୀବନ ହାରିଦେଲେ। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି କେନ୍ଦ୍ରାପଡା ଜିଲ୍ଲା ଗରଦପୁର ବ୍ଲକ ତଳକୁସୁମା ପଞ୍ଚାୟତ ବଙ୍ଗାରୀ ଗ୍ରାମରେ। ଉମାକାନ୍ତ ଜେନାଙ୍କ ଏକମାତ୍ର ପୁତ୍ର ସାହିଲ (୧୭) ମୋବାଇଲରେ ଗେମ୍ ଖେଳି ୯୬ ହଜାର ଟଙ୍କା ହାରିଯିବା ପରେ କୀଟନାଶକ ପିଇ ଜୀବନ ହରାଇଥିବା ସୂଚନା ମିଳିଛି । ସାହିଲ ଭୁବନେଶ୍ୱରରେ ଥିବା ଚନ୍ଦକା ଅଞ୍ଚଳରେ ଥିବା ଏକ ଶିକ୍ଷାନୁଷ୍ଠାନରେ ଡିପ୍ଲମା କରୁଥିଲେ। ଛୁଟି ଥିବାରୁ ସେ ଘରକୁ ଆସିଥିଲେ ଓ ଗତ ମଙ୍ଗଳବାର ଦିନ ଅନଲାଇନ୍ ଗେମ୍ ଖେଳି ଏଭଳି କାଣ୍ଡ କରିଥିଲେ। କୀଟନାସକ ପିଇବାର କିଛି ସମୟ ପରେ ଏହି ଘଟଣା ସେ ତାଙ୍କ ମାମୁଙ୍କ ଫୋନ୍ କରି କହିଥିଲେ । ମାମୁ ତାଙ୍କ ଘରକୁ ଜଣାଇବା ପରେ ସାହିଲକୁ ପାଟକୁରା ଡାକ୍ତରଖାନାକୁ ଅଣାଯାଇଥିଲା। ଅବସ୍ଥା ଶୋଚନୀୟ ହେବାରୁ ତାଙ୍କୁ କଟକ ବଡଡାକ୍ତରଖାନାକୁ ପଠାଯାଇଥିଲା । କଟକ ନେବା ବାଟରେ ସେ ମୃତ୍ୟୁ ବରଣ କରିଥିଲେ।

# ଅସରାଏ ବର୍ଷାରେ ୧୩ ନଂ ୱାର୍ଡ ଜଳବନ୍ଦୀ



**ଢେଙ୍କାନାଳ,୨୮।୫/ଏନ୍ଏନ୍ଏସ୍:** ଢେଙ୍କାନାଳ ପୌରାଞ୍ଚଳର ୧୩ ନଂର ୱାର୍ଡ ଆରମ୍ଭରୁ ଆଜି ଯାଏଁ ଦିର୍ଘ ବର୍ଷଧରି କୃତ୍ରିମ ବନ୍ୟାରେ ଜର୍ଜରିତ ହେଉଛନ୍ତି । ଏହି ସମସ୍ୟା ସାମାନ୍ୟ ବର୍ଷା ହେଲେ ୧୩ ନଂର ୱାର୍ଡର ମୁଖ୍ୟ ରାସ୍ତା, ଶିବ ମଣ୍ଡପ ରାସ୍ତାଠାରୁ କଇଁଥପୋଲିଆ ପର୍ଯ୍ୟନ୍ତ ଆଣଣ୍ଠୁଏ ଆଣ୍ଠୁଏ ପାଣି ଜମିଯାଇଥାଏ । ୨୦୧୪ ପୌର ନିର୍ବାଚନ ପୁର୍ବରୁ ଆଜିଯାଏ ବୋଲି ୱାର୍ଡବାସୀଙ୍କୁ ଚିକ୍‌କଣ ଓ ଓସାରିଆ ଡ୍ରେନର ସ୍ୱପ୍ନ ଦେଖାଇ କାଉନସିଲରମାନେ ଜିତିଥାନ୍ତି। ମାତ୍ର ଜିତି ସାରିଲା ପରେ ସତେ ଯେମିତି ଏହି ରାସ୍ତା କଥା କାୟ ମନ ବାକ୍ୟରୁ ଭୁଲି ଯାଇଥାନ୍ତି। ୱାର୍ଡବାସୀନ୍ଦାମାନେ ବାରମ୍ଭାର ତତ୍କାଳୀନ ନଗରପାଳ ଏବଂ ତତ୍କାଳୀନ ପ୍ରଶାସକ ଏବଂ ଏବେକାର ନଗରପାଳଙ୍କୁ ଜଣାଇଥିଲେ ମଧ୍ୟ ଏହାର କୌଣସି ସୁଫଳ ପାଇପାରିନାହାନ୍ତି। ପ୍ରକାଶ,କିଛି ମାସ ତଳେ ବର୍ଷା ହେଉଥିବାରୁ ଏହି ଡ୍ରେନରେ ଗୋଟିଏ ଛୋଟ ଛୁଆ ଭାସିଯାଇଥିବା ବେଳେ ତାହା ଗଣ ମାଧ୍ୟମରେ ପ୍ରକାଶିତ ହୋଇଥିବା ସତ୍ୱେ ସେଥିପ୍ରତି କାହାର ନଜର ପଡିଲା ନାହିଁ । ଏବେ ଭାଗିରଥି ସାଗର ପୁନରୁଦ୍ଧାର ହେଉଥିବା ସମୟରେ ପଙ୍କମାଟି ପଡି ରାସ୍ତାର ଅବସ୍ଥା ଆହୁରି ଶୋଚନୀୟ ହୋଇ ପଡିଛି । କିନ୍ତୁ ଏବର୍ଷ ଭାଗିରଥି ସାଗର କାମ ଚାଲିଥିବାରୁ ରାସ୍ତା ଉପରେ ପଡ଼ିଥିବା ପଙ୍କ ମାଟି କାଦୁଅରେ ଦୁଇ ଚକିଆ ଯାନ ସ୍ଲିପ କରିବାରୁ ଅନେକ ଲୋକ ଦୁର୍ଘଟଣାର ଶିକାର ହୋଇଛନ୍ତି ଏବଂ ପ୍ରଥମ ବର୍ଷାରେ ପୌର ଯନ୍ତ୍ରୀଙ୍କ ଯୋଗୁଁ ତଳିଆ ଅଂଚଳରେ ମଣିଷ ନିର୍ମିତ ବନ୍ୟା ଆସିଛି । ଫଳରେ ଦଣ୍ଡା ରୋଡ଼, କଇଁଥ ପୋଲିଆ ସହିତ ଆଖପାଖ ଅଞ୍ଚଳ ଜଳ ବନ୍ଦି । ବର୍ଷାଋତୁ ପୂର୍ବରୁ ସହରର ସମସ୍ତ ଡ୍ରେନ ଗୁଡିକ ସଫା କରାଯାଇଥାଏ । ଏହାର ଦାୟୀତ୍ୱ ପୌରାଧ୍ୟକ୍ଷା, ପୌର ନିର୍ବାହୀ ଅଧିକାରୀ, ପୌରଯନ୍ତ୍ରୀ ଓ ୱାର୍ଡ ପରିଷଦମାନଙ୍କ ସହିତ ମିଶି କାର୍ଯ୍ୟ କରିଥାନ୍ତି। ଆଜି ହୋଇଥିବା ବର୍ଷାରେ ପଙ୍କମାଟି ପଡିଥିବାରୁ କେତେକ ମହିଳାଙ୍କ ସ୍କୁଟିରେ ପାଣି ପଶିଯିବାରୁ ସେହି ପାଣି ଭିତରେ ସ୍କୁଟି ଖରାପ ହୋଇଛି । ଅନେକ ଲୋକ ଦୁର୍ଘଟଣାର ଶିକାର ହୋଇଛନ୍ତି । ଅନ୍ୟ ପଟେ ଦଣ୍ଡା ରୋଡ଼ ଉପରେ ଜଳ ମଗ୍ନ ହେଉଥିବାରୁ ପ୍ରାୟ ଦୁଇ ରୁ ତିନି ଘଣ୍ଟା ସ୍ଥାନୀୟ ଲୋକମାନେ ଜଳବନ୍ଦୀ ଅବସ୍ଥାରେ ରହୁଛନ୍ତି। ଏହି ଜଳମଗ୍ନ ସୁଧାରିବା ପାଇଁ ଗତ ଏକ ଦଶନ୍ଧିରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଥିଲେ ମଧ୍ୟ ବିଭାଗୀୟ ଅଧିକାରୀ, ଯନ୍ତ୍ରୀ ଏବଂ ଠିକାଦାରଙ୍କର ବେପରୁଆ ମନୋବୃତି ପାଇଁ ଏହି କାମ ତୁରନ୍ତ ସରିପାରୁ ନାହିଁ । ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ ଏହି ରାସ୍ତାର ନିର୍ମାଣ କାର୍ଯ୍ୟ ସାରିବା ପାଇଁ ୱାର୍ଡବାସୀ ନଗରପାଳିକା ନିକଟରେ ନିବେଦନ କରିଛନ୍ତି ।

# ଅଗ୍ନି ବିପନ୍ନଙ୍କୁ ଭେଟିଲେ କଂଗ୍ରେସ ନେତା



**ଧର୍ମଶାଳା,୨୮।୫/ଏନ୍ଏନ୍ଏସ୍:** ଧର୍ମଶାଳା ବ୍ଲକ ବଉଳମାଳ ପଞ୍ଚାୟତ ବରମୁଣ୍ଡୁଳି ଗ୍ରାମର ନୃସିଂହ ମଲ୍ଲିକଙ୍କ ଘରେ ଅଗ୍ନିକାଣ୍ଡ ଘଟି ସମ୍ପୂର୍ଣ୍ଣ ଘର ଜଳି ପାଉଁଶ ହୋଇଯାଇଛି। ଏହି ଖବର ପାଇ କଂଗ୍ରସ ନେତା ପ୍ରାକ୍ତନ ବ୍ଲକ ଅଧକ୍ଷ କିସାନ ପଣ୍ଡା ତାଙ୍କ ସହକର୍ମୀଙ୍କ ସହିତ ବିପର୍ନ ପରିବାରଙ୍କୁ ଭେଟି ସେମାନଙ୍କୁ ସମବେଦନା ଜଣାଇବା ସହିତ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେବାସହିତ ବଉଳମାଳ ଆର୍ଆଇଙ୍କୁ ଡାକି କ୍ଷୟକ୍ଷତି ଆକଳନ କରିବା ପାଇଁ ଆଲୋଚନା କରିଥିଲେ। ସୋମବାର ସନ୍ଧ୍ୟାରେ ବିପନ୍ନ ମଲିକଙ୍କ ଘରେ ରୋଷେଇ କରୁଥିବା ସମୟରେ କୌଣସି କାରଣରୁ ଗ୍ୟାସ୍ ଟାଙ୍କି ଫାଟିବାରୁ ଅଗ୍ନିକାଣ୍ଡ ଘଟି ତାଙ୍କର ସମ୍ପୂର୍ଣ୍ଣ ଘରଟି ପୋଡି ପାଉଁଶ ହୋଇଯିବା ସହିତ ସମସ୍ତ ଆସବାପତ୍ର ପୋଡି ନଷ୍ଟ ହୋଇଯିବା ସହ ଚାରୋଟି ଛେଳି ଓ କୁକୁଡ଼ା ଜୀବନ୍ତ ଦଗ୍ଧ ହୋଇ ଯାଇଥିଲା। ନୃସିଂହ ମଲିକ ଜଣେ ଦିନମଜୁରିଆ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କୁ ଯଥା ଶୀଘ୍ର ସହାୟତା ମିଳିବା ପାଇଁ ଅଞ୍ଚଳବାସି ଦାବି ରଖିଛନ୍ତି ।

# ବୀର ସଭରକରଙ୍କ ଜୟନ୍ତୀ



**କେନ୍ଦ୍ରାପଡ଼ା,୨୮।୫/ଏନ୍ଏନ୍ଏସ୍:** ରାଷ୍ଟ୍ରବାଦୀ ସାମାଜିକ ସଂଗଠନ ଜୟ ରାଷ୍ଟ୍ର ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ମହାନ୍ କ୍ରାନ୍ତିକାରୀ ବିନାୟକ ଦାମୋଦର ସଭରକରଙ୍କ ୧୪୨ତମ ଜୟନ୍ତୀ ଉତ୍ସବ ସ୍ଥାନୀୟ ପବ୍ଲିକ୍ ରିଡ଼ିଙ୍ଗ ରୁମ୍‌ଠାରେ ପାଳିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ସତ୍ୟନାରାୟଣ ପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଭରକରଙ୍କୁ ଜଣେ ଅଦ୍ୱିତୀୟ ସ୍ୱାଧୀନତା ସଂଗ୍ରାମୀ ଭାବେ ଅବିହିତ କରିଥିଲେ। ସଭରକର କେବଳ ଜଣେ ସଂଗ୍ରାମୀ ଥିଲେ ତାହା ନୁହେଁ ବରଂ ଜଣେ ସମାଜ ସଂସ୍କାରକ ଥିଲେ। ତାଙ୍କ ଉଦ୍ୟମରେ ଭାରତରେ ହିନ୍ଦୁତ୍ୱ ବିଚାରଧାରାର ପ୍ରସାର ହୋଇ ପାରିଥିଲା। ଉତ୍ସବରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ସମାଜସେବୀ ଇଞ୍ଜିନିୟର ଅକ୍ଷୟ କୁମାର ପାଣି ସ୍ୱାଧୀନତା ପାଇଁ ସଭରକରଙ୍କ ତ୍ୟାଗ ଓ ବଳିଦାନକୁ ସ୍ମରଣ କରିବା ସହିତ ସଭରକରଙ୍କ କ୍ରାନ୍ତିକାରୀ ବିଚାରଧାରାକୁ ବାଦ୍‌ଦେଇ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଇତିହାସ ଲେଖାଯାଇ ପାରେନା ବୋଲି ମତବ୍ୟକ୍ତ କରିଥିଲେ। ଯୁବ ସାମ୍ବାଦିକ ସୁଶାନ୍ତ କୁମାର ନାୟକଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ବିରେନ୍ଦ୍ର କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଯୁବ ଆଇନଜୀବୀ ନୀତିଶ ଚକ୍ରବର୍ତ୍ତୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ ଓ ରାଷ୍ଟ୍ରପ୍ରେମୀ ଯୋଗ ଦେଇଥିଲେ।

# ଆଇନ୍‌ଜୀବୀଙ୍କୁ ବାର୍ କାଉନ୍‌ସିଲ୍‌ର କାରଣ ଦର୍ଶାଅ ନୋଟିସ୍

**ପାକିସ୍ତାନ ଜିନ୍ଦାବାଦ ଭିଡିଓ କ୍ଲିପ୍ ଭାଇରାଲ ଘଟଣା**

**କଟକ,୨୮।୫/ଏନ୍‌ଏନ୍‌ଏସ୍:** ପାକିସ୍ତାନ ଜିନ୍ଦାବାଦ ସ୍ଲୋଗାନ ଦେଇ ସେହି ଭିଡିଓକୁ କ୍ଲିପ୍‌କୁ ଭାଇରାଲ କରିବା ଅଭିଯୋଗରେ ଆଇନଜୀବି ଗୌତମ ଲେଙ୍କାଙ୍କୁ ରାଜ୍ୟ ବାର୍ କାଉନସିଲ ନୋଟିସ ଜାରି କରିଛି । ଆଇନଜୀବୀ ଶ୍ରୀ ଲେଙ୍କା ମନ୍ଦ ଉଦ୍ଦେଶ୍ୟ ତଥା ଧାର୍ମିକ ଗୋଷ୍ଠୀ ମଧ୍ୟରେ ଉତ୍ତେଜନା ସୃଷ୍ଟି କରି ସାମାଜିକ ସ୍ଥିରତା ଶାନ୍ତିକୁ ବିପନ୍ନ କରିବା ପାଇଁ ଏହି ଭିଡିଓ କ୍ଲିପ୍ ପ୍ରସ୍ତୁତ କରି ତାହାକୁ ସାମାଜିକ ଗଣ ମାଧ୍ୟମରେ ଭାଇରାଲ କରିଥିଲେ । ପୁଲିସ ସୂଚନା ମୁତାବକ ଉକ୍ତ ଭିଡିଓ କ୍ଲିପ୍‌ରେ ଅଭିଯୁକ୍ତ ପାକିସ୍ଥାନ ଜିନ୍ଦାବାଦ ଧ୍ୱନୀ ଦେଇଥିଲେ। ଉକ୍ତ ଘଟଣାରେ ଚାଉଳିଆଗଞ୍ଜ ଥାନାର ଅଧିକାରୀ ନୀଳାଚଳ ଜେନାଙ୍କ ଏତଲା କ୍ରମେ ୨ଅଭିଯୁକ୍ତଙ୍କ ବିରୋଧରେ ଚାଉଳିଆଗଞ୍ଜ ଥାନାରେ ଗତ ୨୪ ତାରିଖରେ ମାମଲା ରୁଜୁ କରାଯାଇଛି । ଉକ୍ତ ଘଟଣାକୁ ଗମ୍ଭୀରତାର ସହ ବିଚାରକୁ ନେଇ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ତ୍ୱରିତ କାର୍ଯ୍ୟାନୁଷ୍ଠାନ ପୂର୍ବକ ସଂପୃକ୍ତ ଆଇନଜୀବୀଙ୍କ ବିରୁଦ୍ଧରେ ଆଇନଜୀବୀ ଅଧିନିୟମର ଧାରା ୩୫ ଅନୁଯାୟୀ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନିମନ୍ତେ ନିଷ୍ପତ୍ତି ନେଇଛନ୍ତି। ସଂପୃକ୍ତ ଆଇନଜୀବୀଙ୍କୁ କାହିଁକି ତାଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବ ସେଥିପାଇଁ ଏକ ୨୧ଦିନିଆ ନୋଟିସ୍ ଜାରି କରାଯାଇଛି ।୨୧ ଦିନ ମଧ୍ୟରେ ସନ୍ତୋଷଜନକ ଉତ୍ତର ନମିଳିଲେ ଆଇନଜୀବୀ ଅଧିନିୟମ ଅନୁସାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ଏହି ନୋଟିସରେ ଉଲ୍ଲେଖ କରାଯାଇଛି ।

# ୨ହଜାର ଟଙ୍କା ଲାଞ୍ଚ ନେଇ ଚାକିରି ହରାଇଲେ ଆର୍‌ଆଇ

**କଟକ,ଢେଙ୍କାନାଳ,୨୮।୫/ଏନ୍‌ଏନ୍‌ଏସ୍:** ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରା ପଡ଼ିଥିବା ବାରଙ୍ଗ ତହସିଲ୍ ଅଧୀନସ୍ଥ ରାମଦାସପୁର ଅଞ୍ଚଳର ପୂର୍ବତନ ସରକାରୀ ରାଜସ୍ୱ ନିରୀକ୍ଷକ ତଥା ବର୍ତ୍ତମାନ ଡମପଡ଼ା ତହସିଲ୍‌ର ସରକାରୀ ରାଜସ୍ୱ ନିରୀକ୍ଷକ ନିଲମ୍ବନ ହୋଇଥିବା ସୁରେଶ ଚନ୍ଦ୍ର ପ୍ରଧାନଙ୍କୁ କଟକ ଜିଲ୍ଲାପାଳ ସରକାରୀ ଚାକିରିରୁ ବରଖାସ୍ତ କରିଛନ୍ତି । ୨୦୧୬ ମସିହାରେ ଜନୈକ ବ୍ୟକ୍ତିଙ୍କ ଠାରୁ ୨ହଜାର ଟଙ୍କା ଲାଞ୍ଚ ନେଇଥିବା ସମୟରେ ଭିଜିଲାନ୍ସ ହାତରେ ଧରାପଡ଼ି ସେ ଗିରଫ ହୋଇଥିଲେ। ୨୦୧୬ ମସିହା ଏପ୍ରିଲ ୭ ତାରିଖରେ ତତକାଳୀନ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ତାଙ୍କୁ ଚାକିରୀରୁ ନିଲମ୍ବନ କରାଯାଇଥିଲା । ପରବର୍ତ୍ତୀ ସମୟରେ ଭିଜିଲାନ୍ସ ବିଭାଗ କଟକ ଆରକ୍ଷୀ ଅଧିକାରୀଙ୍କ ରିପୋର୍ଟ ଅନୁସାରେ ଓଡ଼ିଶା ପ୍ରଶାସନିକ ସେବା ୧୯୬୨ଅଧୀନରେ ୨୦୧୬ ମସିହା ଅକ୍ଟୋବର ୪ ତାରିଖରେ ଶ୍ରୀ ପ୍ରଧାନଙ୍କ ବିପକ୍ଷରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଥିଲା। ପରେ ଶ୍ରୀ ପ୍ରଧାନଙ୍କୁ ୪ ବର୍ଷ ଜେଲ୍ ଦଣ୍ଡ ସହ ହଜାର ଟଙ୍କା ଜରିମନା ହୋଇଥିଲା। ଜରିମନା ଅନାଦେୟ ୩ ମାସ ଅଧିକ ସଶ୍ରମ କାରାଦଣ୍ଡ ଭୋଗିବାକୁ କୋଟ ନିର୍ଦ୍ଦେଶ ଦେଇଛନ୍ତି। ଭିଜିଲାନ୍ସ କୋର୍ଟରେ ଦୋଷୀ ସାବ୍ୟସ୍ତ ହେବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଗତ ଏପ୍ରିଲ ୨୫ ତାରିଖରେ ଶ୍ରୀ ପ୍ରଧାନଙ୍କୁ ସରକାରୀ ଚାକିରିରୁ କାହିଁକି ବରଖାସ୍ତ କରାଯିବ ନାହିଁ ସେ ସମ୍ପର୍କରେ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ତେବେ ଚଳିତମାସ ୧୪ ତାରିଖ ସୁଦ୍ଧା ସେ ଜିଲ୍ଲାପାଳଙ୍କ କୋର୍ଟରେ ହାଜିର ହୋଇନଥିଲେ କିମ୍ବା କୌଣସି ଲିଖିତ କାରଣ ଦର୍ଶାଅ ଉତ୍ତର ଦାଖଲ କରିନଥିଲେ। ତେବେ ଜିଲ୍ଲାପାଳଙ୍କ କାର୍ଯ୍ୟାଳକୁ ଶ୍ରୀ ପ୍ରଧାନ ଏକ ପତ୍ର ଲେଖିଥିଲେ ଯେଉଁଥିରେ ଶାରିରୀକ ଅସୁସ୍ଥତା କାରଣରୁ ଲିଖିତ ଭାବେ କାରଣ ଦର୍ଶାଅ ଉତ୍ତର ଦାଖଲ କରିବାକୁ ଅସମର୍ଥ ବୋଲି ଦର୍ଶାଇଥିଲେ। ଏହା ଆଇନ ଅନୁମୋଦିତ ହୋଇନଥିବାରୁ ଜିଲ୍ଲାପାଳ ଭାରତୀୟ ସମ୍ବିଧାନର ଧାରା ୩୧୧ ଅନୁଯାୟୀ ତାଙ୍କୁ ସରକାରୀ ଚାକିରିରୁ ବରଖାସ୍ତ କରିଛନ୍ତି।

# ଅନ୍‌ଲାଇନ୍ କ୍ରିକେଟ୍ ବେଟିଂରେ କୋଟିଏ ଠକେଇ : ଦୁଇ ଠକଙ୍କୁ ବାନ୍ଧିଲା କ୍ରାଇମବ୍ରାଞ୍ଚ୍





**କଟକ,୨୮।୫/ଏନ୍‌ଏନ୍‌ଏସ୍:** ଅନ୍‌ଲାଇନ୍ ଗେମ୍‌ରେ କ୍ରିକେଟ୍ ବେଟିଂ ମାଧ୍ୟମରେ ୧କୋଟି ୮ ଲକ୍ଷ ଟଙ୍କା ଠକାମି କରିଥିବା ଅଭିଯୋଗରେ କ୍ରାଇମବ୍ରାଞ୍ଚ ଟିମ୍ ଦୁଇଜଣଙ୍କୁ ଗିରଫ କରିଛି । ଗିରଫ ଦ୍ୱୟ ହେଉଛନ୍ତି ପଶ୍ଚିମବଙ୍ଗର ଏସ୍.କେ ୱାସିଉଲ ଇସଲାମ ଓରଫ ରୋହନ ଏବଂ ଭୁବନେଶ୍ୱରର ଖାରବେଳ ନଗର ଅଞ୍ଚଳର ଜ୍ୟୋତିପ୍ରକାଶ ପଲାଇ। ଅଭିଯୁକ୍ତଙ୍କ ଠାରୁ ପାସବୁକ, ଚେକ୍, ମୋବାଇଲ ଫୋନ୍, ସିମ୍‌କାର୍ଡ଼, ଜିଏସଷ୍ଟ ସାର୍ଟିଫିକେଟ, ଆଧାର ଏବଂ ପାନ୍‌କାର୍ଡ ଜବତ ହେବା ସହ ଦୁହିଁଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ ଫ୍ରିଜ୍ କରାଯାଇଛି । ଯାଜପୁର ଜିଲ୍ଲାର କଳିଙ୍ଗନଗର ଅଞ୍ଚଳର ଜଣେ ବ୍ୟକ୍ତି ଅନ୍‌ଲାଇନ୍ ଗେମ୍‌ରେ କ୍ରିକେଟ ବେଟିଂ ମାଧ୍ୟମରେ ୧କୋଟି ୮ ଲକ୍ଷ ଟଙ୍କା ଠକାମିର ଶିକାର ହୋଇଥିବା ସଂକ୍ରାନ୍ତରେ ସାଇବର ଥାନାରେ ଅଭିଯୋଗ ହୋଇଥିଲା । ସାଇବର ଅପରାଧିମାନେ ପ୍ରଥମେ ତାଙ୍କୁ ଅନ୍‌ଲାଇନ କ୍ରିକେଟ୍ ବେଟିଂର ୨ଟି ୱେବ୍‌ସାଇଟ ଲିଙ୍କ୍ ସେୟାର କରିଥିଲେ । ସେହି ୨ଟି ଆଇଡି ବ୍ୟବହାର କରି କ୍ରିକେଟ ବେଟିଂ ମାଧ୍ୟମରେ ଟଙ୍କା ରୋଜଗାର କରିବାକୁ ସାଇବର ଠକ ପ୍ରବର୍ତ୍ତାଇଥିଲେ। ପୀଡିତ ବ୍ୟକ୍ତି ଜଣକ ପ୍ରଥମେ କମ୍ ଟଙ୍କା ବିନିଯୋଗ କରି କିଛି ଟଙ୍କା ଫେରସ୍ତ ପାଇଥିଲେ। ଫଳରେ ସେ ଲୋଭଗ୍ରସ୍ତ ହୋଇ ଅଭିଯୋଗକାରୀ ଜଣକ ତାଙ୍କ ପତ୍ନୀ ବନ୍ଧୁ ଏବଂ କର୍ମଚାରୀଙ୍କ ଆକାଉଣ୍ଟରୁ ବିଭିନ୍ନ ପର୍ଯ୍ୟାୟରେ ୧.୦୮ କୋଟି ଟଙ୍କା ଟ୍ରାନ୍ସଫର କରିଥିଲେ। ଏହାପରେ ଚାଲ ଖେଳିଥିଲେ ଠକ ଦ୍ୱୟ। ଟଙ୍କା ଫେରସ୍ତ କରିବା ପରିବର୍ତ୍ତେ ଦୁହେଁ ଦିନ ପରେ ଦିନ ଗଡ଼ାଇ ଚାଲିଥିଲେ। ଟଙ୍କା ଫେରସ୍ତ ନ ପାଇବାରୁ ବ୍ୟକ୍ତି ଜଣକ ଥାନାର ଦ୍ୱାରସ୍ଥ ହୋଇଥିଲେ। କ୍ରାଇମବ୍ରାଞ୍ଚର ଏକ ସ୍ୱତନ୍ତ୍ର ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ୨ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି ।

**NOTICE**

The partnership firm M/S BALAJI TRADING COMPANY bearing Regd No-320202200647/2022 Dist- Bolangir, Odisha has been reconstituted on 01.04.2022 due to retirement of partners Om Prakash Agrawal & Sri Yogesh Agrawal w.e.f 01.04.2022.

Sri Rajesh Kumar Agrawal
Managing Partner
M/S BALAJI TRADING COMPANY

**AFFIDAVIT**

By virtue of an Affidavit No. 140,Dtd-10.03.2025 I, Labi Prepeka, S/o Kama Prepeka, Vill- Badasankha, PO-Burja, PS-Laxmipur, Dist- Koraput declare that I have changed my minor son's name from Kiraj Prepeka to Piraj Prepeka. Henceforth my son will be known as **PIRAJ PREPEKA** for all future purposes.

**NOTICE**

The partnership firm M/S KANHEI COAL TRANSPORT PARTNERSHIP FIRM bearing Regd No- 687/2014 Dist- Angul, Odisha has been reconstituted on 09.05.2025 due to retirement of partners are Pramila Naik, Ramabati Sahu, Gouri Sahu, Soudamini Naik, Sabita Sahoo, Padmabati Sahu (Deceased Partner), Snehalata Sahu, Pratima Behera, Salia Prusti, Chapala Naik, Saraswati Naik And admission of partners are Sanjaya Kumar Sahoo (New Managing Partner), Balakrushna Naik, Rojalin Dehury, Gitanjali Sahoo, Bijay Kumar Sahoo, Prashant Satpathy, Akshaya Kumar Pradhan & Jiten Kumar Pradhan w.e.f 09.05.2025.

Sanjaya Kumar Sahoo
Managing Partner
M/S KANHEI COAL TRANSPORT PARTNERSHIP FIRM

**ALFA TRANSFORMERS LIMITED**

Regd.Office : 3337, Mancheswar Industrial Estate, Bhubaneswar - 751010
CIN : L311020R1982PLC001151 E-mail : info@alfa.in Website : www.alfa.in

EXTRACT OF AUDITED FINANCIAL RESULTS FOR THE QUARTER AND YEAR ENDED 31st MARCH, 2025

(₹ in lakhs)

| SL. NO | PATICULARS | Quarter Ended | | | Year Ended | |
|---|---|---|---|---|---|---|
| | | 31st March, 2025 | 31st December, 2024 | 31st March, 2024 | 31st March, 2025 | 31st March, 2024 |
| | | (Audited) | (Unaudited) | (Audited) | (Audited) | (Audited) |
| 1 | Total Income from Operations | 1282.15 | 1260.68 | 1155.13 | 5078.41 | 5152.89 |
| 2 | Net Profit/ (Loss) from ordinary activities before tax | 27.64 | 34.15 | 1.16 | 194.65 | 164.34 |
| 3 | Net Profit/ (Loss) for the period after tax (after Extraordinary items) | (11.54) | 39.62 | 12.12 | 100.88 | 763.32 |
| 4 | Tota comprehensive income for the period (comprising profit/loss) for the period (after tax) and other comprehensive income (after tax) | (11.12) | 0.00 | 0.69 | 101.29 | 751.89 |
| 5 | Paid up Equity Share Capital (face value of Rs. 10/-each) | 915.06 | 915.06 | 915.06 | 915.06 | 915.06 |
| 6 | Reserves (excluding revaluation reserve) as per balance sheet of pervious accounting year | NA | NA | NA | 195.27 | 36.37 |
| 7 | Earnings per Share (after extraordinary items) (of Rs 10/- each) (Not Annualised) | -0.12 | 0.43 | 0.01 | 1.11 | 8.22 |

Note :

a) The above audited results for the quarter and year ended 31st March, 2025 have been reviewed by the Audit Committee and approved by the the Board of Directors at their meeting held on May 27,2025.

b) The above is an extract of the detailed format of the Quarter and Year ended March 31,2025 Financial Results filed with Stock Exchange under Regulation 33 of SEBI (Listing and other Disclosure Requirements) Regulations, 2015. The full format of the Quarterly and Yearly Financial Results are available on the Stock Exchange website (www.bseindia.com) and on the Company's website (www.alfa.in).

c) Previous period's figures have been reclassified/regrouped/restated, wherever considered necessary to confirm to the figures represented in the current period.

Place : Bhubaneswar.
Date : May 27,2025

For, ALFA TRANSFORMERS LIMITED
[DILLIP KUMAR DAS]
MANAGING DIRECTOR

# ମେଡିକାଲ୍ ୪ର୍ଥ ଶ୍ରେଣୀ କର୍ମଚାରୀ ସଂଘର କାର୍ଯ୍ୟକାରିଣୀ ବୈଠକ



**କଟକ,୨୮।୫/ଏନ୍‌ଏନ୍‌ଏସ୍:** ଓଡ଼ିଶା ମେଡିକାଲ ୪ର୍ଥ ଶ୍ରେଣୀ କର୍ମଚାରୀ ସଙ୍ଘ କଟକ ଜିଲ୍ଲା ମେଡିକାଲ ୪ର୍ଥ ଶ୍ରେଣୀ ସଙ୍ଘର ଏକ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ କଟକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସଙ୍ଘର ସଭାପତି ପୂର୍ଣ୍ଣଚନ୍ଦ୍ର ରାଉତଙ୍କର ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ସଙ୍ଘର ମୁଖ୍ୟ ଉପଦେଷ୍ଟା ଡ.ପ୍ରଭାତ ରଞ୍ଜନ ବିଶ୍ୱାଳ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲା ବେଳେ ରାଜ୍ୟ ସଙ୍ଘର ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର ସାମଲ, ଏସ୍‌ସିବି ମଡିକାଲ ସଙ୍ଘ ସମ୍ପାଦକ ରାମ ଚନ୍ଦ୍ର ପ୍ରଧାନ ସମ୍ମାନୀତ ଅତିଥି ରୂପେ ଯୋଗ ଦେଇଥିଲେ। ଏହି ଅବସରରେ ଜିଲ୍ଲା ସଙ୍ଘର ନିର୍ବାଚନ ଘୋଷଣା ହୋଇଥିଲା ।ଏସ୍‌କେ ମଞ୍ଜୁର ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲା ବେଳେ ଅଶୋକ କୁମାର ଦାସ ଯୁଗ୍ମ ସମ୍ପାଦକ, ମମତା ସାହୁ ଯୁଗ୍ମସମ୍ପାଦିକା ଏବଂ କୋଷାଧକ୍ଷ ଭାବରେ ମାନସ କୁମାର ସାହୁ ମନୋନୀତ ହୋଇଛନ୍ତି । ରାଜ୍ୟ ସଙ୍ଘର ଉପ ସଭାପତି ନବଘନ ପରିଡ଼ା ଧନ୍ୟବାଦ ପ୍ରଦାନ କରିଥିଲେ ।

C-403

**OFFICE OF THE NOTIFIED AREA COUNCIL : BARPALI**

No. 1102 / Dt. 27.05.2025

**CORRIGENDUM - EXTENSION OF TENDER SUBMISSION DATE**

It is to inform to prospective bidders that the last date and time for bid submission for the E-tender invited vide Bid Identification No.- EOBRP / 01/2025-26 Dt. 16.05.2025 and this Office No. 1048/Dt. 16.05.2025 for 20 Nos. of work has been extended as per detail given below.

| Sl. No. | Bid Submission last date and time | Extended Bid Submission last date and time |
|---|---|---|
| 1 | 28.05.2025 at 5.00 PM | 06.06.2025 at 5.00 PM |

The opening of the bid will be on dated 09.06.2025 at 11:00 AM All the other terms and condition of the Tender documents will remain unchanged.

Executive Officer
NAC, Barpali

OIPR-13127/11/0014/2526

**NOTICE OF LOSS OF SHARE CERTIFICATE(S)**
**INDIAN METALS & FERRO ALLOYS LTD.**
AT. BOMIKHAL, PO. RASULGARH BHUBANESWAR – 751010.

Notice is hereby given that the following share certificates issued by the Company have been lost / misplaced / stolen and the registered holders thereof, have applied to the Company for the issue of duplicate share certificates.

| SL. No | Name of shareholder | Folio No | Cert. Nos | Distinctive numbers From- To | No. of shares |
|---|---|---|---|---|---|
| 1 | Sudhanshu Ku Mohapatra | 1923 | 8207 | 25601 -26100 | 500 |
| 2 | Sudhanshu Ku Mohapatra | 1923 | 64304 | 41291548 - 41291047 | 500 |

The public are hereby warned against purchasing or dealing in any way, with the above share certificates. Any person(s) who has/have claims in respect of the said share certificates should lodge such claims with the Company under registered post A/D at its registered office at the address given above within 15 days of publication of this notice, after which no claim will be entertained and the Company will proceed to issue duplicate share certificates.

Sudhanshu Kumar Mohapatra
House Name – Shree Ram
Akshya Mohanty Lane, Saikah Bazar
Cuttack -753008, Odisha
Phone : 9776887777

**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ**
( ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)

**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)

OPTCL Lifeline of Odisha

CAD-565

Regd. Office: OPTCL Tech Tower, Janpath, Saheed Nagar, Bhubaneswar-751007

**NOTICE INVITING TENDER**

| Sl. No. | Tender Notice No: | Tender Description: |
|---|---|---|
| 1 | 02/2025-26 | Engagement of private vehicle of diesel version ( Non AC Bolero/ Camper/ Non AC Pick up van-05 seated or equivalent) on monthly basis for use of T/L & S/S S/D, Sonepur & Birmaharajpur under EHT O&M Division, Bolangir. |
| 2 | ETCN/CTC/CLE/ 01/2025-26 | Construction of retaining wall at location no.276 of 132kV Paradeep-Kendrapara DC line near river Luna under EHT O&M Division, Paradeep under EHT O&M Circle, Cuttack. |
| 3 | LPNGA/04/2025-26 | Tower base cleaning and shrub uprooting at different tower locations under 400kV T/L S/D, Lapanga under EHT O&M Division, Lapanga. |
| 4 | LPNGA/05/2025-26 | PCC (Plain Cement Concrete) for the barren land in the peripheral area of the 220 kV, 132kV and 33kV switchyard of 400/220/132/33 kV Grid S/S, Lapanga under EHT O&M Division, Lapanga. |
| 5 | RKL/03/2025-26 | Procurement, Supply and Installation of 100 watt LED street lights in existing poles at various GSS under EHT O&M Division, Rourkela. |
| 6 | 03/2025-26 | Replacement of old cover slab and construction of new RCC cover slab for Grid S/S Bolangir New under EHT O&M Division, Bolangir. |
| 7 | 01/2025-26 | Engagement of one number Diesel run light vehicle 09 seated AC Bolero Neo or its equivalent for SDO (El.), E&MR S/D, Bhadrak on monthly basis under E&MR Division, Jajpur Road. |

For more details please visit OPTCL's website: **www.optcl.co.in.**
OIPR-04011/11/0167/2526
FIPR-15/2025-26

/optcl.odisha /optcl_odisha

# ପ୍ରେସ୍ କାଉନସିଲ୍ ନାମ ବ୍ୟବହାର ଉପରେ ନିଷେଧାଦେଶ

**କଟକ,୨୮।୫/ଏନ୍‌ଏନ୍‌ଏସ୍:** ପ୍ରେସ୍ କାଉନସିଲ ଅଫ୍ ଇଣ୍ଡିଆ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ଅଧୀନରେ ଏକ ବୈଧାନିକ ସଂସ୍ଥା ହୋଇଥିବାରୁ କୌଣସି ଗଣମାଧ୍ୟମ ସଂସ୍ଥା ପ୍ରେସ୍ କାଉନସିଲ ନାମ ବ୍ୟବହାର କରିବା ଉପରେ ନିଷେଧାଦେଶ ରହିଛି । ଜିଲ୍ଲାରେ କୌଣସି ଗଣମାଧ୍ୟମ ସଂସ୍ଥା କିମ୍ବା ସରକାରୀ ସଂଘ ନିଜ ସଂସ୍ଥାର ନାମ ପଞ୍ଜିକରଣ ସମୟରେ ପ୍ରେସ୍ କାଉନସିଲ୍‌ର ଶବ୍ଦ ବ୍ୟବହାର ନ କରିବାକୁ କେନ୍ଦ୍ର ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି । କେନ୍ଦ୍ରସରକାରଙ୍କର ଅନୁମତି ବିନା କୌଣସି ସଂସ୍ଥା ପ୍ରେସ୍ କାଉନସିଲ ନାମ ବ୍ୟବହାର କଲେ ଏହା ଆଇନ ଅନୁଯାୟୀ ଗ୍ରହଣୀୟ ନୁହେଁ । ତେଣୁ ଜିଲ୍ଲାର କୌଣସି ସରକାରୀ ସଂଘ ବା ଗଣମାଧ୍ୟମ ସଂସ୍ଥା ନିଜ ନାମରେ ପ୍ରେସ୍ କାଉନସିଲ୍ ବ୍ୟବହାର ନ କରିବାକୁ ଅନୁରୋଧ କରାଯାଇଛି ।

# ଆଇନ୍‌ଜୀବୀଙ୍କ ସ୍ମୃତି ସଭାରେ ବିଶିଷ୍ଟ ନାଗରିକଙ୍କ ଶ୍ରଦ୍ଧାଞ୍ଜଳି



**କଟକ,୨୮।୫/ଏନ୍‌ଏନ୍‌ଏସ୍:** ଆଇନଜୀବୀ ପ୍ରଶାନ୍ତ ପଣ୍ଡା ଜଣେ ଅମାୟିକ ସମର୍ପିତ ସାମାଜିକ କର୍ମୀ ଓ ସମାଜସେବୀ ଥିଲେ। ସେ ସର୍ବଭାରତୀୟସ୍ତରରେ ଉପଭୋକ୍ତା ଆନ୍ଦୋଳନକୁ ସାଲିସହୀନ ଭାବେ ପରିଚାଳନା କରିଥିଲେ। ପରିବହନ ଆଇନ ବିଶାରଦ ଭାବେ ହାଇକୋର୍ଟଙ୍କ ବିଭିନ୍ନ କମିଟିର ସଦସ୍ୟ ହୋଇ ସେ ରାଜ୍ୟ ପରିବହନ ସେବା ଓ ଦ୍ୱୈତ ନଗରର ଗମନାଗମନ ବ୍ୟବସ୍ଥାରେ ସୁଧାର ଆଣିଥିଲେ। ତାଙ୍କ ବିୟୋଗ ଜନସ୍ୱାର୍ଥ ସୁରକ୍ଷା ଦିଗରେ ଏକ ଅପୂରଣୀୟ କ୍ଷତି ବୋଲି ଶ୍ରଦ୍ଧାଞ୍ଜଳି ସଭାରେ ବିଶିଷ୍ଟ ବକ୍ତାମାନେ ମତ ବ୍ୟକ୍ତ କରିଛନ୍ତି। ମହାନଗର ନାଗରିକ ମଞ୍ଚର ଆବାହକ ଚିତ୍ତରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ମନ୍ତ୍ରୀ ଶଶୀଭୂଷଣ ବେହେରା, ମେୟର ସୁବାସ ସିଂ, ଭୃଗୁ ବକ୍ସିପାତ୍ର, ପ୍ରଫେସର ବରେନ୍ଦ୍ର ନାୟକ,ସୁବ୍ରତ ନନ୍ଦ,ଖଗେଶ୍ୱର ସେଠୀ, ଗୁରୁ ମହାନ୍ତି, ସୁଧୀର ପଟ୍ଟନାୟକ, ପ୍ରତାପ ଶତପଥି, ସୁକାନ୍ତ ନାୟକ,ବିଜୟ ରାଉତରାୟ, ଲକ୍ଷ୍ମୀ ମହାନ୍ତି, ଡଲି ଦାସ, ଦିଲିପ ମହାପାତ୍ର, ଇ.କ୍ଷୀରୋଦ ମହାପାତ୍ର, ବବି ବଳବନ୍ତ ରାୟ, ପ୍ରଶାନ୍ତ ନାୟକ,ଅରବିନ୍ଦ ମଲ୍ଲିକ,ଶିବାନନ୍ଦ ମହାନ୍ତି,ନିଳକଣ୍ଠ ପ୍ରଧାନ, ସିଦ୍ଧାର୍ଥ ରଥ, ବି.କେ.ସିହ୍ନା, ବିନୟ ମହାପାତ୍ର, କବିର ଜେନା, ଅଜୟ ମିଶ୍ର, ଚିତ୍ତରଞ୍ଜନ କର, ଦେବକୀ ରଞ୍ଜନ ମହାପାତ୍ର, ଅମର ମିଶ୍ର, ସୁଧେନ୍ଦୁ ରାଉତରାୟ, ଦେବବ୍ରତ ଗରାଗଡ୍ଡୁ, କଶିନାଥ ସ୍ୱାଇଁ ପ୍ରମୁଖ ସ୍ମୃତି ଚାରଣ କରିଥିଲେ। ପ୍ରଜ୍ଞା ମହାନ୍ତି ଧନ୍ୟବାଦ ଦେଇଥିଲେ।

**ଏଆରଏସ୍‌ଏସ୍ ଇନ୍‌ଫ୍ରାଷ୍ଟ୍ରକଚର ପ୍ରୋଜେକ୍ଟସ୍ ଲିମିଟେଡ୍**

ARSS

ପଞ୍ଜିକୃତ କାର୍ଯ୍ୟାଳୟ: ପ୍ଲଟ୍ ନଂ.: ୩୮, ସେକ୍ଟର-ଏ, ଜୋନ୍-ଡି, ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ, ଭୁବନେଶ୍ୱର, ଓଡ଼ିଶା-୭୫୧୦୧୦
କର୍ପୋରେଟ କାର୍ଯ୍ୟାଳୟ: ଏଆର୍‌ଏସ୍‌ଏସ୍ ମଲ, ପ୍ଲଟ୍ ନଂ.: ୪୦, କମ୍ୟୁନିଟି ସେଣ୍ଟର, ବ୍ଲକ୍-ଏ, ପଶ୍ଚିମ ବିହାର, ଜ୍ୱାଲାହେରି ମାର୍କେଟ ବିପରୀତ, ନୂଆ ଦିଲ୍ଲୀ-୧୧୦୦୬୩,
ଇ-ମେଲ: cs@arssgroup.in, ୱେବ୍‌ସାଇଟ: www.arssgroup.in, CIN: L14103OR2000PLC006230

**୩୧ ମାର୍ଚ୍ଚ ୨୦୨୫ ସୁଦ୍ଧା ଶେଷ ହୋଇଥିବା ତ୍ରୈମାସିକ ଏବଂ ବାର୍ଷିକ ସମୀକ୍ଷିତ ପୃଥକ ଏବଂ ଏକତ୍ରିକୃତ ଆର୍ଥିକ ଫଳାଫଳର ସାରାଂଶ**

ଆର୍ଥିକ ଫଳାଫଳର ମୁଖ୍ୟ ଅଂଶଗୁଡିକ (ଟଙ୍କା ଲକ୍ଷରେ)

| କ୍ର. ନଂ. | ବିବରଣୀ | ପୃଥକ ଆର୍ଥିକ ବିବରଣୀ (Standalone) | | | | | ଏକତ୍ରିକୃତ ଆର୍ଥିକ ବିବରଣୀ (Consolidated) | | | | |
|---|---|---|---|---|---|---|---|---|---|---|---|
| | | ଶେଷ ହୋଇଥିବା ତ୍ରୟମାସ | | | ଶେଷ ହୋଇଥିବା ବର୍ଷ | | ଶେଷ ହୋଇଥିବା ତ୍ରୟମାସ | | | ଶେଷ ହୋଇଥିବା ବର୍ଷ | |
| | | ୩୧.୦୩.୨୦୨୫ (ସମୀକ୍ଷିତ (ଦ୍ରଷ୍ଟବ୍ୟ-ଗ ଦେଖନ୍ତୁ)) | ୩୧.୧୨.୨୦୨୪ (ଅଣସମୀକ୍ଷିତ) | ୩୧.୦୩.୨୦୨୪ (ସମୀକ୍ଷିତ (ଦ୍ରଷ୍ଟବ୍ୟ-ଗ ଦେଖନ୍ତୁ)) | ୩୧.୦୩.୨୦୨୫ (ସମୀକ୍ଷିତ) | ୩୧.୦୩.୨୦୨୪ (ସମୀକ୍ଷିତ) | ୩୧.୦୩.୨୦୨୫ (ସମୀକ୍ଷିତ (ଦ୍ରଷ୍ଟବ୍ୟ-ଗ ଦେଖନ୍ତୁ)) | ୩୧.୧୨.୨୦୨୪ (ଅଣସମୀକ୍ଷିତ) | ୩୧.୦୩.୨୦୨୪ (ସମୀକ୍ଷିତ (ଦ୍ରଷ୍ଟବ୍ୟ-ଗ ଦେଖନ୍ତୁ)) | ୩୧.୦୩.୨୦୨୫ (ସମୀକ୍ଷିତ) | ୩୧.୦୩.୨୦୨୪ (ସମୀକ୍ଷିତ) |
| ୧. | କାର୍ଯ୍ୟରୁ ମୋଟ ଆୟ | ୨,୬୩୯.୫୧ | ୧,୯୫୫.୩୦ | ୧୦,୪୬୭.୨୨ | ୧୨,୬୩୮.୮୦ | ୩୨,୦୮୨.୯୮ | ୨,୬୩୯.୫୧ | ୧,୯୫୫.୩୦ | ୧୦,୪୬୭.୨୨ | ୧୨,୬୩୮.୮୦ | ୩୨,୦୮୨.୯୮ |
| ୨. | ଟିକସ ଏବଂ ବିଶେଷ ଏବଂ/କିମ୍ବା ଅସାଧାରଣ ଆଇଟମ୍ ପୂର୍ବରୁ ନେଟ୍ ଲାଭ/(କ୍ଷତି) | (୯୮୪.୪୮) | ୧୧.୫୦ | ୧୧୦.୧୭ | (୮୩୫.୬୯) | (୩,୩୫୮.୬୧) | (୯୮୬.୫୮) | ୧୧.୫୦ | ୧୧୦.୦୭ | (୮୩୬.୬୯) | (୩,୩୫୮.୮୨) |
| ୩. | ଟିକସ ପୂର୍ବରୁ (ବିଶେଷ ଏବଂ/କିମ୍ବା ସାଧାରଣ ଆଇଟମ୍ ପରେ) ନେଟ୍ ଲାଭ/ (କ୍ଷତି) | (୯୮୪.୪୮) | ୧୧.୫୦ | ୧୧୦.୧୭ | (୮୩୫.୬୯) | (୩,୩୫୮.୬୧) | (୧୦୨.୨୨) | ୨୪୮.୪ | ୧୩୨.୯୪ | (୬୬୨.୯୦) | (୩,୨୧୯.୬୯) |
| ୪. | ଟିକସ ପରେ (ବିଶେଷ ଏବଂ/କିମ୍ବା ଅସାଧାରଣ ଆଇଟମ୍ ପରେ) ନେଟ୍ ଲାଭ/କ୍ଷତି | (୧,୦୨୬୮.୦) | (୩୧.୬୨) | ୬୩.୬୧ | (୯୪୯.୩୬) | (୩,୬୩୪.୬୧) | (୯୪୯.୯୩) | (୧୮.୩୬) | ୯୦.୪୦ | (୬୬୨.୫୬) | (୩,୪୮୩.୫୯) |
| ୫. | ସମ୍ପୂର୍ଣ୍ଣ ମୋଟ୍ ଆୟ (ଟିକସ ପରେ ଲାଭ/(କ୍ଷତି) ଏବଂ ଟିକସ ପରେ ଅନ୍ୟ ମୋଟ୍ ଆୟ) | (୧,୦୨୬୮.୦) | (୩୧.୬୨) | ୬୩.୬୧ | (୯୪୯.୩୬) | (୩,୬୩୪.୬୧) | (୯୪୯.୯୩) | (୧୮.୩୬) | ୯୦.୪୦ | (୬୬୨.୫୬) | (୩,୪୮୩.୫୯) |
| ୬. | ଇକ୍ୟୁଟି ସେୟାର କ୍ୟାପିଟାଲ | ୨,୨୭୩.୮୦ | ୨,୨୭୩.୮୦ | ୨,୨୭୩.୮୦ | ୨,୨୭୩.୮୦ | ୨,୨୭୩.୮୦ | ୨,୨୭୩.୮୦ | ୨,୨୭୩.୮୦ | ୨,୨୭୩.୮୦ | ୨,୨୭୩.୮୦ | ୨,୨୭୩.୮୦ |
| ୭. | ସେୟାର ପିଛା ଆୟ (ପ୍ରତ୍ୟେକ ଟ.୧୦/- ରେ) ବେସିକ୍ ଏବଂ ଡାଇଲୁଟେଡ୍ (ଟଙ୍କାରେ) | (୪.୫୨) | (୦.୧୪) | ୦.୨୮ | (୪.୧୮) | (୧୫.୫୪) | (୪.୧୮) | (୦.୦୮) | ୦.୪୦ | (୩.୫୨) | (୧୫.୩୨) |

ଦ୍ରଷ୍ଟବ୍ୟ:

କ) ୩୧ ମାର୍ଚ୍ଚ ୨୦୨୫ ସୁଦ୍ଧା ଶେଷ ହୋଇଥିବା କମ୍ପାନୀର ଉପରୋକ୍ତ ପୃଥକ ଆର୍ଥିକ ବିବରଣୀ ଏବଂ ଏକତ୍ରିକୃତ ଆର୍ଥିକ ବିବରଣୀ ତ୍ରୈମାସିକ ଏବଂ ବାର୍ଷିକ ଆର୍ଥିକ ଫଳାଫଳ କମ୍ପାନୀର ରିଜୋଲ୍ୟୁସନ୍ ପ୍ରଫେସନାଲ୍ ଦ୍ୱାରା ୨୮ ମେ ୨୦୨୫ ଦିନରେ ଅନୁମୋଦନ କରାଯାଇଛି। ଏହି ଆର୍ଥିକ ଫଳାଫଳ ସେବି (ଆଇନଗତ ବାଧ୍ୟତା ଏବଂ ପ୍ରକାଶନ ଆବଶ୍ୟକତା) ନିୟମାବଳୀ ୨୦୧୫ ର ନିୟମ ୩୩ ଏବଂ ପ୍ରକାଶନ ଆବଶ୍ୟକତା ନିୟମାବଳୀ ୨୦୧୫ ଅନୁଯାୟୀ ପ୍ରକାଶ କରାଯାଇଛି।

ଖ) ୩୧ ମାର୍ଚ୍ଚ ୨୦୨୫ ସୁଦ୍ଧା ଶେଷ ହୋଇଥିବା ଉପରୋକ୍ତ ତ୍ରୈମାସିକ ଏବଂ ବାର୍ଷିକ ପୃଥକ ଏବଂ ଏକତ୍ରିକୃତ ଆର୍ଥିକ ଫଳାଫଳର ସାରାଂଶ ବିବରଣୀର ସମ୍ପୂର୍ଣ୍ଣ ଫର୍ମାଟ ସେବି (ଆଇନଗତ ବାଧ୍ୟତା ଏବଂ ପ୍ରକାଶନ ଆବଶ୍ୟକତା ସୂଚୀକରଣ) ନିୟମାବଳୀ ୨୦୧୫ର ନିୟମ ୩୩ ଅନୁଯାୟୀ ଷ୍ଟକ୍ ଏକ୍ସଚେଞ୍ଜରେ ନଥିଭୁକ୍ତ କରାଯାଇଅଛି। ୩୧ ମାର୍ଚ୍ଚ ୨୦୨୫ ସୁଦ୍ଧା ଶେଷ ହୋଇଥିବା ତ୍ରୈମାସିକ ଏବଂ ବାର୍ଷିକ ପୃଥକ ଏବଂ ଏକତ୍ରିକୃତ ଆର୍ଥିକ ଫଳାଫଳର ସାରାଂଶ ବିବରଣୀର ସମ୍ପୂର୍ଣ୍ଣ ଫର୍ମାଟ ଷ୍ଟକ୍ ଏକ୍ସଚେଞ୍ଜ ୱେବସାଇଟ- www.bseindia.com & www.nseindia.com ଏବଂ କମ୍ପାନୀର ୱେବସାଇଟ - www.arssgroup.in ରେ ଉପଲବ୍ଧ ।

ଗ) ୨୦୨୪ ମସିହା ମାର୍ଚ୍ଚ ୩୧ ଏବଂ ୨୦୨୫ ମାର୍ଚ୍ଚ ୩୧ ସୁଦ୍ଧା ଶେଷ ହୋଇଥିବା ତ୍ରୟମାସିକ ଅଙ୍କଗୁଡ଼ିକ ହେଉଛି ପୂର୍ଣ୍ଣ ଆର୍ଥିକ ବର୍ଷ ଗୁଡ଼ିକର ସମୀକ୍ଷିତ ଅଙ୍କ ଏବଂ ସମ୍ପୃକ୍ତ ବର୍ଷମାନଙ୍କ ନିମନ୍ତେ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ଅଣ ସମୀକ୍ଷିତ ପ୍ରକାଶିତ ବର୍ଷଗୁଡ଼ିକର ଅଙ୍କ ଗୁଡ଼ିକର ଅବଶେଷ ଅଙ୍କ ଯାହାକି ବୈଧାନିକ ସମୀକ୍ଷକଙ୍କ ଦ୍ୱାରା ସମୀକ୍ଷା ସାପେକ୍ଷ।

The Results can be accessed through the following link or scanning the QR Code
http://arssgroup.in/PDF/QuarterlyResult/Board_Meeting_Outcome_2031_03_2025.pdf

ଏଆର୍‌ଏସ୍‌ଏସ୍ ଇନ୍‌ଫ୍ରାଷ୍ଟ୍ରକଚର ପ୍ରୋଜେକ୍ଟସ ଲିମିଟେଡ୍
ତରଫରୁ (ସିଆଇଆରପି ସମୟରେ ବୋର୍ଡ ସସ୍‌ପେଣ୍ଡ)

ତାରିଖ: ୨୮.୦୫.୨୦୨୫
ସ୍ଥାନ: ଭୁବନେଶ୍ୱର

ସ୍ୱା/-
ରାକେଶ ଅଗ୍ରୱାଲ
ପରିଚାଳନା ନିର୍ଦ୍ଦେଶକ
"ଡି.ଆଇ.ଏନ୍.- ୦୦୨୧୬୮୨୩"

ସ୍ୱା/-
ଉଦୟ ନାରାୟଣ ମିତ୍ର
(ମଧ୍ୟବର୍ତ୍ତୀ ରିଜୋଲ୍ୟୁସନ୍ ପ୍ରଫେସନାଲ)
ଆଇପି ପଞ୍ଜିକୃତ ନଂ.: ଆଇବିବିଆଇ/ଆଇପିଏ-୦୦୧/ଆଇପି-ପି୦୦୬୯୩/୨୦୧୭-୧୮/୧୧୩୬୦

## ରାତିରେ ଏଟିଏମ୍ ବନ୍ଦକୁ ନେଇ ଅସନ୍ତୋଷ

**ଖଣ୍ଡପଡ଼ା,୨୮।୫/ଏନ୍ଏନ୍ଏସ୍:** ଖଣ୍ଡପଡ଼ା ସହରର ରଥଗଡ଼ସ୍ଥିତ ଷ୍ଟେଟ ବ୍ୟାଙ୍କ ଖଣ୍ଡପଡା ଶାଖାରେ ଥିବା ଏଟିଏମ କାଉଂଟରଟି ରାତି ୯ଟା ପରେ ବନ୍ଦ ହୋଇଯାଉଛି। ଫଳରେ ଟଙ୍କା ଉଠାଣ ଓ ମେସିନ ଜରିଆରେ ଟଙ୍କା ଜମା କରିବା ନିମନ୍ତେ ଅଞ୍ଚଳବାସୀ ଓ ଏଟିଏମ ଉପରେ ନିର୍ଭର କରୁଥିବା ଜନସାଧାରଣ ବିଶେଷ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ରାତ୍ର କାଳରେ ଏଟିଏମ ସେବା ଉପଲବ୍ଧ କରିବା ନିମନ୍ତେ ଅଞ୍ଚଳବାସୀ ଷ୍ଟେଟବ୍ୟାଙ୍କ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ନିରାଶ ହୋଇଥିବା ଜଣାଯାଇଛି। ତେଣୁ ଅଞ୍ଚଳବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ରାତ୍ରକାଳରେ ଏଟିଏମ ସେବା ଉପଲବ୍ଧ ନିମନ୍ତେ ଷ୍ଟେଟବ୍ୟାଙ୍କ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଖଣ୍ଡପଡ଼ା ସହରବାସୀ ଦାବି କରିଛନ୍ତି।

## ପ୍ରଥମ ପୃଷ୍ଠାରୁ

### ୬୯ ଟଙ୍କା ବଢ଼ିଲା...

ରୂପେ କପାର ଉଭୟ କିସମ (ମଧ୍ୟମ ଷ୍ଟେପଲ୍ ଏବଂ ଲମ୍ବ ଷ୍ଟେପଲ୍) ମୂଲ୍ୟ କ୍ୱିଣ୍ଟାଲ୍ ପିଛା ୫୮୯ ଟଙ୍କା ଲେଖାଏ ବୃଦ୍ଧି କରାଯାଇଛି। ଡାଲିଜାତୀୟ ଫସଲ ମଧ୍ୟରେ ହରଡ଼, ମୁଗ ଏବଂ ବିରି ଆଦିର ସର୍ବନିମ୍ନ ସହାୟକ ମୂଲ୍ୟ (କ୍ୱିଣ୍ଟାଲ୍ ପିଛା) ଯଥାକ୍ରମେ ୪୫୦, ୮୬ ଏବଂ ୪୦୦ ଟଙ୍କା ବୃଦ୍ଧି କରାଯାଇଛି। ଧାନ ବ୍ୟତୀତ ଅନ୍ୟ ଫସଲଗୁଡ଼ିକ ମଧ୍ୟରେ ମାଣ୍ଡିଆ ମୂଲ୍ୟରେ କ୍ୱିଣ୍ଟାଲ୍ ପିଛା ୫୯୬ ଟଙ୍କା, ମକା ମୂଲ୍ୟ ଉପରେ କ୍ୱିଣ୍ଟାଲ୍ ପିଛା ୧୭୫, ବାଜରା ମୂଲ୍ୟରେ କ୍ୱିଣ୍ଟାଲ୍ ପିଛା ୧୫୦ ଟଙ୍କା ଲେଖାଏ ବୃଦ୍ଧି କରାଯାଇଛି। ଯଅ'ର ଉଭୟ ମାଲଦାଣ୍ଡି କିସମ ଏବଂ ହାଇବ୍ରିଡ୍ କିସମର ମୂଲ୍ୟ କ୍ୱିଣ୍ଟାଲ୍ ପିଛା ୩୨୮ ଟଙ୍କା ଲେଖାଏ ବୃଦ୍ଧି କରାଯାଇଛି ଯାହାଦ୍ୱାରା ଏହାର ମୂଲ୍ୟ କ୍ୱିଣ୍ଟାଲ୍ ପିଛା ଯଥାକ୍ରମେ ୩୭୪୯ ଏବଂ ୩୬୯୯ ଟଙ୍କାକୁ ବୃଦ୍ଧି ପାଇଛି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ କେନ୍ଦ୍ର କ୍ୟାବିନେଟ୍ କୃଷକଙ୍କ ପାଇଁ ଉଦ୍ଦିଷ୍ଟ ସୁଧ ସବ୍‌ସିଡି ଯୋଜନାକୁ ମଧ୍ୟ ମଞ୍ଜୁରୀ ଦେଇଛି। ଅଟଳ ବିହାରୀ ବାଜପେୟୀ ପ୍ରଧାନମନ୍ତ୍ରୀ ଥିବା ସମୟରେ କିଷାନ୍ କ୍ରେଡିଟ୍ କାର୍ଡ ପ୍ରଚଳନ କରାଯାଇଥିଲା। ଏହା ଚାଷୀମାନଙ୍କୁ ସେମାନଙ୍କ କାମ ପାଇଁ ଋଣନେବା ବହୁତ ସହଜ କରିଛି। ଏହି ଯୋଜନାରେ, ଚାଷୀମାନଙ୍କୁ ୪% ସୁଧରେ ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପାଇବାକୁ ସୁବିଧା ରହିଛି। ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଉପରେ କୌଣସି ଗ୍ୟାରେଣ୍ଟି ନିଆଯିବ ନାହିଁ। ଦେଶରେ ୭.୭୫ କୋଟିରୁ ଅଧିକ କିଷାନ କ୍ରେଡିଟ୍ କାର୍ଡ ଆକାଉଣ୍ଟ ଅଛି। ଅର୍ଥାତ୍ ଏହି ଯୋଜନା ଅନ୍ତର୍ଗତ କେନ୍ଦ୍ର ସରକାର ୧୫ହଜାର ୬୪୨ କୋଟି ଟଙ୍କା ଖର୍ଚ୍ଚ କରିବେ। ଏହା ଏବେ କ୍ଷୁଦ୍ର ଏବଂ ସୀମାନ୍ତ ଚାଷୀଙ୍କ ପାଇଁ ଏକ ବଡ଼ ଲାଭହେବ। ଅଶ୍ୱିନୀ କହିଛନ୍ତି, କୃଷକଙ୍କ ପାଇଁ ବୃଦ୍ଧି କରାଯାଇଥିବା ବର୍ଦ୍ଧିତ ଏମ୍ଏସ୍‌ପିରେ ଉତ୍ପାଦନ ଖର୍ଚ୍ଚରେ ଫସଲ ଅମଳ ପାଇଁ କରାଯାଉଥିବା ସବୁ ବ୍ୟୟକୁ ସାମିଲ କରାଯାଇଛି। ଏଥିସହ ଶ୍ରମିକ, ବଳଦ ଶ୍ରମ/ମେସିନ୍ ଶ୍ରମ, ଜମି ଭାଗ ପାଇଁ ଖର୍ଚ୍ଚ, ବିହନ, ସାର, ଖତ, ଜଳସେଚନ ଶୁଳ୍କ, ଉପକରଣ ଏବଂ କୃଷି ଭବନ ଉପଯୋଗ ବାବଦ ଖର୍ଚ୍ଚ, ଚଳନ୍ତି ପୁଞ୍ଜି ଉପରେ ସୁଧ, ପମ୍ପସେଟ୍ ପରିଚାଳନା ପାଇଁ ଡିଜେଲ୍/ବିଦ୍ୟୁତ୍ ଖର୍ଚ୍ଚ ଆଦି ସମେତ ଅନ୍ୟାନ୍ୟ ଖର୍ଚ୍ଚ ଏବଂ ପାରିବାରିକ ଶ୍ରମର ଲାଗୁ ମୂଲ୍ୟ ସାମିଲ ରହିଛି। ଏମ୍ଏସ୍‌ପି କ୍ଷେତ୍ରରେ କୃଷକମାନଙ୍କୁ ସେମାନଙ୍କ ଉତ୍ପାଦନ ଖର୍ଚ୍ଚ ଉପରେ ଆଶା କରାଯାଉଥିବା ଲାଭକାରୀ ମୂଲ୍ୟର ସର୍ବାଧିକ ଲାଭ ପ୍ରଦାନ କରିବ ବୋଲି ଆକଳନ କରାଯାଇଛି। ଅବଶିଷ୍ଟ ଫସଲ ପାଇଁ, କୃଷକମାନଙ୍କୁ ସେମାନଙ୍କ ଉତ୍ପାଦନ ଖର୍ଚ୍ଚ ଉପରେ ୫୦ପ୍ରତିଶତ ଲାଭ ମିଳିବ ବୋଲି ଆକଳନ କରାଯାଉଛି। ପ୍ରକାଶ, ନିକଟ ଅତୀତରେ ସରକାର ଡାଲି ଏବଂ ତୈଳବୀଜ ଏବଂ ପୁଷ୍ଟିକର ଶସ୍ୟ/ଶ୍ରୀ ଅନ୍ନ ଭଳି ଶସ୍ୟଗୁଡ଼ିକ ପାଇଁ ଅଧିକ ଏମ୍ଏସ୍‌ପି ପ୍ରଦାନ କରି ଏହି ଶସ୍ୟ ଏବଂ ଅନ୍ୟ ଶସ୍ୟର ଚାଷକୁ ପ୍ରୋତ୍ସାହିତ କରୁଛନ୍ତି।

### ରାଜ୍ୟରେ ୫ ନୂଆ...

ନହେବାକୁ ରାଜ୍ୟବାସୀଙ୍କୁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପରାମର୍ଶ ଦେଇଛନ୍ତି। ସେପଟେ ଦେଶରେ ୬ ସଂକ୍ରମିତଙ୍କ ମୃତ୍ୟୁ ଚିନ୍ତା ବଢ଼ାଇଛି। ମୃତକଙ୍କ ମଧ୍ୟରେ ମହାରାଷ୍ଟ୍ରରୁ ୩, କେରଳରୁ ୨ ଓ କର୍ଣ୍ଣାଟକରେ ଜଣଙ୍କ ଜୀବନ ନେଇଛି କରୋନାର ନୂଆ ପ୍ରଜାତି ଜେଏନ୍ ଡଟ୍ ୱାନ୍। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟର ସୂଚନା ଅନୁସାରେ , ସବୁଠୁ ଅଧିକ ସଂକ୍ରମିତ କେରଳରୁ ଚିହ୍ନଟ ହେଉଛନ୍ତି। ଏହାପରେ ରହିଛି ମହାରାଷ୍ଟ୍ର ଓ ଦିଲ୍ଲୀ। ଏହାସହ ଦକ୍ଷିଣ ଭାରତ ରାଜ୍ୟରେ ମଧ୍ୟ ସଂକ୍ରମଣରେ ଲଗାମ୍ ଲାଗୁନି।

### ଓଡ଼ିଶା ଛୁଇଁଲା ମୌସୁମୀ...

ମସିହାରୁ ଆଜି ପର୍ଯ୍ୟନ୍ତ କେବଳ ଦୁଇଥର ମେ' ମାସରେ ଓଡ଼ିଶା ଛୁଇଁଛି ମୌସୁମୀ। ପୂର୍ବରୁ ୨୫ ମଇ ୨୦୦୯ ଏବଂ ୨୮ ମଇ ୧୯୯୯ରେ ଓଡ଼ିଶା ଛୁଇଁଥିଲା ମୌସୁମୀ ସୂଚନା ଦେଇଛି ପାଣିପାଗ ବିଭାଗ। ମୌସୁମୀ ଶୀଘ୍ର ଆସିବା ପଛରେ ଆରବ ସାଗର ଏବଂ ବଙ୍ଗୋପସାଗରରେ ଆର୍ଦ୍ରତା ବୃଦ୍ଧି ଏବଂ ସମୁଦ୍ର ତାପମାତ୍ରା ବୃଦ୍ଧି ମୁଖ୍ୟ କାରଣ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ଏଥର ଏଲ୍‌ନିନୋ ନଥିବାରୁ, ଅଧିକ ବର୍ଷା ଆଶା କରାଯାଉଛି। ମୌସୁମୀ ପ୍ରଭାବରେ ସମଗ୍ର ଦେଶରେ ୯୬%ରୁ ୧୦୪% ବର୍ଷା ହେବ। ଉତ୍ତର ଭାଗର ଅଧିକାଂଶ ଅଞ୍ଚଳ, ଏହାକୁ ଲାଗି ରହିଥିବା କେନ୍ଦ୍ରୀୟ ଭାରତୀୟ ଅଞ୍ଚଳ ଓ ଉତ୍ତର-ପଶ୍ଚିମ ଭାଗର କିଛି ସ୍ଥାନରେ ସ୍ୱାଭାବିକ କିମ୍ବା ତା'ଠାରୁ ଅଧିକ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି। ତେବେ ଉତ୍ତର-ପୂର୍ବ ଭାରତର ଅନେକ ସ୍ଥାନ, ଉତ୍ତର-ପଶ୍ଚିମର କିଛି ଅଂଶ ଓ ଦକ୍ଷିଣ-ପୂର୍ବ ଭାଗରେ ସ୍ୱାଭାବିକଠାରୁ କମ୍ ବର୍ଷାହେବ ବୋଲି ଆକଳନ କରାଯାଇଛି।

### ଘନୀଭୂତ ହେଉଛି...

କୋରାପୁଟ, ଗଜପତି ଓ ଗଞ୍ଜାମ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଅନ୍ୟ ଜିଲ୍ଲାଗୁଡ଼ିକରେ ମଧ୍ୟମ ଧରଣର ବର୍ଷା ସହ ବଜ୍ରପାତ ଓ ଘଡ଼ଘଡ଼ି ହେବାର ଆଶଙ୍କା ରହିଛି। ଆସନ୍ତା ୨ ଦିନ ପର୍ଯ୍ୟନ୍ତ ରାଜ୍ୟରେ ଅଧିକାଂଶ ଜିଲ୍ଲାରେ ଅନେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଛି। ଘଣ୍ଟା ପ୍ରତି ୪୦ରୁ ୫୦କିମି ବେଗରେ ଝଟ୍‌କା ଝଟକା ପବନ ମଧ୍ୟ ବହିବା ସହ ବିଜୁଳି ଘଡ଼ଘଡ଼ି ସମ୍ଭାବନା ରହିଛି। ଏନେଇ ଆସନ୍ତାକାଲି ପାଇଁ ଗଞ୍ଜାମ ଗଜପତି, କୋରାପୁଟ, ରାୟଗଡ଼ା, ଭଦ୍ରକ କେନ୍ଦ୍ରାପଡା, ଜଗତସିଂହପୁର ଜିଲ୍ଲା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି ଆଞ୍ଚଳିକ ପାଣିପାଗ ବିଭାଗ। ସେହିପରି ଅବଶିଷ୍ଟ ମାଲକାନଗିରି, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ବାଲେଶ୍ୱର, ପୁରୀ, ନୟାଗଡ଼, ଖୋର୍ଦ୍ଧା କଟକ ଓ ଯାଜପୁର ସମେତ ବିଜୁଳି ଘଡ଼ଘଡ଼ି ସହ ଝଡ଼ବତାସର ମଧ୍ୟ ୟେଲୋ ୱାର୍ଣ୍ଣିଂ ରହିଛି। ସେହିପରି ୟେଲୋ ୱାର୍ଣ୍ଣିଂ ମଧ୍ୟ କେଉଁଝର, ଢେଙ୍କାନାଳ, ମୟୂରଭଞ୍ଜ, ସୋନପୁର, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ଅନୁଗୁଳ, ବୌଦ୍ଧ, ଦେବଗଡ଼, ଅନୁଗୁଳ, ବଲାଙ୍ଗୀର, ବରଗଡ଼, ନୂଆପଡ଼ାରେ ମଧ୍ୟ ଅପରାହ୍ଣ ଓ ସନ୍ଧ୍ୟାରେ ଝଡ଼ବତାସ ସହ ବିଜୁଳି ଘଡ଼ଘଡ଼ିର ସତର୍କ ସୂଚନା ଦିଆଯାଇଛି। ସେହିପରି ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ କେନ୍ଦ୍ରାପଡ଼ାରେ ମଧ୍ୟ ଅରେଜ ୱାର୍ଣ୍ଣିଂ ଜାରି ସହିତ ସେଠାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ବିଜୁ ଘଡ଼ଘଡ଼ିର ମଧ୍ୟ ସତର୍କ ସୂଚନା ଦେଇଛି ପାଣିପାଗ ବିଭାଗ। ବାକି ଅନ୍ୟ ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି ରହିଛି। ତେବେ ୩୧ରୁ କମିବ ବର୍ଷାର ପରିମାଣ। ସମୁଦ୍ର ଅଶାନ୍ତ ଥିବାରୁ ୩୧ ତାରିଖ ଯାଏ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଭିତରକୁ ଯିବାକୁ ବାରଣ କରାଯାଇଛି।

### ପୁଞ୍ଜିଲାଲ୍‌ଙ୍କୁ ଆଜୀବନ...

ମୃତ ସୌମ୍ୟଙ୍କ ବାପା ରବୀନ୍ଦ୍ର ସାହୁ ଓ ମା' ସଂଯୁକ୍ତା ସାହୁ କହିଛନ୍ତି ଯେ ପୁଞ୍ଜିଲାଲଙ୍କୁ ଫାଶୀହେବା ନେଇ ଆଶା ରଖିଥିଲୁ। ହେଲେ କୋର୍ଟଙ୍କ ରାୟରେ ଆମେ କିଛିଟା ସନ୍ତୁଷ୍ଟ ଅଛୁ। ପୁଅର ଆତ୍ମା କିଛିଟା ଶାନ୍ତି ପାଇବ। ପୁଞ୍ଜିଲାଲକୁ ମଣିଷ ବୋଲି କୁହାଯିବ ନାହିଁ। ସେ ଯଦି ଉପର କୋର୍ଟ ଯିବ, ଆମେ ବି ଯିବୁ। ଦୀର୍ଘ ୭ ବର୍ଷ ହେଲା କୋର୍ଟ ଆସୁଥିଲୁ ଆଜି ଏହି ରାୟ ମିଳିଲା। ସୂଚନାଯୋଗ୍ୟ, ୨୦୧୮ ଫେବୃଆରୀ ୨୩ରେ ପାଟଣାଗଡ଼ରେ ପାର୍ସଲ୍ ବୋମା ବିସ୍ଫୋରଣ ଘଟି ନବବିବାହିତ ଇଞ୍ଜିନିୟର ସୌମ୍ୟଶେଖର ସାହୁ, ତାଙ୍କ ଜେଜେମା ଜେମାମଣି ସାହୁଙ୍କର ମୃତ୍ୟୁ ଘଟିଥିଲା। ମୃତ ସୌମ୍ୟ ଶେଖରଙ୍କ ନବବିବାହିତା ସ୍ତ୍ରୀ ରିମାରାଣୀ ଗୁରୁତର ଆହତ ହୋଇଥିଲେ। ଏହି ମାମଲାରେ ପ୍ରାଥମିକ ପର୍ଯ୍ୟାୟରେ ପୁଲିସ ତଦନ୍ତ କରିଥିଲା। ପରେ ତଦନ୍ତ ଦାୟିତ୍ୱ କ୍ରାଇମ୍‌ବ୍ରାଞ୍ଚ୍ ହାତକୁ ଯାଇଥିଲା। ବୃତ୍ତିଗତ ଶତ୍ରୁତାରୁ ପାର୍ସଲ୍ ବୋମା ବିସ୍ଫୋରଣ ହୋଇଥିବା ସୁରାକ୍ ପାଇଥିଲା କ୍ରାଇମ୍‌ବ୍ରାଞ୍ଚ୍। ପରେ ଛାନ୍‌ଭିନ୍ କରି କ୍ରାଇମ୍‌ବ୍ରାଞ୍ଚ୍ ପାଟଣାଗଡ଼ ନିକଟସ୍ଥ ଭଇଁଷା କଲେଜର ଇଂରାଜୀ ବିଭାଗର ଅଧ୍ୟାପକ ପୁଞ୍ଜିଲାଲ ମେହେରଙ୍କୁ ଏକମାତ୍ର ଓ ମୁଖ୍ୟ ଅଭିଯୁକ୍ତ ଭାବେ ଗିରଫ କରିଥିଲା। କ୍ରାଇମ୍‌ବ୍ରାଞ୍ଚ ଟିମ୍ ୨୦୦୦ ପୃଷ୍ଠା ବିଶିଷ୍ଟ ଚାର୍ଜସିଟ୍ ଦାଖଲ କରିବା ପରେ ପାଟଣାଗଡ଼ ଏଡିଜେ କୋର୍ଟରେ ପ୍ରାୟ ୨ବର୍ଷ କାଳ ଏହାର ଶୁଣାଣି ଓ ନ୍ୟାୟିକ ପ୍ରକ୍ରିୟା ଚାଲିଥିଲା।

### ଟ୍ରାକ୍‌ରୁ ଖସିଲା ୨୫ ବଗି...

ମାଲବାହୀ ଟ୍ରେନ୍। ଟ୍ରେନ୍‌ର କିଛି ଅଂଶ ଟନେଲ୍ ମଧ୍ୟରେ ଥିଲାବେଳେ ଆଉ କିଛି ଅଂଶ ଟନେଲ୍ ବାହାରେ ରହିଥିବା ଦେଖିବାକୁ ମିଳିଛି। ଫଳରେ ଏହି ଲାଇନ୍‌ରେ ଗାଡ଼ି ଚଳାଚଳ ବନ୍ଦ ରହିଛି। ତେବେ ବିଶାଖାପାଟଣାରୁ କିରୁଣ୍ଡୁଲକୁ ଟ୍ରେନ୍ ଚଳାଚଳ ବନ୍ଦ ରହିଛି। ଏବେ ବି ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଏଥିଯୋଗୁ ଏହି ରୁଟ୍‌ରେ ସମସ୍ତ ଟ୍ରେନ୍ ଚଳାଚଳ ବନ୍ଦ ରହିଛି।

## ଭୁବନେଶ୍ୱର ଆଇଆଇଟିରେ ଋତୁସ୍ରାବ, ସ୍ୱାସ୍ଥ୍ୟ ଏବଂ ପରିଚ୍ଛନ୍ନତା ସମ୍ମିଳନୀ

# ଦୁଇ ସାନିଟାରୀ ନାପ୍‌କିନ୍ ଭେଣ୍ଡିଂ ମେସିନ୍ ଉଦ୍‌ଘାଟିତ



**ଜଟଣୀ,୨୮।୫/ଏନ୍ଏନ୍ଏସ୍:** ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱରରେ ଋତୁସ୍ରାବ ସ୍ୱାସ୍ଥ୍ୟ ଏବଂ ମର୍ଯ୍ୟାଦା ସମ୍ବନ୍ଧରେ ଋତୁସ୍ରାବ ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତା ୨୦୨୫ ଉପରେ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ଋତୁସ୍ରାବ ସ୍ୱଚ୍ଛତା ଦିବସ ପାଳନ ଅବସରରେ ନେକ୍ସସ୍ ସିଲେକ୍ଟ ଟ୍ରଷ୍ଟ ଦ୍ୱାରା ସମର୍ଥିତ ଏହି ସମ୍ମିଳନୀରେ ନୀତି ନିର୍ଦ୍ଧାରକ, ଜନସ୍ୱାସ୍ଥ୍ୟ ବିଶେଷଜ୍ଞ, ବିକାଶ ଅଂଶୀଦାର ଏବଂ ସାମାଜିକ ଉଭାବକମାନେ ପାଇଁ ଏକାଠି ହୋଇଥିଲେ ଏବଂ ଭାରତରେ ଋତୁସ୍ରାବ ସମସ୍ୟାର ନବସୃଜନ, ଅନ୍ତର୍ଭୁକ୍ତି ଏବଂ ସ୍ଥାୟୀ ସମାଧାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମଟି ପ୍ରୋଜେକ୍ଟ ପିରିୟଡ୍: ପରିମଳ, ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତା, ଏବଂ ପରିବେଶ ପଦକ୍ଷେପ ଅଧୀନରେ ଆଇଆଇଟି ଭୁବନେଶ୍ୱର ଗବେଷଣା ଏବଂ ଉଦ୍ୟୋମିତା ପାର୍କ ଦ୍ୱାରା ୟୁନିସେଫ୍, ସୌଖ୍ୟମ୍ ଫାଉଣ୍ଡେସନ୍, ଆକ୍ସନ୍ ଲ୍ୟାବ୍ ୨୦୫୦ ଫାଉଣ୍ଡେସନ୍ ଏବଂ ଓଡ଼ିଶା ମାସିକ ଋତୁସ୍ରାବ ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତା ଆଲାଏନ୍ସର ସହଯୋଗରେ ଆୟୋଜିତ ହୋଇଥିଲା।

ପ୍ରତିଷ୍ଠାନର ଅଡିଟୋରିୟମରେ ଆୟୋଜିତ ଏହି ଦିନିକିଆ କାର୍ଯ୍ୟକ୍ରମକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉଦ୍‌ଘାଟନ କରିଥିଲେ। ସ୍କୁଲ ଏବଂ କଲେଜ ପଢୁଥିବା ଝିଅମାନଙ୍କ ମଧ୍ୟରେ ପୁନଃବ୍ୟବହାରଯୋଗ୍ୟ ଋତୁସ୍ରାବ ଉତ୍ପାଦର ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ଏକ ପ୍ରୟାସ। ଏହି ଅବସରରେ ଅନୁନ୍ନତ ସମ୍ପ୍ରଦାୟର ମହିଳାମାନଙ୍କୁ ପରିବେଶ ଅନୁକୂଳ ପୁନଃବ୍ୟବହାର ଯୋଗ୍ୟ ଋତୁସ୍ରାବ ପ୍ୟାଡ୍ ବଣ୍ଟନ କରାଯାଇଥିଲା। ଶ୍ରୀମତୀ ପରିଡା କାନାରା ବ୍ୟାଙ୍କ ଦ୍ୱାରା ଦାନ କରାଯାଇଥିବା ଦୁଇଟି ସାନିଟାରୀ ନାପକିନ ଭେଣ୍ଡିଂ ମେସିନ୍ ମଧ୍ୟ ଉନ୍ମୋଚନ କରିଥିଲେ। ଯାହା କ୍ୟାମ୍ପସ୍ ଏବଂ ସରକାରୀ ପ୍ରତିଷ୍ଠାନଗୁଡ଼ିକରେ ଋତୁସ୍ରାବ ସୁଗମତାରେ ଏକ ପଦକ୍ଷେପର ପ୍ରତୀକ। ଏହି କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ଆଇଆଇଟି ଭୁବନେଶ୍ୱର ଏବଂ ଏହାର ଗବେଷଣା ଏବଂ ଉଦ୍ୟୋଗୀତା ପାର୍କ ଏବଂ ଅନ୍ୟାନ୍ୟ ଅଂଶୀଦାରମାନଙ୍କୁ ଶ୍ରୀମତୀ ପରିଡ଼ା ପ୍ରଶଂସା କରିଥିଲେ। ସାଂସ୍କୃତିକ ପରିବର୍ତ୍ତନର ଆବଶ୍ୟକତା ଉପରେ ଆଲୋକପାତ କରି ସେ ଆହୁରି କହିଥିଲେ, 'ଯେଉଁଦିନ ସାନିଟାରୀ ନାପକିନ୍ ପରିବାରର ମାସିକ ସଉଦା ତାଲିକାର ଅଂଶ ହେବ କିମ୍ବା ଭାଇର ତାଙ୍କ ଭଉଣୀକୁ ଉପହାର ହେବ, ଆମେ ମହିଳା ସଶକ୍ତିକରଣରେ ପ୍ରକୃତ ପ୍ରଗତି ଦେଖିବୁ। ପୁରୁଷମାନଙ୍କୁ ମଧ୍ୟ ଏହି କଳଙ୍କ ଭାଙ୍ଗିବାରେ ସାହାଯ୍ୟ କରିବା ପାଇଁ ମାସିକ ଋତୁସ୍ରାବ ସ୍ୱାସ୍ଥ୍ୟ ଉପରେ ଶିକ୍ଷିତ କରାଯିବା ଉଚିତ। କାର୍ଯ୍ୟକ୍ଷେତ୍ର ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକରେ ସୁରକ୍ଷିତ ଋତୁସ୍ରାବ ସମାଧାନର ପ୍ରବେଶ ଅତ୍ୟାବଶ୍ୟକ। ସେ ଋତୁସ୍ରାବ ଉତ୍ପାଦଗୁଡ଼ିକର ସ୍ଥାୟୀ ବ୍ୟବହାର ଏବଂ ନିଷ୍କାସନର ଗୁରୁତ୍ୱ ଉପରେ ଆହୁରି ଗୁରୁତ୍ୱାରୋପ କରିଥିଲେ। ଆଇଆଇଟି ଭୁବନେଶ୍ୱର ଗବେଷଣା ଏବଂ ଉଦ୍ୟୋଗୀତା ପାର୍କର ସ୍ୱାଧୀନ ନିର୍ଦ୍ଦେଶକ ଡକ୍ଟର ସୀମା ବାହିନୀପତି ସମ୍ମାନିତ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ ଏବଂ ଅନ୍ତର୍ଭୁକ୍ତ ସ୍ୱାସ୍ଥ୍ୟ ଏବଂ ଗବେଷଣା ନବସୃଜନକୁ ପ୍ରୋତ୍ସାହିତ କରିବା ପାଇଁ ଅନୁଷ୍ଠାନର ଚାଲିଥିବା ପ୍ରୟାସ ଉପରେ ଆଲୋକପାତ କରିଥିଲେ।

ପ୍ରୋଜେକ୍ଟ କେୟାର ବିଷୟରେ କହିବାକୁ ଗଲେ, ଯାହା ନେକ୍ସସ୍ ସିଲେକ୍ଟ ଟ୍ରଷ୍ଟର ବୃହତ୍ତର ଅଭିଯାନ, 'ହାପିନେସ ଫର୍ ହର୍'ର ଏକ ଅଂଶ, ନେକ୍ସସ୍ ସିଲେକ୍ଟ ଟ୍ରଷ୍ଟର ଇଏସଜି ବିଭାଗୀୟ ଉପ-ମହାପ୍ରବନ୍ଧକ ହର୍ଷା ଭରଦା କହିଛନ୍ତି ଯେ ଆମର ସପିଂ ସେଣ୍ଟରଗୁଡ଼ିକ କେବଳ ଜିନିଷ କିଣିବା ପାଇଁ ସ୍ଥାନ ନୁହେଁ-ଏହା ଯତ୍ନ ନେବା, ସଂଯୋଗ କରିବା ଏବଂ ଉନ୍ନତି କରିବା ପାଇଁ ସ୍ଥାନ। ପ୍ରୋଜେକ୍ଟ କେୟାର ମାଧ୍ୟମରେ, ଆମେ ଚାହୁଁଛୁ ଯେ ପ୍ରତ୍ୟେକ ଝିଅ ଦେଖାଯାଉ, ସୁରକ୍ଷିତ ଏବଂ ସମର୍ଥିତ ଅନୁଭବ କରୁ। ଏହି ସହଭାଗିତା ଏକ ନୂତନ ପଦକ୍ଷେପ ବୋଲି କହିଥିଲେ। ୟୁନିସେଫ୍ ଓଡ଼ିଶାର କ୍ଷେତ୍ର କାର୍ଯ୍ୟାଳୟର ମୁଖ୍ୟ ୱିଲିଆନ୍ ହାନଲନ୍ ଜୁନିଅର ଋତୁସ୍ରାବ ସମ୍ବନ୍ଧୀୟ ବିଭିନ୍ନ କୁପ୍ରଥା ଦୂର କରିବା ଏବଂ ଋତୁସ୍ରାବ ସମ୍ବନ୍ଧୀୟ ଉତ୍ପାଦ ଏବଂ ଶିକ୍ଷାର ଉପଲବ୍ଧତାକୁ ସକ୍ଷମ କରିବାରେ ସହଭାଗିତାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଆଇଆଇଟି ଭୁବନେଶ୍ୱରର ରେଜିଷ୍ଟ୍ରାର ବାମଦେବ ଆଚାର୍ଯ୍ୟ, ନେକ୍ସସ୍ ସିଲେକ୍ଟ ମଲର ମହାପ୍ରବନ୍ଧକ (ଇଏସଜି) ନିଲେଶ ସିଂହ, ସୌଖ୍ୟମ୍ ଫାଉଣ୍ଡେସନର ପ୍ରଫେସର ପ୍ରବୀଣ ବିନଷ୍ଟ, ୟୁନିସେଫ୍ର ସୁଶ୍ରୀ କରିନା ମାକ୍ସଜେୱସ୍କା, ସୁଶ୍ରୀ ପ୍ରତିଭା ସିଂହ, ସୁଶ୍ରୀ ଶିପ୍ରା ସକ୍ସେନା ଏବଂ ସୁଶ୍ରୀ ଆସ୍ଥା ଆଲଙ୍ଗ ମଧ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଉଦଘାଟନୀ ଅଧିବେଶନରେ ଆକ୍ସନଲ୍ୟାବ୍ ୨୦୫୦ର ପ୍ରତିଷ୍ଠାତା ସୃଷ୍ଟିଜିତ ମିଶ୍ର ଧନ୍ୟବାଦ ଜ୍ଞାପନ କରିଥିଲେ। ଦୁଇଟି ଆକର୍ଷଣୀୟ ଅଧିବେଶନରେ ପ୍ୟାନେଲ ଆଲୋଚନା ଏବଂ ଗବେଷଣା ପତ୍ର ଉପସ୍ଥାପନା ସରକାରଙ୍କ ନେତୃତ୍ୱାଧୀନ ପଦକ୍ଷେପ ଏବଂ ସ୍ଥାୟୀ ଋତୁସ୍ରାବ ସ୍ୱାସ୍ଥ୍ୟ ପାଇଁ ଅଭିନବ ସମାଧାନ ଉପରେ ଅନୁସନ୍ଧାନ କରିଥିଲେ। ଏହି କନକ୍ଲେଭରେ ଟ୍ରଷ୍ଟ ଦ୍ୱାରା ପ୍ରୋଜେକ୍ଟ 'ଅସ୍ମିତା'ର ଶୁଭାରମ୍ଭ ମଧ୍ୟ କରାଯାଇଥିଲା। ଏଥିରେ ଆଇଆଇଟି ଭୁବନେଶ୍ୱରର ଗବେଷଣା ଏବଂ ଉଦ୍ୟୋଗିତା ପାର୍କର ସିଇଓ ଡକ୍ଟର ଶୁଭଙ୍କର ପତି ଏବଂ ଏସ୍‌ଟିପିଆଇ, ଭୁବନେଶ୍ୱରର ନିର୍ଦ୍ଦେଶକ ସୂର୍ଯ୍ୟ କୁମାର ପଟ୍ଟନାୟକ ପ୍ରୋଜେକ୍ଟ 'ପିରିୟଡ୍' ଅନ୍ତର୍ଗତ ହାକାଥନ୍‌ର ଥିମ୍ ଘୋଷଣା କରିଥିଲେ। ସମ୍ମିଳନୀ ଶେଷରେ ଡକ୍ଟର ଶୁଭଙ୍କର ପତି ଧନ୍ୟବାଦ ଅର୍ପଣ କରିଥିଲେ।

## ସଡ଼କ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**ବାଣପୁର,୨୮।୫/ଏନ୍ଏନ୍ଏସ୍:** ଖୋର୍ଦ୍ଧା ଜିଲ୍ଲା ବାଣପୁର ଥାନା ଅନ୍ତର୍ଗତ ବେରୁଆଁବାଡ଼ି ଗ୍ରାମର ଜଣେ ଯୁବକଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ମୃତ ଯୁବକ ଜଣକ ହେଲେ ଉକ୍ତ ଗ୍ରାମର ମାନଗୋବିନ୍ଦ ସ୍ୱାଇଁଙ୍କ ପୁତ୍ର ଅରୁଣ ସ୍ୱାଇଁ(୨୨)। ନାଚୁଣୀ ପୁଲିସ ସୂଚନା ମୁତାବକ ଅରୁଣ ଖୋର୍ଦ୍ଧା ସ୍ଥିତ ଏକ କଲେଜରେ ଡିପ୍ଲୋମା ପାଠ ପଢୁଥିବା ବେଳେ ଆଜି ସକାଳେ ପରୀକ୍ଷା ଦେବା ପାଇଁ ଏକ ବାଇକ୍‌ରେ ଖୋର୍ଦ୍ଧା ଅଭିମୁଖେ ବାହାରିଥିଲେ। ତେବେ ନାଚୁଣୀ ଥାନା ଅନ୍ତର୍ଗତ ଦେଓଗାଁ ପେଟ୍ରୋଲ ପମ୍ପ ନିକଟରେ ଭାରସାମ୍ୟ ହରାଇ ଅରୁଣ ଏକ ଗଛରେ ବାଇକକୁ ପିଟିଦେଇଥିଲେ। ଫଳରେ ଅରୁଣ ରାସ୍ତାରେ ଛିଟିକିପଡ଼ିଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ଆମ୍ବୁଲାନ୍ସ ଦ୍ୱାରା ବାଣପୁର ମେଡିକାଲ ନିଆଯାଇଥିବା ବେଳେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଅରୁଣଙ୍କ ମାତାଙ୍କ ଅଭିଯୋଗକ୍ରମେ ଏ ନେଇ ନାଚୁଣୀ ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଜାରି ରଖିଥିବା ଗମ୍ଭାରୀମୁଣ୍ଡା ବିଟ୍ ହାଉସ ଅଧିକାରୀ କେଶବ ବେହେରା ସୂଚନା ଦେଇଛନ୍ତି।

## ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ଅଭିଯୋଗରେ ବିଜେଡିର ବିକ୍ଷୋଭ

# ମୁଖ୍ୟମନ୍ତ୍ରୀ ଓ ବିଧାୟକଙ୍କ କୁଶପୁତ୍ତଳିକା ଦାହକଲା ବିଜେଡି

**ପିପିଲି,୨୮।୫/ଏନ୍ଏନ୍ଏସ୍:** ପିପିଲି ଡେଲାଙ୍ଗରେ ଦିନକୁ ଦିନ ବଢୁଥିବା ନାବାଳିକା ପ୍ରତି ଦୁଷ୍କର୍ମ ଓ ଗର୍ଭବତୀ, ନାବାଳକ ଅପହରଣ ପରେ ହତ୍ୟା,ବେଆଇନ ନିଶାକାରବାର ,ବାଲି ଚୋରାଚାଲାଣ ସହିତ ପିପିଲି ତହସିଲରେ ଜଣେ ମହିଳା ଆରଆଇଙ୍କୁ ଅତିରିକ୍ତ ତହସିଲଦାର କରିଥିବା ଅସଦାଚରଣ

### ଅତିରିକ୍ତ ତହସିଲଦାରଙ୍କୁ ଚାକିରିରୁ ବହିଷ୍କାର ଓ ଗିରଫ ଦାବି

ଘଟଣା ପାଇଁ ପିପିଲି ପୁରା ରାଜ୍ୟରେ ଲଜ୍ଜିତ ହୋଇଛି। ମହିଳା ଆରଆଇଙ୍କ ଅଭିଯୋଗ ପରେ ପିପିଲିରୁ ଅତିରିକ୍ତ ତହସିଲଦାରଙ୍କୁ ଅନ୍ୟତ୍ର ବଦଳିକରି ଜିଲ୍ଲା ଓ ବ୍ଲକ ପ୍ରଶାସନ ଚୁପ ବସିଥିବା ଅଭିଯୋଗ ଆଣିଛି ବିଜେଡି। ତାଙ୍କୁ ଚାକିରିରୁ ତୁରନ୍ତ ବହିଷ୍କାର କିରବା ସହ ଗିରଫ କରିବାକୁ ମଧ୍ୟ ଦାବି କରିଛି ବିଜେଡି। ଏହି ପରିପ୍ରେକ୍ଷୀରେ ପିପିଲିରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ଅଭିଯୋଗ ଆଣି ବିଜୁ ଜନତାଦଳ ପକ୍ଷରୁ ବୁଧବାର ଅପରାହ୍ନରେ ହାଟଛକ ଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିଜୁ ଜନତାଦଳର ପିପିଲି ବ୍ଲକ ସଭାପତି ତଥା ଉପାଧ୍ୟକ୍ଷ ପ୍ରଫୁଲ ସ୍ୱାଇଁଙ୍କ ନେତୃତ୍ୱରେ ବରିଷ୍ଠ ବିଜେଡି ନେତା



ଶରତ ବେହେରା, ପିପିଲି ଏନ୍ଏସିର ଅଧ୍ୟକ୍ଷ ସେକ ବାବୁ, ଉପାଧ୍ୟକ୍ଷ ଭାଗ୍ୟବତୀ ମହାରଣା, ଜିଲ୍ଲାପରିଷଦ ଧରଣୀଧର ସାହୁ, ପୂର୍ବତନ ସରପଞ୍ଚ କୁଞ୍ଜମୋହନ ଦାଶ, ସୁକାନ୍ତ ପଣ୍ଡା, ସରପଞ୍ଚ ଧ୍ରୁବଚରଣ ପ୍ରଧାନ, ପ୍ରଦୀପ୍ତ ମିଶ୍ର, ବିଜେଡି ନେତା ଦେବାଶିଷ ନନ୍ଦ, ଆର୍ତ୍ତବନ୍ଧୁ ସାମନ୍ତରାୟ, ପ୍ରକାଶ ଧଳ, ଆଶିଷ ବରାଳ, ସମିତିସଭ୍ୟ ରଶ୍ମିରଞ୍ଜନ ଭଞ୍ଜ, ସରପଞ୍ଚ ସତ୍ୟନାରାୟଣ ବସ୍ତିଆ, ଯୁବ ବିଜେଡି ନେତା ବିଶ୍ୱଜିତ ଦାଶ, ସୌମ୍ୟରଞ୍ଜନ ମହାପାତ୍ର, ଛାତ୍ର ନେତା ଅଜୟ ବେହେରା, କାଉନସିଲର ଚନ୍ଦନ ସେଠୀ, ଜୟନ୍ତ ଦାଶ ପ୍ରମୁଖ ଶତାଧିକ ସାମିଲ ହୋଇ ବିଜେପି ସରକାର ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଏଥିରେ ଅତିରିକ୍ତ ତହସିଲଦାରଙ୍କୁ ତୁରନ୍ତ ଗିରଫ କରିବା ସହ ଚାକିରିରୁ ବହିଷ୍କାର କରିବା ପାଇଁ ବିଜେଡି ପକ୍ଷରୁ ଦାବି ହୋଇଥିଲା। ଶେଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା।

## ଗ୍ରୀନ୍‌କ୍ଲବ୍ ପକ୍ଷରୁ 'ମୋ ଗଛ ମୋ ଗର୍ବ' ଆରମ୍ଭ




**ଓଡ଼ଗାଁ,୨୮।୫/ଏନ୍ଏନ୍ଏସ୍:** ଓଡ଼ଗାଁ ବ୍ଲକ୍ ଅନ୍ତର୍ଗତ ହରିହରପୁର ଗ୍ରୀନକ୍ଲବ୍ ପକ୍ଷରୁ ମୋ'ଗଛ ମୋ'ଗର୍ବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରୀନ୍ କ୍ଲବ୍ ସଦସ୍ୟମାନେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇ ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱ ଦେଇଛନ୍ତି। ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରି ଲୋକଙ୍କୁ ସଚେତନ କରିବା, ପଲିଥିନ, ପ୍ଲାଷ୍ଟିକ ବ୍ୟବହାର ନକରିବାକୁ ପରାମର୍ଶ ଦେବା ଦିଗରେ ଅହରହ ଉଦ୍ୟମ କରିଛନ୍ତି। ଗତବର୍ଷ ବିଭିନ୍ନ ସ୍କୁଲ, କଲେଜ, ପୋଖରୀ, ରାସ୍ତାର ଉଭୟ ପାର୍ଶ୍ୱ, କ୍ଲବ୍ ଘର ଆଦି ସ୍ଥାନରେ କ୍ଲବ୍ ସଦସ୍ୟ ଓ ଗ୍ରାମବାସୀଙ୍କ ଉଦ୍ୟମରେ ଶହଶହ ଚାରା ରୋପଣ କରିଛନ୍ତି। ଏବେ ସାରା ରାଜ୍ୟରେ ମୌସୁମୀ ବର୍ଷା ଚାଲିଥିବାବେଳେ ଆଜି କ୍ଲବ୍ ପକ୍ଷରୁ ମୋ'ଗଛ ମୋ'ଗର୍ବ ର ଏକ ସ୍ଲୋଗାନ ଦେଇ ଚାରାରୋପଣ କରିଛନ୍ତି। ଗ୍ରୀନ କ୍ଲବ୍ ସଭାପତି ବିଭୁପ୍ରସାଦ ମିଶ୍ର ଓ ସମ୍ପାଦକ କୁମାର ବରାଡଙ୍କ ଉଦ୍ୟମରେ ହରିହରପୁର ଗାଁ ସଭାପତି ମଙ୍ଗୁଳି ନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ପୁରୋହିତ ସନ୍ତୋଷ କୁମାର ତ୍ରିପାଠୀ, କ୍ଲବ୍ ସଦସ୍ୟ କିଶୋର ନାୟକ, ସୌଦାଗର ନାୟକ, ମଙ୍ଗୁଳି ସ୍ୱାଇଁ, ଶରତଚନ୍ଦ୍ର ବରାଡ଼ ଆଦି ଏକ ଶହରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳା ଯୋଗ ଦେଇଥିଲେ। ସମସ୍ତେ ପରିବେଶ ସୁରକ୍ଷା ପାଇଁ ପଲିଥିନ, ପ୍ଲାଷ୍ଟିକ ବର୍ଜନ କରିବା ସହିତ ବୃକ୍ଷରୋପଣ କରିବାକୁ ଶପଥ ନେଇଥିଲେ।

# ଅନ୍ଧାରରେ ସୂର୍ଯ୍ୟମନ୍ଦିର ପ୍ରସ୍ଥାନପଥ

## ୨୦ ସୋଲାର୍ ଷ୍ଟ୍ରୀଟ୍ ଲାଇଟ୍ ଅଚଳ, ଅଘଟଣ ଆଶଙ୍କା

**କୋଣାର୍କ,୨୮।୫/ଏନ୍ଏନ୍ଏସ୍:** ଅନ୍ତର୍ଜାତୀୟ ପର୍ଯ୍ୟଟନ କ୍ଷେତ୍ର କୋଣାର୍କ ବିଶ୍ୱଐତିହ୍ୟ ସୂର୍ଯ୍ୟମନ୍ଦିରର ପ୍ରସ୍ଥାନ ରାସ୍ତା ଗତ କିଛିଦିନ ହେବ ଅନ୍ଧାର ହୋଇ ପଡ଼ିରହିଛି। ସନ୍ଧ୍ୟା ପରେ ଏହି ପଥରେ ପର୍ଯ୍ୟଟକମାନେ ଯିବା ପାଇଁ ନାହିଁ ନଥିବା ହିନସ୍ତା ହେଉଛନ୍ତି। ଅନ୍ଧାର ହୋଇଥିବା ପ୍ରସ୍ଥାନ ପଥର ଦକ୍ଷିଣପାର୍ଶ୍ୱରେ ଜଙ୍ଗଲ ରହିଥିବାକୁ ନେଇ ପର୍ଯ୍ୟଟକମାନେ ନିଜକୁ ଅସୁରକ୍ଷିତ ମନେକରି ପରିବାର ସହ ନିଜର ମୋବାଇଲ୍ ଲାଇଟ୍ ଜଳାଇ ଉକ୍ତ ମାଙ୍କଡ଼ାପଥରରେ ନିର୍ମିତ ପ୍ରସ୍ଥାନ ପଥରେ ବିପଦପୂର୍ଣ୍ଣ ଭାବେ ଭୟଭୀତ ଭାବେ ଆସୁଥିବା ଦେଖିବାକୁ ମିଳୁଛି। ଗତ ଡିସେମ୍ବର ମାସରେ ଏଏସ୍ଆଇ ପକ୍ଷରୁ ରାତିରେ ପର୍ଯ୍ୟଟକମାନେ ସୁରକ୍ଷିତ ଭାବେ ପ୍ରସ୍ଥାନ କରିବା ପାଇଁ ଓରେଡ଼ା ପକ୍ଷରୁ ଠିକାଦାରଙ୍କ ଦ୍ୱାରା ୫୬ଗୋଟି ସୋଲାର୍ ଷ୍ଟ୍ରୀଟ୍ ଲାଇଟ୍ ସୂର୍ଯ୍ୟମନ୍ଦିରର ବିଭିନ୍ନ ସ୍ଥାନ ସମେତ ପ୍ରସ୍ଥାନ ପଥରେ ୨୦ଟି ଖୁଣ୍ଟିରେ ସ୍ୱତନ୍ତ୍ର ଉଜ୍ଜ୍ୱଳ ସୋଲାର୍ ଷ୍ଟ୍ରୀଟ୍ ଲାଇଟ୍ ଲଗାଯାଇଥିଲା। ମାତ୍ର ଉଦ୍‌ଘାଟନ ହେବାର ଦୁଇ ତିନିମାସ ଭିତରେ ଏହା ଅଚଳ ହୋଇ ପଡ଼ିରହିଛି। ବିଭିନ୍ନ ସମୟରେ ଏଏସ୍ଆଇ ପକ୍ଷରୁ ଏହାକୁ ମରାମତି କରାଯାଇ ପୁନଃ କାର୍ଯ୍ୟକ୍ଷମ କରାଯିବାର ଗୋଟିଏ ଦିନ ଜଳିବା ପରେ ପୁଣି ଅନ୍ଧାର ହୋଇ ପଡ଼ିରହୁଛି। ଠିକାଦାରଙ୍କ ଦ୍ୱାରା ୨୦ଟି ଖୁଣ୍ଟରେ ନିମ୍ନମାନର ସୋଲାର୍ ଷ୍ଟ୍ରୀଟ୍ ଲାଇଟ୍ ଲଗାଯାଇଥିବା ନେଇ ଏପରି ସମସ୍ୟା ବାରମ୍ବାର ଦେଖାଯାଉଥିବା ଅଭିଯୋଗ ହେଉଛି। ସୂର୍ଯ୍ୟମନ୍ଦିର ଭିଡ଼କୁ ନଜରରେ ରଖି ଏଏସ୍ଆଇ ପକ୍ଷରୁ ପର୍ଯ୍ୟଟକଙ୍କ ପାଇଁ ଉତ୍ତରକୋଣ ନବଗ୍ରହ ମନ୍ଦିର ସମ୍ମୁଖ ରାସ୍ତାପଟେ ଏକ ସ୍ୱତନ୍ତ୍ର ପ୍ରସ୍ଥାନ ବ୍ୟବସ୍ଥା କରାଯାଇଛି। ଏହି ପାଦଚଲା ରାସ୍ତା ମାଙ୍କଡ଼ାପଥରରେ ନିର୍ମାଣ କରାଯାଇଥିବା ବେଳେ ଦେଶବିଦେଶର ହଜାର ହଜାର ପର୍ଯ୍ୟଟକ ପ୍ରତିଦିନ ସେହି ମାର୍ଗ ଦେଇ ପ୍ରସ୍ଥାନ କରୁଛନ୍ତି। କୋଣାର୍କ



ସୂର୍ଯ୍ୟମନ୍ଦିରରୁ ପ୍ରତ୍ୟେକ ଦିନ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ଆଦାୟ ହେଉଥିଲାବେଳେ ପର୍ଯ୍ୟଟକଙ୍କ ନିମନ୍ତେ ମୌଳିକ ସୁବିଧା ଯୋଗାଇଦେବାରେ ଏଏସ୍ଆଇ ବିଫଳ ହୋଇଥିବା ଅଭିଯୋଗ ହୋଇଛି। ସୂର୍ଯ୍ୟମନ୍ଦିର ପରିଚାଳନାରେ ତ୍ରୁଟି ପାଇଁ ଏପରି ଅବ୍ୟବସ୍ଥାକୁ ନେଇ ପର୍ଯ୍ୟଟକମାନେ ଘୋର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସ୍ଥାନୀୟ ଏଏସ୍ଆଇ ଅଧିକାରୀଙ୍କ ଅନୁପସ୍ଥିତି ପାଇଁ ଉକ୍ତ ଅକାମୀ ଷ୍ଟ୍ରୀଟ୍ ଲାଇଟ୍‌ଗୁଡିକ ମରାମତି ହୋଇନପାରି ପଡ଼ିରହିଛି। ତୁରନ୍ତ ପର୍ଯ୍ୟଟକଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇ ଏଏସ୍ଆଇ ଉଚ୍ଚାଧିକାରୀ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ପର୍ଯ୍ୟଟକଙ୍କ ସୁରକ୍ଷିତ ପ୍ରସ୍ଥାନ ପାଇଁ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହୋଇଛି।



ପ୍ରେରଣା

# ଧନ୍ୟା ରବି

**ପ୍ରଥମ ନଜରରେ ହ୍ୱିଲ୍‌ଚେୟାର୍‌ରେ ବସିଥିବା ଝିଅଟିକୁ କେହି ଜଣେ ଦେଖିଲେ ବୋଧହୁଏ ସହାନୁଭୂତି ଦେଖାଇପାରେ କିମ୍ବା ଆଶ୍ଚର୍ଯ୍ୟ ହୋଇଯାଇପାରେ। କିନ୍ତୁ ତାଙ୍କର ପିଲାଳିଆମୀ, ସ୍ମିତହାସ୍ୟ ଓ ଅଳ୍ପ ବହୁତ ବିଚିତ୍ରତା ତାଙ୍କ ବିଷୟରେ ଜାଣିବା ପାଇଁ କୌଣସି ଲୋକକୁ ପ୍ରେରିତ କରିବ। ଯଦି କଥାବାର୍ତ୍ତା କରିବା ସମୟରେ କିମ୍ବା ଛିଙ୍କିବା ମାତ୍ରେ ତାଙ୍କ ହାଡ଼ ଭାଙ୍ଗିଯିବା ବିଷୟରେ ଜାଣିବେ ତେବେ ବ୍ୟସ୍ତ ହେବେ ନାହିଁ। ଏହିପରି ଘଟଣାକୁ ସେ 'ଜୀବନର ଆଉ ଏକ ଦିନ' ବୋଲି କହନ୍ତି। ୩୬ ବର୍ଷୀୟା ଧନ୍ୟା ରବି ଅଷ୍ଟିଓଜେନେସିସ୍ ଇମ୍ପର୍‌ଫେକ୍ଟା ନାମକ ରୋଗ ଦ୍ୱାରା ଗ୍ରସ୍ତ ଅଛନ୍ତି ଯାହାକୁ ଭଙ୍ଗୁର ହାଡ଼ ରୋଗ ବୋଲି କୁହାଯାଏ। ଏହା ଏକ ଦୁର୍ଲଭ ଆନୁବଂଶିକ ବିକାର ଯାହା ମୁଖ୍ୟତଃ ହାଡ଼ଗୁଡ଼ିକର କ୍ଷତି କରେ। ଏହି କାରଣରୁ ସହଜରେ ହାଡ଼ଗୁଡ଼ିକ ଭାଙ୍ଗିଯାଏ। ଏଥିପାଇଁ ଧନ୍ୟା ରବି ଦେଶର 'ଗ୍ଲାସ୍ ଓ୍ୱମ୍ୟାନ୍' ନାମରେ ପରିଚିତ। ତାଙ୍କର ଜନ୍ମସ୍ଥାନ କେରଳ ଓ ବର୍ତ୍ତମାନ ସେ ବେଙ୍ଗାଲୁରୁ ଠାରେ ବସବାସ କରୁଛନ୍ତି।**

୧୯୮୯ରେ ଧନ୍ୟା ଏପରି ଏକ ପରିବାରରେ ଜନ୍ମଗ୍ରହଣ କରିଥିଲେ ଯେଉଁ ପରିବାରଟି ଗୋଟିଏ କନ୍ୟା ସନ୍ତାନର ଅପେକ୍ଷାରେ ଥିଲା। ତାଙ୍କ ମାତାପିତା ବହୁତ ଖୁସିଥିଲେ କିନ୍ତୁ ଖୁସି ପଛରେ ଲୁଚି ରହିଥିଲା ଚିନ୍ତା। କାରଣ ନବଜାତ ଶିଶୁଟି ଲଗାତର କାନ୍ଦୁଥିଲା ଓ ତା'ର ସ୍ୱାସ୍ଥ୍ୟ ସମସ୍ୟା ମଧ ଥିଲା। ଧନ୍ୟାଙ୍କର ଜଙ୍ଘର ହାଡ଼ ଯେତେବେଳେ ଭାଙ୍ଗିଥିଲା ସେ ମାତ୍ର ୫୬ ଦିନର ହୋଇଥିଲେ। ସେଦିନ ଥିଲା ଧନ୍ୟାଙ୍କ ନାମକରଣର ଦିନ। ମାଲୟାଲୀ ପରିବାରରେ ୫୬ ଦିନ ପରେ ନାମକରଣ ସମାରୋହର ପାଳନ କରାଯାଏ। ଏହି ଦିନଟି ଯେପରି ଆସିଥିଲା ସେପରି ଚାଲିଗଲା। କାରଣ ଧନ୍ୟା ଏତେ କାନ୍ଦୁଥିଲେ ଯେ ତାଙ୍କୁ ଡାକ୍ତରଙ୍କ ପାଖକୁ ନେବାକୁ ପଡ଼ିଥିଲା। ମାତାପିତା ଡାକ୍ତରଙ୍କ ପାଖକୁ ନେବା ପରେ ଧନ୍ୟା ଏକ ଦୁର୍ଲଭ ରୋଗରେ ଗ୍ରସ୍ତ ବୋଲି ଜଣାପଡ଼ିଥିଲା। ଦୁଃଖର ସହିତ ଡାକ୍ତର ତାଙ୍କୁ ଓଆଇ (ଅଷ୍ଟିଓଜେନେସିସ୍ ଇମ୍ପର୍‌ଫେକ୍ଟା) ନାମକ ଏକ ଦୁର୍ଲଭ ଓ ଗମ୍ଭୀର ରୋଗରେ ଧନ୍ୟା ଗ୍ରସ୍ତ ଥିବା ବିଷୟରେ କହିଥିଲେ। ଏଥିପାଇଁ ଧନ୍ୟା ଅନ୍ୟ ପିଲାମାନଙ୍କ ଠାରୁ ଅଲଗା ଜୀବନ ଜିଇଁବେ ବୋଲି ଡାକ୍ତର କହିଥିଲେ। ପୂରା ଦେଶର ଯାତ୍ରା କରିବା ପରେ ମଧ ତାଙ୍କ ମାତାପିତାଙ୍କୁ କୌଣସି ସଫଳତା ମିଳିପାରି ନଥିଲା।

ଏହା ଥିଲା ଧନ୍ୟାଙ୍କ ଜୀବନ ପରିବର୍ତ୍ତନ କରିଥିବା ଏକ ଘଟଣା। ଧନ୍ୟାଙ୍କ ଶରୀରରେ ଆଜି ହାଡ଼ଗୁଡ଼ିକର ସଂଖ୍ୟା ଅପେକ୍ଷା ଏଥିରେ ଅଧିକ ଫ୍ରାକ୍‌ଚର ଥିବାର ଜଣାପଡ଼େ। ବଡ଼ ହେବା ସହିତ ଧନ୍ୟା ହସ୍‌ପିଟାଲ୍‌ଗୁଡ଼ିକରେ ଘୁରି ବୁଲିଲେ କାରଣ ଓଆଇ କାରଣରୁ ବାରମ୍ବାର ଫ୍ରାକ୍‌ଚର ହେଉଥିଲା। ଏପରି ରୋଗୀମାନଙ୍କ ପାଇଁ ରଡ଼ିଂ ପରି ବିକଳ୍ପ ବ୍ୟବସ୍ଥା ଥିବାବେଳେ ଧନ୍ୟା ଏହାର ଲାଭ ଉଠାଇପାରି ନଥିଲେ। କାରଣ ସଚେତନତାର ଅଭାବ ଯୋଗୁ ଡାକ୍ତର ଓ ତାଙ୍କ ମାତାପିତାଙ୍କ ମଧରେ ଭ୍ରମ ଓ ସ୍ୱଷ୍ଟତାର ଅଭାବ ଥିଲା। ଶେଷରେ ଚିକିତ୍ସା ପାଇଁ ଯାଇଥିବା ଭେଲ୍ଲୋରର କ୍ରିଶ୍ଚିଆନ୍ ମେଡିକାଲ୍ କଲେଜରେ କାଉନସିଲ୍ ସେସନ୍ ପରେ ସେମାନେ ସ୍ଥିତିକୁ ସ୍ୱୀକାର କରିନେଲେ ଓ ତାଙ୍କର ଯତ୍ନ ନେବା ହିଁ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ବୋଲି ସୁନିଶ୍ଚିତ ହେଲେ ଧନ୍ୟାଙ୍କ ମାତାପିତା।

ସ୍କୁଲ୍ ଶିକ୍ଷା ଗ୍ରହଣ କରିବା ପାଇଁ ସମାଜର ମୁଖ୍ୟ ଧାରାରେ ଧନ୍ୟାଙ୍କ ପାଇଁ କୌଣସି ବିକଳ୍ପ ବ୍ୟବସ୍ଥା ନଥିଲା। କିନ୍ତୁ ସୌଭାଗ୍ୟବଶତଃ ସେମାନଙ୍କର ଜଣେ ପଡ଼ୋଶୀ ମହିଳା ପ୍ରତିଦିନ ତାଙ୍କୁ ଏକ ଘଣ୍ଟା ପାଇଁ ଘରେ ବସି ପଢ଼ାଇବାର ଦାୟିତ୍ୱ ନେଲେ। ସେ ହାଇସ୍କୁଲ ପର୍ଯ୍ୟନ୍ତ ପଢ଼ାଇବା ପରେ ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଦ୍ୟାଳୟ ଦ୍ୱାରା ଏକ ପ୍ରାରମ୍ଭିକ ପାଠ୍ୟକ୍ରମ ଓ ଦି କ୍ଲାଇମ୍ବର ନଲେଜ ଆଣ୍ଡ୍ କ୍ୟାରିୟର୍ ପ୍ରାଇଭେଟ୍ ଲିମିଟେଡ୍‌ରୁ ଅନ୍‌ଲାଇନ୍ ଉପନ୍ୟାସ ଲେଖନ ପ୍ରମାଣପତ୍ର ପାଠ୍ୟକ୍ରମ ପୂରା କରିଥିଲେ ଧନ୍ୟା। ତାଙ୍କୁ ତିନି ବର୍ଷର ପିଲା ଭଳି କୋଳରେ ଧରି



ନେବାକୁ ପଡୁଥିଲା କିନ୍ତୁ ଜୀବନ ପ୍ରତି ସକାରାତ୍ମକ ମନୋଭାବ ସେ ରଖିଥିଲେ। କିନ୍ତୁ ଯେତେବେଳେ ତାଙ୍କୁ ଇଣ୍ଟରନେଟ୍ ସହିତ ପରିଚୟ କରାଗଲା ତାଙ୍କ ଜୀବନରେ ସକାରାତ୍ମକ ମୋଡ଼ ଆସିଥିଲା ବୋଲି କହନ୍ତି ଧନ୍ୟା। ଏହାପରେ ସଙ୍ଗୀତ ସହିତ ଜଡ଼ିତ କେତେକ ଚାଟ୍ ଫୋରମ୍ ଜଏନ୍ କଲେ ଓ ଏଥି ସହିତ ଅନେକ ସାଙ୍ଗମାନଙ୍କର ସାହାଯ୍ୟ ତାଙ୍କୁ ମିଳିଲା। ତାଙ୍କ ପରି ଏକ ପିଲାର ସର୍ଜରୀ ପାଇଁ ଯେତେବେଳେ ଅର୍ଥର ଆବଶ୍ୟକତା ପଡ଼ିଲା ଏସି ଘଟଣାଟି ତାଙ୍କୁ କାମ କରିବା ପାଇଁ ପ୍ରେରଣା ଯୋଗାଇଥିଲା। ସେ ଅନୁଭବ କଲେ ଯେ ଜୀବନର କୌଣସି ଆବଶ୍ୟକତାକୁ ପୂରଣ କରିବା ପାଇଁ କାମ କରିବା ଆବଶ୍ୟକ ଓ ଏହା ଜୀବନକୁ ଏକ ଉଚ୍ଚ ଉଦ୍ଦେଶ୍ୟ ଦେଇପାରିବ। ସେ ବିନୁ ନାମକ ଏହି ପିଲାର ସର୍ଜରୀ ପାଇଁ ଲୋକମାନଙ୍କ ସହିତ ଯୋଡ଼ିହୋଇ ଅର୍ଥ ସଂଗ୍ରହ କରିଥିଲେ ଓ ଏହି ଅନୁଭବ ଭବିଷ୍ୟତରେ କ'ଣ କରିବା ଉଚିତ ବୋଲି ପ୍ରେରଣା ଯୋଗାଇଥିଲା।

ଲତା ନାୟାର ଏହି ରୋଗ ଦ୍ୱାରା ଗ୍ରସ୍ତ ଲୋକମାନଙ୍କ ପାଇଁ ଯେତେବେଳେ ପ୍ରଥମ ଏନ୍‌ଜିଓ ଖୋଲିଥିଲେ ଧନ୍ୟା ଏଥିରେ ସାର୍ବଜନିକ ଭାଷଣ, ସମାଚାର ଶୋ' ଓ ଟିଭି ସାକ୍ଷାତକାର ମାଧମରେ ରୋଗ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେ ଲୋକପ୍ରିୟ ମାଲାୟାଲମ୍ ଟିଭି କାର୍ଯ୍ୟକ୍ରମଗୁଡ଼ିକରେ ଭାଗ ନେଇ ଓଆର୍‌ଡିଆଇ ଓ ଓ୍ୱାନ୍ ଷ୍ଟେପ୍ ଆଟ୍ ଏ ଟାଇମ୍ ପରି ସଂଗଠନଗୁଡ଼ିକର ସହଯୋଗରେ ଏହି ବେମାରୀ ସହିତ ଦିବ୍ୟାଙ୍ଗତାଙ୍କ ଅଧିକାର ସମ୍ପର୍କରେ ସଚେତନତା ସୃଷ୍ଟି କରାଇଥିଲେ। ଏହା ସହିତ ଗର୍ଭବତୀ ମହିଳାମାନଙ୍କର ଅନିବାର୍ଯ୍ୟ ଆନୁବଂଶିକ ଯାଞ୍ଚ ଓ ପୁନର୍ବାସର ସୁବିଧା ପାଇଁ ଶୀଘ୍ର ନିଦାନ ସପୋର୍ଟରେ ସେ ସବୁବେଳେ ସ୍ୱର ଉଠାଇ ଥାଆନ୍ତି। ଔଷଧ ଓ ଉପଚାର ବ୍ୟତୀତ ପାରିବାରିକ ପରାମର୍ଶ ମଧ ବହୁତ ମହତ୍ତ୍ୱପୂର୍ଣ୍ଣ ଅଟେ। ତେଣୁ ହସ୍‌ପିଟାଲ୍‌ରେ ଏହି ଉଦ୍ଦେଶ୍ୟରେ ଯଦି ଏକ ସ୍ୱତନ୍ତ୍ର ସେଲ୍ ରହେ ତେବେ ରୋଗୀର ପରିବାର ପାଇଁ ଏହା ସାହାଯ୍ୟକାରୀ ପ୍ରମାଣିତ ହେବ। ଏଥିପାଇଁ ସେ କରିଥିଲେ ଅନେକ ପ୍ରୟାସ। ତେବେ ଧନ୍ୟାଙ୍କ କାର୍ଯ୍ୟଗୁଡ଼ିକ ପାଇଁ ଦେଶର ଦିବ୍ୟାଙ୍ଗଜନ ସଶକ୍ତିକରଣ ବିଭାଗ ଦ୍ୱାରା ତାଙ୍କୁ ରୋଲ୍ ମଡେଲ୍ ଶ୍ରେଣୀରେ ଜାତୀୟ ପୁରସ୍କାର-୨୦୧୮ ଦ୍ୱାରା ସମ୍ମାନିତ କରାଯାଇଛି। ଦିବ୍ୟାଙ୍ଗ ଲୋକମାନଙ୍କ ଯନ୍ତ୍ରଣାକୁ କମ୍ କରିବା ପାଇଁ ଧନ୍ୟା ତାଙ୍କର ହୃଦୟ ଓ ଆତ୍ମାକୁ ସମର୍ପିତ କରିଥିବା ହେତୁ ବ୍ରେଭ୍ ବେଙ୍ଗଲ୍ ଆଓ୍ୱାର୍ଡ-୨୦୧୨ ଓ ଆନୁଆଲ୍ ଇନ୍‌ସ୍ପାୟାର୍ଡ ଇଣ୍ଡିଆନ୍ ଫାଉଣ୍ଡେସନ୍ ଆଓ୍ୱାର୍ଡ ୨୦୧୪ ଦ୍ୱାରା ମଧ ସେ ସମ୍ମାନିତ ହୋଇଛନ୍ତି।

ହ୍ୱିଲ୍‌ଚେୟାର୍ ପର୍ଯ୍ୟନ୍ତ ସୀମିତ ରହିବା ଓ ଆଘାତ ଲାଗିବାର ବିପଦ ସତ୍ତ୍ୱେ ଧନ୍ୟା ନିଜର ଯାତ୍ରାକୁ ପୂରା ଆତ୍ମବିଶ୍ୱାସର ସହିତ ପୂରା କରିଛନ୍ତି। ସେ ତାଙ୍କ ଭାଇ ଓ ପରିବାର ସହିତ ସାକ୍ଷାତ କରିବାକୁ ଯାଇ ଆମେରିକାରେ ଅଛନ୍ତି ଓ ଦେଶର ବିଭିନ୍ନ ଅଣଲାଭକାରୀ ସଂଗଠନଗୁଡ଼ିକ ସହିତ ସମନ୍ୱୟ ମଧ ରକ୍ଷା କରିଛନ୍ତି। ଅଫ୍‌ଲାଇନ ଓ ଅନ୍‌ଲାଇନ ମିଡିଆ ପାଇଁ ସେ ଜଣେ କଣ୍ଟେଣ୍ଟ୍ ରାଇଟର୍, ଡିଜିଟାଲ୍ ମାର୍କେଟର ଓ ସ୍ତମ୍ଭକାର ଭାବରେ ମଧ କାମ କରୁଛନ୍ତି। ବର୍ତ୍ତମାନ ସମୟରେ ଜୀବନ କେତେ ମହତ୍ତ୍ୱପୂର୍ଣ୍ଣ ଓ ନିଜର ସର୍ବୋତ୍ତମ ଉପଯୋଗ କିପରି କରିବା ଉଚିତ ବୋଲି ଲୋକମାନେ ଜାଣନ୍ତୁ। ଏହା ଧନ୍ୟାଙ୍କର ଇଚ୍ଛା। ଏପରି ଦୁର୍ଲଭ ବେମାରୀରୁ ପରବର୍ତ୍ତୀ ପିଢ଼ି ମୁକ୍ତ ରହିବେ ବୋଲି ସେ ଆଶା ରଖିଛନ୍ତି। ଏଥିପାଇଁ ଶୀଘ୍ର ପରୀକ୍ଷଣ ଓ ନିଦାନର ବ୍ୟବସ୍ଥା ଜାରି ରଖିବା ଉଚିତ ବୋଲି ଧନ୍ୟା ଚାହାନ୍ତି। ଧନ୍ୟା ତାଙ୍କର ସ୍ମିତହାସ୍ୟ ସହିତ 'ସଂକ୍ରାମକ ଖୁସି'ର ପ୍ରତୀକ ଯିଏ କେଉଁ ପ୍ରକାରର ମୁଡ୍‌କୁ ବି ତୁରନ୍ତ ଖୁସି କରେଇ ପାରିବ।



ସ୍ୱାସ୍ଥ୍ୟ

## ମମି ବ୍ରେନ୍ ସମସ୍ୟା

ମା'ହେବା ପରେ ଛୋଟ ଛୋଟ କଥାଗୁଡ଼ିକୁ ଭୁଲିଯିବା ପରି ଘଟଣା ଆପଣଙ୍କ ସହିତ କେବେ ଘଟିଛି କି ? ରୁମ୍ ଭିତରକୁ ଆପଣ ଦ୍ରୁତଗତିରେ ଯାଇଛନ୍ତି ଓ ସେଠାକୁ ଯାଇ କ'ଣ ପାଇଁ ଆସିଛନ୍ତି ବୋଲି ଭୁଲିଯାଇଛନ୍ତି। ଏପରି ଛୋଟ ଛୋଟ ସମସ୍ୟା ଦ୍ୱାରା ଯଦି ଚିନ୍ତିତ ଅଛନ୍ତି ତେବେ ଏପରି ସମସ୍ୟାର ସମ୍ମୁଖୀନ ହେଉଥିବା ମହିଳା ଆପଣ ଏକାକୀ ନୁହନ୍ତି। ଏହି ସମସ୍ୟାକୁ କୁହାଯାଏ ମମି ବ୍ରେନ୍ ସମସ୍ୟା। ଏକ ଅଧ୍ୟୟନ ଅନୁସାରେ ପିଲାକୁ ଜନ୍ମଦେବା ପରେ ମା'ର ମସ୍ତିଷ୍କ ପ୍ରଭାବିତ ହୁଏ ଓ କେବେ କେବେ ଦୀର୍ଘ ସମୟ ଧରି ଏହାର ପ୍ରଭାବ ସେହିପରି ରହେ। ଏକ ଅଧ୍ୟୟନ ଅନୁସାରେ ମା' ହେବା ପରେ ମହିଳାମାନଙ୍କର ସ୍ମରଣ ଶକ୍ତି ଉପରେ ସ୍ଥାୟୀ ଭାବରେ ପ୍ରଭାବ ପଡ଼େ। କାରଣ-ଅନେକ ଅଧ୍ୟୟନକାରୀଙ୍କ ଅନୁସାରେ ଏହି ପରିବର୍ତ୍ତନ ଏକ ନୂଆ ମା'ର ନିଜ ପିଲାକୁ ଯତ୍ନ ନେବାର କ୍ଷମତାକୁ ବୃଦ୍ଧି କରିବାର ଏକ ପ୍ରାକୃତିକ ଉପାୟ ହୋଇପାରେ। ମସ୍ତିଷ୍କର ଏହି ପରିବର୍ତ୍ତନ ନୂଆ ମା'ମାନଙ୍କୁ ପିଲାଙ୍କର ଆବଶ୍ୟକତାକୁ ଆପଣାଇ ସେଗୁଡ଼ିକୁ ପୂରା କରିବା ମୁଖ୍ୟ କାର୍ଯ୍ୟ ହୋଇଥାଏ।

ରକ୍ଷା ପାଇବାର ଉପାୟ-ଶରୀରରେ ହେଉଥିବା ଏହି ବାୟୋଲୋଜିକାଲ୍ ପରିବର୍ତ୍ତନ କାରଣରୁ ନିଜେ ଯଦି ଚିନ୍ତିତ ହୋଇ ରହୁଛନ୍ତି ଓ ଚିଡ଼ଚିଡ଼ାପଣର ଅନୁଭବ କରୁଛନ୍ତି ତେବେ ଅଳ୍ପ ଧୈର୍ଯ୍ୟ ଧରନ୍ତୁ ଓ କୌଣସି କାମକୁ ପୂରା କରିବା ପାଇଁ ଅଳ୍ପ ଯୋଜନା ପ୍ରସ୍ତୁତ କରିପାରିଲେ ମମି ବ୍ରେନ୍ ସମସ୍ୟାରୁ ରକ୍ଷା ପାଇପାରିବେ।

ସୂଚୀ ପ୍ରସ୍ତୁତ କରନ୍ତୁ- ଏପରି ସମସ୍ୟାରୁ ନିଜକୁ ରକ୍ଷା କରିବା ପାଇଁ ଏକ ସୂଚୀ ପ୍ରସ୍ତୁତ କରନ୍ତୁ। ଏଥିପାଇଁ ନୋଟବୁକ୍ କ୍ୟାରି କରିପାରିବେ। ଯେତେବେଳେ ଯାହା ମନେ ପଡଛି ସେଥିରେ ଲେଖି ରଖିବେ। ଏପରି କଲେ ଜରୁରୀ ତଥ୍ୟଗୁଡ଼ିକୁ ଆପଣ ଭୁଲିବେ ନାହିଁ।



ପ୍ଲାନ୍ କରନ୍ତୁ-କୌଣସି କାମ କରିବା ପାଇଁ ପୂର୍ବରୁ ପ୍ଲାନ୍ କରିବାର ଅଭ୍ୟାସ କରିବେ। ଏପରି କଲେ ଆପଣଙ୍କୁ ସହଜ ହୋଇଯିବ। ଯଦି ସକାଳୁ ଡାକ୍ତରଙ୍କ ପାଖକୁ ଯିବାର ଅଛି ତେବେ ଡାକ୍ତରଙ୍କ କାଗଜପତ୍ର ଓ ନିଜର ଜିନିଷଗୁଡ଼ିକୁ ରାତିରୁ ସଜାଡ଼ି ରଖିପାରିବେ। ଚାବି, ଓ୍ୱାଲେଟ୍ ଆଦି ଗୋଟିଏ ସ୍ଥାନରେ ରଖନ୍ତୁ।

ପର୍ଯ୍ୟାପ୍ତ ନିଦ ଜରୁରୀ- ନୂଆ ମା'ମାନେ ୨୪ ଘଣ୍ଟା ବ୍ୟସ୍ତ ରୁହନ୍ତି। କିନ୍ତୁ ନିଜ ରୁଟିନ୍‌କୁ ଫଲୋ କରିବା ପାଇଁ ମଧ କିଛି ସମୟର ଆବଶ୍ୟକତା ରହିଛି। ବିଶେଷ କରି ନିଦ ପୂରା ହେବା ବହୁତ ଜରୁରୀ। ଏଥିପାଇଁ ପରିବାରର ଲୋକମାନଙ୍କର ସହଯୋଗ ନେଇପାରିବେ। ପିଲା ସହିତ ଶୋଇବା ଓ ଉଠିବାର ରୁଟିନ୍‌କୁ ଫଲୋ କରିପାରିବେ। ଭରପୂର ନିଦ ମସ୍ତିଷ୍କକୁ ରିଲାକ୍ସ କରାଇବା ସହିତ ଖୁବ୍ ଭଲ ଭାବରେ କାମ କରିବାରେ ମା' ମାନଙ୍କୁ ସାହାଯ୍ୟ କରିବ। ତେଣୁ ମସ୍ତିଷ୍କର ଅଧିକ ଯତ୍ନ ନେବା ପାଇଁ ହେଲେ ଖାଦ୍ୟପେୟ ଉପରେ ଧ୍ୟାନ ଦେବା ବହୁତ ଜରୁରୀ।

ଫ୍ୟାସନ୍

## କଟନ୍ ଶାଢ଼ି ଦିଏ କୁଲ୍ ଲୁକ୍

ଶାଢ଼ି ପିନ୍ଧିବାକୁ ଅନେକ ମହିଳା ପସନ୍ଦ କରନ୍ତି। କିନ୍ତୁ ଗରମ ଦିନରେ ହେଭି ଶାଢ଼ି ପିନ୍ଧିବା ତ ଦୂରର କଥା ଏ ବିଷୟରେ ଚିନ୍ତା କରିଲେ ବି ବ୍ୟସ୍ତ ଲାଗିଯାଏ। ତେବେ ଶାଢ଼ିର ଖୁବ୍ ଭଲ ବିକଳ୍ପ ଯଦି ଖୋଜୁଛନ୍ତି ତାହା କଟନ୍ ଶାଢ଼ି ହିଁ ହୋଇପାରେ। ଏହା ସୂତୀ ଫ୍ୟାବ୍ରିକ୍‌ରେ ତିଆରି ହୁଏ ବୋଲି ନାମରୁ ଜଣାପଡ଼ିଯାଏ। ଗରମ ଦିନେ ଝାଳକୁ ଶୋଷିନିଏ କଟନ୍ ଶାଢ଼ି। କଟନ୍ ଶାଢ଼ି ସ୍କିନ୍‌କୁ ଆରାମ ଦେବା ସହିତ ଏହାର ଆକର୍ଷଣୀୟ କଲର୍ ଓ ପ୍ୟାଟର୍ଣ୍ଣ ବଜାରରେ ସହଜରେ ମିଳିଯାଏ। ଏହିପରି ଶାଢ଼ିକୁ ଘରେ ପିନ୍ଧିବା ସହିତ ଅଫିସ୍, କଲେଜ ଓ ସ୍କୁଲକୁ ପିନ୍ଧି ଯାଇପାରିବେ। ତେଣୁ କଟନ୍ ଶାଢ଼ିର କେତୋଟି ଭେରାଇଟି ନିମ୍ନରେ ଦିଆଗଲା ଯେଉଁଗୁଡ଼ିକୁ ଘରେ ବସି ଅନ୍‌ଲାଇନ୍‌ରେ ବି ମଗେଇ ପାରିବେ।

**ଜୟପୁରୀ ପ୍ରିଣ୍ଟ୍**-ଜୟପୁର ସହର ବାନ୍ଧନୀ, ଲହରିୟା, ଗୋଟାପଟ୍ଟି ଓ ବଗରୁ ପ୍ରିଣ୍ଟର ଶାଢ଼ି ପାଇଁ ବିଶେଷ ଭାବରେ ପ୍ରସିଦ୍ଧ। ସେଠିକାର ପ୍ରତ୍ୟେକ ଶୈଳୀ ସହରର ସାଂସ୍କୃତିକ ଐତିହ୍ୟ ଓ କଳାତ୍ମକ ଉତ୍କୃଷ୍ଟତାକୁ ଦର୍ଶାଇଥାଏ। ଜୟପୁରର ଶାଢ଼ିଗୁଡ଼ିକ ସାଧାରଣତଃ ଗୁଣବତ୍ତାପୂର୍ଣ୍ଣ ହୋଇଥାଏ କିନ୍ତୁ ପୋଷାକ, ଡିଜାଇନ୍ ଓ ଶିଳ୍ପ କୌଶଳର ଆଧାରରେ ଅଲଗା ଅଲଗା ହୋଇପାରେ।

**ମଲ୍ଟି କଲର୍**-ଏହି ଶାଢ଼ିଗୁଡ଼ିକରେ ବିଭିନ୍ନ ରଙ୍ଗର ମିଶ୍ରଣ ଦେଖିବାକୁ ମିଳୁଥିବାରୁ ଏଗୁଡ଼ିକ ଅଲଗା ଓ ଆକର୍ଷଣୀୟ ଲୁକ୍ ପ୍ରଦାନ କରିଥାନ୍ତି। ମଲ୍ଟି କଲର୍ ଶାଢ଼ି ପାରମ୍ପରିକ ଶାଢ଼ିଗୁଡ଼ିକ ଠାରୁ ଅଲଗା ଓ ଆଧୁନିକ ଶୈଳୀର ହୋଇଥାଏ। ଏହି ଶୈଳୀଗୁଡ଼ିକ ମଧରେ ଫ୍ଲୋରାଲ୍, ଜ୍ୟାମେଟ୍ରିକ୍ ପ୍ୟାଟର୍ଣ୍ଣ ଓ ଆବଷ୍ଟ୍ରାକ୍ଟ ଡିଜାଇନ୍ ମଧ ରହିଥାଏ। ଜୟପୁରୀ ବ୍ଲକ୍ ପ୍ରିଣ୍ଟର ମଧ ଏହିପରି ଶାଢ଼ି ଆସେ। ତେଣୁ ଏହାର ଲୋକପ୍ରିୟତା ଏବେ ବୃଦ୍ଧିପାଇ ଚାଲିଛି।

**ଲାଇଟ୍ ଗ୍ରୀନ୍**-ବିଭିନ୍ନ ଅବସର ପାଇଁ ଲାଇଟ୍ ଗ୍ରୀନ୍ ରଙ୍ଗର ଶାଢ଼ି ଖୁବ୍ ଭଲ ବିକଳ୍ପ ହୋଇପାରେ। କଟନ୍ ଏକ ପ୍ରାକୃତିକ ଫ୍ୟାବ୍ରିକ୍। ଏହା ସବୁ ରଙ୍ଗର ମହିଳାମାନଙ୍କୁ ସୁନ୍ଦର ଲୁକ୍ ଦେଇଥାଏ। ଗ୍ରୀନ୍ ରଙ୍ଗ ତାଜାପଣ, ସମୃଦ୍ଧି ଓ ଶାନ୍ତିର ପ୍ରତୀକ। ଏହି କାରଣରୁ ଗ୍ରୀନ୍ ରଙ୍ଗର ଶାଢ଼ି କେବେ ଆଉଟ୍ ଅଫ୍ ଫ୍ୟାସନ୍ ହୋଇପାରେ ନାହିଁ। କାଜୁଆଲ୍ ଗେଟ୍-ଟୁଗେଦର୍ ହେଉ ଅବା ଗ୍ରାଣ୍ଡ ସେଲିବ୍ରେସନ୍ ଗ୍ରୀନ୍ ରଙ୍ଗରେ ସବୁବେଳେ ଫ୍ରେସ୍ ଲୁକ୍ ପାଇପାରିବେ।

**ପିଙ୍କ୍ ବର୍ଡର୍**-ଅଫିସ୍, କାଜୁଆଲ୍ ବା ଛୋଟ ଛୋଟ ଫଙ୍କସନ୍‌ରେ ସମସ୍ତେ ହାଲୁକା ଶାଢ଼ି ପିନ୍ଧିବାକୁ ଚାହାନ୍ତି। ଡାର୍କ ଗ୍ରୀନ୍ ରଙ୍ଗ ସହିତ ହେଉ ଅବା ସେହିଭଳି ସଫ୍ଟ କଟନ୍ ଫ୍ୟାବ୍ରିକ୍‌ର କୌଣସି ରଙ୍ଗର ଶାଢ଼ିରେ ପିଙ୍କ୍ ବର୍ଡର୍ ଥିଲେ ଆପଣ ପାରମ୍ପରିକ ଓ ରୟାଲ୍ ଲୁକ୍ ପାଇପାରିବେ। ଏହା ସହିତ ପାରମ୍ପରିକ ସୁନା ଅଳଙ୍କାର ପିନ୍ଧି ନିଜକୁ କ୍ଲାସି ଲୁକ୍ ଦିଅନ୍ତୁ।



ସୁଆଦିଆ

## ଚିଲି ପଟାଟୋ

**ପାର୍ଟି ହେଉ ଅବା ସ୍ନାକ୍ସ ଟାଇମ୍ କିମ୍ବା କୌଣସି ଖାସ୍ ଅବସରରେ ଚିଲି ପଟାଟୋ ଏକ ଲୋକପ୍ରିୟ ଖାଦ୍ୟ। ଯଦି ରାଗ, ଚଟ୍‌ପଟା ଓ ସ୍ୱାଦର ମଜା ନେବାକୁ ଚାହୁଁଛନ୍ତି ତେବେ ଚିଲି ପଟାଟୋ ଆପଣଙ୍କ ପାଇଁ ପସନ୍ଦଯୋଗ୍ୟ ଖାଦ୍ୟ ହୋଇପାରେ। ରେଷ୍ଟୁରାଣ୍ଟରେ ମିଳୁଥିବା ଚିଲି ପଟାଟୋକୁ ଏବେ ଘରେ ତିଆରି କରି ଖାଆନ୍ତୁ।**



**ଆବଶ୍ୟକ ସାମଗ୍ରୀ**-ଆଳୁ- ୪୫୦ ଗ୍ରାମ, ତେଲ-ଛାଣିବା ପାଇଁ, ଲାଲ୍ ଲଙ୍କା ପାଉଡର୍- ୨ ଚାମଚ, ରସୁଣ ପେଷ୍ଟ- ୧ ଚାମଚ, ଲାଲ୍ ଚିଲି ପେଷ୍ଟ-୩ ଚାମଚ, କର୍ଣ୍ଣ ଫ୍ଲୋର-୭ ଚାମଚ, ମଇଦା-୧ କପ୍, ଲୁଣ-ଦେଢ଼ ଚାମଚ, ଗୋଲମରିଚ ଗୁଣ୍ଡ-୩/୪ ଚାମଚ, ପାଣି-ଅଧା କପ୍, କଟାଯାଇଥିବା ରସୁଣ-୧ ଚାମଚ, ରେଡ୍ ଚିଲି ଫ୍ଲେକ୍ସ-୧ ଚାମଚ, ଧଳା ରାଶି-୩ ଚାମଚ, ସିରକା- ୧ ଚାମଚ, ସୋୟା ସସ୍-୨ ଚାମଚ, ଟମାଟୋ କେଚପ୍-୨ ବଡ଼ ଚାମଚ, ମହୁ-୩ ଚାମଚ, ପିଆଜ ପତ୍ର-୨ ଚାମଚ।

**ପ୍ରଣାଳୀ**-ପ୍ରଥମେ ଆଳୁରୁ ଚୋପା ଛଡ଼େଇ ଲମ୍ବା ଲମ୍ବା କରି କାଟି ଧୋଇଦେବେ। ଏଥିରେ ଆଳୁର ଷ୍ଟାର୍ଚ୍ଚ ବାହାରିଯାଏ। ଏକ ପାତ୍ରରେ କର୍ଣ୍ଣ ଫ୍ଲୋର, ମଇଦା, ଲାଲ୍ ଲଙ୍କା ପାଉଡର, ଲାଲ୍ ଚିଲି ପେଷ୍ଟ ଓ ଏକ ଚାମଚ ଲୁଣ ମିଶାଇ ଏଥିରେ କଟା ଆଳୁକୁ ମିଶାଇ କୋଟ୍ କରିଦିଅନ୍ତୁ। କଡ଼େଇରେ ତେଲ ଗରମ କରି କୋଟ୍ ହୋଇଥିବା ଆଳୁକୁ ତେଲରେ ପକାଇ ମଧ୍ୟମ ଆଞ୍ଚରେ ଡିପ୍ ଫ୍ରାଏ କରିବେ ଯେଉଁ ପର୍ଯ୍ୟନ୍ତ ଆଳୁ ଅଧାସିଝା ନ ହୋଇଯାଇଛି। ଆଳୁଗୁଡ଼ିକୁ ଅଲଗା ଅଲଗା କରି ଛାଣିବାକୁ ହେବ। ଛାଣିବା ପରେ ଏକ ପ୍ଲେଟ୍‌ରେ ଟିସୁ ପେପର୍ ଦେଇ ଆଳୁଗୁଡ଼ିକୁ ରଖନ୍ତୁ। ଏବେ ଆଉ ଏକ କୋଟିଂ ପାଇଁ ୨/୩ କପ୍ ମଇଦା, ୧/୩ କପ୍ କର୍ଣ୍ଣ ଫ୍ଲୋର, ୧/୪ ଚାମଚ ଗୋଲମରିଚ ଗୁଣ୍ଡ ଓ ୧/୪ କପ୍ ପାଣି ମିଶାଇ ଗାଢ଼ ଘୋଳ ପ୍ରସ୍ତୁତ କରିବେ। ଏବେ ଥଣ୍ଡା ହୋଇଥିବା ଦରସିଝା ଆଳୁଗୁଡ଼ିକୁ ଏହି ଘୋଳରେ ବୁଡ଼ାଇ ଗରମ ତେଲରେ କ୍ରିସ୍‌ପି ସୁନେଲୀ ରଙ୍ଗ ହେବା ପର୍ଯ୍ୟନ୍ତ ଡିପ୍ ଫ୍ରାଏ କରି ଏକ ଟିସୁ ପେପର୍‌ରେ ବାହାର କରିଦିଅନ୍ତୁ। ଅନ୍ୟ ଏକ କଡ଼େଇରେ ଦୁଇ ଚାମଚ ତେଲ ଗରମ କରି କଟା ରସୁଣ ପକାଇ କିଛି ସେକେଣ୍ଡ ପାଇଁ ଭାଜିବେ। ଏଥିରେ ରେଡ୍ ଚିଲି ଫ୍ଲେକ୍ସ ଓ ଧଳା ରାଶି ପକାଇ ଭାଜନ୍ତୁ। ଏହାପରେ ସିରକା, ସୋୟା ସସ୍, ଟମାଟୋ ସସ୍, ମହୁ ଓ ରେଡ୍ ଚିଲି ପେଷ୍ଟ ପକାଇ ମିଶାଇ ଦିଅନ୍ତୁ। ଏଥିରେ ଏକ ଚାମଚ କର୍ଣ୍ଣ ଫ୍ଲୋରକୁ ପାଣିରେ ଗୋଳେଇ ପକାଇ ଚଲେଇବେ ଯେଉଁ ପର୍ଯ୍ୟନ୍ତ ସସ୍ ଗାଢ଼ ନ ହୋଇଯାଇଛି। ଏବେ ଫ୍ରାଏ କରାଯାଇଥିବା ଆଳୁ ଓ ପିଆଜ ପତ୍ର ପକାଇ ଗୋଳେଇ ଦିଅନ୍ତୁ ଯେପରି ସସ୍ ପ୍ରତି ଆଳୁରେ ଲାଗିବ। ଗ୍ୟାସ୍ ବନ୍ଦ କରି ଉପରୁ ଅଳ୍ପ ରାଶି ଓ ପିଆଜ ପତ୍ର ପକାଇ ଗାର୍ଣ୍ଣିସ୍ କରି ଗରମ ଗରମ ଖାଇବାକୁ ଦିଅନ୍ତୁ।

## ଆଜିର ରାଶିଫଳ



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା
ନିମାପଡ଼ା, ପୁରୀ,
ମୋ: ୯୭୭୭୨୫୨୨୪୦

**ମେଷ**: ଦିନଟି ମଧ୍ୟମ ରହିବ। ପ୍ରେମ ଜୀବନ ଆନନ୍ଦମୟ ରହିବ। ବିବାହିତ ଲୋକମାନଙ୍କ ଗୃହସ୍ଥ ଜୀବନ ସାମାନ୍ୟ ରହିବ। କିଛି ଚାପପୂର୍ଣ୍ଣ ସ୍ଥିତି ଏବେ ବି ରହିଛି। ଅଫିସ୍‌ରେ କିଛି ନୂଆ କରିବେ।

**ବୃଷ**: ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ଚାକିରି କରୁଥିବା ଲୋକଙ୍କ ପାଇଁ ସମୟ ଅନୁକୂଳ। ନିଜ ଜ୍ଞାନ, ବୁଦ୍ଧି ଓ କୌଶଳର ନେତୃତ୍ୱ କ୍ଷମତା ବଳରେ ଆଗକୁ ବଢ଼ିବେ। ପ୍ରେମ ଜୀବନ ଅତିବାହିତ କରିବାକୁ ପଡ଼ିବ।

**ମିଥୁନ**: ବିବାହିତ ଲୋକମାନଙ୍କ ପାଇଁ ଗୃହସ୍ଥ ଜୀବନ ଆନନ୍ଦମୟ ରହିବ। ସମ୍ପର୍କରେ ବୁଝାମଣା ରହିବ। ବ୍ୟାପାରୀମାନଙ୍କ ପାଇଁ ଦିନଟି ଶୁଭ। ସ୍ୱାସ୍ଥ୍ୟ ଭଲ ରହିବ। ଋତୁଜନିତ ବେମାରୀରୁ ରକ୍ଷା ପାଇବେ।

**କର୍କଟ**: ଦିନଟି ଆପଣଙ୍କ ପାଇଁ ଭଲ। ପ୍ରେମ ଜୀବନକୁ ଉପଭୋଗ କରନ୍ତୁ। ଗୃହସ୍ଥ ଜୀବନରେ ଚାପ ହ୍ରାସ ପାଇବ। ଦିନର ଆରମ୍ଭରେ ଏନର୍ଜି ଅଧିକ ରହିବ। ଖାଦ୍ୟପେୟ ଉପରେ ବିଶେଷ ଧ୍ୟାନ ଦେବେ।

**ସିଂହ**: ପ୍ରେମ ଜୀବନ ପାଇଁ ଦିନଟି ଉତ୍ତମ। ବିବାହିତ ଓ ଚାକିରି କରୁଥିବା ଲୋକମାନେ ତାଳମେଳ ରକ୍ଷା କରିବେ। ବ୍ୟାପାରୀମାନଙ୍କ ପାଇଁ ଦିନଟି ଉନ୍ନତିଦାୟକ ହେବ। ଆଜି ଖର୍ଚ୍ଚ ବୃଦ୍ଧି ହେବ। ଦିନଟି ସାମାନ୍ୟ ରହିବ।

**କନ୍ୟା**: ଗୃହସ୍ଥ ଜୀବନ ଆଜି ସାମାନ୍ୟ ରହିବ। ଜୀବନସାଥିର ଆବଶ୍ୟକତାକୁ ପୂରା କରିବେ। କିଛି ବିରୋଧୀ କାମରେ ବିଘ୍ନ ସୃଷ୍ଟି କରିବେ। କୋର୍ଟ-କଚେରି ମାମଲାରେ ବିଜୟୀ ହେବେ। ଦିନଟି ଆପଣଙ୍କ ପାଇଁ ମଧ୍ୟମ ରହିବ।

**ତୁଳା**: ପ୍ରେମ ଜୀବନ ବିନା ରହୁଥିବା ଲୋକମାନଙ୍କ ପାଇଁ ଦିନଟି ଶୁଭ। ବ୍ୟାପାରୀ ବର୍ଗଙ୍କ ପାଇଁ ଉତ୍ଥାନ-ପତନ ଭରା ଦିନଟିଏ। ଅଧିକ ଧ୍ୟାନ ଦେଇ କାମ କରିବାକୁ ପଡ଼ିବ। କିଛି ନୀତି ଭୁଲ୍ ରାସ୍ତା ଆଡ଼କୁ ବଢୁଛି।

**ବିଛା**: ଦିନଟି ସାମାନ୍ୟ ରହିବ। ଚାକିରି କରୁଥିବା ଲୋକମାନଙ୍କ ଦରମା ବୃଦ୍ଧି ହୋଇପାରେ। ନୂଆ ଘର ବା ବାହନ କିଣିବାର ଚେଷ୍ଟାରେ ସଫଳ ହେବେ। ବିଦ୍ୟାର୍ଥୀମାନଙ୍କ ପାଇଁ ଦିନଟି ଖୁବ୍ ଭଲ।

**ଧନୁ**: ଆପଣଙ୍କ ପରିଶ୍ରମ ଫଳାଫଳ ନେଇ ଆସିବ। କିନ୍ତୁ ବ୍ୟବହାର ଠିକ୍ ରଖିବାକୁ ହେବ। ବ୍ୟାପାରୀଙ୍କ ପାଇଁ ଦିନଟି ସାମାନ୍ୟ। ପରିଶ୍ରମର ଫଳାଫଳ ମିଳିବ। ନିଜ କାମ ଉପରେ ଧ୍ୟାନ ଦେବେ।

**ମକର**: ଦିନଟି ମଧ୍ୟମ ରହିବ। ନିଜ ପ୍ରିୟଙ୍କୁ ଖୁସି କରେଇବାକୁ କିଛି ସ୍ପେଶାଲ୍ କରିବେ। ବ୍ୟାପାରୀ ବର୍ଗଙ୍କ ପାଇଁ ଦିନଟି ସାମାନ୍ୟ ଫଳଦାୟକ ରହିବ। ବ୍ୟବସାୟରେ ଲାଭର ଅବସର ରହିଛି। ପରିଶ୍ରମର ଫଳ ପାଇବେ।

**କୁମ୍ଭ**: ନିଜ ଆବଶ୍ୟକତାକୁ ଅଣଦେଖା କରନ୍ତୁ ନାହିଁ। ଅନାବଶ୍ୟକ ଖର୍ଚ୍ଚ ନକଲେ ଭଲ। ବିରୋଧୀମାନଙ୍କୁ ସାବଧାନ ରୁହନ୍ତୁ। ଆପଣଙ୍କ ସ୍ୱାସ୍ଥ୍ୟ ବିଗିଡ଼ି ଯାଇପାରେ। ପାଦରେ ଆଘାତ ଓ ଆଖିରେ ବ୍ୟଥା ହୋଇପାରେ।

**ମୀନ**: ଦିନଟି ମଧ୍ୟମ ରହିବ। ସମ୍ପର୍କକୁ ନେଇ ଚିନ୍ତିତ ରହିବେ। ବିବାହିତ ଲୋକମାନଙ୍କ ଜୀବନରେ ସମସ୍ୟା ଆସିପାରେ। ବିଦେଶ ଯିବାର ସୁଯୋଗ ନେଇପାରନ୍ତି। ପୁଞ୍ଜି ନିବେଶ ପାଇଁ ସଠିକ୍ ସମୟ। ସ୍ୱାସ୍ଥ୍ୟହାନି ହୋଇପାରେ।

# ଗ୍ରୀଲ୍ ଓ ସଟର୍ କାଟି ସୁନା ଦୋକାନରୁ ଚୋରି




**ତିହିଡ଼ି,୨୮।୫/ଏନ୍ଏନ୍ଏସ୍:** ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ଅଧୀନ କମାରିଆ ବଜାରରେ ଥିବା ଏକ ସୁନା ଦୋକାନରୁ ମଙ୍ଗଳବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ସୁନା ଦୋକାନୀ ନୂଆନନ୍ଦ ଗ୍ରାମର ମାୟାଧର ସାହୁଙ୍କ ଅଭିଯୋଗ କ୍ରମେ ପୁଲିସ କେସ୍ ନଂ-୧୭୪/୨୫ରେ ଏକ ମୋକଦ୍ଦମା ରୁଜୁ କରି ତଦନ୍ତ ଚଳାଇଛନ୍ତି। ବୁଧବାର ଭଦ୍ରକ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଯାଇଛି। ପ୍ରକାଶ ଯେ, ମାୟାଧର ଦୀର୍ଘ ୮ବର୍ଷ ଧରି କମାରିଆ ବଜାରରେ ସୁନା ଦୋକାନ କରିଥିଲେ। ସେ ପ୍ରତିଦିନ ଦୋକାନ ବନ୍ଦ କରି ଘରକୁ ଯାଇ ପୁଣି ସକାଳୁ ଆସି ଦୋକାନ ଖୋଲନ୍ତି। ମାତ୍ର ବୁଧବାର ଦିନ ସକାଳୁ ଆସି ଦେଖିଲେ ଯେ, ତାଙ୍କ ଦୋକାନର ଗ୍ରୀଲ୍ ଓ ସଟର୍ ଭାଙ୍ଗି ତାଲା କାଟି ଦୁର୍ବୃତ୍ତମାନେ ଦୋକାନ ଭିତରକୁ ପଶି ୮ହଳ ସୁନା ଶାଙ୍ଖି ନେଇ ଯାଇଛନ୍ତି। ଯାହାର ମୂଲ୍ୟ ୧ଲକ୍ଷରୁ ଅଧିକ ଟଙ୍କା ହେବ ବୋଲି ଏତଲାରେ ଦର୍ଶାଯାଇଛି।

# ଅଗ୍ନିକାଣ୍ଡରେ ଜଳିଗଲା ଲକ୍ଷାଧିକ ଟଙ୍କାର ସାମଗ୍ରୀ




**କେନ୍ଦୁଝର,୨୮।୫/ଏନ୍ଏନ୍ଏସ୍:** କେନ୍ଦୁଝର ଟାଉନ ଥାନା ନରଣପୁର ଜଳଗଣ୍ଡିଆ ସାହି ନିକଟରେ ଫର୍ଚୁନ ଇକ୍ୟୁପମେଣ୍ଟ ଦୋକାନରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ସଟ୍ସର୍କିଟ ଯୋଗୁଁ ଏହି ଅଗ୍ନିକାଣ୍ଡ ହୋଇଥିବା ସନ୍ଦେହ କରାଯାଉଛି। ଗତକାଲି ରାତିରେ ମାଲିକ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ନରଣପୁର ଅଞ୍ଚଳର ମଦନ ମୋହନ ମହାନ୍ତ ଭୋର ୪ଟା ୩୦ରେ ପ୍ରାତଃଭ୍ରମଣ କରିବାକୁ ଯାଇଥିବାବେଳେ ଦୋକାନରେ ନିଆଁ ଲାଗିଥିବାର ଦେଖି ଅଗ୍ନିଶମ ବିଭାଗର ୧୧୨ରେ ଫୋନ୍ କରି ଜଣାଇଥିଲେ। ଅଗ୍ନିଶମ ବିଭାଗର କର୍ମଚାରୀ ଭୋର ୪ଟା ୫୦ ମିନିଟ୍ରୁ ଦୀର୍ଘ ୧ ଘଣ୍ଟା ପରିଶ୍ରମ କରି ନିଆଁକୁ ଆୟତ୍ତ କରିଥିଲେ। ଫର୍ଚୁନ ଇକ୍ୟୁପମେଣ୍ଟ ଦୋକାନ ଭିତରେ ଥିବା ୨୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟାଟେରୀ, ଜେନରେଟର, ସୋଲାର୍ ପ୍ୟାନେଲ୍ ଓ ଇନଭର୍ଟର ପୋଡ଼ିଯାଇଛି ବୋଲି ଦୋକାନ ମାଲିକ ସ୍ନେହସ୍ମିତା ନାୟକ କହିଛନ୍ତି।

# ଶୁଆକାଟୀ ପଞ୍ଚାୟତକୁ ଜାତୀୟ ଜୁରି ପୁରସ୍କାର

**କେନ୍ଦୁଝର,୨୮।୫/ଏନ୍ଏନ୍ଏସ୍:** ବାଂଶପାଳ ବ୍ଲକର ଶୁଆକାଟୀ ପଞ୍ଚାୟତର ୨୨ତମ ଜାତୀୟ ଇ-ଗଭର୍ଣ୍ଣାନ୍ସ ପୁରସ୍କାର (ଏନ୍ଏଇଜି) ୨୦୨୫ରେ ଏକ ମର୍ଯ୍ୟାଦାଜନକ ଜୁରି ପୁରସ୍କାର ଜିତି ରାଜ୍ୟ ଏବଂ କେନ୍ଦୁଝର ଜିଲ୍ଲା ପାଇଁ ସୁନାମ ଆଣି ଦେଇଛି। ଚଳିତ ବର୍ଷ ପ୍ରଥମ ଥର ପାଇଁ ପଞ୍ଚାୟତ ଲାଗି ଉଦ୍ଦିଷ୍ଟ ବର୍ଗରେ ଏହା ଦେଶର ଅନ୍ୟ ତିନୋଟି ସ୍ଥାନୀୟ ସଂସ୍ଥା ମଧ୍ୟରେ ସ୍ଥାନ ପାଇ ଏକ ବିରଳ ସଫଳତା ହାସଲ କରିପାରିଛି। ଏହି ସମ୍ମାନ ତୃଣମୂଳ ସ୍ତରରେ ଲୋକଙ୍କୁ ସେବା ପ୍ରଦାନକୁ ବୃଦ୍ଧି କରିବା ପାଇଁ ପ୍ରଯୁକ୍ତିବିଦ୍ୟାକୁ ପ୍ରଭାବଶାଳୀ ଭାବରେ ବ୍ୟବହାର କରିଥିବା ପଦକ୍ଷେପଗୁଡ଼ିକକୁ ପ୍ରୋତ୍ସାହିତ କରିବା ଲାଗି ଉଦ୍ଦିଷ୍ଟ। ଏହି ସମ୍ମାନରେ ସୁଆକାଟି ସମେତ ଗୁଜରାଟର ପଲସାନା ପଞ୍ଚାୟତ ଏବଂ ଉତ୍ତର ପ୍ରଦେଶର ଲଳିତପୁର ପୌର




ପରିଷଦ ପୁରସ୍କାର ଜିଣିଛି। ଏହି ବର୍ଷ ପୂର୍ବରୁ ପଞ୍ଚାୟତଗୁଡ଼ିକୁ ଜାତୀୟ ଇ-ଗଭର୍ଣ୍ଣାନ୍ସ ପୁରସ୍କାରରେ ଆନୁଷ୍ଠାନିକ ଭାବରେ ସ୍ୱୀକୃତି ଦିଆଯାଇ ନଥିଲା। କିନ୍ତୁ ଚଳିତ ବର୍ଷ ତୃଣମୂଳ ସ୍ତରରେ ଡିଜିଟାଲ୍ ସଶକ୍ତୀକରଣ ଉପରେ ବୃଦ୍ଧି ପାଉଥିବା ଗୁରୁତ୍ୱକୁ ମାନ୍ୟତା ଦେବା ଲାଗି ଏହି ପୁରସ୍କାର ଅନ୍ତର୍ଭୁକ୍ତ କରାଯାଇଛି। ଜିଲ୍ଲାରେ ଇ-ଗଭର୍ଣ୍ଣାନ୍ସକୁ ଆହୁରି ବ୍ୟାପକ କରିବା ପାଇଁ ପ୍ରତିଶ୍ରୁତିବଦ୍ଧତା ପ୍ରକାଶ କରି କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂହ କହିଛନ୍ତି ଯେ ଶୁଆକାଟୀ ଗ୍ରାମପଞ୍ଚାୟତ ଜାତୀୟ ସ୍ତରରେ ପୁରସ୍କୃତ ହେବା କେନ୍ଦୁଝର ଜିଲ୍ଲା ପାଇଁ ଏକ ଅତ୍ୟନ୍ତ ଗର୍ବ ଏବଂ ଆନନ୍ଦର ମୁହୂର୍ତ୍ତ। ଜାତୀୟ ଇ-ଗଭର୍ଣ୍ଣାନ୍ସ ପୁରସ୍କାରରେ ଶୁଆକାଟୀ ପଞ୍ଚାୟତକୁ ସ୍ୱତନ୍ତ୍ର ଜୁରି ପୁରସ୍କାର ମିଳିବା ତୃଣମୂଳ ସ୍ତରରେ ମଧ ପ୍ରଯୁକ୍ତିର ପରିବର୍ତ୍ତନକାରୀ ଶକ୍ତିର ପ୍ରମାଣ।

# ଏଫ୍ଏମ୍ୟୁରେ ତ୍ରିଦିବସୀୟ ଭାରତୀୟ ପ୍ରାଚ୍ୟବିଦ୍ୟା ସମ୍ମିଳନୀ ଉଦ୍ଯାପିତ

**ବାଲେଶ୍ୱର,୨୮।୫/ଏନ୍ଏନ୍ଏସ୍:** ଫକୀରମୋହନ ବିଶ୍ୱବିଦ୍ୟାଳୟ ଓ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀ ସହଯୋଗରେ ପଞ୍ଚମ ପୂର୍ବ ଭାରତ ଓରିଏଣ୍ଟାଲ୍ କନ୍ଫରେନ୍ସ (ଇଆଇଓସି) ସଫଳତାର ସହ ଆୟୋଜିତ ହୋଇଯାଇଛି। ଏହି ତିନି ଦିନିଆ ଶାସ୍ତ୍ରୀୟ ସମ୍ମିଳନୀରେ ପୂର୍ବ ଓ ଉତ୍ତରପୂର୍ବ ଭାରତରୁ ୨୦୦ରୁ ଅଧିକ ଗବେଷକ ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହା ବେଦ, ସଂସ୍କୃତ ସାହିତ୍ୟ, ଭାରତୀୟ ଦାର୍ଶନିକତା, ବ୍ୟାକରଣ, ଧର୍ମ, ଐତିହ୍ୟ, ପୁରାତତ୍ତ୍ୱ, ସାହିତ୍ୟିକ ମୂଳତତ୍ତ୍ୱ ଓ ପରମ୍ପରା ବିଷୟରେ ଗବେଷଣା ପାଇଁ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ରୂପେ ପରିଚିତ। ଏବର୍ଷ ବାଲେଶ୍ୱର ଅଞ୍ଚଳର ଦୁଇ ମହାନ ବୈଷ୍ଣବ ଚିନ୍ତକ ଶ୍ରୀଧର ସ୍ୱାମୀ ଓ ବଳଦେବ ବିଦ୍ୟାଭୂଷଣଙ୍କ ଜ୍ଞାନ, ଭକ୍ତି ଓ ଦାର୍ଶନିକତା ଉପରେ ହୋଇଥିଲା। ଏଥିପାଇଁ ଫକୀରମୋହନ ସେନାପତିଙ୍କ ସାହିତ୍ୟିକ ଅବଦାନକୁ ସ୍ମରଣ କରି ଏହି ଅଧିବେଶନରେ ଓଡ଼ିଆ ଭାଷାର ଆଧୁନିକ ରୂପର ଗଠନ ଓ ସୁରକ୍ଷାରେ ତାଙ୍କର ଅପୂର୍ବ ଭୂମିକା




ଅନୁଲେଖିତ ହେବାନେଇ ଆଲୋକପାତ କରାଯାଇଥିଲା। ସମ୍ମିଳନୀରେ ୫୦ରୁ ଅଧିକ ଗବେଷଣା ପତ୍ର ପ୍ରସ୍ତୁତ କରାଯାଇଥିଲା। ଉଦ୍ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ସଂସ୍କୃତ ଓ ବେଦର ଶାଶ୍ୱତ ମୂଲ୍ୟ ଓ ଏହାର ଆଧୁନିକ ବୈଜ୍ଞାନିକ ଗୁରୁତ୍ୱ ଉପରେ ଉଦବୋଧନ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ହରେକୃଷ୍ଣ ମିଶ୍ର(ସମ୍ମିଳନୀ ସଂଯୋଜକ), ଡା.ନିବେଦିତା ପତି (ପ୍ରକାଶନ ବିଭାଗ ସଚିବ, ଇଓଆଇସି), ପ୍ରଫେସର ବ୍ରଜକିଶୋର ସ୍ୱାଇଁ(ଉପାଧ୍ୟକ୍ଷ, ଇଓଆଇସି), ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର(ଅଧ୍ୟକ୍ଷ, ଇଓଆଇସି) ପ୍ରମୁଖ ମଞ୍ଚାସୀନ ହୋଇ କାର୍ଯ୍ୟକ୍ରମର ସଫଳ ରୂପାୟନ ନେଇ ଫକୀରମୋହନ ବିଶ୍ୱବିଦ୍ୟାଳୟକୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଡ଼ା. ଦେବାଶିଷ ମିଶ୍ର ଧନ୍ୟବାଦ ଜ୍ଞାପନ କରିଥିଲେ। ତିନିଦିନିଆ ସମ୍ମିଳନୀରେ ଗ୍ରହଣ କରାଯାଇଥିବା ମୁଖ୍ୟ ସଙ୍କଳ୍ପ ଗୁଡିକ ଯଥା ସଂସ୍କୃତକୁ ଭାରତୀୟ ଜ୍ଞାନ ପରମ୍ପରାର ମୌଳିକ ଅଂଶ ଭାବେ ଆନୁଷାନିକ ଭାବେ ପାଠ୍ୟକ୍ରମରେ ସାମିଲ କରିବା, ଛାତ୍ରଛାତ୍ରୀଙ୍କୁ ଆଇକେଏସ୍ ଆଧାରିତ ଶିକ୍ଷା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନୀତି ପ୍ରଣୟନ, ଓଡ଼ିଶାର ବୈଦିକ ପରିଚୟ ରକ୍ଷା କରିବା ଲାଗି ପୈପ୍ପଳାଦ ସଂହିତାର ସମ୍ପାଦନ ଏବଂ ଅନୁବାଦ, ଶ୍ରୀଧର ସ୍ୱାମୀ ଏବଂ ବଳଦେବ ବିଦ୍ୟାଭୂଷଣଙ୍କ କୃତିର ପ୍ରକାଶନ ଓ ଶିକ୍ଷାତ୍ମକ ସଂସ୍ଥାନଗତ ଇତ୍ୟାଦି ଅନ୍ତର୍ଭୁକ୍ତ କରାଯାଇଥିଲା।

# ଜିଲ୍ଲାସ୍ତରୀୟ ରବି ଧାନ ମଣ୍ଡି ଉଦ୍ଘାଟିତ

**ଧାମନଗର,୨୮।୫/ଏନ୍ଏନ୍ଏସ୍:** ଭଦ୍ରକ ଜିଲ୍ଲାସ୍ତରୀୟ ରବି ଧାନମଣ୍ଡି ଧାମନଗର ସେବା ସମବାୟ ସମିତି ପରିସରରେ ବୁଧବାର ଉଦ୍ଘାଟନ ସହ ଧାନକ୍ରୟର ଶୁଭାରମ୍ଭ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଦ୍ୱାରା ହୋଇଯାଇଛି। ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ କୁମାର ରାଉତରାୟ, ଜିଲ୍ଲା କୃଷୀ ଅଧିକାରୀ ଦ୍ୱିଜବର ସେଠୀ, ପିଡି ସରୋଜ କୁମାର ଦତ୍ତ, ଜିଲ୍ଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା, ଜିଲ୍ଲା ଡେପୁଟି ରେଜିଷ୍ଟ୍ରାର ପ୍ରଚିତା ଜେନା ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧାମନଗର ବ୍ଲକ ସାଂସଦ ପ୍ରତିନିଧି ମନୋଜ କୁମାର ମଲ୍ଲିକ, ଏନ୍ଏସି ପ୍ରତିନିଧି ସରୋଜ ମହାପାତ୍ର, ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଅଶୋକ କୁମାର ପୁହାଣ ଓ ବିଡିଓ ବନ ବିହାରୀ ଦିନ୍ଦା ପ୍ରମୁଖ ଉପସ୍ଥିତ ଥିଲେ। ଚାଷୀ ଯେପରି ରବି ଧାନ ବିକ୍ରୟକୁ ସହଜ, ସୁବିଧା ଓ ସ୍ୱଚ୍ଛତାର ସହ କରିପାରିବ ସେଥିପ୍ରତି ବିଶେଷ ଯତ୍ନବାନ ହେବା ସହ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ନିଜ ନିଜ ବିଭାଗ ମଧ୍ୟରେ ସୁସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସେ ଆହୁରି କହିଥିଲେ ଯେ ବର୍ତ୍ତମାନ ଯୁବପିଢ଼ି ଏବେ ଚାଷ ପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି। ସେମାନଙ୍କୁ ସରକାର ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ। ଏହି ଅବସରରେ ଜିଲ୍ଲାର ବିଭିନ୍ନ



ଅଧିକାରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏବେ ଜିଲ୍ଲାର ବିଭିନ୍ନ ବ୍ଲକରେ ରବି ଧାନ କିଣା ଆରମ୍ଭ ହେବ। ପାଖାପାଖି ୪୦ ହଜାର କ୍ୱିଣ୍ଟାଲ ଧାନ କିଣିବାର ଲକ୍ଷ୍ୟ କରାଯାଇଛି ବୋଲି ଜିଲ୍ଲାପାଳ ଶ୍ରୀ ରାଉତ ରାୟ ସୂଚନା ଦେଇଥିଲେ। ବ୍ଲକ କୃଷି ଅଧିକାରିଣୀ ନମିତା ପଣ୍ଡା କାର୍ଯ୍ୟକ୍ରମକୁ ସଂଚାଳନା କରିଥିଲେ। ଏଥିରେ ବିଭିନ୍ନ ବ୍ଲକରୁ ଚାଷୀମାନେ ଯୋଗଦେଇଥିଲେ।

# ଜିଲ୍ଲାସ୍ତରୀୟ ନବମ ଟାଏକ୍ୱୋଣ୍ଡୋ ପ୍ରତିଯୋଗିତା



**ସୋର,୨୮।୫/ଏନ୍ଏନ୍ଏସ୍:** ସୋର ରାଧାନାଥ ପଢ଼ିଆରେ ଜିଲ୍ଲାସ୍ତରୀୟ ନବମ ଟାଏକ୍ୱୋଣ୍ଡୋ କିରୋଗୀ ଓ ଷଷ୍ଠ ପୁମ୍ସେ ୧୯ତମ କଲର ବେଲ୍ଟ ଓ ଚତୁର୍ଥ ବ୍ଲାକ ବେଲ୍ଟ ପ୍ରୋମସନ୍ ଟେଷ୍ଟ ପ୍ରତିଯୋଗିତା ହୋଇଯାଇଛି। ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା ଟ୍ରେନିଂ ସେଣ୍ଟର୍ ଯଥା ବାଲେଶ୍ୱର ଟାଏକ୍ୱୋଣ୍ଡୋ ଏକାଡେମୀ, ସୋର ଟାଏକ୍ୱୋଣ୍ଡୋ ଏକାଡେମୀ, ସାଉଥ୍ ଟାଏକ୍ୱୋଣ୍ଡୋ ଏକାଡେମୀରୁ ଶତାଧିକ ପ୍ରତିଯୋଗୀ ଭାଗ ନେଇଥିଲେ। ସୁପର ସବ୍ଜୁନିୟର, ସବ୍ଜୁନିୟର, କେଡେଟ୍, ଜୁନିୟର ଓ ସିନିୟର ପ୍ରତିଯୋଗିତାରେ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ଟାଏକ୍ୱୋଣ୍ଡୋ ସଂଘର ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ ପ୍ରତିଯୋଗିତା ପରିଚାଳନା କରିଥିଲେ। ଜିଲ୍ଲା ସଂଘର ସାଧାରଣ ସମ୍ପାଦକ ତଥା କୋଚ ଅତାଉଲ୍ଲା ଖାନ୍ ପ୍ରତିଯୋଗୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏହି ପ୍ରତିଯୋଗିତାର କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନେ ଆସନ୍ତା ଜୁନ ମାସରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଜଣାପଡ଼ିଛି। ପ୍ରତିଯୋଗିତାରେ ମୁଖ୍ୟ ଅତିଥି ରୂପେ ସୋର ବିଧାୟକ ମାଧବ ଧଡ଼ା ଅଂଶଗ୍ରହଣ କରି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ବାଲେଶ୍ୱର ଜିଲ୍ଲା ସଂଘର ସଭାପତି ଅବଦୁଲ ଓଦୁତ ଖାନ୍ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଜିଲ୍ଲାସ୍ତରୀୟ ଆନ୍ତଃବିଦ୍ୟାଳୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ଶେଷ ଲିଗ୍ ମ୍ୟାଚରେ ଟିମ୍-ଜି ବିଜୟୀ

**ବାରିପଦା,୨୮।୫/ଏନ୍ଏନ୍ଏସ୍:** ସ୍ଥାନୀୟ ବାରିପଦା ଷ୍ଟାଡିୟମ୍ଠାରେ ଓଡ଼ିଶା କ୍ରିକେଟ ଆସୋସିଏସନ୍ ଆନୁକୂଲ୍ୟରେ ମୟୂରଭଞ୍ଜ ଆଥଲେଟିକ୍ ଆସୋସିଏସନ୍ର ସହଯୋଗରେ ଆୟୋଜିତ ଜିଲ୍ଲାସ୍ତରୀୟ ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱାଦଶ ଦିନର ଖେଳରେ ମୟୂରଭଞ୍ଜ କମ୍ବାଇଣ୍ଡ ସ୍କୁଲ ଟିମ୍ - ଜି ଟିମ୍ - ଡି କୁ ୧୪ ରନରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ମୟୂରଭଞ୍ଜ କମ୍ବାଇଣ୍ଡ ସ୍କୁଲ ଟିମ୍ - ଜି ୨୦ ଓଭରରେ ୫ ୱିକେଟ୍ ହରାଇ ୧୧୦ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଜୟଦେବ ବେହେରା ୪୫ ଓ ଶୁଭମ ମହାନ୍ତି ୨୨ ରନ କରିଥିବା ବେଳେ ବିପକ୍ଷ ଦଳର ରିତେଶ ରଞ୍ଜନ ରାଉତ ୨ଟି ୱିକେଟ ଅକ୍ତିଆର କରିଥିଲେ। ଜବାବ୍ରେ ଟିମ୍ - ଡି ୨୦ ଓଭରରେ ୯ଟି ୱିକେଟ୍ ହରାଇ ୯୬ ରନ କରିପାରିଥିଲେ। ଦଳ ପକ୍ଷରୁ ନିର୍ମାଲ୍ୟ ନନ୍ଦ ୨୦ ରନ୍ କରିଥିବାବେଳେ ବିପକ୍ଷ ଦଳର ଜୟଦେବ ବେହେରା ୪ଟି ୱିକେଟ ଅକ୍ତିଆର କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଦିଲ୍ଲୀପ ଦାସ ଓ ସୁଶାନ୍ତ ମହାନ୍ତି ଖେଳ ପରିଚାଳନା କରିଥିବା ବେଳେ ସମ୍ବିତ ମହାରଣା ସ୍କୋରିଂରେ ସହାୟତା କରିଥିଲେ। ମୟୂରଭଞ୍ଜ ଆଥଲେଟିକ୍ ଆସୋସିଏସନ୍ର



ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ, ସହସମ୍ପାଦକ ବୈଦ୍ୟନାଥ ରଥ ଓ ଅଶୋକ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଯୁବ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ। ଆସନ୍ତା କାଲି ୨୯ ତାରିଖ ମୟୂରଭଞ୍ଜ କମ୍ବାଇଣ୍ଡ ସ୍କୁଲ ଟିମ - ସି ଓ ଟିମ - ଡି ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

# ମିଳିତ ଅଭିଯୋଗ ଶୁଣାଣି

**ଯୋଡ଼ା,୨୮।୫/ଏନ୍ଏନ୍ଏସ୍:** ଯୋଡ଼ା ବ୍ଲକରେ ଅଭିଯୋଗ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ବ୍ଲକର ସଭାଗୃହରେ କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂ, କେନ୍ଦୁଝର ଏସପି ନୀତିନ କୁଶଲକର, ଡିଏଫଓ ଏଚ୍. ଡି. ଧନରାଜ୍, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା. କିଶୋର ପୃଷ୍ଟି, ଜିଲ୍ଲା ଉନ୍ନୟନ ଅଧିକାରୀ କୁମାର ନାଗ ଭୂଷଣଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା, ଯୋଡ଼ା ବିଡିଓ ଦାନିସ ବେହେରା, ଯୋଡ଼ା ବ୍ଲକ ଅଧ୍ୟକ୍ଷ କବିନ୍ଦ୍ର ନାଏକ ପ୍ରମୁଖ ଏହି ଶୁଣାଣିରେ ଉପସ୍ଥିତ ଥିଲେ। ଶୁଣାଣିରେ ଯୋଡ଼ା ବ୍ଲକର ୧୯ଟି ପଞ୍ଚାୟତ ସମେତ ଯୋଡ଼ା ଓ ବଡ଼ବିଲ ଦୁଇଟି ପୌରପାଳିକାର ଜନସାଧାରଣ ନିଜର ଅଭିଯୋଗ ଲିଖିତ ଭାବେ ଜଣାଇଥିଲେ। ସମୁଦାୟ ୮୭ଟି ବିଭିନ୍ନ ସମସ୍ୟା ନେଇ ଅଭିଯୋଗର ଶୁଣାଣି ହୋଇଥିଲା। ଏଥିରେ ମୁଖ୍ୟତଃ ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତା ଘାଟ, ପାନୀୟ ଜଳ, ବିଦ୍ୟୁତ୍ ସଂଯୋଗୀକରଣ ପ୍ରଭୃତି ବିଭିନ୍ନ ମୌଳିକ ସମସ୍ୟା ଉପରେ ଅଭିଯୋଗ ହୋଇଥିଲା। କାନପୁର ବୃହତ୍ ଜଳସେଚନ ପ୍ରକଳ୍ପର ବିସ୍ଥାପିତ ମାନେ ନିର୍ଦ୍ଧାରିତ ସମୟ ସୀମା ପରେ ମଧ କ୍ଷତିପୂରଣ ପାଇ ନଥିବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନ ମିଳିବା ସମ୍ପର୍କରେ ବିସ୍ଥାପିତ ମାନେ ଅଭିଯୋଗ କରିଥିଲେ। ସେହିପରି ସମ୍ପୂର୍ଣ୍ଣ ଯନ୍ତ୍ର ବ୍ୟବହାର




କରି ଟାଟାଷ୍ଟିଲ ସ୍ୱଞ୍ଜ ଆଇରନ କାରଖାନାର ରେଳ ସାଇଡିଂରେ ଶ୍ରମିକମାନଙ୍କୁ ଛଟେଇ କରାଯାଉଥିବାରୁ ୬ ଶହ ଶ୍ରମିକ କାର୍ଯ୍ୟ କରୁଥିବା ସ୍ଥଳେ ଅଧୁନା ୧୦୦ ଶ୍ରମିକ ଠିକାଦାର ଅଧୀନରେ କାର୍ଯ୍ୟ କରୁଛନ୍ତି। ଏନେଇ ମୁଟୁଦା, ବିରିକଳା, ଦଡୁଆଁ, ହୁଣ୍ଡୁଳା, ଭାଗଲପୁର, କାଳିଆବେଡ଼ା, ବଳିତା, ବିଲେଇପଦା ପ୍ରଭୃତି ଗ୍ରାମର ଗ୍ରାମବାସୀ ଅଭିଯୋଗ କରିଥିଲେ। ସେହିପରି ଯୋଡ଼ା ପୌରପାଳିକା ୱାର୍ଡ ନମ୍ବର ୧ରେ ସୁନାନଦୀର ଉଭୟ ପାର୍ଶ୍ୱକୁ ପଥର ପେଚିଂ କରିବା ପାଇଁ କାଉନ୍ସିଲର୍ ଭାନୁମତୀ ବାନା ଅଭିଯୋଗ କରିଛନ୍ତି। ୨୮ ନମ୍ବର ଜୋନ୍ର ଜିଲ୍ଲା ପରିଷଦ ସଦସ୍ୟ ଡମ୍ବରୁଧର କୁଦାଦା ଅଭିଯୋଗ କରିଛନ୍ତି ଯେ ଉଠା ଜଳସେଚନ ପ୍ରକଳ୍ପକୁ ଶୀଘ୍ର କାର୍ଯ୍ୟକାରୀ କରାଯାଉ।୨୮ ନମ୍ବରର ୫ଟି ପଞ୍ଚାୟତରେ ଅଧିକାଂଶ ଆଦିବାସୀ ଲୋକ ବସବାସ କରନ୍ତି। ଏହି ପଞ୍ଚାୟତଗୁଡ଼ିକ ଚମ୍ପୁଆ ଆଇଟିଡିଏ ଅଧୀନରେ ରହିଛି। ଏହି ପଞ୍ଚାୟତଗୁଡ଼ିକୁ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନରେ ଅନ୍ତର୍ଭୁକ୍ତ କରାଯାଇ ନ ଥିବାରୁ ଆଦିବାସୀମାନେ ସୁବିଧା ସୁଯୋଗ ପାଇ ପାରୁନଥିବା ଅଭିଯୋଗ କରିଛନ୍ତି। ସେହିପରି କାନପୁର ଓ ଦାମପୁର ଗ୍ରାମରେ ହାତୀ ଉପଦ୍ରବ ବୃଦ୍ଧି ପାଉ ଥିବାରୁ ପନିପରିବା ଚାଷର ସୁରକ୍ଷା ନିମନ୍ତେ ହାତୀ ନିରୀକ୍ଷଣ ଟାୱାର ସ୍ଥାପନ କରିବା ପାଇଁ ସେ ଅଭିଯୋଗ ପତ୍ର ଦେଇଥିଲେ। ଅଂଶେଇକଳା ପଞ୍ଚାୟତର ଦଣ୍ଡାଗୁଟୁ ସାହି, କଣ୍ଡରା ଗ୍ରାମ ପଞ୍ଚାୟତର ଗଗଲଇ ସାହି, ଚମକପୁର ପଞ୍ଚାୟତର ଧଳଡିହି ସାହିରେ ବିଦ୍ୟୁତ୍ ସଂଯୋଗ କରିବା ପାଇଁ ସେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଜଣାଇଥିଲେ। ଦିବ୍ୟାଙ୍ଗମାନଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଥିଲା।

# ଗ୍ରୀଷ୍ମକାଳୀନ ଶିବିର 'ନୂଆ ଉମଙ୍ଗ'

**କେନ୍ଦୁଝର,୨୮।୫/ଏନ୍ଏନ୍ଏସ୍:** ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ, କେନ୍ଦୁଝର ପୁରୁଣାବଜାରସ୍ଥିତ ସୁଖଶାନ୍ତି ସରୋବରରେ ଶିଶୁମାନଙ୍କ ଗ୍ରୀଷ୍ମକାଳୀନ ଶିବିର-୨୦୨୫ 'ନୂଆ ଉମଙ୍ଗ' ଉଦ୍ଘାଟିତ ହୋଇଯାଇଛି। ଉଦ୍ଘାଟନୀ ସଭାରେ ମୁଖ୍ୟଅତିଥି କେନ୍ଦୁଝର ବନଖଣ୍ଡ ଅଧିକାରୀ ଏଚ୍.ଡି. ଧନରାଜ ଯୋଗ ଦେଇଥିଲେ। ମୁଖ୍ୟଅତିଥି ପରିବେଶ ସୁରକ୍ଷା, ହାତୀମାନଙ୍କ ସଚେତନତା ବିଷୟରେ ଅବଗତ କରାଇଥିଲେ।

ମୁଖ୍ୟବକ୍ତା ବ୍ରହ୍ମାକୁମାରୀଜ କେନ୍ଦୁଝରର ମୁଖ୍ୟ ସଂଚାଳିକା ବ୍ରହ୍ମାକୁମାରୀ ବିନ୍ଦୁ ଶିବିରର ଉଦ୍ଦେଶ୍ୟ ଆଭିମୁଖ୍ୟ ସମ୍ପର୍କରେ କହିବା ସହିତ ଭଲ ମଣିଷ ହେବା ପାଇଁ ଶିବିରରେ



ଦିଆଯିବା ଶିକ୍ଷାକୁ ଧ୍ୟାନର ସହିତ ଶୁଣିବା ଓ ଶିଖିବା ପାଇଁ ଉପଦେଶ ଦେଇଥିଲେ। ସମ୍ମାନିତ ଅତିଥି ଇଡ୍କୋ କଳିଙ୍ଗ ବଡ଼ବିଲର ଅବସରପ୍ରାପ୍ତ ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାକୁମାର ପ୍ରଫୁଲ୍ଲ କୁମାର ମହାନ୍ତ, ମୁକୁନା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବ୍ରହ୍ମାକୁମାରୀ ଜୟନ୍ତୀ ଥାଟୋଇ ଯୋଗ ଦେଇଥିଲେ। ବ୍ରହ୍ମାକୁମାର କୁଳମଣି ସଭା ସଂଯୋଜନା କରିଥିବାବେଳେ ବ୍ରହ୍ମାକୁମାର କୃତ୍ତିବାସ ଧନ୍ୟବାଦ୍ ଦେଇଥିଲେ। ଏହି ଗ୍ରୀଷ୍ମକାଳୀନ ଶିବିର ଆସନ୍ତା ୩୦ ତାରିଖ ସନ୍ଧ୍ୟାରେ ଉଦ୍ଯାପିତ ହେବ। ଏହି ଶିବିରରେ ଧ୍ୟାନ, ଯୋଗ, କୌତୁକ, କ୍ରୀଡ଼ା, କୁଇଜ, ମ୍ୟୁଜିକ୍ ଚେୟାର, ପ୍ରବନ୍ଧ ଲିଖନ,ବକ୍ତୃତା, ଗଳ୍ପ କଥନ ଆଦି ଆୟୋଜନ ହେବ। ମୂଲ୍ୟବୋଧ ଶିକ୍ଷା, ସଫଳତାର ମନ୍ତ୍ର, ସକାରାତ୍ମକ ଚିନ୍ତନ ତଥା ମନୋବଳ ବୃଦ୍ଧି, ଚାପମୁକ୍ତ ଛାତ୍ର ଜୀବନ ଆଦି ବିଷୟରେ ଶିକ୍ଷାପ୍ରଦ ବକ୍ତବ୍ୟ ରଖାଯିବ ବୋଲି ବ୍ରହ୍ମାକୁମାରୀ ବିନ୍ଦୁ ସୂଚନା ପ୍ରଦାନ କରିଛନ୍ତି।

# ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

**ସୋର,୨୮।୫/ଏନ୍ଏନ୍ଏସ୍:** ଆଜି କମରପୁର ସ୍ଥିତ ସଂଗ୍ରାମୀ ଭବନଠାରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର କର୍ମୀ ପୂର୍ଣ୍ଣଚନ୍ଦ୍ର ବେହେରାଙ୍କର ଶ୍ରଦ୍ଧାଞ୍ଜଳି ସଭା ସୋର ଅଞ୍ଚଳ କମିଟି ତରଫରୁ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ନେତା ସୁରେନ୍ଦ୍ର ପ୍ରସାଦ ବେହେରା ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅଞ୍ଚଳ ସମ୍ପାଦକ ମାୟାଧର ନାୟକ ଶୋକ ପ୍ରସ୍ତାବ ଆଗତ କରି କହିଥିଲେ ଯେ ପୂର୍ଣ୍ଣଚନ୍ଦ୍ର ବେହେରାଙ୍କର ମାତ୍ର ୫୪ ବର୍ଷ ବୟସରେ ଦେହାନ୍ତ ହେବା ଅତ୍ୟନ୍ତ ଦୁଃଖଦାୟକ ଘଟଣା। ସେ ନିମୁନିଆ ରୋଗରେ ଆକ୍ରାନ୍ତ ହୋଇ ଚଳିତ ମାସ ୨୧ ତାରିଖ ଦିନ ଏମ୍ସ ଭୁବନେଶ୍ୱରରେ ଚିକିତ୍ସିତ ହେଉଥିଲେ। ୨୨ ତାରିଖ ସକାଳ ୮ଟାରେ ତାଙ୍କର ଦେହାନ୍ତ ହୋଇଯାଇଛି। ସେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଜଣେ ଆଗଧାଡ଼ିର କର୍ମୀ ଥିଲେ। ଅତ୍ୟନ୍ତ ପରୋପକାରୀ ମିଷ୍ଟଭାଷୀ, ତାଙ୍କ ବାପା ମଧ ବାମପନ୍ଥୀ ଆଦର୍ଶରେ ଅନୁପ୍ରାଣିତ ଥିଲେ। ତାଙ୍କ ବିୟୋଗ ନିଶ୍ଚିତ ପାର୍ଟି ପାଇଁ ଅପୂରଣୀୟ କ୍ଷତି ସୃଷ୍ଟି କରିଛି ବୋଲି ପ୍ରକାଶ କରିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ଜିଲ୍ଲା ସହସମ୍ପାଦକ ଅନାମ ପ୍ରସାଦ ବାରିକ, ସୀତାରାମ ସାହୁ, ପ୍ରଦୀପ କୁମାର ଦାଶ, ଶିକ୍ଷକ ନେତା ଅଧ୍ୟାପକ ବନମାଳୀ ବାରିକ, ଶଶିକାନ୍ତ ପଣ୍ଡା, ସିମୁଳିଆ ଶାଖା ସମ୍ପାଦକ ଭଗବାନ ପଣ୍ଡା, ଟାଉନ ସମ୍ପାଦକ ପ୍ରଶାନ୍ତ କୁମାର ଦାସ, ଶରଶଙ୍କ ଶାଖା ସମ୍ପାଦକ ଗଙ୍ଗାଧର ସାହୁ, ଅନନ୍ତପୁର ଶାଖା ସମ୍ପାଦକ ରମେଶ ଚନ୍ଦ୍ର ପୁହାଣ,ଗଙ୍ଗାଧର ରାଉତ, ରତ୍ନାକର ଖୁଣ୍ଟିଆ, ଶ୍ରମଜୀବୀ ମହିଳା ଶାଖା ସମ୍ପାଦିକା ଆରତୀ ଦାଶ ମହାପାତ୍ର, ରଙ୍ଗପତି ଶାଖା ସମ୍ପାଦକ ପ୍ରହଲ୍ଲାଦ ବେହେରା, ମାଣତ୍ରୀ ଶାଖା ସମ୍ପାଦିକା ସ୍ନେହଲତା ବାରିକ ପ୍ରମୁଖ ଶ୍ରଦ୍ଧା ସୁମନ ପ୍ରଦାନ କରିବା ସହ ଏକ ମିନିଟ୍ ନିରବତା ଅବଲମ୍ବନ କରାଯାଇଥିଲା।

# ରଷଭ ପନ୍ତଙ୍କୁ ୩୦ ଲକ୍ଷ ଜୋରିମାନା



**ଲକ୍ଷ୍ନୌ,୨୮।୫/ଏଜେନ୍ସି:** ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବିପକ୍ଷ ମଙ୍ଗଳବାରର ମ୍ୟାଚ୍‌ରେ ସ୍ଲୋ ଓଭର୍ ରେଟ୍ କାରଣରୁ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ

## ସ୍ଲୋ ଓଭର୍ ରେଟ୍

କ୍ୟାପ୍ଟେନ୍ ରଷଭ ପନ୍ତଙ୍କ ଜୋରିମାନା କରାଯାଇଛି। ଏହା ଲକ୍ଷ୍ନୌର ଚଳିତ ସିଜନ୍ ତୃତୀୟ ଅପରାଧ ହୋଇଥିବାରୁ ପନ୍ତଙ୍କୁ ୩୦ ଲକ୍ଷ ଟଙ୍କା ଜୋରିମାନା କରାଯାଇଛି। ସେହିପରି ଟିମ୍‌ର ବାକି ୧୧ ଖେଳାଳିଙ୍କୁ ମଧ୍ୟ ୧୨ ଲକ୍ଷ ଟଙ୍କା ଲେଖାଏ କିମ୍ବା ସେମାନଙ୍କ ମ୍ୟାଚ୍ ଫି'ର ୫୦% (ଯାହା କମ୍) ଜୋରିମାନା କରାଯାଇଛି। ଏହା ପନ୍ତଙ୍କ ଏପରି ତୃତୀୟ ଅପରାଧ ହୋଇଥିଲେ ମଧ୍ୟ ତାଙ୍କୁ ବ୍ୟାନ୍ କରାଯାଇ ନାହିଁ। ଏହି ନିୟମ ଆଇପିଏଲ୍ ୨୦୨୫ ପୂର୍ବରୁ ପରିବର୍ତ୍ତନ କରାଯାଇଥିଲା। ଗତ ସିଜନ୍‌ରେ ବ୍ୟାନ୍ କାରଣରୁ ମୁମ୍ବାଇ ଇଣ୍ଡିଆନ୍ସ କ୍ୟାପ୍ଟେନ୍ ହାର୍ଦ୍ଦିକ ପାଣ୍ଡ୍ୟା ଚଳିତ ସିଜନ୍‌ର ପ୍ରଥମ ମ୍ୟାଚ୍ ଖେଳିପାରି ନଥିଲେ। ଲକ୍ଷ୍ନୌ ଚଳିତ ସିଜନ୍‌ରେ ୧୪ ମ୍ୟାଚ୍‌ରୁ ୬ ବିଜୟ ସହିତ ୧୨ ପଏଣ୍ଟ ନେଇ ୧୦ ଟିମ୍‌ର ପଏଣ୍ଟ ଟେବଲ୍‌ର ସପ୍ତମ ସ୍ଥାନରେ ଅଭିଯାନ ଶେଷ କରିଛି।

# ଟି. ଦିଲୀପ ପୁଣି ଟିମ୍ ଇଣ୍ଡିଆ ଫିଲ୍ଡିଂ କୋଚ୍



**ନୂଆଦିଲ୍ଲୀ,୨୮।୫/ଏଜେନ୍ସି:** ଟି. ଦିଲୀପଙ୍କୁ ପୁଣିଥରେ ଟିମ୍ ଇଣ୍ଡିଆ ଫିଲ୍ଡିଂ କୋଚ୍ ନିଯୁକ୍ତ କରାଯାଇଛି। କ୍ରିକ୍‌ବଜ୍ ରିପୋର୍ଟ ଅନୁସାରେ ତାଙ୍କୁ ଗୋଟିଏ ବର୍ଷ ପାଇଁ ଚୁକ୍ତି କରାଯାଇଛି। ସେ ଆସନ୍ତା ମାସରେ ଭାରତୀୟ ଟିମ୍ ସହିତ ଇଂଲଣ୍ଡ ଗସ୍ତରେ ଯିବେ। ଅବଶ୍ୟ ଏହାକୁ ନେଇ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ (ବିସିସିଆଇ) ପକ୍ଷରୁ କୌଣସି ବୟାନ ଜାରି କରାଯାଇ ନାହିଁ। ଅଷ୍ଟ୍ରେଲିଆ ବିପକ୍ଷ ବର୍ଡର-ଗାଭାସ୍କର ଟ୍ରଫି (ବିଜିଟି)ରେ ଭାରତର ଖରାପ ପ୍ରଦର୍ଶନ ପରେ ଗତମାସରେ କୋଚିଂ ଷ୍ଟାଫ୍‌ରେ ପରିବର୍ତ୍ତନ କରାଯାଇଥିଲା। ଏହାପରେ ଦିଲୀପ୍ କାମ ସହାୟକ କୋଚ୍ ରେୟାନ୍ ଟେନ୍ ଡୋଶ୍ଚେଟ୍ ଦେଖାଶୁଣା କରିବାର ଥିଲା।

ରିପୋର୍ଟ ଅନୁସାରେ ରୋହିତ ଶର୍ମାଙ୍କ ଅନୁରୋଧକ୍ରମେ ବିସିସିଆଇ ଦିଲୀପ୍‌ଙ୍କ ପୁଣିଥରେ କୋଚିଂ ଷ୍ଟାଫ୍‌ରେ ସାମିଲ କରିଛି। ସୂତ୍ର ଅନୁସାରେ ରୋହିତ ଟେଷ୍ଟ କ୍ରିକେଟ୍‌ରୁ ସନ୍ନ୍ୟାସ ଘୋଷଣା କରିବା ସତ୍ତ୍ୱେ ଦିଲୀପ୍‌ଙ୍କୁ ବଜାୟ ରଖିବା ପାଇଁ ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ ଅନୁରୋଧ କରିଥିଲେ। ଅନ୍ୟପକ୍ଷରେ ରେୟାନ୍ ଟେନ୍ ଡୋଶ୍ଚେଟ୍‌ଙ୍କୁ ଇଂଲଣ୍ଡରେ ଭାରତୀ-ଏ' ଟିମ୍ ସହିତ ଯୋଗଦେବାକୁ କୁହାଯାଇଥିବା ଜଣାଯାଇଛି।

ଟି ଦିଲୀପ୍‌ଙ୍କୁ ୨୦୨୧ରେ ଆର୍ ଶ୍ରୀଧରଙ୍କ ସ୍ଥାନରେ ଟିମ୍‌ର ଫିଲ୍ଡିଂ କୋଚ୍ ନିଯୁକ୍ତ କରାଯାଇଥିଲା। ୨୦୨୪ ଟି-୨୦ ବିଶ୍ୱକପ୍ ପରେ ତାଙ୍କ କାର୍ଯ୍ୟକାଳ ଶେଷ ହୋଇଥିଲା। ଏହାପରେ ତାଙ୍କ କାର୍ଯ୍ୟକାଳ ୨୦୨୫ ମାର୍ଚ୍ଚ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। କିନ୍ତୁ ତାଙ୍କୁ ମଝିରେ ହଟାଇ ଦିଆଯାଇଥିଲା। ତେବେ ତାଙ୍କ ରିପ୍ଲେସ୍‌ମେଣ୍ଟ ନମିଳିବାରୁ ବିସିସିଆଇ ତାଙ୍କୁ ପୁଣିଥରେ ଏହି ଦାୟିତ୍ୱ ଦେଇଛି।

## ଆଜି ଆଇପିଏଲ୍ କ୍ୱାଲିଫାୟର୍-୧

# କିଙ୍ଗ୍‌ସକୁ ଭେଟିବ ରୟାଲ୍ ଚ୍ୟାଲେଞ୍ଜର୍ସ

**ଚଣ୍ଡିଗଡ଼,୨୮।୫/ଏଜେନ୍ସି:** ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍ (ଆଇପିଏଲ୍) ୨୦୨୫ ସିଜନ୍‌ର ଲିଗ୍ ପର୍ଯ୍ୟାୟ ଶେଷ ହୋଇଛି। କ୍ୱାଲିଫାୟର୍-୧ରେ ଗୁରୁବାର ଟେବୁଲ୍ ଟପର୍ ପଞ୍ଜାବ କିଙ୍ଗ୍‌ସ ଦ୍ୱିତୀୟ ସ୍ଥାନରେ ଥିବା ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)କୁ ମୁଲ୍ଲାନ୍‌ପୁରରେ ଭେଟିବ।

## ବିଜୟୀ ଟିମ୍ ସିଧା ଫାଇନାଲ୍ ଖେଳିବ



ଶୀର୍ଷ ଦୁଇରେ ସ୍ଥାନ ହାସଲ କରିବା ପରେ ଏହି ଦୁଇ ଟିମ୍‌ର ଫାଇନାଲ୍ ଖେଳିବା ସମ୍ଭାବନା ରହିଛି। କାରଣ ପ୍ରଥମ କ୍ୱାଲିଫାୟର୍‌ରେ ପରାଜୟ ସତ୍ତ୍ୱେ ଫାଇନାଲ୍‌ରେ ସ୍ଥାନ ହାସଲ ପାଇଁ ଆଉ ଗୋଟିଏ ସୁଯୋଗ ମିଳିବ।

ପଞ୍ଜାବ କିଙ୍ଗ୍‌ସ ୨୦୧୪ ପରେ ପ୍ରଥମ ଥର ପାଇଁ ପ୍ଲେଅଫ୍‌ରେ ସ୍ଥାନ ହାସଲ କରିଛି। ଏହାର ଶ୍ରେୟ କ୍ୟାପ୍ଟେନ୍ ଶ୍ରେୟସ୍ ଆୟର୍ ଓ ମୁଖ୍ୟ କୋଚ୍ ରିକି ପଣ୍ଟିଂଙ୍କ ଯୋଡ଼ିକୁ ମିଳିଛି। ଦୁହେଁ ଟିମ୍‌କୁ ଏକ ନୂଆ ରୂପ ଦେଇଛନ୍ତି। ଅନ୍ୟପକ୍ଷରେ ଆର୍‌ସିବିକୁ ନକ୍‌ଆଉଟ୍ ପର୍ଯ୍ୟାୟରେ ବହୁବାର ପରାଜିତ ହେବାକୁ ପଡ଼ିଛି। ଚଳିତ ଥର ଟିମ୍ ଟାଇଟଲ୍ ମରୁଡ଼ିରେ ସମାପ୍ତି ଘଟାଇବା ଲକ୍ଷ୍ୟରେ ରହିଛି। ଆୟର୍-ପଣ୍ଟିଂଙ୍କ ଯୋଡ଼ି ପଞ୍ଜାବ ଟିମ୍‌ରେ ଚମତ୍କାର ପରିବର୍ତ୍ତନ କରିଛନ୍ତି, ଯାହା ଫଳରେ ଏହା ଏକ ଶକ୍ତିଶାଳୀ ଟିମ୍ ଭାବେ ଉଭା ହୋଇଛି। ଟିମ୍ ଲିଗ୍ ପର୍ଯ୍ୟାୟରେ ପ୍ରଥମରୁ ଶେଷ ପର୍ଯ୍ୟନ୍ତ ଉନ୍ନତ ପ୍ରଦର୍ଶନ କରିଛି। ସମସ୍ତ ଖେଳାଳି ସର୍ବଶ୍ରେଷ୍ଠ ପ୍ରଦର୍ଶନ ଦେବାରେ ସଫଳ ହୋଇଛନ୍ତି। ପ୍ରଭସିମ୍‌ରନ୍ ସିଂହ ଓ ପ୍ରିୟାଂଶ ଆର୍ଯ୍ୟଙ୍କ ଓପ୍ନିଂ ଯୋଡ଼ି ଶ୍ରେୟସ୍ ଆୟର୍ ଓ ଜୋଶ୍ ଲିଙ୍ଗ୍‌ଲିଶ୍‌ଙ୍କ ପରି ଖେଳାଳିଙ୍କ ପାଇଁ ମଞ୍ଚ ପ୍ରସ୍ତୁତ କରିଛି। ଫିନିଶର୍ ଶଶାଙ୍କ ସିଂହ ଲଗାତାର ନିଜର ପ୍ରଦର୍ଶନରେ ସୁଧାର କରିଥିବା ବେଳେ ଅଷ୍ଟ୍ରେଲୀୟ ଖେଳାଳି ମାର୍କସ୍ ଷ୍ଟୋଇନିସ୍ ନିଜ ବ୍ୟାଟିଂ କ୍ଷମତା ବଳରେ ବ୍ୟାଟିଂ ଲାଇନ୍‌କୁ ଅଧିକ ଶକ୍ତିଶାଳୀ କରିଛନ୍ତି। ତେବେ ଚିନ୍ତାର ବିଷୟ ହେଉଛି ଟିମ୍‌ର ବୋଲିଂ ବିଭାଗ। ବିଶେଷକରି ସାଉଥ୍ ଆଫ୍ରିକୀୟ ଫାଷ୍ଟ ବୋଲର୍ ମାର୍କୋ ଜାନ୍‌ସେନ୍ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବା ପରେ ଏହି ଚିନ୍ତା ଆହୁରି ବୃଦ୍ଧି ପାଇଛି। ଜାନ୍‌ସେନ୍ ପାୱାର୍‌ପ୍ଲେ ଏବଂ ଡେଥ୍ ଓଭର୍‌ରେ ମହତ୍ତ୍ୱପୂର୍ଣ୍ଣ ପ୍ରଦର୍ଶନ କରୁଥିଲେ। ତାଙ୍କ ଅନୁପସ୍ଥିତି ଆଗାମୀ ସମୟରେ ନିଶ୍ଚିତ ଭାବେ ଟିମ୍ ଅନୁଭବ କରିବ। କାଇଲ୍ ଜାମିସନ୍ ନିଜ ପ୍ରଥମ ମ୍ୟାଚ୍‌ରେ କିଛିଟା ଆଶା ଜନ୍ମାଇଥିଲେ। ତେବେ ତାଙ୍କୁ ଉନ୍ନତ ବୋଲିଂ କରିବାକୁ ହେବ। ଅଲ୍‌ରାଉଣ୍ଡର୍ ଅଜମତୁଲ୍ଲାହ ଓମରଜାଇ ମଧ୍ୟ ଜାନ୍‌ସେନ୍‌ଙ୍କ ସ୍ଥାନ ନେଇପାରନ୍ତି। ସ୍ପିନ୍ ବିଭାଗରେ ଲେଗ୍ ସ୍ପିନର୍ ଯୁଜବେନ୍ଦ୍ର ଚହଲ୍‌ଙ୍କୁ ହରପ୍ରୀତ୍ ବ୍ରାର୍‌ଙ୍କ ସହ ସଠିକ୍ ବୋଲିଂ କରିବାକୁ ହେବ। ଅର୍ଶଦୀପ୍ ସିଂହ ଫ୍ରାଞ୍ଚାଇଜି ପାଇଁ ବହୁ ସମୟ ଧରି ଉନ୍ନତ ବୋଲିଂ କରିଆସିଛନ୍ତି ଏବଂ ନକ୍‌ଆଉଟ୍ ପର୍ଯ୍ୟାୟରେ ତାଙ୍କଠାରୁ ଅଧିକ ଆଶା କରାଯାଇପାରେ। ଟୁର୍ଣ୍ଣାମେଣ୍ଟର ଅନ୍ତିମ ପର୍ଯ୍ୟାୟରେ କେତେକ ଖେଳାଳିଙ୍କ ଆଘାତକୁ ନେଇ ଆର୍‌ସିବି ମଧ୍ୟ ଚିନ୍ତିତ ଥିଲଶ। ତେବେ ଫାଷ୍ଟ ବୋଲର୍ ଜୋଶ୍ ହେଜଲ୍‌ଉଡ୍ ସମ୍ପୂର୍ଣ୍ଣ ସୁସ୍ଥ ହେବାର ଆଶା କରାଯାଇଥିବା ବେଳେ ଟିମ୍ ଡେଭିଡ୍ ମଧ୍ୟ ଚୟନ ପାଇଁ ଉପଲବ୍ଧ ହେବେ। ଫଳରେ ଟିମ୍‌ରେ ଅଧିକ ସନ୍ତୁଳନ ଆସିବ। ଆର୍‌ସିବି ଗତ କିଛି ବର୍ଷ ଧରି ଶୀର୍ଷକ୍ରମ ବ୍ୟାଟର୍‌ଙ୍କ ଉପରେ ନିର୍ଭରଶୀଳ ରହୁଥିଲା। କିନ୍ତୁ ଜିତେଶ ଶର୍ମାଙ୍କ ପରି ଖେଳାଳି ମଧ୍ୟକ୍ରମରେ ନିଜ କ୍ଷମତା ପ୍ରଦର୍ଶନ କରିବା ପରେ ଏଥିରେ ପରିବର୍ତ୍ତନ ହୋଇଥିବା ଦେଖିବାକୁ ମିଳିଛି। ଜିତେଶ ମଙ୍ଗଳବାର ନିଜ ଆଇପିଏଲ୍ କ୍ୟାରିୟରର ସର୍ବଶ୍ରେଷ୍ଠ ଇନିଂସ୍ ଖେଳିଛନ୍ତି ଏବଂ ଏହା ପ୍ଲେଅଫ୍‌ରେ ତାଙ୍କ ଆତ୍ମବିଶ୍ୱାସକୁ ଆହୁରି ବୃଦ୍ଧି କରିବ।

ଫିଲ୍ ସଲ୍ଟ ପାୱାରପ୍ଲେରେ ନିଜର ସର୍ବଶ୍ରେଷ୍ଠ ବ୍ୟାଟିଂ କରିବା ଏବଂ ପୂରା ସିଜନ୍‌ରେ ବିରାଟ କୋହଲି ଯେପରି ବ୍ୟାଟିଂ କରିଆସିଛନ୍ତି ତାହା ବଜାୟ ରଖିବା ଟିମ୍ ଦୃଷ୍ଟିକୋଣରୁ ମହତ୍ତ୍ୱପୂର୍ଣ୍ଣ ହେବ। କୋହଲି ବର୍ତ୍ତମାନ ସୁଦ୍ଧା ୬୦୨ ରନ୍ କରିଛନ୍ତି, ଯାହା ଚଳିତ ସିଜନ୍‌ର ଆର୍‌ସିବି ପାଇଁ ସର୍ବାଧିକ। ଲିଗ୍ ଚରଣରେ ଆର୍‌ସିବି ଏହି ଗ୍ରାଉଣ୍ଡରେ ପଞ୍ଜାବ କିଙ୍ଗ୍‌ସ୍ ବିପକ୍ଷ ନିଜ ବିଜୟରୁ ପ୍ରେରଣା ନେବାକୁ ଚେଷ୍ଟା କରିବ। ଏଠାରେ ପିଚ୍‌ର ବ୍ୟବହାର ବର୍ତ୍ତମାନ ପର୍ଯ୍ୟନ୍ତ ଅପ୍ରତ୍ୟାଶିତ ରହିଛି। ଏଠାରେ ଖେଳାଯାଇଥିବା ୪ଟି ମ୍ୟାଚ୍‌ର ପ୍ରଥମ ଇନିଂସ୍‌ରେ କେବଳ ଥରେ ୨୦୦ ରନ୍ ହୋଇଛି। ଏହା ସତ୍ତ୍ୱେ ପଞ୍ଜାବ କିଙ୍ଗ୍‌ସକୁ ନିଜ ଘରୋଇ ପଡ଼ିଆ ଉପରେ ଭରସା ରହିବ। କାରଣ ଗତ ମାସରେ କୋଲ୍‌କାତା ନାଇଟ୍ ରାଇଡର୍ସ ବିପକ୍ଷରେ ଟିମ୍ ୧୧୧ ରନ୍‌ର ଲକ୍ଷ୍ୟକୁ ସଫଳତାର ସହ ଡିଫେଣ୍ଡ କରିଥିଲା। ଉଭୟ ଟିମ୍ ଏହି ପ୍ରଥମ ପାହାଚରୁ ହିଁ ଫାଇନାଲ୍‌ରେ ସ୍ଥାନ ହାସଲ ପାଇଁ ଉଦ୍ୟମ କରିବେ। ଏହି ମ୍ୟାଚ୍‌ର ପରାଜିତ ଟିମ୍ ଦ୍ୱିତୀୟ କ୍ୱାଲିଫାୟର୍‌ରେ ଗୁଜରାଟ ଟାଇଟନ୍ସ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ହେବାକୁ ଥିବା ଏଲିମିନେଟର୍‌ର ବିଜେତାକୁ ଭେଟିବ।

**ସମୟ: ସନ୍ଧ୍ୟା ୭.୩୦**
**ଭେନ୍ୟୁ: ମୁଲ୍ଲାନ୍‌ପୁର**
**ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ**

# ନରୱେ ଚେସ୍: ଗୁକେଶ୍‌ଙ୍କ ଦ୍ୱିତୀୟ ପରାଜୟ



**ନୂଆଦିଲ୍ଲୀ,୨୮।୫/ଏଜେନ୍ସି:** ବିଶ୍ୱ ଚାମ୍ପିଅନ୍ ଡି. ଗୁକେଶଙ୍କର ନରୱେ ଚେସ୍ ଟୁର୍ଣ୍ଣାମେଣ୍ଟ ୨୦୨୫ରେ ପ୍ରଦର୍ଶନ ବହୁ ଖରାପ ରହିଛି। ପ୍ରାରମ୍ଭିକ ଦୁଇଟି ମ୍ୟାଚ୍‌ରେ ତାଙ୍କୁ ପରାଜୟର ମୁହଁ ଦେଖିବାକୁ ପଡ଼ିଛି। ମଙ୍ଗଳବାର ଖେଳାଯାଇଥିବା ଦ୍ୱିତୀୟ ରାଉଣ୍ଡରେ ତାଙ୍କୁ ସ୍ୱଦେଶର ଅର୍ଜୁନ ଏରିଗାସି ହରାଇଛନ୍ତି। ଏହି ପରାଜୟ ପରେ ଗୁକେଶ ଷ୍ଟାଣ୍ଡିଂରେ ସର୍ବନିମ୍ନ ଷଷ୍ଠ ସ୍ଥାନରେ ପହଞ୍ଚିଛନ୍ତି। ଏହା ପୂର୍ବରୁ ପ୍ରଥମ ରାଉଣ୍ଡରେ ପାଞ୍ଚ ଥରର ବିଶ୍ୱ ଚାମ୍ପିଅନ୍ ଏବଂ ବିଶ୍ୱ ନଂ.୧ ମାଗ୍ନସ୍ କାର୍ଲସନ୍ ତାଙ୍କୁ ହରାଇଥିଲେ। ଅନ୍ୟପକ୍ଷରେ ଏହି ବିଜୟ ସହ ଅର୍ଜୁନ ଦ୍ୱିତୀୟ ସ୍ଥାନରେ ପହଞ୍ଚିଛନ୍ତି। ଶୀର୍ଷରେ ଆମେରିକାର ହିକାରୁ ନାକାମୁରା ରହିଛନ୍ତି। ଅନ୍ୟ ଏକ ମ୍ୟାଚ୍‌ରେ ସେ ମାଗ୍ନସ୍ କାର୍ଲସନ୍‌ଙ୍କୁ ହରାଇଛନ୍ତି। ତୃତୀୟ ରାଉଣ୍ଡରେ ଗୁକେଶ୍‌ଙ୍କ ସାମ୍ନା ହିକାରୁଙ୍କ ସହ ହେବ।

# ଜୋନ୍‌ସ୍ତରୀୟ ସିଏମ୍ ଟ୍ରଫି ଆରମ୍ଭ

**ଭୁବନେଶ୍ୱର,୨୮।୫/ଏନ୍‌ଏନ୍‌ଏସ୍:** ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ, ଓଡ଼ିଶା ଫୁଟ୍‌ବଲ୍ ଆସୋସିଏସନ୍ (ଫାଓ) ଏବଂ ବିଭିନ୍ନ ଜିଲ୍ଲା କ୍ରୀଡ଼ା ସଂଘର ମିଳିତ ଉଦ୍ୟମରେ ୧୫ ବର୍ଷରୁ କମ୍ ଆନ୍ତଃଜିଲ୍ଲା ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ 'ଚିଫ୍ ମିନିଷ୍ଟର୍ସ ଟ୍ରଫି' ଏକକାଳୀନ ଚାରିଟି ଜୋନ୍ କେନ୍ଦୁଝର, ସମ୍ବଲପୁର, ବ୍ରହ୍ମପୁର ଏବଂ ଭୁବନେଶ୍ୱର ଜୋନ୍‌ରେ ଆରମ୍ଭ ହୋଇଛି। ବୁଧବାର ଅପରାହ୍ଣ ୪ଟାରେ

## ଜୋନ୍‌ସ୍ତରୀୟ ସିଏମ୍ ଟ୍ରଫି ଆରମ୍ଭ



ସମସ୍ତ ଜୋନ୍‌ରେ ଏହାର ଉଦ୍‌ଘାଟନୀ ଉତ୍ସବ ଆୟୋଜିତ ହୋଇଛି। ପ୍ରଥମ ଦିନରେ ପ୍ରତ୍ୟେକ ଜୋନ୍‌ର ଦୁଇଟି ଲେଖାଏ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଭୁବନେଶ୍ୱର ଜୋନ୍‌ରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଭୁବନେଶ୍ୱର ୧୨-୦ ଗୋଲ୍‌ରେ କେନ୍ଦ୍ରପଡ଼ାକୁ ହରାଇଛି। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ଜଗତସିଂହପୁର ବିପକ୍ଷରେ କନ୍ଧମାଳ ୪-୦ ଗୋଲ୍‌ରେ ବିଜୟୀ ହୋଇଛି। ସମ୍ବଲପୁର ଜୋନ୍‌ରେ ସମ୍ବଲପୁର ୫-୦ ଗୋଲ୍‌ରେ ନୂଆପଡ଼ାକୁ ଏବଂ ଝାରସୁଗୁଡ଼ା ୯-୦ ଗୋଲ୍‌ରେ ବଲାଙ୍ଗୀରକୁ ହରାଇଛନ୍ତି। କେନ୍ଦୁଝର ଜୋନ୍‌ର ପ୍ରଥମ ମ୍ୟାଚ୍‌ରେ କେନ୍ଦୁଝର ୭-୦ ଗୋଲ୍‌ରେ ଢେଙ୍କାନାଳକୁ ହରାଇଥିବା ବେଳେ ଯାଜପୁର ଓ ଭଦ୍ରକ ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ୧-୧ ଗୋଲ୍‌ରେ ଡ୍ର' ରହିଛି। ସେହିପରି ବ୍ରହ୍ମପୁର ଜୋନ୍‌ରେ କଳାହାଣ୍ଡି ୪-୨ ଗୋଲ୍‌ରେ ମାଲକାନଗିରିକୁ ଏବଂ ରାୟଗଡ଼ା ୧୧-୦ ଗୋଲ୍‌ରେ ଗଜପତିକୁ ହରାଇଛନ୍ତି।

## ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ୍: ଅନିରୁଦ୍ଧଙ୍କୁ ୫ ୱିକେଟ୍

# କେନ୍ଦୁଝର, ବାଲେଶ୍ୱର, ଭୁବନେଶ୍ୱର-ଏ ଓ ଗଞ୍ଜାମ ବିଜୟୀ

**କଟକ,୨୮।୫/ଏଜେନ୍ସି:** ଓସିଏ ପକ୍ଷରୁ ଆୟୋଜିତ ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ବୁଧବାର ଚାରିଟି ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଏଥିରେ କେନ୍ଦୁଝର, ବାଲେଶ୍ୱର, ଭୁବନେଶ୍ୱର-ଏ ଓ ଗଞ୍ଜାମ ଟିମ୍ ବିଜୟୀ ହୋଇଛନ୍ତି। ବର୍ଷା କାରଣରୁ ଦୁଇଟି ମ୍ୟାଚ୍ ରଦ୍ଦ ହୋଇଛି। ବିଡ଼ାନାସୀ ଗ୍ରାଉଣ୍ଡରେ କେନ୍ଦୁଝର ଡିଏଲ୍‌ଏସ୍ ମେଥଡ୍‌ରେ କନ୍ଧମାଳକୁ ୪୬ ରନ୍‌ରେ ହରାଇ ଦେଇଛି। ବ୍ୟାଟିଂ ଆମନ୍ତ୍ରଣ ପାଇ କେନ୍ଦୁଝର ୨୧.୨ ଓଭର୍‌ରେ ୧୦୫ ରନ୍ କରି ଅଲ୍‌ଆଟ୍ ହୋଇଥିଲା। ଜବାବରେ କନ୍ଧମାଳ ୧୮.୧ ଓଭର୍‌ରେ ସମସ୍ତ ୱିକେଟ୍ ହରାଇ ୬୧ ରନ୍ କରିବାକୁ ସମର୍ଥ ହୋଇଥିଲା। ୪ ଓଭର୍‌ରେ ୩ ରନ୍ ଦେଇ ୩ଟି ୱିକେଟ୍ ନେଇଥିବା କେନ୍ଦୁଝରର ସରୱନ୍ ସାହୁ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ରେଭେନ୍ସା-୧ କ୍ରିକେଟ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ବାଲେଶ୍ୱର ୭ ୱିକେଟ୍‌ରେ ପୁରୀକୁ ହରାଇ



ଅନିରୁଦ୍ଧ ସରୱନ୍

ଦେଇଛି। ପୁରୀ ପ୍ରଥମେ ୨୪ ଓଭର୍‌ରେ ୭ ୱିକେଟ୍ ହରାଇ ୮୫ ରନ୍ କରିଥିବା ବେଳେ ବାଲେଶ୍ୱର ୨୦.୩ ଓଭର୍‌ରେ ୯୦ ରନ୍ କରି ବିଜୟୀ ହୋଇଛି। ଅପରାଜିତ ୧୯ ରନ୍ କରିଥିବା ବାଲେଶ୍ୱରର ଶୁଭମ୍ ପଲେଇ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ହୋଇଥିଲେ। ସେହିପରି ରେଭେନ୍ସା-୨ ଗ୍ରାଉଣ୍ଡରେ ପ୍ରଥମେ ବ୍ୟାଟିଂ ନେଇ ଭୁବନେଶ୍ୱର-ଏ ୨୩ ଓଭର୍‌ରେ ୧୨୩ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ଆୟୁଷ ଚାନ୍ଦ ସର୍ବାଧିକ ୪୭ ଓ କ୍ରିଷ୍ଣ ସାମଲ ୨୫ ରନ୍ କରିଥିଲେ। ଜବାବରେ ବରଗଡ଼ ୨୩.୪ ଓଭର୍‌ରେ ସମସ୍ତ ୱିକେଟ୍ ହରାଇ ୧୨୩ ରନ୍ କରିଥିଲା। ୩ ୱିକେଟ୍ ନେଇଥିବା ଭୁବନେଶ୍ୱରର ଅର୍ନଭ ଶତପଥୀ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଡ୍ରିମ୍ସ ଗ୍ରାଉଣ୍ଡରେ ଗଞ୍ଜାମ ପ୍ରଥମେ ବ୍ୟାଟିଂ ପାଇ ୨୪ ଓଭର୍‌ରେ ୧୦୮ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ଜବାବରେ ନୂଆପଡ଼ା ୧୫.୫ ଓଭର୍‌ରେ ମାତ୍ର ୫୪ ରନ୍‌ରେ ସୀମିତ ହୋଇଯାଇଥିଲା। ୨୯ ରନ୍ ସହ ୫ ୱିକେଟ୍ ଅକ୍ତିଆର କରିଥିବା ଗଞ୍ଜାମର ଅନିରୁଦ୍ଧ ପଟ୍ଟନାୟକ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ହୋଇଥିଲେ।

## ଏସିଆନ୍ ଆଥ୍‌ଲେଟିକ୍ସ ଚାମ୍ପିଅନ୍‌ଶିପ୍: ଡେକାଥଲନ୍‌ରେ ରୌପ୍ୟ ଜିତିଲେ ତେଜସ୍ୱିନ୍

# ମିକ୍ସଡ୍ ରିଲେରେ ଭାରତକୁ ସ୍ୱର୍ଣ୍ଣ


**ଗୁମି (ସାଉଥ୍ କୋରିଆ),୨୮।୫/ଏଜେନ୍ସି:** ଭାରତର ୪ ଗୁଣନ ୪୦୦ ମିଟର ମିକ୍ସଡ୍ ରିଲେ ଟିମ୍ ଏସିଆନ୍ ଆଥ୍‌ଲେଟିକ୍ସ ଚାମ୍ପିଅନ୍‌ଶିପ୍‌ରେ ସ୍ୱର୍ଣ୍ଣ ପଦକ ଜିତିଛି। ସାଉଥ୍ କୋରିଆର ଗୁମିରେ ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ରୂପଲ୍ ଚୌଧୁରୀ, ସନ୍ତୋଷ କୁମାର, ବିଶାଳ ଟିକେ ଏବଂ ସୁଭା ଭେଙ୍କଟେଶନ୍‌ଙ୍କ ଭାରତୀୟ ଟିମ୍ ୩ ମିନିଟ୍ ଓ ୧୮ ସେକେଣ୍ଡ ସମୟ ସହ ପ୍ରଥମ ସ୍ଥାନ ହାସଲ କରିଛି। ଟିମ୍‌ର ରୂପଲ୍ ଦିନ ଆରମ୍ଭରୁ ବ୍ୟକ୍ତିଗତ ମହିଳା ୪୦୦ ମିଟରରେ ରୌପ୍ୟ ପଦକ ମଧ୍ୟ ଜିତିଥିଲେ। ଇଭେଣ୍ଟରେ ଚୀନ୍ ୩ ମିନିଟ୍ ୨୦ ସେକେଣ୍ଡ ସହ ଦ୍ୱିତୀୟ ଏବଂ ଶ୍ରୀଲଙ୍କା ୩ ମିନିଟ୍ ୨୧.୯୫ ସେକେଣ୍ଡ ସହ ତୃତୀୟ ସ୍ଥାନରେ ରହି ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ୍ ପଦକ ଜିତିଛନ୍ତି। ଏହା ପୂର୍ବରୁ ରୂପଲ୍ ୪୦୦ ମିଟର ଏବଂ ପୂଜା ୧୫୦୦ ମିଟରରେ ରୌପ୍ୟ ପଦକ ନିଜ ନାମରେ କରିଥିଲେ। ୟୁନୁସ୍ ଶାହ ପୁରୁଷ ୧୫୦୦ ମିଟରରେ ବ୍ରୋଞ୍ଜ୍ ପଦକ ଜିତିଛନ୍ତି।



ମହିଳା ୪୦୦ ମିଟର୍‌ରେ ରୂପଲ୍ ବ୍ୟକ୍ତିଗତ ଶ୍ରେଷ୍ଠ ୫୨.୬୮ ସେକେଣ୍ଡ ସହ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଅନ୍ୟ ଭାରତୀୟ ଭିଥ୍ୟା ରାମରାଜ (୫୩ ସେକେଣ୍ଡ) ପଞ୍ଚମ ସ୍ଥାନରେ ରେସ୍ ଶେଷ କରିଛନ୍ତି। ମହିଳା ୧୫୦୦ ମିଟରରେ ପୂଜା ୪:୧୦:୮୩ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନରେ ରହିଥିଲେ।

୧୦ ଇଭେଣ୍ଟ ବିଶିଷ୍ଟ ଡେକାଥଲନ୍‌ରେ ତେଜସ୍ୱିନୀ ଶଙ୍କର ଭାରତ ପାଇଁ ବୁଧବାର ରୌପ୍ୟ ପଦକ ଜିତିଛନ୍ତି। ଜାତୀୟ ରେକର୍ଡଧାରୀ ତେଜସ୍ୱିନ୍ ୧୦ମ ରେଗୁଲେସନ୍ ଇଭେଣ୍ଟ ପରେ ୭୬୧୮ ସ୍କୋର୍ ସହିତ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଚୀନ୍‌ର ଫେଇ ଜିୟାଙ୍ଗ୍ (୭୬୩୪) ଏବଂ ଜାପାନର କିସୁକେ ଓକୁଡ଼ା (୭୬୦୨) ଯଥାକ୍ରମେ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ୍ ପଦକ ଜିତିଛନ୍ତି। ଏସିଆନ୍ ଆଥ୍‌ଲେଟିକ୍ସ ଚାମ୍ପିଅନ୍‌ଶିପ୍‌ରେ ଏହା ତେଜସ୍ୱିନ୍‌ଙ୍କ ଦ୍ୱିତୀୟ ପଦକ। ଏହା ସହିତ ଏସିଆନ୍ ଆଥ୍‌ଲେଟିକ୍ସ ଚାମ୍ପିଅନ୍‌ଶିପ୍‌ରେ ଦୁଇଟି ପଦକ ଜିତିବାରେ ସେ ପ୍ରଥମ ଭାରତୀୟ ଆଥ୍‌ଲେଟ୍ ହୋଇଛନ୍ତି। ପୂର୍ବରୁ ୨୦୨୩ରେ ସେ ବ୍ରୋଞ୍ଜ୍ ପଦକ ଜିତିଥିଲେ। ପ୍ରବୀଣ ଚିତ୍ରାଭେଲ୍ ମଧ୍ୟ ପୁରୁଷ ଟ୍ରିପଲ୍ ଜମ୍ପରେ ୧୬.୯୦ ମିଟରର ଶ୍ରେଷ୍ଠ ପ୍ରଦର୍ଶନ ସହ ରୌପ୍ୟ ପଦକ ଜିତିଛନ୍ତି। ଏହା ସହିତ ଚାମ୍ପିଅନ୍‌ଶିପ୍‌ର ଦ୍ୱିତୀୟ ଦିନ ସୁଦ୍ଧା ଭାରତ ମୋଟ ୮ ପଦକ (୨ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୨ ବ୍ରୋଞ୍ଜ୍) ଟେବଲ୍‌ର ତୃତୀୟ ସ୍ଥାନରେ ରହିଛି।

ମଙ୍ଗଳବାର ଜାତୀୟ ରେକର୍ଡଧାରୀ ଗୁଲ୍‌ବୀର ସିଂହ ୧୦ ହଜାର ମିଟରରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହା ଚଳିତ ଚାମ୍ପିଅନ୍‌ଶିପ୍‌ରେ ଭାରତର ପ୍ରଥମ ସ୍ୱର୍ଣ୍ଣ ପଦକ ଥିଲା। ସେହିପରି ଟୁର୍ଣ୍ଣାମେଣ୍ଟର ପ୍ରଥମ ଦିନ ସେବାଷ୍ଟିଆନ୍ ୨୦ କିମି ୱାକ୍ ରେସ୍‌ରେ ଦେଶ ପାଇଁ ବ୍ରୋଞ୍ଜ୍ ପଦକ ଜିତିଥିଲେ।




Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra